ବର୍ଷ-୫୭ : ସଂଖ୍ୟା-୭ ଜୁଲାଇ, ୨୦୨୬ ♦ ପନ୍ଦର ଟଙ୍କା।

ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟ୍‌ମେଣ୍ଟ୍, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁଲାଇ, ୨୦୨୬

ପ୍ରାର୍ଥନା	...	ଶ୍ରୀମା	... ୩
ଶ୍ରୀଅରବିନ୍ଦଙ୍କ ବାଣୀ	...	ଶ୍ରୀଅରବିନ୍ଦ	... ୪
ମନ୍ତ୍ରମୟୀ ସାବିତ୍ରୀ	...	ଶ୍ରୀଅରବିନ୍ଦ	... ୫
ଧନ-ସମ୍ପଦ ସମ୍ପର୍କରେ	...	ଶ୍ରୀମା	... ୬
ସମର୍ପଣ (୨)	...	ଶେଖ ଅବଦୁଲ କାଶମ	... ୭
ଆଘାତ : ପ୍ରଗତିର ଅନ୍ୟତମ ସହାୟକ	...	ମନୋଜ ଦାସ	... ୧୨
ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୫୬)	...	...	... ୧୪
ସିଦ୍ଧାନ୍ତ-ସମନ୍ୱୟ	...	ରାମକୃଷ୍ଣ ଦାସ	... ୧୯
ଆମ୍ ବିଭୋର ମୁଁ ମା'ଙ୍କ ହସରେ (କବିତା)	...	ପ୍ରଭାତ କୁମାର ମିଶ୍ର	... ୨୩
ମା' ଆପଣ ଏମିତି କହିଛନ୍ତି ... (୧୩)	...	ହୁତା ହିନ୍ଦୋଚା	... ୨୪
ଆମ ଜାତୀୟ ଜୀବନର ଲକ୍ଷ୍ୟ ଓ ଯୁବସମାଜ	...	ପ୍ରପତ୍ତି	... ୨୭
ଧ୍ୟାନ ଓ ପ୍ରାର୍ଥନା – ଏକ ଆମ୍ଲିପିର ଗୀତିକଥା (୧୧୧)	...	ମହେନ୍ଦ୍ରନାଥ ସ୍ୱାଇଁ	... ୩୦
ସମ୍ଭାବନା ଅଛି ବୋଲି ସିନା (କବିତା)	...	ଦୀପ୍ତି ମିଶ୍ର	... ୩୪
କାରା-ଜୀବନୀ (୧୬)	...	ଉଲ୍ଲାସକର ଦତ୍ତ	... ୩୫
ଅରୋଭିଲ୍ : ପୃଥିବୀରେ ସୌନ୍ଦର୍ଯ୍ୟ ଓ ପ୍ରେମର ହୃଦୟ ଏବଂ ପ୍ରଦୀପସ୍ତମ୍ଭ	...	ରାମ ନାରାୟଣ	... ୩୮
ପୁଣି ଅଭିଜ୍ଞତା	...	ପ୍ରସାଦ ତ୍ରିପାଠୀ	... ୪୧
ଆମ୍ ସମର୍ପଣ (କବିତା)	...	ହୃଷୀକେଶ ପଣ୍ଡା	... ୪୨
ଉତ୍ତମ ଶିକ୍ଷକ	...	...	... ୪୩
ନବଜାତ	...	ମନୋଜ ଦାସ	... ୪୪
ମୂର୍ଚ୍ଛନା (କବିତା)	...	ଝରଣା ଘୋଷାଲ	... ୪୫
ରାଜାଙ୍କ ଅନୁଭବ	...	ବନମାଳୀ ଆଚାର୍ଯ୍ୟ	... ୪୬
ଗୋଲାପ ବଗିଚାର ମାଳୀ	...	ଦୌଲତ ପାଣ୍ଡେ	... ୪୯
ପାପର ଜନ୍ମଦାତା	...	...	... ୫୩
ଉପଯୋଗ ଅପେକ୍ଷାରେ ସଙ୍ଗୀତର ଆଶୀର୍ବାଦ	...	ମନୋଜ ଦାସ	... ୫୫

❖

ପ୍ରାର୍ଥନା

ହେ ପ୍ରଭୁ, ଅକଳ୍ପନୀୟ ଔଜ୍ଜ୍ୱଲ୍ୟ, ତୁମ ସୌନ୍ଦର୍ଯ୍ୟ ସମଗ୍ର ଧରିତ୍ରୀରେ ହେଉ ପରିବ୍ୟାପ୍ତ, ତୁମ ପ୍ରେମ ଶିଖାୟିତ ହେଉ ପ୍ରତି ହୃଦୟରେ ଏବଂ ତୁମ ଶାନ୍ତି ସଭିଙ୍କ ଉପରେ ରାଜୁତି କରୁ ।

ଏକ ଗଭୀର ଏବଂ ଗମ୍ଭୀର ଛାନ୍ଦୋଜ୍ଞାରଣୀ, ସରସ ଓ ସୂକ୍ଷ୍ମ, ମୋ ହୃଦୟରୁ ହୁଏ ଉତ୍ସାରିତ, ଏବଂ ଜାଣେନା ଏ ଛାନ୍ଦୋଜ୍ଞାରଣୀ ମୋ'ଠାରୁ ତୁମ ପାଖକୁ ଯାଉଛି ନା ତୁମଠାରୁ ଆସୁଛି ମୋ ପାଖକୁ ଅଥବା ତୁମେ ଏବଂ ମୁଁ ଏବଂ ଏ ସମଗ୍ର ବିଶ୍ୱ ଜଗତ୍ ଏହି ଚମତ୍କାର ଛାନ୍ଦୋଜ୍ଞାରଣୀ ଯାହା ସମ୍ପର୍କରେ ମୁଁ ସଦ୍ୟ ସଚେତନ ହୋଇ ଉଠୁଛି ... ନିଶ୍ଚୟ ଏଣିକି ଆଉ କୌଣସି ତୁମେ ବା ମୁଁ ଅଥବା କୌଣସି ଭିନ୍ନ ବିଶ୍ୱ ଜଗତ୍ ନାହିଁ; ରହିଛି କେବଳ ମାତ୍ର ଏକ ବିପୁଳ ସଂହତି, ମହତ୍ ଏବଂ ଅସୀମ, ଯାହାହିଁ ଏ ଚରାଚର ସମସ୍ତ ଏବଂ ଦିନେ ଯେଉଁ ବିଷୟରେ ଚରାଚର ସମସ୍ତ ହୋଇ ଉଠିବ ସଜାଗ । ଏହା ସୀମାହୀନ ପ୍ରେମରହିଁ ସଂହତି, ଯେଉଁ ପ୍ରେମ ସମସ୍ତ ଯାତନା ଏବଂ ତମସା ଉପରେ ବିଜୟୀ ।

ଏହି ପ୍ରେମର ବିଧାନ ଅନୁସାରେ, ଯାହାକି ତୁମରି ବିଧାନ, ମୁଁ ଅଧିକରୁ ଅଧିକ ପୂର୍ଣ୍ଣତାଭରେ ଜୀବନ ଧାରଣ କରିବାକୁ ଚାହେଁ । ତାକୁହିଁ ମୁଁ ମୋ ନିଜକୁ ଅକୁଣ୍ଠଭାବେ ପ୍ରଦାନ କରୁଛି ।

ଏବଂ ମୋର ସମଗ୍ର ସତ୍ତା ଏକ ଅନିର୍ବଚନୀୟ ଶାନ୍ତିରେ ଉଚ୍ଛ୍ୱସିତ ।

ଜୁଲାଇ ୨୩, ୧୯୧୩ — ଶ୍ରୀମା



ଶ୍ରୀଅରବିନ୍ଦଙ୍କ ବାଣୀ

Remember the Mother and, though physically far from her, try to feel her with you and act according to what your inner being tells you would be her will. Then you will be best able to feel her presence and mine and carry our atmosphere around you as a protection and a zone of quietude and light accompanying you everywhere.

(CWSA, Vol. 32, p. 185) – Sri Aurobindo

ମା'ଙ୍କୁ ସ୍ମରଣ ରଖ ଏବଂ, ସ୍ଥୂଳ ଦୃଷ୍ଟିରୁ ତାଙ୍କଠାରୁ ଦୂରରେ ଥିଲେ ବି ସେ ତୁମ ସହ ଅଛନ୍ତି ବୋଲି ଅନୁଭବ କର ଏବଂ ତୁମର ଆନ୍ତରସତ୍ତା ତାଙ୍କ ଇଚ୍ଛା ବୋଲି ତୁମକୁ ଯାହା ଜଣାଇ ଦେଉଛି ସେହି ଅନୁଯାୟୀ କାର୍ଯ୍ୟ କର । ତା'ହେଲେ ତୁମେ ମା'ଙ୍କ ଓ ମୋର ଉପସ୍ଥିତି ସର୍ବୋତ୍ତମଭାବେ ଅନୁଭବ କରିପାରିବ ଏବଂ ତୁମ ଚାରିପଟେ ଏକ ରକ୍ଷାକବଚ ସଦୃଶ ଆମର ସାନ୍ନିଧ୍ୟ ଓ ନିଶ୍ଚଳତାର ଏକ ପରିବେଶ ବହନ କରି ଚାଲିବ ଏବଂ ସବୁ କ୍ଷେତ୍ରରେ ଆମର ଆଲୋକ ତୁମ ସହ ରହିବ ।

– ଶ୍ରୀଅରବିନ୍ଦ



ମନ୍ତ୍ରମୟୀ ସାବିତ୍ରୀ

ଦ୍ୱିତୀୟ ପର୍ବ : ଦ୍ୱାଦଶ ସର୍ଗ, ଆଦର୍ଶର ସ୍ୱର୍ଗସମୂହ
(The Heavens of the Ideal)

(୫)

ଶ୍ରୀଅରବିନ୍ଦ

On the other side of the eternal stairs
The mighty kingdoms of the deathless Flame
Aspired to reach the Being's absolutes.

ଶାଶ୍ୱତ ସୋପାନଶ୍ରେଣୀର ଅପର ପାର୍ଶ୍ୱରେ ମୃତ୍ୟୁହୀନ ବହ୍ନିଶିଖାର ପରାକ୍ରମଶାଳୀ ରାଜ୍ୟସକଳ ପରମସତ୍ତାର ଚୂଡ଼ାନ୍ତ ଶିଖରମାଳାରେ ପହଞ୍ଚିବାକୁ ଆସ୍ପୃହା ପୋଷଣ କରୁଥିଲେ ।

Out of the sorrow and darkness of the world,
Out of the depths where life and
thought are tombed,
Lonely mounts up to heaven
the deathless Flame.

ବିଶ୍ୱର ବିଷାଦ ଏବଂ ତମିସ୍ରା ମଧ୍ୟରୁ, ଜୀବନ ଓ ଭାବନା ଯେଉଁଠି କବରପ୍ରାପ୍ତ, ସେହି ଗଭୀରତାସକଳ ଭିତରୁ ମୃତ୍ୟୁହୀନ ବହ୍ନିଶିଖା ସ୍ୱର୍ଗାଭିମୁଖେ ନିଃସଙ୍ଗଭାବରେ ଉର୍ଦ୍ଧ୍ୱାୟିତ ହେଉଥାଏ ।

In a veiled Nature's hallowed secrecies
It burns for ever on the altar Mind,
Its priests the souls of dedicated gods,
Humanity its house of sacrifice.

ଏକ ଅବଗୁଣ୍ଠିତ ପ୍ରକୃତିର ପବିତ୍ର ଗୋପନୀୟତା ସକଳରେ ମନର ବେଦୀ ଉପରେ ଏହା ଚିରକାଳ ପ୍ରଜ୍ୱଳିତ ହେଉଥାଏ, ଉତ୍ସର୍ଗୀକୃତ ଦେବଗଣଙ୍କର ଆତ୍ମାସବୁ ତାହାର ପୁରୋହିତବର୍ଗ, ମାନବଜାତି ତାହାର ଯଜ୍ଞଶାଳା ।

Once kindled, never can its flamings cease.

ଥରେ ପ୍ରଜ୍ୱଳିତ ହେଲେ ତାହାର ଶିଖାଚୟ କଦାପି ନିର୍ବାପିତ ହୋଇପାରେ ନାହିଁ ।

A fire along the mystic paths of earth,
It rises through the mortal's hemisphere,
Till borne by runners of the Day and Dusk
It enters the occult eternal Light
And clambers whitening to
the invisible Throne.

ପୃଥିବୀର ଅଧ୍ୟାତ୍ମ-ରହସ୍ୟାବୃତ ପଥସବୁକୁ ଅନୁସରଣ କରୁଥିବା ଏକ ଅଗ୍ନି, ନଶ୍ୱର ଜୀବର ଗୋଲାର୍ଦ୍ଧ ମଧ୍ୟ ଦେଇ ତାହା ଊର୍ଦ୍ଧ୍ୱାରୋହଣ କରୁଥାଏ, ଦିବସ ଓ ଗୋଧୂଳିର ଧାବକମାନଙ୍କ ଦ୍ୱାରା ବାହିତ ହୋଇ ତାହା ନିଗୂଢ଼ ଶାଶ୍ୱତ ଆଲୋକ ମଧ୍ୟରେ ପ୍ରବେଶ କରିବା ଯାଏଁ ଊର୍ଦ୍ଧ୍ୱଗାମୀ ହେବାରେ ଲାଗିଥାଏ ଏବଂ ଶୁଭ୍ରତା ସଞ୍ଚାରପୂର୍ବକ ଅଦୃଶ୍ୟ ସିଂହାସନ ଅଭିମୁଖେ କ୍ଲେଶଯୁକ୍ତ ଆରୋହଣ କରୁଥାଏ ।

Its worlds are steps of an ascending Force:
A dream of giant contours, titan lines,
Homes of unfallen and illumined Might,
Heavens of unchanging Good pure and unborn,
Heights of the grandeur of Truth's ageless ray,
As in a symbol sky they start to view
And call our souls into a vaster air.

ଏହାର ଜଗତସକଳ ଉତ୍ତରଣକାରୀ ଏକ ମହାଶକ୍ତିର ଯାବତୀୟ ପଦକ୍ଷେପ : ଅତିକାୟ ଆସୁରୀ ସୀମାନ୍ତ, ଦାନବୀୟ ରେଖାଚୟର ଏକ ସ୍ୱପ୍ନ, ଅପତିତ ତଥା ସଂଦୀପିତ ମହାଶକ୍ତିର ନିବାସଚୟ, ଅପରିବର୍ତ୍ତନୀୟ ବିଶୁଦ୍ଧ ଓ ଅଜାତ ପରମ ମଙ୍ଗଳର ସ୍ୱର୍ଗାବଳୀ, ସତ୍ୟର କାଳହୀନ ରଶ୍ମିର ଐଶ୍ୱର୍ଯ୍ୟମୟ ତୁଙ୍ଗତାସକଳ, ଏକ ପ୍ରତୀକ ଆକାଶରେ ସେସବୁ ଯେପରି ଦୃଷ୍ଟିଗୋଚର ହେବାକୁ ଆରମ୍ଭ କରନ୍ତି ଏବଂ ଆମର ଅନ୍ତରାତ୍ମାସବୁକୁ ଏକ ବ୍ୟାପକତର ବାୟୁମଣ୍ଡଳ ଭିତରକୁ ଆବାହନ କରି ନିଅନ୍ତି ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ ❑

ଧନ-ସମ୍ପଦ ସମ୍ପର୍କରେ

ଶ୍ରୀମା

ଧନ ଏକ ଶକ୍ତି

ଧନ ଏକ ଶକ୍ତି – ମୁଁ ଥରେ ତୁମମାନଙ୍କୁ ଏକଥା କହିଥିଲି – ଏହା ପ୍ରକୃତିର ଏକ ଶକ୍ତି; ଏବଂ ଏହା ଚଳମାନ ହେବାର ଏକ ମାଧ୍ୟମ ହେବା ଉଚିତ । ଏହା ଏକ ଚଳମାନ ଶକ୍ତି, ଠିକ୍ ଯେପରି ଜଳପ୍ରବାହ ଏକ ଚଳମାନ ଶକ୍ତି । କୌଣସି ଦ୍ରବ୍ୟ ଉତ୍ପାଦନ ପାଇଁ, କୌଣସି ବିଷୟ ସଂଗଠନ ପାଇଁ ଏହା ସାହାଯ୍ୟ କରେ । ଏହା ଏକ ସୁଗମ ମାଧ୍ୟମ, କାରଣ ପ୍ରକୃତରେ ଏହା ସବୁ ବିଷୟକୁ ଚଳାଚଳ ବା ସରବରାହ କରିବାରେ ମୁକ୍ତ ଓ ପୂର୍ଣ୍ଣ ଭାବରେ ସହାୟତା କରିଥାଏ ।

ଏହି ଶକ୍ତି ସେଇମାନଙ୍କ ହାତରେ ରହିବା ଉଚିତ ଯେଉଁମାନେ ଏହାର ସର୍ବୋତ୍ତମ ବ୍ୟବହାର କିପରି କରିବାକୁ ହୁଏ ଜାଣନ୍ତି । ତା' ମାନେ, ମୁଁ ପ୍ରଥମରୁ କହିଛି – ଯେଉଁମାନେ ନିଜ ଭିତରୁ ବ୍ୟକ୍ତିଗତ କାମନା-ବାସନା ଦୂର କରିପାରିଛନ୍ତି ଏବଂ ଯେଉଁମାନେ ସବୁପ୍ରକାର ଆସକ୍ତିରୁ ନିଜକୁ ମୁକ୍ତ କରିପାରିଛନ୍ତି, ସେହିମାନେହିଁ ଏହି ଅର୍ଥଶକ୍ତିର ଅଧିକାରୀ ହେବା ଉଚିତ । ଆଉ ଗୋଟିଏ ଯୋଗ୍ୟତା ମଧ୍ୟ ସେମାନଙ୍କର ରହିବା ଉଚିତ; ତା'ହେଲା – ପୃଥିବୀର ପ୍ରକୃତ ଆବଶ୍ୟକତା କ'ଣ ତାହା ଯେପରି ସେମାନେ ଆନ୍ତର ଦୃଷ୍ଟିରୁ ବ୍ୟାପକତର ଭାବେ ଦେଖିପାରୁଥିବେ । ଆଉ ମଧ୍ୟ ସେମାନଙ୍କର ଏହିସବୁ ଆବଶ୍ୟକତାକୁ କିପରି ଉପଯୁକ୍ତ ଭାବେ ସଂଗଠିତ କରିହେବ ସେ ସମ୍ବନ୍ଧେ ସଂପୂର୍ଣ୍ଣ ଜ୍ଞାନ ଥିବା ଦରକାର – ଏବଂ ସେସବୁକୁ ପୂରଣ କରିବା ପାଇଁ ଏହି ଶକ୍ତିକୁ (ଅର୍ଥଶକ୍ତିକୁ) ବ୍ୟବହାର କରିପାରିବାର ଉପାୟ ଜଣାଥିବା ଦରକାର ।

ଆଉ ମଧ୍ୟ ଯଦି, ଏସବୁ ଗୁଣ ଥିବା ସଙ୍ଗେ ସଙ୍ଗେ ସେମାନଙ୍କର ଏକ ଉଚ୍ଚତର ଆଧ୍ୟାତ୍ମିକ ଜ୍ଞାନ ଥିବ, ତେବେ ସେମାନେ ଏହି ଅର୍ଥଶକ୍ତିକୁ କ୍ରମେ କ୍ରମେ ପୃଥିବୀପୃଷ୍ଠରେ ନିୟୋଜିତ କରି ପାରିବେ, ଯେପରିକି ଏ ପୃଥିବୀ ଦିବ୍ୟ-ସାମର୍ଥ୍ୟ, ଦିବ୍ୟ ଶକ୍ତି ଓ ଦିବ୍ୟ କୃପା ନିଜ ଉପରେ ଅଭିବ୍ୟକ୍ତ କରିବାରେ ସମର୍ଥ ହୋଇପାରିବ ।

ଅର୍ଥ କାହାରି ନୁହେଁ

ଅର୍ଥକୁ ନେଇ ଯେତେସବୁ ଅନର୍ଥ ହୁଏ, ତାହାକୁ ''ମାଲିକାନା ନେଇ ଅନର୍ଥ'' ବୋଲି କହିପାର, କିନ୍ତୁ ପ୍ରକୃତ ସତ୍ୟଟି ହେଲା – ଧନ ବା ଅର୍ଥ କାହାରି ନୁହେଁ । ଅର୍ଥକୁ ନିଜ **ଅଧିକାର**ରେ ରଖିବାର ଧାରଣାହିଁ ସବୁକଥାକୁ ଏପରି ବିକୃତ କରିଛି । ଅର୍ଥ ଏକ ''ଅଧିକାରଭୁକ୍ତ ବିଷୟ'' ହୋଇ ରହିବା ଉଚିତ ନୁହେଁ, କର୍ମ କରିବା ପାଇଁ ଯେପରି ଜଣକୁ କ୍ଷମତା ଦିଆଯାଇଥାଏ – ଅର୍ଥ ତୁମକୁ ଦିଆଯାଇଥାଏ କର୍ମର ଏକ ଉପାୟ ରୂପେ, ଯାହାକୁ କୁହାଯାଏ ''ଦିବ୍ୟ ଦାତାଙ୍କ ଇଚ୍ଛା'' । ତଦନୁଯାୟୀ ତାଙ୍କରି ଇଚ୍ଛାକୁ ପୂରଣ କରିବା ଦିଗରେହିଁ ସେହି ଅର୍ଥକୁ ବ୍ୟବହାର କରିବା ଉଚିତ । ସେଥିରେ ତୁମର ବ୍ୟକ୍ତିଗତ ଇଚ୍ଛା ବା ଅନିଚ୍ଛା ରହିବା ଠିକ୍ ନୁହେଁ ଏବଂ ତୁମକୁ ସଜ୍ଞାନରେ, ସଚେତନ ଭାବରେ ତା'ର ସଦ୍ବ୍ୟବହାର କରିବାକୁ ପଡ଼ିବ । ତୁମେ ଯଦି ଅର୍ଥକୁ ଯଥାଯୋଗ୍ୟ ଯନ୍ତ୍ର ରୂପେ ସଦୁପାୟରେ ଖର୍ଚ୍ଚ କରିପାରିବ ବା ବ୍ୟବହାର କରିପାରିବ, ତା'ହେଲେ ଅର୍ଥ ତୁମ ପାଖକୁ ନିଶ୍ଚୟ ଆସିବ । ତୁମର ଏହି ସଦ୍ବ୍ୟବହାର କରିବାର କ୍ଷମତା ଅନୁଯାୟୀ ଅର୍ଥ ତୁମ ପାଖକୁ ଆସିବ। ତାହାହିଁ ହେଲା ଅର୍ଥ ବ୍ୟବହାରର ପ୍ରକୃତ ପଦ୍ଧତି ।

ଯଥାର୍ଥ ମନୋଭାବଟି ହେଲା ଏହି : ପୃଥିବୀ ଉପରେ କାର୍ଯ୍ୟ କରିବା ଲାଗି ଅର୍ଥ ଏକ ଶକ୍ତି । ସେହି କାର୍ଯ୍ୟଟି ହେଲା ଈଶ୍ୱରଙ୍କ ଶକ୍ତିସବୁକୁ ଏହି ପୃଥିବୀ ଯେପରି ଗ୍ରହଣ କରିବାରେ ଓ ତା'ର ସଦ୍ବ୍ୟବହାର କରିବାରେ ସମର୍ଥ ହେବ, ତଦନୁଯାୟୀ ପୃଥିବୀକୁ ପ୍ରସ୍ତୁତ କରିବା । ତା'ହେଲେ ଏହି ଅର୍ଥଶକ୍ତି ସେହିମାନଙ୍କ ହାତରେ ରହିବ ଯେଉଁମାନଙ୍କର ଦୃଷ୍ଟି ହୋଇଥିବ ସଂପୂର୍ଣ୍ଣ ଶୁଦ୍ଧ, ବ୍ୟାପକ ଏବଂ ସର୍ବାଦୌ ସତ୍ୟ ।

(The Great Adventure
A Diary for All Times ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

ସମର୍ପଣ

(୨)

ଶେଖ ଅବଦୁଲ କାଶମ

ସମର୍ପଣର ସଂଜ୍ଞା ଦେବାକୁ ଯାଇ ଶ୍ରୀଅରବିନ୍ଦ କହନ୍ତି – "Surrender means to consecrate everything in oneself to the Divine, to offer all one is and has, not to insist on one's ideas, desires, habits etc., but to allow the divine Truth to replace them by its knowledge, will and action everywhere."

(CWSA, Vol. 29. p. 67)

ଅର୍ଥାତ୍, ''ସମର୍ପଣର ଅର୍ଥ ହେଲା ଭଗବାନଙ୍କ ପାଖରେ ନିଜର ସବୁକିଛିକୁ ନିବେଦନ କରିଦେବା, ନିଜେ ଯାହା ଓ ନିଜର ଯାହାକିଛି ଅଛି ତାକୁ ଉତ୍ସର୍ଗ କରିଦେବା, ନିଜର ଯାବତୀୟ ଧାରଣା, ବାସନା, ଅଭ୍ୟାସସମୂହ ଇତ୍ୟାଦିକୁ ନେଇ ଜିଦ୍ ନ କରିବା, ବରଂ ଦିବ୍ୟ ପରମସତ୍ୟ ଯେପରି ସେଗୁଡ଼ିକ ସ୍ଥାନରେ ସର୍ବତ୍ର ନିଜର ଜ୍ଞାନ, ସଂକଳ୍ପ ଓ କର୍ମକୁ ନେଇ କାର୍ଯ୍ୟ କରିପାରିବ ସେଥିଲାଗି ବାଟ ଛାଡ଼ିଦେବା ।''

ପୁନଶ୍ଚ, "Surrender is giving oneself to the Divine – to give everything one is or has to the Divine and regard nothing as one's own, to obey only the Divine will and no other, to live for the Divine and not for the ego." (ibid)

ଅର୍ଥାତ୍, ''ସମର୍ପଣ ହେଉଛି ନିଜକୁ ଭଗବାନଙ୍କ ପାଖରେ ଦେଇଦେବା – ନିଜେ ଯାହା ବା ନିଜର ଯାହାକିଛି ଅଛି ଭଗବାନଙ୍କୁ ଦେଇଦେବା ଏବଂ କୌଣସି ବସ୍ତୁକୁ ନିଜର ବୋଲି ମନେ ନ କରିବା, ଅନ୍ୟ କାହାର ନୁହେଁ କେବଳ ଭାଗବତ ଇଚ୍ଛାର ଆଜ୍ଞା ପାଳନ କରିବା, ଭଗବାନଙ୍କ ସକାଶେହିଁ ଜୀବନ ବଞ୍ଚିବା ଏବଂ ଅହଂ ସକାଶେ ନୁହେଁ ।''

ଅନ୍ୟ ଏକ ସ୍ଥାନରେ ଶ୍ରୀଅରବିନ୍ଦ କହନ୍ତି ଯେ ସମର୍ପଣ ହେଉଛି ନିଜକୁ ମା'ଙ୍କ ହସ୍ତରେ ସମ୍ପୂର୍ଣ୍ଣ ରୂପେ ଅର୍ପଣ କରିଦେବା ଏବଂ ତାଙ୍କର ଆଲୋକ, ଜ୍ଞାନ, ସଂକଳ୍ପ ଓ ତାଙ୍କ ଶକ୍ତିର କ୍ରିୟାକୁ ଅହଂ ବା ଅନ୍ୟକିଛି ଦ୍ୱାରା ପ୍ରତିରୋଧ ନ କରିବା । ଯେଉଁମାନେ ନିଜକୁ ତଥା ନିଜ ସତ୍ତାର ସକଳ ଅଂଶକୁ ଭଗବାନଙ୍କ ପାଖରେ ନିବେଦନ କରି ଦିଅନ୍ତି ସେମାନଙ୍କୁ ପ୍ରଶାନ୍ତି, ଆଲୋକ, ଶକ୍ତି, ମୁକ୍ତି, ପ୍ରସାରତା ଓ ସର୍ବୋଚ୍ଚ ଜ୍ଞାନ ସହଜରେ ପ୍ରାପ୍ତ ହୁଏ । ମନୁଷ୍ୟର ଅହଂ ନିଜକୁ ସମର୍ପଣ କରିବାକୁ ଚାହେଁ ନାହିଁ । ସମର୍ପଣ ଦ୍ୱାରା ତା'ର ଅସ୍ତିତ୍ୱ ହ୍ରାସ ପାଇଯିବ ବା ଲୁପ୍ତ ହୋଇଯିବ ବୋଲି ସେ ଆଶଙ୍କା କରେ । କିନ୍ତୁ ପ୍ରକୃତରେ ସମର୍ପଣ ଆମର ସତ୍ତାକୁ ଉନ୍ନତ କରେ, ମହୀୟାନ୍ କରେ । ମା' କହନ୍ତି – "True surrender enlarges you; it increases your capacity; it gives you a greater measure in quality and in quantity, which you could not have had yourself."

(CWM, Vol. 14, p. 107)

ଅର୍ଥାତ୍, ''ଯଥାର୍ଥ ସମର୍ପଣ ତୁମ ଭିତରେ ଏକ ପ୍ରସାରତା ଆଣିଦିଏ; ତାହା ତୁମ ସମର୍ପଣରେ ଏକ ଅଭିବୃଦ୍ଧି ଘଟାଇବ; ଗୁଣାତ୍ମକ ଓ ପରିମାଣାତ୍ମକ ଉଭୟ କ୍ଷେତ୍ରରେ ତାହା ଏପରି ଏକ ପ୍ରସାରଣ ଆଣିଦେବ, ଯାହାକି ତୁମେ କେବଳ ଆପଣା ସାମର୍ଥ୍ୟ ଦ୍ୱାରା କଦାପି ନିଜ ଜୀବନରେ ସମ୍ଭବ କରିପାରି ନଥା'ନ୍ତ ।''

ପ୍ରକୃତ ସମର୍ପଣ ଏକ ଆନନ୍ଦଦାୟକ କାର୍ଯ୍ୟ । ଏଥିରେ ତ୍ୟାଗଜନିତ (sacrifice) କଷ୍ଟ ନଥାଏ । ଅନ୍ୟ ପକ୍ଷରେ ଏହା ସ୍ୱାଭାବିକ ଭାବେ ଆଶ୍ୱସ୍ତି, ଆନନ୍ଦ ଓ ମୁକ୍ତିର ବୋଧ ନେଇ ଆସିଥାଏ । ମାଆ କହନ୍ତି – ''ସମର୍ପଣ କହିଲେ ମୁକ୍ତ ଭାବରେ ଆପଣାର ସବୁକିଛିକୁ ଦେଇ ଦେବାକୁହିଁ ବୁଝାଏ, ଏବଂ ସେଥିରେ ସେହିପରି ଏକ ଆତ୍ମଦାନର ସବୁଯାକ ଆନନ୍ଦ ନିହିତ ହୋଇ ରହିଥାଏ । ଆତ୍ମଦାନ ମଧ୍ୟରେ ତ୍ୟାଗର ଆଦୌ କୌଣସି ଭାବ ନଥାଏ । ତୁମେ ଯେ କିଛି ତ୍ୟାଗ କରିବାକୁ ଯାଉଛ, ତୁମ ଭିତରେ ଏପରି ଗୋଟିଏ ଭାବନା ରହିଥିବା ପର୍ଯ୍ୟନ୍ତ ତୁମର କାର୍ଯ୍ୟଟିକୁ ଆଉ କଦାପି ଏକ ସମର୍ପଣ ବୋଲି କୁହାଯିବ ନାହିଁ ।''

ସମର୍ପଣ ଦ୍ୱାରା ବ୍ୟକ୍ତିଗତ ଅସ୍ତିତ୍ୱ (individuality) ଲୋପ ପାଇଯାଏ ନାହିଁ, ବରଂ ତାହା ଅଧିକ ସୁଦୃଢ଼, ବଳଶାଳୀ

ଓ ପ୍ରସାରଣଶୀଳ ହୁଏ । ଅହଂର ବର୍ଜନ ଓ ସମର୍ପଣ ଦ୍ୱାରା ଜଣେ ଯଥାର୍ଥ ବ୍ୟକ୍ତିସତ୍ତା (true individual)ରେ ପରିଣତ ହୁଏ ।

ଯଦି ଜଣେ ଗଭୀର ବିଶ୍ୱାସ ଓ ଭରସା ସହ ଭଗବାନଙ୍କଠାରେ ନିଜକୁ ସମର୍ପି ଦିଏ, ତାହାହେଲେ ଭଗବାନ୍ ତା'ର ଆଧ୍ୟାତ୍ମିକ ଅଗ୍ରଗତି ଲାଗି ସମସ୍ତ ବ୍ୟବସ୍ଥା କରିଦିଅନ୍ତି । ଭଗବାନଙ୍କ ଶକ୍ତି ବ୍ୟକ୍ତି ଭିତରେ କାର୍ଯ୍ୟ କରି ତା'ର ଆନ୍ତର ଚେତନାକୁ ଜାଗ୍ରତ କରେ, ତା'ର ହୃଦୟ ଓ ପ୍ରକୃତିକୁ ବିଶୁଦ୍ଧ କରିଦିଏ ତଥା ସକଳ ବାଧା ଅତିକ୍ରମ କରିଯିବା ଲାଗି ତାକୁ ସମର୍ଥ କରେ । ଏସବୁ ପରିବର୍ତ୍ତନ ଯେ ହଠାତ୍ ହୋଇଯାଏ, ଏପରି ନୁହେଁ । ବ୍ୟକ୍ତିର ସମର୍ପଣ ଯେତେ ପୂର୍ଣ୍ଣତର ହୁଏ, ସେ ଭଗବାନଙ୍କର ସହାୟତା ଓ ମାର୍ଗଦର୍ଶନ ସେହି ଅନୁସାରେ ଲାଭ କରେ । ତା'ର ଭଗବତ୍ ଅନୁଭୂତି ପ୍ରଗାଢ଼ ହୁଏ । ଯଦି ବ୍ୟକ୍ତି କୌଣସି ପ୍ରଶ୍ନ ଓ ଆପତ୍ତି ନ ଉଠାଇ ଅକୁଣ୍ଠିତ ଚିତ୍ତରେ ତଥା ବିନୀତ ଭାବ ସହ ନିଜକୁ ଅବିରତ ସମର୍ପଣ କରି ଚାଲେ ତାହାହେଲେ ସେ ବିପୁଳ ଆଧ୍ୟାତ୍ମିକ ଅନୁଭୂତି ଲାଭ କରେ ଏବଂ ତା'ର ଆଧ୍ୟାତ୍ମିକ ଅଗ୍ରଗତି ତ୍ୱରାନ୍ୱିତ ହୁଏ । ସମର୍ପଣ କରିବାର ଅସାମର୍ଥ୍ୟହିଁ ସୀମିତତା ସୃଷ୍ଟି କରେ । ସତ୍ତାର ସକଳ ଭାଗରେ ସମର୍ପଣ ପୂର୍ଣ୍ଣତା ପ୍ରାପ୍ତ ହେଲେ ଆଧ୍ୟାତ୍ମିକ ଉପଲବ୍ଧିର ଆଉ କୌଣସି ସୀମା ରହିବ ନାହିଁ । ବିଶ୍ୱାସ ବଢ଼ିଲେ ସମର୍ପଣ ବି ବୃଦ୍ଧିପାଏ । ବ୍ୟକ୍ତିସତ୍ତାର ସକଳ ଅଂଶ ଯେତେ ଏକୀଭୂତ ହୁଏ, ବ୍ୟକ୍ତିର ଆତ୍ମଦାନ ସେତେ ପୂର୍ଣ୍ଣତର ହୁଏ । ସାଧକ ଯଦି କୌଣସି ପ୍ରକାର ଗ୍ଲାନି ଓ ଦୁଃଖ ଅନୁଭବ କରୁଛି, ତାହାହେଲେ ଏହା ସୂଚିତ କରେ ଯେ ତା'ର ସମର୍ପଣ ପୂର୍ଣ୍ଣ ହୋଇ ନାହିଁ ।

ମାଆ କହନ୍ତି ଯେ ନିଜ ଜୀବନର ଦାୟିତ୍ୱଟିକୁ ପରମେଶ୍ୱରଙ୍କ ହାତରେ ସମର୍ପି ଦେବାର ନିଷ୍ପତ୍ତି ହେଉଛି ସମର୍ପଣ । ଏହି ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ଯୋଗ ସାଧନାର କିଛି ଅର୍ଥ ନଥାଏ । ପ୍ରଥମେ ବ୍ୟକ୍ତି ଅନୁଭବ କରେ ଯେ ପରମେଶ୍ୱର ହେଉଛନ୍ତି ଏକମାତ୍ର ସତ୍ୟ, ତାଙ୍କ ବିନା ସେ ଆଦୌ କିଛି କରିପାରିବ ନାହିଁ । ଭଗବାନହିଁ ତା'ର ସମସ୍ତ ସୁଖ ଓ ଆନନ୍ଦର ଉତ୍ସ । ତେଣୁ ସେ ଭଗବାନଙ୍କର ହୋଇଯିବା ଲାଗି ସଂକଳ୍ପ କରେ । ଏହାପରେ ଦ୍ୱିତୀୟ ପଦକ୍ଷେପ ହେଲା ଆତ୍ମ-ନିବେଦନ (self-offering) । ବ୍ୟକ୍ତି ଭଗବାନଙ୍କ ଆଗରେ ନମ୍ରତା ସହ ପ୍ରକାଶ କରେ – ''ହେ ପ୍ରଭୁ, ଭଲ-ମନ୍ଦ, ଦିବ୍ୟ-ଅଦିବ୍ୟ, ସାମର୍ଥ୍ୟ-ଅସାମର୍ଥ୍ୟ ଆଦି ନାନା ବିଭାବକୁ ବହନ କରିଥିବା ମୁଁ ଗୋଟିଏ ଜୀବ । ମୋର ସକଳ ଉତ୍‌ଥାନ ଓ ପତନ, ଯାବତୀୟ ଆବେଗ, ପ୍ରବେଗ, ବୃତ୍ତି ଓ ପ୍ରବୃତ୍ତି ସହିତ ଆପଣ ମୋତେ ଗ୍ରହଣ କରି ନିଅନ୍ତୁ । ଆପଣ ମୋତେ ନେଇ ଯାହା କରିବାକୁ ଚାହୁଁଛନ୍ତି ତାହା କରନ୍ତୁ ।'' ଆତ୍ମ-ନିବେଦନର ଏହି ପ୍ରକ୍ରିୟାରେ ବ୍ୟକ୍ତି ନିଜ ସତ୍ତା ଭିତରର ଅଂଶ ଓ ଉପାଦାନଗୁଡ଼ିକୁ ଏକତ୍ରିତ କରିବା ସହ ସେଗୁଡ଼ିକୁ ଗୋଟି ଗୋଟି କରିନେଇ କେନ୍ଦ୍ରସ୍ଥ ସତ୍ତା ସହିତ ଯୋଡ଼ିଦିଏ । ଏହି ଏକତ୍ରୀକରଣ ଦ୍ୱାରା ଆତ୍ମ-ନିବେଦନ ସମ୍ପୂର୍ଣ୍ଣ ହୁଏ । ଏହାପରେ ତୃତୀୟ ପଦକ୍ଷେପ ହେଲା ଉତ୍ସର୍ଗ (consecration) । ଏହି ପର୍ଯ୍ୟାୟରେ ନିଜର ମାନସିକ, ପ୍ରାଣିକ ଓ ଭୌତିକ ପ୍ରବୃତ୍ତିଗୁଡ଼ିକୁ ପ୍ରବର୍ତ୍ତାଇବାକୁ ହେବ ଯେପରିକି ସେମାନେ ପରମେଶ୍ୱରଙ୍କ ପାଖରେ ଆପଣାକୁ ସମର୍ପି ଦେବେ । ଏପରିଭାବେ ଏକ ସଚେତନ ପ୍ରୟାସ ଦ୍ୱାରା ସମ୍ପୂର୍ଣ୍ଣ ଓ ଅବିଭକ୍ତ ଉତ୍ସର୍ଗୀକୃତତା ହାସଲ କରିବାକୁ ହେବ । ଏହାପରେ ସାଧକ ରୂପାନ୍ତର ଆଡ଼କୁ ଅଗ୍ରସର ହୋଇପାରିବ । ତା'ର ଯାତ୍ରା ହେବ ଜ୍ଞାନରୁ ଜ୍ଞାନ ମଧ୍ୟକୁ, ଆଲୋକରୁ ଆଲୋକ ମଧ୍ୟକୁ ଏବଂ ଆନନ୍ଦରୁ ଆନନ୍ଦ ମଧ୍ୟକୁ ।

ସାଧନାର ଅସଲ ରହସ୍ୟ ହେଲା ନିଜକୁ ଭଗବାନଙ୍କ ପାଖରେ ନିଃଶେଷରେ ଦେଇଦେବା,କୌଣସି ଦାବି ନ କରିବା ଓ କିଛି ଗୋଟିଏ ଲାଭ କରିବାର ଆଶା ନ ରଖିବା । ଉପନିଷଦ୍‌ରେ କୁହାଯାଇଛି – ''ତେନ ତ୍ୟକ୍ତେନ ଭୁଞ୍ଜିଥା ।'' ଅର୍ଥାତ୍, 'ତ୍ୟାଗ ଦ୍ୱାରା ଭୋଗ କର ।' ଏଠାରେ ତ୍ୟାଗ ଓ ସମର୍ପଣ ଦ୍ୱାରା ସର୍ବତ୍ର ଆନନ୍ଦ ଉପଭୋଗ କରିବାକୁ କୁହାଯାଇଛି । ଆମେ ଯଦି ଭଗବାନଙ୍କୁ କିଛି ସମର୍ପଣ କରିବା ଲାଗି କୁଣ୍ଠିତ ଓ ଅନିଚ୍ଛୁକ ହେଉଛୁ, ତା'ର ଅର୍ଥ ଆମେ ଜାଣି ଜାଣି ନିଜକୁ ଆନନ୍ଦରୁ ବଞ୍ଚିତ କରୁଛୁ ।

ନିଜକୁ ଦେଇଦେଲେ ଆମେ ଶୂନ୍ୟ ହୋଇଯିବା ନାହିଁ, ବରଂ ଭଗବାନ୍ ଆମକୁ ଦିବ୍ୟ ଭାବରେ ପୂର୍ଣ୍ଣ କରିଦେବେ । ଆମର ଆତ୍ମଦାନ ଏକମାତ୍ର ଭଗବାନଙ୍କର ଉଦ୍ଦେଶ୍ୟରେହିଁ ଅଭିପ୍ରେତ ହେବ । ଅନ୍ୟମାନଙ୍କ ସହିତ ପ୍ରାଣିକ ସମ୍ପର୍କ ବା ପ୍ରାଣିକ ଆଦାନପ୍ରଦାନ ଆମର ଚେତନାକୁ ନିମ୍ନଗାମୀ କରିପାରେ, ତେଣୁ ସମର୍ପଣର ସାଧନା କରୁଥିବା ବ୍ୟକ୍ତିକୁ ଏଥିରୁ ଦୂରେଇ ରହିବାକୁ ହେବ ।

କେବଳ ମାନସିକ ଜପର ଅଭ୍ୟାସ କଲେ ବା ମୁହଁରେ 'ସମର୍ପଣ କରି ଦେଇଛି' ବୋଲି କହିଦେଲେ ସମର୍ପଣ ବା ଶରଣାଗତିର ସାଧନା ହୋଇଯାଏ ନାହିଁ । କେବଳ ଏତିକି କରି 'ଭଗବାନ୍ ମୋର ସକଳ ଦାୟିତ୍ୱ ବହନ କରିବେ' ବୋଲି

ଆଶା କରିବା ବୃଥା । ସମର୍ପଣକୁ ଫଳପ୍ରଦ କରିବାକୁ ହେଲେ କେତେକ ମନସ୍ତାତ୍ତ୍ୱିକ ସର୍ତ୍ତ ପୂରଣ କରିବାକୁ ହେବ । ବିଶ୍ୱାସ, ଭରସା, ଧୈର୍ଯ୍ୟ, ସହିଷ୍ଣୁତା, ଅଧ୍ୟବସାୟ, ସମତା ଆଦି ଗୁଣର ଆହରଣ ଅତ୍ୟନ୍ତ ଆବଶ୍ୟକ । ପାର୍ଥିବ ଜୀବନରେ ଦ୍ୱୈତତା ପୂର୍ଣ୍ଣ ହୋଇ ରହିଛି । ସୁଖ-ଦୁଃଖ, ସୌଭାଗ୍ୟ-ଦୁର୍ଭାଗ୍ୟ, ଆଲୋକ-ଅନ୍ଧାର, ଜ୍ଞାନ-ଅଜ୍ଞାନ ଏସବୁ ଆମ ଜୀବନରେ ମିଶାମିଶି ହୋଇ ରହିଛି । ତେଣୁ ସଂଘର୍ଷ ଅନିବାର୍ଯ୍ୟ । ଆମର ସମର୍ପଣ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଏବଂ ସମଗ୍ର ଜଗତ୍ ସମ୍ପୂର୍ଣ୍ଣ ସତ୍ୟମୁଖୀ ନହେବା ପର୍ଯ୍ୟନ୍ତ ଦୁଃଖ ବିପଦ ଲାଗି ରହିବ । ବାହାରୁ ବାଧାବିଘ୍ନ ଆସିବ । ଆମ ନିଜ ଭିତରେ ମଧ୍ୟ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିବ । ନିଜ ଭିତରର ଶତ୍ରୁ ଆହୁରି ଭୟଙ୍କର । 'ସାବିତ୍ରୀ' ମହାକାବ୍ୟରେ କୁହାଯାଇଛି –

"This hidden foe lodged in the human breast
Man must overcome or miss his higher fate.
This is the inner war without escape."

(Savitri, p. 448)

ଅର୍ଥାତ୍, ''ଏହି ଯେଉଁ ଗୋପନ ଶତ୍ରୁ ମାନବର ବକ୍ଷ ତଳେ ଆଶ୍ରୟ ନେଇଛି, ମନୁଷ୍ୟ ତାହାକୁ ପରାଭୂତ କରିବାକୁ ହେବ ନଚେତ୍ ତା'ର ଊର୍ଦ୍ଧ୍ୱତର ନିୟତି ସେ ହରାଇ ବସିବ । ଏହି ଆନ୍ତର ସଂଗ୍ରାମ ଅପରିହାର୍ଯ୍ୟ ।''

ସମର୍ପଣର ସାଧନା କରୁଥିଲେ ମଧ୍ୟ ଦୁଃଖ, ବିପଦ ଓ ଅନ୍ଧକାର ଶକ୍ତିର ଆକ୍ରମଣ ମଝିରେ ମଝିରେ ଘଟୁଥିବ । କିନ୍ତୁ ଏତିକି ଆଶ୍ୱାସନା ରହିଛି ଯେ ସମର୍ପଣର ସାଧନା ଦ୍ୱାରା ଆମର ଦୁଃଖକଷ୍ଟ ଲାଘବ ହୋଇପାରିବ ଏବଂ ଆମେ ଶାନ୍ତି, ତିତିକ୍ଷା ଓ ପ୍ରସନ୍ନତାର ଭାବଦୃଷ୍ଟି ଲାଭ କରିପାରିବା । ଜୀବନରେ ଝଡ଼ଝଞ୍ଝା ଆସିଲେ ମଧ୍ୟ ଦିବ୍ୟକୃପା ବଳରେ ଆମକୁ ପରମ ନିରାପତ୍ତାର ବୋଧ ହାସଲ ହୋଇପାରିବ ଏବଂ ଆମେ ସମତାର ସାମର୍ଥ୍ୟ ଅର୍ଜନ କରିପାରିବା । ତେଣୁ 'ସାବିତ୍ରୀ' ମହାକାବ୍ୟରେ କୁହାଯାଇଛି –

"A vast surrender was his only strength."

(Savitri, p. 315)

ଅର୍ଥାତ୍, ''ଏକ ମହତୀ ସମର୍ପଣହିଁ ହେଲା ତାଙ୍କର (ଅଶ୍ୱପତିଙ୍କର) ଏକମାତ୍ର ସାମର୍ଥ୍ୟ ।''

ମନେ ରଖିବାକୁ ହେବ ଯେ ପ୍ରତ୍ୟେକ ଦୁଃଖ ଏବଂ ଦୁର୍ଭାଗ୍ୟର ଏକ ଆଧ୍ୟାତ୍ମିକ ଉଦ୍ଦେଶ୍ୟ ରହିଛି । ସମୟକ୍ରମେ ସେହି ଉଦ୍ଦେଶ୍ୟଟି ଆମର ବୋଧଗମ୍ୟ ହେବ । ଯେତେବେଳେ ଆମକୁ ସଂକଟ ଓ ସନ୍ତ୍ରସ୍ତ ଭାବ ଘେରି ରହିଥା'ନ୍ତି, ସେତେବେଳେ ଭଗବାନ୍ ଆମ ସହିତ ଉପସ୍ଥିତ ରହିଥା'ନ୍ତି, ଏକଥା ଆମେ ଭୁଲିଯିବା ନାହିଁ । ଭଗବାନ୍ ଯେ ପରମ ମଙ୍ଗଳମୟ ଏବଂ ପରିଶେଷରେ ସେ ଆମର କଲ୍ୟାଣହିଁ ସାଧନ କରିବେ, ଏହି 'କଲ୍ୟାଣ-ଶ୍ରଦ୍ଧା' ଆମର ଯୋଗ-ଯାତ୍ରାକୁ ସାଫଲ୍ୟମଣ୍ଡିତ କରିବ । ସକଳ ପରିସ୍ଥିତିରେ ଆମର ଏକମାତ୍ର ମନ୍ତ୍ର ହେବା ଉଚିତ – ''ହେ ପ୍ରଭୁ, ତୁମର ଇଚ୍ଛାହିଁ ସର୍ବଦା ଓ ସର୍ବତ୍ର ପୂର୍ଣ୍ଣ ହେଉ ।''

'ସାବିତ୍ରୀ' ମହାକାବ୍ୟରେ ବର୍ଣ୍ଣିତ ଅଛି ଯେ ମନୁଷ୍ୟର ଶକ୍ତି ଓ ପ୍ରେମ ଯାହା ଅତି ସୀମିତ ତାହା ପୃଥିବୀରୁ ଅଜ୍ଞାନ ଓ ମୃତ୍ୟୁକୁ ବିଲୁପ୍ତ କରିବାକୁ ଆଦୌ ସମର୍ଥ ନୁହେଁ । ସେଥିପାଇଁ ରାଜା ଅଶ୍ୱପତି ତାଙ୍କ ସାଧନାର ଏକ ନିର୍ଣ୍ଣୟାତ୍ମକ ମୋଡ଼ରେ ଗଭୀର ଭାବରେ ଉପଲବ୍ଧି କରିଥିଲେ ଯେ ଏକମାତ୍ର ଦିବ୍ୟଜନନୀଙ୍କ ସର୍ବଜୟୀ ଶକ୍ତିହିଁ ଏହି କାର୍ଯ୍ୟ ସମ୍ପନ୍ନ କରିପାରିବ । ତେଣୁ ତାଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପଣ କରିବା ବ୍ୟତୀତ ଅଶ୍ୱପତିଙ୍କର ଅନ୍ୟ ଉପାୟ ନଥିଲା ।

ଆମେ ଆମ ଜୀବନର ପ୍ରତ୍ୟେକ ଘଟଣା ଓ ପରିସ୍ଥିତିକୁ ଭଗବାନଙ୍କ ସମ୍ମୁଖରେ ନିବେଦନ କରିବା ଉଚିତ । ସମସ୍ୟାର ସମାଧାନ ବାହାରେ କେଉଁଠି ନ ଖୋଜି ଭଗବାନଙ୍କ ଆଡ଼କୁହିଁ ଆମେ ସହାୟତା ପାଇଁ ଉନ୍ମୁଖ ହୋଇ ରହିବା । ଆମ ଧାରାରେ, ଆମ ବିଚାର ଅନୁସାରେ ସମାଧାନ ଆସୁ ବୋଲି ଆମେ କଦାପି ଜିଦ୍ କରିବା ନାହିଁ । ସବୁକିଛିର ନିଷ୍ପତ୍ତି ଭଗବାନଙ୍କର ପରମ ଅବ୍ୟର୍ଥ ପ୍ରଜ୍ଞା ଉପରେ ଛାଡ଼ିଦେବା । ସଂକଟ କାଳରେ ଆମେ ହୁଏତ ତାତ୍କାଳିକ ଆବଶ୍ୟକତା ମୁତାବକ କାହା କାହା ଠାରୁ ସହାୟତା ନେଇପାରୁ, ମାତ୍ର ଆମର ସର୍ବପ୍ରଧାନ ନିର୍ଭରତା ରହିବ ଭଗବାନଙ୍କ କୃପା ଓ ସହାୟତା ଉପରେ । ଆମେ ସାହାଯ୍ୟ ପାଇଁ ଭଗବାନଙ୍କୁ ନିରବଚ୍ଛିନ୍ନଭାବେ ପ୍ରାର୍ଥନା କରି ଚାଲିବା । ପ୍ରାର୍ଥନା ପୂରଣ ନହେଲେ ମଧ୍ୟ ଆମର ପ୍ରାର୍ଥନା ଅବ୍ୟାହତ ରହିଥିବ । ପ୍ରାର୍ଥନା ପ୍ରତ୍ୟାଖ୍ୟାତ ହେଲେ ମଧ୍ୟ ଭଗବାନଙ୍କ ପ୍ରତି ଆମର ପ୍ରେମ, ବିଶ୍ୱାସ ଓ ସମର୍ପଣ କଦାପି ଊଣା ହୋଇଯିବ ନାହିଁ । ଆମେ ସ୍ମରଣ ରଖିବା ଯେ ଭଗବାନଙ୍କ ପରମ ଜ୍ଞାନ ବେଳେ ବେଳେ ମନୁଷ୍ୟର ପ୍ରାର୍ଥନାକୁ ପ୍ରତ୍ୟାଖ୍ୟାନ କରିଥାଏ । ("Heaven's wiser love rejects the mortal's prayer;" – Savitri, p. 456) ଏହି

ପ୍ରତ୍ୟାଖ୍ୟାନରେ ତା'ର ଆଧ୍ୟାତ୍ମିକ ମଙ୍ଗଳହିଁ ନିହିତ ହୋଇ ରହିଥାଏ । ଆମେ ଖୁସି ମନରେ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ଉପରେ ସର୍ବଦା ନିର୍ଭରଶୀଳ ହୋଇ ରହିବା । ଯାହା ହେଲେ ମଧ୍ୟ ଆମର ବିଶ୍ୱାସ ଓ ଭରସା ଅତୁଟ ହୋଇ ରହିଥିବ । ଆମେ ପ୍ରତ୍ୟେକ ପଦକ୍ଷେପରେ ଭଗବାନଙ୍କ ଦିଗ୍‌ଦର୍ଶନକୁହିଁ ଅପେକ୍ଷା ରଖିବା । ସଂଶୟ ଓ ନୈରାଶ୍ୟକୁ ଆମେ କଦାପି ପ୍ରଶ୍ରୟ ଦେବା ନାହିଁ । ବାଇବେଲରେ ବର୍ଣ୍ଣିତ ସାଧକଙ୍କ ଭଳି ଆମେ ଭଗବାନଙ୍କୁ କହିପାରୁଥିବା – "Though Thou slay me, yet will I trust in Thee."

(CWSA, Vol. 19, p. 48)

ଅର୍ଥାତ୍, ''ତୁମେ ମୋତେ ହତ୍ୟା କଲେ ମଧ୍ୟ ମୁଁ ତୁମ ଉପରେ ଭରସା ରଖିଥିବି ।'' ବିରୋଧୀ ଶକ୍ତିର ଆକ୍ରମଣ ସମୟରେ ବା ପ୍ରତିକୂଳ ପରିସ୍ଥିତିରେ ଆମେ ସ୍ଥିର ଓ ଶାନ୍ତ ହୋଇ ରହିବା । ଭୟଭୀତ ନହୋଇ ଆତ୍ମ-ନିବେଦନର ଭାବ ସହ ଭଗବାନଙ୍କର ଦିବ୍ୟଶକ୍ତିକୁ ଆବାହନ କରିବା । ପ୍ରତ୍ୟେକ ପରିସ୍ଥିତିରେ ସର୍ବଜ୍ଞ ପରମେଶ୍ୱରଙ୍କ ଇଚ୍ଛା ଓ ନିଷ୍ପତ୍ତିହିଁ ଆମର ଧ୍ୟେୟ ଓ ଗ୍ରହଣୀୟ ହୋଇ ରହିବ ।

ସମର୍ପଣର ସର୍ତ୍ତ ପୂରଣ ନକରି ମନୁଷ୍ୟ ମହାନ୍ ଆଧ୍ୟାତ୍ମିକ ଅନୁଭୂତି ସବୁ ପାଇବାକୁ ଚାହେଁ । ସାଧକ ଦିଲୀପ କୁମାର ରାୟ ଥରେ ଶ୍ରୀଅରବିନ୍ଦଙ୍କୁ ତାଙ୍କ ପତ୍ରରେ ଅଭିଯୋଗ କରି ଲେଖିଲେ ଯେ ସେ ତାଙ୍କୁ କୌଣସି ମହତ୍ତ୍ୱପୂର୍ଣ୍ଣ ଅନୁଭୂତି ବା ଉପଲବ୍ଧି ଦେଉ ନାହାନ୍ତି । ତେଣୁ ସେ ଶ୍ରୀଅରବିନ୍ଦଙ୍କୁ ଜଣେ ଶକ୍ତିହୀନ ଗୁରୁ (an impotent Guru) ବୋଲି କହିବାକୁ ମଧ୍ୟ ପଶ୍ଚାତ୍‌ପଦ ହେଲେ ନାହିଁ । ସାଧକ ନୀରଦବରଣ ମଧ୍ୟ ଦିଲୀପଙ୍କ ତରଫରୁ ସୁପାରିସ କରି ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖିଲେ – ''ତାଙ୍କୁ (ଦିଲୀପଙ୍କୁ) ଶାନ୍ତି, ନୀରବତା ବା ଧ୍ୟାନର କୌଣସି ଅନୁଭୂତି ପ୍ରଦାନ କରିବା ଆପଣଙ୍କ ପକ୍ଷରେ ସତରେ କ'ଣ ଅସମ୍ଭବ ? ତାହାହେଲେ ତ ଭଗବାନ୍ ସର୍ବଶକ୍ତିମାନ୍ ନୁହନ୍ତି ବୋଲି ବୁଝିବାକୁ ହେବ ।'' ଶ୍ରୀଅରବିନ୍ଦଙ୍କ ଉତ୍ତର ଥିଲା – ''ମୋର ପ୍ରିୟ ମହାଶୟ ! ଭଗବାନଙ୍କ ସର୍ବଶକ୍ତିମତ୍ତା ସହିତ ଏହାର କି ସମ୍ବନ୍ଧ ? ଏହି ପୃଥିବୀରେ ପ୍ରତ୍ୟେକ କଥା ପାଇଁ କିଛି ସର୍ତ୍ତ ରହିଛି – ଯଦି ଗୋଟିଏ ଲୋକ ଯୋଗର ସର୍ତ୍ତାବଳୀକୁ ପୂରଣ ନକରେ, ତାହାହେଲେ ଭଗବାନଙ୍କର ସର୍ବଶକ୍ତିମତ୍ତା ପ୍ରତି ଆବେଦନ କରିବାରେ କି ପ୍ରୟୋଜନ ଅଛି ?''

'ମା' ପୁସ୍ତକରେ ଶ୍ରୀଅରବିନ୍ଦ ଆମକୁ ସ୍ପଷ୍ଟ ଭାବରେ ସତର୍କ ଓ ସଚେତନ କରି ଦେଇଛନ୍ତି – ''ମନେରଖ, ଯେଉଁ ସମର୍ପଣ ସର୍ତ୍ତ ପାଳନ କରିବାକୁ ଚାହେଁ ନାହିଁ, ତାହା ତାମସିକ ସମର୍ପଣ; ତାହା ଭଗବାନଙ୍କୁ ଆହ୍ୱାନ କରେ ସବୁକିଛି କରିଦେବେ ବୋଲି ଏବଂ ଚାହେଁ ସକଳ କ୍ଲେଶ, ଦ୍ୱନ୍ଦ୍ୱ ଏଡ଼ିଦେଇ ଚାଲିବାକୁ; – ଏହା ହେଲା ଆତ୍ମ-ପ୍ରବଞ୍ଚନା, ଏହା ମୁକ୍ତି ଓ ପୂର୍ଣ୍ଣତା ଆଡ଼କୁ ନେଇଯାଏ ନାହିଁ ।''

ଭଗବାନ୍ ଯଦି ଜଣେ ସାଧକକୁ ସମର୍ପଣ ଓ ଆତ୍ମ-ନିବେଦନର ତତ୍ତ୍ୱ ବୁଝାଇ କହନ୍ତେ ତାହାହେଲେ ସେ କେଉଁ ଭାବ ଓ ଭାଷାରେ କହନ୍ତେ ତାହା ଶ୍ରୀଅରବିନ୍ଦଙ୍କ ନିମ୍ନ କେତୋଟି ଶକ୍ତିଶାଳୀ ବାକ୍ୟରୁ ଜାଣି ହେବ –

"All this personal effort and self-discipline will not in the end be needed, all following and limitation of rule and dharma can at last be thrown away as hampering encumbrances if thou canst make a complete surrender to Me, depend alone on the Spirit and Godhead within thee and all things and trust to his sole guidance. Turn all thy mind to me and fill it with the thought of me and my presence. Turn all thy heart to me, make thy every action, whatever it be, a sacrifice and offering to me. That done, leave me to do my will with thy life and soul and action; do not be grieved or perplexed by my dealings with thy mind and heart and life and works ..... Whatever difficulties and perplexities arise, be sure of this that I am leading thee to a complete divine life in the universal and an immortal existence in the transcendent Spirit."

(CWSA, Vol. 19, p. 557)

ଅର୍ଥାତ୍, ''ପରିଶେଷରେ ଏହିସବୁ ବ୍ୟକ୍ତିଗତ ପ୍ରୟାସ ଓ ଆତ୍ମ-ସଂଯମର କୌଣସି ଆବଶ୍ୟକତା ରହିବ ନାହିଁ; ନିୟମ ଓ ଧର୍ମର ସର୍ବବିଧ ଅନୁସରଣ, ସର୍ବବିଧ ସୀମାବଦ୍ଧ ଅବସ୍ଥାର ପ୍ରତିବନ୍ଧକ ଓ ଭାର ପରିଶେଷରେ ବର୍ଜନ କରିପାରିବ ଯଦି

ମୋ ନିକଟରେ ନିଜକୁ ସମ୍ପୂର୍ଣ୍ଣଭାବେ ସମର୍ପଣ କରିପାର, ତୁମ ମଧ୍ୟରେ ଓ ସର୍ବଭୂତ ମଧ୍ୟରେ ବିରାଜିତ ଆତ୍ମା ଓ ଭଗବାନଙ୍କ ଉପରେ ନିର୍ଭର କରିପାର ଏବଂ ଏକମାତ୍ର ତାଙ୍କ ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ଆସ୍ଥା ସ୍ଥାପନ କରିପାର । ତୁମର ସମଗ୍ର ମନକୁ ମୋ ଆଡ଼କୁ ଫେରାଅ, ତୁମର ମନକୁ ମୋର ଚିନ୍ତାରେ ଓ ମୋର ସାନ୍ନିଧ୍ୟର ଅନୁଭୂତିରେ ସତତ ପୂର୍ଣ୍ଣ କର । ତୁମର ହୃଦୟକୁ ସମ୍ପୂର୍ଣ୍ଣ ରୂପେ ମୋର ଅଭିମୁଖୀ କର; ତୁମର ପ୍ରତ୍ୟେକ କର୍ମ, ତାହା ଯାହା ହେଉନା କାହିଁକି, ମୋ'ଠାରେ ଯଜ୍ଞ ଓ ନିବେଦନରେ ପରିଣତ କର । ଏହା ସମ୍ପନ୍ନ ହେଲେ, ତୁମର ଜୀବନ, ଅନ୍ତରାତ୍ମା ଓ କର୍ମରେ ମୋତେ ମୋର ଇଚ୍ଛା ସମ୍ପୂର୍ଣ୍ଣ କରିବାକୁ ଛାଡ଼ିଦିଅ; ତୁମ ମନ, ହୃଦୟ, ପ୍ରାଣ ଓ କାର୍ଯ୍ୟାବଳି ସମ୍ପର୍କରେ ମୁଁ ଯାହା କରେ ନା କାହିଁକି, ସେଥିରେ ତୁମେ ବ୍ୟଥିତ ବା ବିଭ୍ରାନ୍ତ ହୁଅ ନାହିଁ, ... ଯେତେ ବାଧା ବା ବିଭ୍ରାନ୍ତି ଉପସ୍ଥିତ ହେଲେ ମଧ୍ୟ ଏ ବିଷୟରେ ତୁମେ ନିଶ୍ଚିନ୍ତ ରୁହ ଯେ, ମୁଁ ତୁମକୁ ବିଶ୍ୱସତ୍ତା ମଧ୍ୟରେ ଏକ ପୂର୍ଣ୍ଣାଙ୍ଗ ଦିବ୍ୟ ଜୀବନ ମଧ୍ୟକୁ ଏବଂ ବିଶ୍ୱାତୀତ ପୁରୁଷଙ୍କ ମଧ୍ୟରେ ଏକ ଅମୃତମୟ ସତ୍ତା ମଧ୍ୟକୁ ପରିଚାଳିତ କରୁଛି ।''

(ଗୀତା ନିବନ୍ଧମାଳା – ପୃଷ୍ଠା. ୬୫୮-୬୫୯)

ଯୋଗ ସାଧନାର ଦୁଇଟି ମାର୍ଗ ରହିଛି । ଗୋଟିଏ ହେଉଛି ତପସ୍ୟାର ମାର୍ଗ ଓ ଅନ୍ୟଟି ହେଉଛି ସମର୍ପଣର ମାର୍ଗ । ତପସ୍ୟାର ମାର୍ଗରେ ସାଧକ ନିଜେ ସାଧନାର ସମସ୍ତ ଦାୟିତ୍ୱ ବହନ କରେ । ଅନ୍ୟ ପକ୍ଷରେ ସମର୍ପଣର ମାର୍ଗରେ ସାଧକ ନିଜକୁ ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପଣ କରିଦିଏ, ଫଳରେ ଭଗବାନ୍ ସାଧକ ଭିତରେ ନିଜେ ଯୋଗ ସାଧନା କରନ୍ତି । ଶ୍ରୀରାମକୃଷ୍ଣ ପରମହଂସଙ୍କ ଦୃଷ୍ଟିରେ ପ୍ରଥମଟି ହେଉଛି ମାଙ୍କଡ଼ ଛୁଆର ପଥ ଓ ଦ୍ୱିତୀୟଟି ବିଲେଇ ଛୁଆର ପଥ । ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଯାଉଥିବା ବେଳେ ମାଙ୍କଡ଼ ଛୁଆକୁ ତା'ର ମାଆର ଦେହକୁ ଜାବୁଡ଼ି କରି ଧରିବାକୁ ପଡ଼େ, କାରଣ ଯଦି ତା'ର ହାତ କେବେ ଛାଡ଼ିଯାଏ, ତେବେ ତଳେ ପଡ଼ିଯିବାର ଭୟ ରହିଥାଏ । ଅନ୍ୟ ପକ୍ଷରେ ବିଲେଇ ଛୁଆ କେବେ ତା'ର ମାଆର ଶରୀରକୁ ଜାବୁଡ଼ି ଧରେ ନାହିଁ; ମାତ୍ର ମାଆ ତା'ର ଛୁଆକୁ ଧରି କରି ନେଇଯାଏ ଏବଂ ତା'ର ଆଉ ଭୟ କିଛି ନଥାଏ ବା ଦାୟିତ୍ୱ ମଧ୍ୟ କିଛି ନଥାଏ । ନିଜକୁ ମାଆର ଧରିବା ଉପରେ ଛାଡ଼ିଦେଇ ''ମାଆ, ମାଆ'' ବୋଲି ପାଟି କରିବା ଛଡ଼ା ଆଉ କିଛି ହେଲେ କରିବାର ନଥାଏ । ସୁତରାଂ ସବୁଠୁ ନିରାପଦ ହେଲା ବିଲେଇ ଛୁଆର ମାର୍ଗ, ଅର୍ଥାତ୍ ଭଗବାନଙ୍କ ପାଖରେ ପୂର୍ଣ୍ଣ ସମର୍ପଣର ମାର୍ଗ ।

'ମା' ବହିର ଆଲୋଚନା ପ୍ରସଙ୍ଗରେ ଶ୍ରୀମା କହିଥିଲେ – ''ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ ସମର୍ପଣ ହେଉଛି ତୁମ ଚରିତ୍ରର, ତୁମ ସ୍ୱଭାବ ଓ ଆଚାର-ବ୍ୟବହାର ତଥା ସତ୍ତାର ଗତିବିଧିର ସମର୍ପଣ ଯେପରିକି ତାହାର ପରିବର୍ତ୍ତନ ବା ରୂପାନ୍ତର ହୋଇପାରେ ।'' ଆମେ ଯେଉଁ ଢଙ୍ଗରେ ବିଷୟସବୁକୁ ବୁଝୁ, ଅନୁଭବ କରୁ, ପ୍ରତିକ୍ରିୟା ପ୍ରକାଶ କରୁ ବା ଅଗ୍ରଗତି ଲାଭ କରୁ, ପୁଣି ଯେଉଁ ଢଙ୍ଗରେ ଜୀବନକୁ ଦେଖୁ, ଜୀବନଠୁ ଆଶା କରୁ, ସେସବୁ ଯାହା ଆମର ସ୍ୱତନ୍ତ୍ର ଓ ସ୍ୱକୀୟ ଢଙ୍ଗ, ତାହାକୁ ମଧ୍ୟ ପରମସତ୍ତାଙ୍କ ପାଖରେ ସମର୍ପଣ କରିବାକୁ ହେବ । ଗ୍ରହଣଶୀଳତା ସହ ଯଦି ଆମେ ତାହା କରିପାରିବା ତାହାହେଲେ ପରମସତ୍ତା ବା ଦିବ୍ୟ ପରମା ଶକ୍ତି ଆମ ଭିତରେ କାର୍ଯ୍ୟ କରି ଆମର ପ୍ରକୃତି ଓ ସ୍ୱଭାବକୁ ରୂପାନ୍ତରିତ କରିଦେବେ ।

ପରିଶେଷରେ ଆମେ ମାଆଙ୍କ ନିମ୍ନଲିଖିତ ବାଣୀକୁ ମନେ ରଖିବା – "Some give their soul to the Divine, some their life, some offer their work, some their money. A few consecrate all of themselves and all they have – soul, life, work, wealth; these are the true children of God. Others give nothing – these whatever their position, power and riches are for the Divine purpose valueless cyphers."

('Prayers and Meditation's : Preliminary Page)

ଅର୍ଥାତ୍, ''କେତେକ ବ୍ୟକ୍ତି ସେମାନଙ୍କ ଆତ୍ମାକୁ, କେତେକ ସେମାନଙ୍କ ଜୀବନକୁ, କେତେକ ସେମାନଙ୍କ କର୍ମକୁ ଏବଂ କେତେକ ସେମାନଙ୍କ ଅର୍ଥକୁ ଭଗବାନଙ୍କ ନିକଟରେ ଅର୍ପଣ କରନ୍ତି । ଅତି ଅଳ୍ପ ଲୋକହିଁ ସର୍ବତୋଭାବେ ନିଜକୁ ତଥା ନିଜର ଯାହାକିଛି ଅଛି ସେସବୁକୁ – ଆତ୍ମା, ଜୀବନ, କର୍ମ ଓ ଧନସମ୍ପଦକୁ ଭଗବାନଙ୍କଠାରେ ଉତ୍ସର୍ଗ କରିଥା'ନ୍ତି; ଏହିମାନେହିଁ ଭଗବାନଙ୍କର ଯଥାର୍ଥ ସନ୍ତାନ । ଅନ୍ୟମାନେ କିଛି ବି ଦିଅନ୍ତି ନାହିଁ – ଏମାନଙ୍କର ପଦବୀ, କ୍ଷମତା ଓ ଧନସମ୍ପତ୍ତି ଯାହା ବି ଥାଉନା କାହିଁକି, ଭଗବତ୍ ଉଦ୍ଦେଶ୍ୟ ଦୃଷ୍ଟିରୁ ଏମାନେ ମୂଲ୍ୟହୀନ ଶୂନ୍ୟ ।'' (ଧ୍ୟାନ ଓ ପ୍ରାର୍ଥନା, ଶ୍ରୀମା)

(କ୍ରମଶଃ) ❑

ଆଘାତ : ପ୍ରଗତିର ଅନ୍ୟତମ ସହାୟକ

ମନୋଜ ଦାସ

ଜ୍ଞାନ ପର୍ଯ୍ୟାୟ
କାରିକା - ୩୩

"O Thou that lovest, strike ! If Thou strike me not now, I shall know that Thou lovest me not." (Thoughts and Aphorisms)

''ତୁମେ, ଯିଏ (ମୋତେ) ଭଲପାଅ, ଆଘାତ ଦିଅ ! ଯଦି ମୋତେ ତୁମେ ବର୍ତ୍ତମାନ ଆଘାତ ନ କର, ତେବେ ବୁଝିବି ତୁମେ ମୋତେ ଭଲ ପାଅନା !''

କାରିକା - ୩୪

"O Misfortune, blessed be thou; for through thee I have seen the face of my Lover." (Thoughts and Aphorisms)

''ହେ ଦୁର୍ଭାଗ୍ୟ, ତୁମର ମଙ୍ଗଳ ହେଉ; କାରଣ ତୁମରି ମାଧ୍ୟମରେ ମୁଁ ମୋ ପ୍ରେମିକଙ୍କ ମୁହଁ ଦେଖିପାରିଛି ।''

*

ଏ ଉଭୟ କାରିକା ଆମର ଗତାନୁଗତିକ ଧାରଣାକୁ ଓଲଟାଇ ଦେଉଛି । ଆମ ନିଜ ଧାରଣା, ଆମ ନିଜ ସୀମିତ ଜ୍ଞାନକୁ ଆଧାର କରି ଆମେ ଧରି ନେଇଥାଉଁ ଯେ ଯେଉଁ ପରିସ୍ଥିତି, ଯେଉଁ ପ୍ରକାର ସୁଯୋଗ, ଯେଉଁ ଧରଣର ସଫଳତା ଆମକୁ ଆପ୍ୟାୟିତ କରିବ, ଯାହା ଆମ କାମନା-ବାସନା, ଆମ ସାମାଜିକ ଉଚ୍ଚାକାଂକ୍ଷା ଚରିତାର୍ଥ କରିବ, ସେହିଥିରେ ସହାୟତା କରିବା ହେଲା ଆମ ପ୍ରତି ଭଗବାନଙ୍କ କୃପା ବା ଦୟାର ପ୍ରମାଣ ।

ଏଭଳି ଧାରଣା କିନ୍ତୁ ସତ୍ୟଠୁଁ ବହୁ ଦୂରରେ । ଆମ ଅଜ୍ଞାନ କାମନା-ବାସନା ପୂରଣହିଁ ଯଦି ଦିବ୍ୟ କରୁଣାର କାମ ହୁଅନ୍ତା, ତେବେ ଆମେ ଜନ୍ମଜନ୍ମାନ୍ତର ଧରି ଯେଉଁ ତିମିରରେ ସେହି ତିମିରରେ ରହନ୍ତୁ । ଆବେଗର ପରିପୂର୍ତ୍ତି, ଚିରାଚରିତ ସୁଖସ୍ୱାଚ୍ଛନ୍ଦ୍ୟ ଉପଭୋଗ, ଏହିସବୁ ଭିତରେ ଦିନେ ମୃତ୍ୟୁ ଆମକୁ ଟାଣି ନେଇ ଯାଆନ୍ତା । ପରବର୍ତ୍ତୀ ଜୀବନରେ ପୁଣି ତାହାରି ପୁନରାବୃତ୍ତି ହୁଅନ୍ତା । ଅର୍ଥାତ୍, ଆମ ଚେତନାର କ୍ରମବିକାଶ ବା ପ୍ରଗତି କଦାଚ ସମ୍ଭବପର ହୁଅନ୍ତା ନାହିଁ ।

ଯିଏ ଅଧ୍ୟାତ୍ମ-ଅଭୀପ୍ସୁ, ସିଏ ଜାଣେ ଆମ ଜୀବନର ଏକ ବିଶେଷ ଆଭିମୁଖ୍ୟ ରହିଛି । ଆଧ୍ୟାତ୍ମିକ ଦୃଷ୍ଟିରୁ କହିଲେ, ଏ ସମଗ୍ର ଜୀବନହିଁ ଏକ ଯାତ୍ରା – ଚେତନାର ପଥରେ । ଚେତନା ଅଧିକରୁ ଅଧିକ ଆଲୋକିତ ହେଉଥିବ, ଆମ ସ୍ୱାର୍ଥକୈନ୍ଦ୍ରିକ ମୂଲ୍ୟବୋଧ ବଦଳି ଯାଉଥିବ, କାମନା-ବାସନାର ଚରିତାର୍ଥତା ଦିଗରେ ଆମର ଉତ୍କଣ୍ଠା କ୍ରମେ କ୍ରମେ ନିର୍ବାପିତ ହେବ ଏବଂ ସେ ଶୂନ୍ୟ ସ୍ଥାନ ପୂରଣ କରିବ ସତ୍ୟ ପ୍ରତି ଆମର ଆଗ୍ରହ; ସତ୍ୟ ଉପଲବ୍ଧି ସକାଶେ ଆମର ବ୍ୟାକୁଳତା ।

ଆମ ଚେତନାରେ ଏହି ପ୍ରଗତି ଆମ ଅଜ୍ଞାନ-ପ୍ରସୂତ ସୁଖର ସନ୍ଧାନ ଜରିଆରେ ସମ୍ଭବପର ହୁଏନା । ତାହା ଆମକୁ ସ୍ଥାଣୁ କରିଦିଏ । ଭଗବାନଙ୍କ କରୁଣାହିଁ ତେଣୁ ଥରେ ଥରେ ଧକ୍କା ରୂପେ, ତଥାକଥିତ ଅସାଫଲ୍ୟ ରୂପେ ଆସି ଆମ ଜୀବନରେ ଦେଖାଦିଏ । ଆମେ ଯଦି ଭାଗ୍ୟବାନ୍ ହୋଇଥିବା, ସେଭଳି ଗୋଟାଏ ଗୋଟାଏ ଧକ୍କାରେ ଆମେ ବହୁତ ଆଗକୁ ବଢ଼ିଯିବା – ପ୍ରକୃତ ଲକ୍ଷ୍ୟ ପ୍ରାପ୍ତିର ପଥରେ ।

ଶ୍ରୀକୃଷ୍ଣଙ୍କଠାରୁ ଅନେକେ ଅନେକ ପ୍ରକାର ବର ମାଗିନେଲେ । ଯେତେବେଳେ କୁନ୍ତୀଙ୍କୁ ସେ ସୁଯୋଗ ଦିଆଗଲା, ସେ ମାଗିଲେ ଏକ ବିଚିତ୍ର ବର : ସେ ଯେମିତି ଜୀବନରେ ସବୁଦିନ କିଛି ନା କିଛି ସଂକଟର ସମ୍ମୁଖୀନ ହେବେ । ସେମିତି ହେଲେହିଁ ସେ ଭଗବାନଙ୍କୁ ସ୍ମରଣ କରିବେ । ନ ହେଲେ ସୁଖସନ୍ତୋଷ ଭିତରେ ସତ୍ୟ ବିସ୍ମୃତ ହୋଇଯିବ ।

ଅର୍ଥାତ୍, ଭଗବାନଙ୍କୁ ସ୍ମରଣ କରିପାରିବା, ଆମ ଜୀବନରେ ତାଙ୍କରି ଇଚ୍ଛାହିଁ ପୂରଣ ହେଉ, ଏହି ଆତ୍ମହା ପୋଷଣ କରିପାରିବା ଏଡ଼େ ମୂଲ୍ୟବାନ୍ କଥା ଯେ ସେ ପାଇଁ ସଂକଟର ସାମନା କରିବା, ଦୁଃଖଯାତନା ପାଇବା ମୋଟେ ବଡ଼ କଥା ନୁହେଁ । ଯଦି ସେସବୁ ପରିସ୍ଥିତି ଆମକୁ ସ୍ମରଣ ଜରିଆରେ ଭଗବାନଙ୍କ ନିକଟତର କରିପାରିଲା, ସେସବୁ ଯଥାର୍ଥ !

ତଥାକଥିତ ସୌଭାଗ୍ୟ ଏବଂ ତଥାକଥିତ ଦୁର୍ଭାଗ୍ୟ – ଏ ଉଭୟ ପରିସ୍ଥିତି ପ୍ରତି ସମଭାବ ପୋଷଣ କରିପାରିବା, ବାହ୍ୟ ଅବସ୍ଥାର ତାରତମ୍ୟରେ ଉତ୍‌ଫୁଲ୍ଲ ବା ହତାଶ ଅନୁଭବ ନ କରିବାହିଁ ଅଧ୍ୟାତ୍ମ ପ୍ରଗତିର ସୂଚନା । ଉଭୟ ସୁଖ ଓ ଦୁଃଖ ଭିତରେ ଦିବ୍ୟ କରୁଣାର ଉପସ୍ଥିତି ଅନୁଭବହିଁ ଜ୍ଞାନ ।

ଏହି ସମଭାବର ଦୃଷ୍ଟାନ୍ତ ପରିବେଷଣ କରେ ଏକ ପ୍ରାଚୀନ କାହାଣୀ :

ଅନ୍ଧାର ରାତିରେ ଜମିଦାରଙ୍କ କୋଠାରେ ଚୋର ପଶିଥିଲା । ହଠାତ୍ ତାକୁ ଦେଖିଦେଲେ ଦୁଇ ଜଣ ପରିଚାରିକା । ଲୋକଟା ଦାଢ଼ିଆ । ଚୋର ତତ୍‌କ୍ଷଣାତ୍ କୋଠାରୁ ବାହାରି ପଳାଇଲା ।

ହୁରି ପଡ଼ିଗଲା – ଦାଢ଼ିଆ ଚୋର ପଳାଉଛି ! ଧର, ଧର !!

ପାଖ ଆଶ୍ରମର ଜଣେ ସାଧୁ ଭୋଳାବାବା ସେତିକିବେଳେ କୋଠା ଆଗ ଦେଇ ଯାଉଥିଲେ । ଦାଢ଼ିଆ । ସେ ଜମିଦାରଙ୍କ କୋଠାର ଜଣେ ଜଗୁଆଳ ତାଙ୍କୁ କାବୁ କରିନେଲା । ଆଉ ଜଣେ ଆସି ତାଙ୍କ ଉପରେ ପ୍ରହାର ପରେ ପ୍ରହାର କଶି ଦେଇଗଲା । ଭୋଳାବାବା ଚେତା ହରାଇ ପଡ଼ିଗଲେ ।

ଇତି ମଧ୍ୟରେ ଗାଁ ଚୌକିଦାର ଓ ଅନ୍ୟ ଦୁଇ ଜଣ ଗ୍ରାମବାସୀ ଅସଲ ଚୋର କୋଠା ପଛ ଦେଇ ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ତାକୁ ମାଡ଼ି ବସି ଧରିଥିଲେ । ତାକୁ ସେମାନେ କୋଠା ସାମନାକୁ ନେଇ ଆସିଲେ । ଲଣ୍ଠନ ଆଲୁଅରେ ଦେଖାଗଲା, ସେ ଲୋକଟା ଗୋଟିଏ ଜଣାଶୁଣା ଦାଗୀ ।

ତେବେ ଚେତାଶୂନ୍ୟ ପଥିକଟି କିଏ ? ଚିହ୍ନିବାକୁ ବିଳମ୍ବ ହେଲା ନାହିଁ । ସେ ନିରୀହ ଭୋଳାବାବା ।

ସମସ୍ତେ ବଡ଼ ସନ୍ତପ୍ତ ହେଲେ । ତାଙ୍କୁ ଯତ୍ନରେ ବୋହି ନେଇଗଲେ ତାଙ୍କ ଆଶ୍ରମକୁ । ସେଠାରେ କିଏ ତାଙ୍କ କ୍ଷତରେ ଔଷଧ ଲଗାଇ ଦେଲା ତ କିଏ ତାଙ୍କୁ ବିଆବିଞ୍ଚି କଲା । ଜଣେ ଗୁରୁଭାଇ ଗରମ ଦୁଧ ଆଣି ତାଙ୍କୁ ପିଆଇଲେ ଧୀରେ ଧୀରେ ।

ତାଙ୍କ ଚେତା ଫେରି ଆସିଛି ବୋଲି ବୁଝାଗଲା । କିନ୍ତୁ ତାଙ୍କ ଚେତନା ସ୍ୱାଭାବିକ ହେଲାଣି ତ ? ଜଣେ ବର୍ଷୀୟାନ ତାଙ୍କୁ ପ୍ରଶ୍ନ କଲେ, ''ଭୋଳାବାବା !''

''ଆଜ୍ଞା ?'' ଉତ୍ତର ଆସିଲା ।

''କାହା ହାତରୁ ତୁମେ ଦୁଧ ପିଉଛ ସେକଥା ବୁଝି ପାରୁଛ ?''

''ହଁ ।''

''କାହା ହାତ ?''

''ଯେଉଁ ହାତ ମୋତେ ବାଡ଼େଇ ଥିଲା, ସେଇ ହାତ ।'' ଉତ୍ତର ଦେଲେ ଭୋଳାବାବା ।

['ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୭୬-୭୭]

❑❑❑

ତୁମ ପଡ଼ୋଶୀ ମଧ୍ୟସ୍ଥ ଭଗବାନ୍, ତୁମ ମଧ୍ୟସ୍ଥ ଭଗବାନ୍, ତୁମ ଦେଶ ଓ ତୁମ ଶତ୍ରୁଦେଶ ମଧ୍ୟସ୍ଥ ଭଗବାନ୍, ମାନବଜାତି ମଧ୍ୟସ୍ଥ ଭଗବାନ୍, ବୃକ୍ଷ, ପ୍ରସ୍ତର ତଥା ପ୍ରାଣୀମାନଙ୍କ ମଧ୍ୟସ୍ଥ ଭଗବାନ୍, ଜଗତ୍ ତଥା ଜଗତ୍ ବାହାର ସ୍ଥିତ ଭଗବାନଙ୍କ ଲାଗି ଜୀବନଧାରଣ କର, ତାହାହିଁ ହେଉଛି ମୁକ୍ତିର ସିଧାସଳଖ ପଥ ।

– ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

(୧୫୬)

ଆଶ୍ରମରେ 'ଭାରତର ସ୍ୱାଧୀନତା ଦିବସ' ପାଳନ :

ଶୁକ୍ରବାର, ୧୫ ଅଗଷ୍ଟ ୧୯୪୭ । ଶ୍ରୀଅରବିନ୍ଦଙ୍କର ୭୫ତମ ଜନ୍ମତିଥି । ଆଶ୍ରମର 'ଦର୍ଶନ ଦିବସ', ପୁନଶ୍ଚ 'ଭାରତର ସ୍ୱାଧୀନତା ଦିବସ' । ଆଶ୍ରମରେ ଏକ ଅବର୍ଣ୍ଣନୀୟ ବାତାବରଣ । ଶ୍ରୀମା ନିମ୍ନୋକ୍ତ ପ୍ରାର୍ଥନା-ବାଣୀଟି ବିତରଣ କରିଥିଲେ । ଏହା ଥିଲା ଭାରତ ଜନନୀଙ୍କୁ ସ୍ତୁତିବାଦପୂର୍ବକ ଆବାହନ :

''ହେ ଆମ ଜନନି ଭାରତବର୍ଷର ଆତ୍ମା, ହେ ଜନନି ଯିଏକି ତମିସ୍ରତମ ନୈରାଶ୍ୟର ଦିନଗୁଡ଼ିକରେ ମଧ୍ୟ ଆପଣାର ସନ୍ତାନବର୍ଗଙ୍କୁ କଦାପି ଛାଡ଼ି ଚାଲିଯାଇ ନାହଁ, ଏପରିକି, ସେମାନେ ତୁମ କଥାରେ କର୍ଣ୍ଣପାତ କରୁ ନଥିବା ଏବଂ ତୁମକୁ ଅସ୍ୱୀକାର କରି ଅନ୍ୟ କର୍ତ୍ତାମାନଙ୍କର ପରିଚର୍ଯ୍ୟା କରୁଥିବା ସମୟରେ ମଧ୍ୟ ଯିଏ ତଥାପି ସେମାନଙ୍କୁ ବର୍ଜ୍ଜନ କରି ନାହଁ,— ବର୍ତ୍ତମାନ ଯେତେବେଳେ ସେମାନେ ଜାଗ୍ରତ୍ ହୋଇଛନ୍ତି ଏବଂ ତୁମ ବନ୍ଧନମୋଚନର ଏହି ଉଷାକ୍ଷଣରେ ଯେତେବେଳେ ତୁମରି ମୁଖମଣ୍ଡଳ ଉପରେ ଆଲୋକର ସମ୍ପାତ ହେଉଛି, ଏହି ମହାନ୍ ମୁହୂର୍ତ୍ତରେ ଆମେ ତୁମକୁ ପ୍ରଣାମ କରୁଛୁ । ତୁମେ ଆମକୁ ବାଟ ଦେଖାଇ ନେଇଯାଅ, ଯେପରିକି ଆମ ସମ୍ମୁଖରେ ଉନ୍ମୋଚିତ ହୋଇ ଯାଉଥିବା ସ୍ୱାଧୀନତାର ଦିଗ୍‌ବଳୟଟି ଯଥାର୍ଥ ମହାନତାର ଏକ ଦିଗ୍‌ବଳୟରେ ମଧ୍ୟ ପରିଣତ ହୋଇପାରିବ, ଜାତିଚୟର ସମାବେଶ ମଧ୍ୟରେ ତୁମର ଯଥାର୍ଥ ଜୀବନର ଏକ ଦିଗ୍‌ବଳୟରେ ପରିଣତ ହୋଇଯାଇ ପାରିବ । ତୁମେ ଆମର ପଥ ପ୍ରଦର୍ଶନ କରାଅ, ଯେପରିକି ଆମେ ନିରନ୍ତର ମହାନ୍ ଆଦର୍ଶଗୁଡ଼ିକର ପକ୍ଷରେହିଁ ରହିଥାଉ ଏବଂ ମନୁଷ୍ୟ ସମାଜ ଆଗରେ ତୁମର ଯଥାର୍ଥ ମୁଖଟିକୁ ପ୍ରକାଶିତ କରି ଦେଇପାରୁ,— ଅଧ୍ୟାତ୍ମ ମାର୍ଗଚୟର ଯାତ୍ରାରେ ଜଣେ ନେତା ରୂପେ ଏବଂ ସକଳ ଜାତିର ଜଣେ ବନ୍ଧୁ ଏବଂ ସାହାଯ୍ୟକାରୀ ରୂପେ ତୁମର ପରିଚୟଟିକୁ ପ୍ରଦାନ କରିପାରୁ ।''

(ମାତୃରଚନାବଳି : ୧୩, ପୃ. ୪୩୪)

ଏବେ ନାରାୟଣ ପ୍ରସାଦଙ୍କର ବର୍ଣ୍ଣନାରୁ ପଦେ-ଅଧେ : ''୧୯୪୫ ମସିହା ପର୍ଯ୍ୟନ୍ତ ଆଶ୍ରମ ସହିତ ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ଦିବସଗୁଡ଼ିକୁ ଉତ୍ସବ ଦିବସ ରୂପେ ପାଳନ କରାଯାଉଥିଲା । ବାହାର ଜଗତର ଘଟଣାସବୁକୁ କେନ୍ଦ୍ର କରି କୌଣସି ଉତ୍ସବ ଆଶ୍ରମରେ ପାଳନ କରାଯାଉ ନଥିଲା ।

''... ଯେତେବେଳେ ଖବର ସଂପ୍ରସାରିତ ହେଉଥିଲା ଯେ ବିଶ୍ୱଯୁଦ୍ଧରେ 'ମିତ୍ରଶକ୍ତି'ଙ୍କର ଉତ୍ତରୋତ୍ତର ଅଗ୍ରଗତି ହୋଇ ଚାଲିଛି, ସେତେବେଳେ ସମଗ୍ର ଆଶ୍ରମର ବାତାବରଣଟିରେ ଏକ ସ୍ଥିର ଆନନ୍ଦର ତରଙ୍ଗ ଖେଳି ଯାଉଥିଲା । ଏବଂ ଅବଶେଷରେ ଯେତେବେଳେ ଦୀର୍ଘ ଦିନରୁ ଅପେକ୍ଷା କରି ରହିଥିବା ସେହି ଚୂଡ଼ାନ୍ତ ବିଜୟର ଦିବସ (୧୫ ଅଗଷ୍ଟ ୧୯୪୫) ସଂପ୍ରସାରିତ ହେଲା, ଆଶ୍ରମ ଏହି ଦିବସଟିକୁ ଶ୍ରୀଅରବିନ୍ଦଙ୍କ ପୁଣ୍ୟ ଜନ୍ମତିଥିରେ ବିଶ୍ୱଯୁଦ୍ଧରେ ଦିବ୍ୟ ଆଲୋକର ହସ୍ତକ୍ଷେପଜନିତ ଚୂଡ଼ାନ୍ତ ବିଜୟର ଦିବସ ରୂପେ ପାଳନ କଲା । ବାହାର ଜଗତର ଘଟଣା ଉପରେ ଆଶ୍ରମ ପ୍ରଥମ କରି ପ୍ରକାଶ୍ୟ ଭାବରେ ଏହି ଉତ୍ସବଟି ପାଳନ କରିଥିଲା । ଆଶ୍ରମର ତଦାନୀନ୍ତନ ସେକ୍ରେଟାରୀ ଘୋଷଣା କଲେ : 'By and by we shall celebrate the Independence of India.' ('ଖୁବ୍ ଶୀଘ୍ର ଆମେ ଭାରତର ସ୍ୱାଧୀନତା ଦିବସ ପାଳନ କରିବୁ ।') । ...

''ଏହି ବିଶେଷ ଘଟଣାରେ ଶ୍ରୀମା ପ୍ରଥମ କରି ତାଙ୍କର ପତାକା ଶ୍ରୀଅରବିନ୍ଦଙ୍କ କକ୍ଷର ଛାତ ଉପରେ ଉତ୍ତୋଳନ କଲେ ।'' ...

('Life in Sri Aurobindo Ashram', p. 150)

*

୧୫ ଅଗଷ୍ଟ, ୧୯୪୭ରେ ଭାରତୀୟମାନଙ୍କ ହସ୍ତରେ ବ୍ରିଟିଶ ଶାସନ କ୍ଷମତାର ଅନ୍ତିମ ହସ୍ତାନ୍ତର ହେବାର ସିଦ୍ଧାନ୍ତ ବେତାର ବାର୍ତ୍ତାରେ ଘୋଷଣା କରାଗଲା । ଅବିଳମ୍ବେ ତିରୁଚିରାପଲ୍ଲୀ ଆକାଶବାଣୀ କେନ୍ଦ୍ରର କର୍ତ୍ତୃପକ୍ଷ ଶ୍ରୀଅରବିନ୍ଦଙ୍କୁ

ଅନୁରୋଧ ଜଣାଇଲେ ଯେ ଏହି ଉପଲକ୍ଷେ ସେ ଏକ ବାଣୀ ଲେଖି ଦିଅନ୍ତୁ ଯାହାକି ୧୪ ଅଗଷ୍ଟ ସନ୍ଧ୍ୟାରେ ରେଡ଼ିଓରୁ ସମ୍ପ୍ରସାରିତ ହେବ ।*

*

କଲିକତାରେ ଉପେନ୍ଦ୍ର ଚନ୍ଦ୍ର ଭଟ୍ଟାଚାର୍ଯ୍ୟ ସ୍ୱଦେଶୀ ଯୁଗରେ ଜଣେ ନିଷ୍ଠାପର ଦେଶସେବକ ଥିଲେ ଏବଂ ଶ୍ରୀଅରବିନ୍ଦଙ୍କର ପ୍ରତ୍ୟକ୍ଷ ସାହଚର୍ଯ୍ୟରେ କର୍ମତତ୍ପର ଥିଲେ; 'ଧର୍ମ' ଓ 'କର୍ମଯୋଗୀନ୍' ପ୍ରକାଶନରେ ବେଶ୍ ସହାୟତା କରୁଥିଲେ । ଉପେନ୍ଦ୍ରଙ୍କର ସ୍ମୃତି କଥାରୁ ପଦେଅଧେ :

''... (୧୪ ତାରିଖ ସନ୍ଧ୍ୟାରେ) ରେଡ଼ିଓରୁ ବିଭିନ୍ନ ନେତାଙ୍କର ବାଣୀ ଶୁଣିବା ପରେ ମନେ ମନେ ଭାବିଲି ଯେ ଆଜି ଭଳି ଦିନରେ ସତ୍ୟଦ୍ରଷ୍ଟା ଋଷିପ୍ରତିମ ଶ୍ରୀଅରବିନ୍ଦଙ୍କ ଶ୍ରୀମୁଖରୁ ପଦେ ବି କିଛି ଶୁଣିପାରିବୁ ନାହିଁ ! ସମଗ୍ର ଭାରତବର୍ଷ ଯେତେବେଳେ ତାମସିକତାର ଗାଢ଼ ଅନ୍ଧକାରରେ ନିଦ୍ରାମଗ୍ନ ଥିଲା, ସେଇ ତମସାଘନ ରଜନିରେ ଯିଏ ଏକାକୀ ସକଳଙ୍କର ରୁଦ୍ଧ ଦୁଆରରେ ବାରଂବାର କରାଘାତ କରି ସେମାନଙ୍କୁ ଜାଗ୍ରତ୍ କରାଇ ଥିଲେ ! ଯିଏକି 'ପୂର୍ଣ୍ଣ ସ୍ୱରାଜ', 'ଅସହଯୋଗ ଆନ୍ଦୋଳନ' ଏବଂ କୌଣସି ପ୍ରକାରେ ଆପୋସ ସମାଧାନ ନୁହେଁ, କିନ୍ତୁ 'ସର୍ତ୍ତହୀନ ସ୍ୱାତନ୍ତ୍ର୍ୟ'ର ସର୍ବପ୍ରଥମ ପ୍ରବକ୍ତା ଥିଲେ ! ଯିଏକି ପ୍ରତ୍ୟେକ ଭାରତୀୟଙ୍କର ଅନ୍ତଃକରଣରେ 'ଉତ୍ତିଷ୍ଠ, ଅଗ୍ନିଂ ଇଚ୍ଛ୍ୱଧଂ ଭାରତ' ମନୋଭାବଟିକୁ ଦୃଢ଼ ରୂପେ ରୋପଣ କରିଦେଇଥିଲେ ! ... ବିଷଣ୍ଣ ମନରେ ରେଡ଼ିଓ ପାଖରୁ ଉଠିବାର ଉପକ୍ରମ କରୁଛି, ଠିକ୍ ସେଇ ମୁହୂର୍ତ୍ତରେ ଅପ୍ରତ୍ୟାଶିତ ଭାବରେ ରେଡ଼ିଓରୁ ଗୁରୁଗମ୍ଭୀର କଣ୍ଠରେ ଶ୍ରୀଅରବିନ୍ଦଙ୍କର ସ୍ୱାଧୀନତା ଦିବସ ଉପଲକ୍ଷେ ବାଣୀର ସଂପ୍ରସାରଣ ଆରମ୍ଭ ହେଲା । ମୋ ଅନ୍ତରଟି ହଠାତ୍ ଆଲୋକ ରଶ୍ମିର ଝଲକରେ ସ୍ପନ୍ଦିତ ଓ ଉଦ୍ଭାସିତ ହୋଇଉଠିଲା । ...''

('ଆମାର୍ ଏଲୋମେଲୋ ଜୀବନେର୍ କୟେକଟି ଅଧ୍ୟାୟ' : ପୃ. ୩୯୨ - ୩୯୩)

*

(*ଭାରତର ସ୍ୱାଧୀନତା ଦିବସ ଉପଲକ୍ଷେ ଶ୍ରୀଅରବିନ୍ଦଙ୍କର ମୂଳବାଣୀଟି ନିମ୍ନରେ ପ୍ରଦତ୍ତ ହେଲା ।*)

''୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ସ୍ୱାଧୀନ ଭାରତର ଜନ୍ମଦିବସ । ତାହା ପାଇଁ ଏହା ଏକ ପୁରାତନ ଯୁଗର ଅବସାନ ଓ ନୂତନ ଯୁଗର ଆରମ୍ଭ । କିନ୍ତୁ ଆମେ ଏକ ସ୍ୱାଧୀନ ଜାତି ରୂପେ ଆମ ଜୀବନ ଓ କର୍ମ ଦ୍ୱାରା ଏହାକୁ ଏପରି ଏକ ମହତ୍ତ୍ୱପୂର୍ଣ୍ଣ ଦିନ ଭାବରେ ରୂପ ଦେବା ଯେପରି ଏହା ସମଗ୍ର ପୃଥିବୀ ପାଇଁ ମଣିଷଜାତିର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭବିଷ୍ୟତ୍ ପାଇଁ ଏକ ନୂତନ ଯୁଗର ଉନ୍ମୋଚନ କରିବ ।

''ଅଗଷ୍ଟ ୧୫ ମୋର ନିଜର ଜନ୍ମଦିବସ ଏବଂ ସ୍ୱଭାବତଃ ଏହା ମୋ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଏହି ଦିବସଟି ଏପରି ବିପୁଳ ତାତ୍ପର୍ଯ୍ୟ ଅର୍ଜନ କରିଛି । ଏହି ସଂଯୋଗକୁ ମୁଁ ଏକ ଦୈବାତ୍ ଘଟଣା ରୂପେ ଗ୍ରହଣ କରୁନାହିଁ । ବରଂ ମୁଁ ମନେକରେ ଯେଉଁ ଭାଗବତ ଶକ୍ତିଙ୍କ ପରିଚାଳନାରେ ମୋ କର୍ମଜୀବନ ଆରମ୍ଭ ହୋଇଥିଲା ଓ ଯାହା ମୋର ପ୍ରତ୍ୟେକ ପଦକ୍ଷେପରେ ପଥପ୍ରଦର୍ଶକ, ଏହା ଆଜି ତାଙ୍କର ଅନୁମୋଦନ ଓ ମୋହର ଯୋଗୁଁ ସମ୍ଭବ ହୋଇଛି ଏବଂ ମୁଁ ଭାବୁଛି ସେହି କାର୍ଯ୍ୟର ପୂର୍ଣ୍ଣ ସାଫଲ୍ୟର ସମୟ ସମାଗତ । ଏହି ଦିବସଟିରେ ମୁଁ ପ୍ରାୟ ସେହିସବୁ ବିଶ୍ୱକ୍ରିୟାବଳିକୁ ଲକ୍ଷ୍ୟ କରୁଛି ଯେଉଁଗୁଡ଼ିକୁ ମୁଁ ମୋ ଜୀବଦ୍ଦଶାରେ ପୂର୍ଣ୍ଣ ହେବାର ଆଶା କରିଥିଲି । ଯଦିଓ ସେଗୁଡ଼ିକ ସେତେବେଳେ ଦିବାସ୍ୱପ୍ନ ସଦୃଶ ପ୍ରତୀୟମାନ ହେଉଥିଲା, ଆଜି କିନ୍ତୁ ଲକ୍ଷ୍ୟ କରୁଛି ସେସବୁ ସଫଳ ହୋଇଛି ଅଥବା ସଫଳତାର ପଥରେ । ଏହିସବୁ କ୍ରିୟାଧାରା ମଧ୍ୟରେ ସ୍ୱାଧୀନ ଭାରତ ଏକ ମହାନ୍ ଭୂମିକା ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ଗ୍ରହଣ କରିପାରେ ।

''ଏହି ସବୁଗୁଡ଼ିକ ମଧ୍ୟରୁ ମୋର ପ୍ରଥମ ସ୍ୱପ୍ନ ଥିଲା ଏକ ବୈପ୍ଳବିକ ଆନ୍ଦୋଳନ ଯାହା ଦ୍ୱାରା ଏକ ସ୍ୱାଧୀନ ଓ ଅଖଣ୍ଡ ଭାରତ ପ୍ରତିଷ୍ଠିତ ହେବ । ଆଜି ଭାରତ ସ୍ୱାଧୀନ କିନ୍ତୁ ତାହା ଏପର୍ଯ୍ୟନ୍ତ ମଧ୍ୟ ଅଖଣ୍ଡତା ଲାଭ କରିପାରି ନାହିଁ । ବ୍ରିଟିଶ

---

* ଶ୍ରୀଅରବିନ୍ଦ ପ୍ରଥମେ ରେଡ଼ିଓ ଷ୍ଟେସନକୁ ଯେଉଁ ବାଣୀଟି ପଠାଇଥିଲେ ସେଇଟି ରେଡ଼ିଓରେ ନିର୍ଦ୍ଧାରିତ ସମୟ ବଣ୍ଟନରେ ସଂପ୍ରସାରିତ ହେବା ନିମିତ୍ତ ବେଶ୍ ଦୀର୍ଘ ହୋଇଯାଉଥିଲା । ତେଣୁ ଶ୍ରୀଅରବିନ୍ଦ ତାଙ୍କର ମୂଳଲେଖାକୁ କିଞ୍ଚିତ୍ ସଂକ୍ଷିପ୍ତ କରି ପୁଣି ଥରେ ଲେଖି ଦେଇଥିଲେ ଯାହାକି ରେଡ଼ିଓରେ ଜନୈକ ସଂବାଦ ପରିବେଶକଙ୍କ କଣ୍ଠରେ ସଂପ୍ରସାରିତ ହୋଇଥିଲା । ଆମେ ଏଠାରେ ଶ୍ରୀଅରବିନ୍ଦଙ୍କର ମୂଳ ଲେଖାଟିର ଅନୁବାଦ ପ୍ରଦତ୍ତ କରିଛୁ । (SABCL, Vol. 26, pp. 400 - 406 ଦ୍ରଷ୍ଟବ୍ୟ)

ଶାସନର ଅବ୍ୟବହିତ ପୂର୍ବେ ଭାରତ ଯେପରି ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ବିଶୃଙ୍ଖଳିତ ହୋଇ ପଡ଼ିଥିଲା, ଏକ ସମୟରେ ମନେ ହେଉଥିଲା ସ୍ୱାଧୀନତା ଦ୍ୱାରା ପୁଣି ସେହି ସ୍ତରକୁ ଭାରତ ଖସିପଡ଼ିବ । କିନ୍ତୁ ସୌଭାଗ୍ୟର କଥା, ବର୍ତ୍ତମାନ ବୋଧ ହେଉଛି ଏହି ବିପଦକୁ ଦୂର କରା ଯାଇପାରିବ ଏବଂ ପରିପୂର୍ଣ୍ଣ ଅଖଣ୍ଡତା ପ୍ରତିଷ୍ଠିତ ନହୋଇ ପାରିଲେ ମଧ୍ୟ ଏକ ସୁଦୃଢ଼ ଏକତା ପ୍ରତିଷ୍ଠା କରା ଯାଇପାରିବ । ଆହୁରି ମଧ୍ୟ ବିଧାୟକ ସଭାର ବିଜ୍ଞ ସୁଦୃଢ଼ ନୀତି ଯୋଗୁଁ ଦଳିତଜାତିର ସମସ୍ୟା, ବିଭେଦ ଓ ମତଭେଦ ବିନା ସବୁକିଛି ସମାଧାନ ହୋଇଯିବାର ସମ୍ଭାବନା ମଧ୍ୟ ଦେଖାଦେଇଛି । କିନ୍ତୁ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଥିବା ପୂର୍ବର ସାଂପ୍ରଦାୟିକ ବିଭେଦ ବର୍ତ୍ତମାନ ଅଧିକତର ଦୃଢ଼ ହୋଇ ଦେଶର ଏକ ସ୍ଥାୟୀ ରାଜନୈତିକ ବିଭକ୍ତୀକରଣର ରୂପ ନେଉଥିବା ପରି ମନେହୁଏ । ତଥାପି ଆଶା କରାଯାଏ ଯେ ଏହାକୁ ଚିରକାଳ ପାଇଁ ଏକ ମୀମାଂସିତ ସ୍ଥାୟୀ ଘଟଣାରୂପେ ଗ୍ରହଣ କରାଯିବ ନାହିଁ ଅଥବା ଏକ ସାମୟିକ ବ୍ୟବସ୍ଥା ବ୍ୟତୀତ ଏହାକୁ ଅନ୍ୟ ମୂଲ୍ୟ ଦିଆଯିବା ଉଚିତ ନୁହେଁ । କାରଣ ଯଦି ଏହା ସ୍ଥାୟୀ ରହେ ତେବେ ଭାରତ ଶୋଚନୀୟ ଭାବରେ ଶକ୍ତିହୀନ ଏପରିକି ପଙ୍ଗୁ ମଧ୍ୟ ହୋଇ ଯାଇପାରେ । ସର୍ବଦା ଗୃହବିବାଦର ସମ୍ଭାବନା ଏପରିକି ବିଦେଶୀ ଆକ୍ରମଣ ଓ ରାଜ୍ୟ ଅଧିକାରର ସମ୍ଭାବନା ମଧ୍ୟ ରହିପାରେ । ଭାରତର ଆଭ୍ୟନ୍ତରୀଣ ବିକାଶ ଓ ସମୃଦ୍ଧି ମଧ୍ୟ ବାଧାପ୍ରାପ୍ତ ହୋଇପାରେ । ଜାତି ଓ ଦେଶ ମଧ୍ୟରେ ତାହାର ଆସନ ଦୁର୍ବଳ ହୋଇ ଯାଇପାରେ ଓ ତାହାର ଭବିତବ୍ୟ ବ୍ୟାହତ ଏପରିକି ବ୍ୟର୍ଥ ମଧ୍ୟ ହୋଇ ଯାଇପାରେ । ଏହା ଯେପରି କଦାପି ନଘଟେ, ଦେଶ ବିଭାଗ ଯେପରି ଅବଶ୍ୟହିଁ ଦୂର ହୁଏ । ଆଶା କରାଯାଉଛି ଯେ ଏହି ଏକତା ଯେପରି ସ୍ୱାଭାବିକ ରୂପରେ ଆସିବ । ଏହା ହେବ କେବଳ ଶାନ୍ତି, ସହୃଦୟତା ପାଇଁ ନୁହେଁ, ଆହୁରି ମଧ୍ୟ ମିଳିତ କାର୍ଯ୍ୟର ପ୍ରୟୋଜନୀୟତାକୁ ଅଧିକରୁ ଅଧିକତର ଅନୁଭବ କରିବା ଦ୍ୱାରା, ମିଳିତ କାର୍ଯ୍ୟର ଅଭ୍ୟାସ ଦ୍ୱାରା ଏବଂ ସେହି ଉଦ୍ଦେଶ୍ୟର ଆବଶ୍ୟକୀୟ ଉପାୟ ସୃଷ୍ଟି କରିବା ଦ୍ୱାରା । ଏହିପରି ଭାବରେ ପରିଶେଷରେ ଏକତା ପ୍ରତିଷ୍ଠିତ ହେବ, ତାହା ଯେକୌଣସି ରୂପ ନେଉ ନା କାହିଁକି — ନିର୍ଦ୍ଦିଷ୍ଟ ରୂପର ମୂଲ୍ୟ କେବଳ ବ୍ୟାବହାରିକ ହେବ, ତାହାର କୌଣସି ମୌଳିକ ଗୁରୁତ୍ୱ ନାହିଁ । କିନ୍ତୁ ଯେକୌଣସି ଉପାୟରେ ହେଉ, ଯେକୌଣସି ପଛାରେ ହେଉ, ଦେଶ ବିଭାଗ ନିଶ୍ଚୟ ଦୂର କରିବାକୁ ହେବ; ଏକତା ଅବଶ୍ୟ ପ୍ରତିଷ୍ଠିତ ହେବ । କାରଣ ଭାରତର ଭବିଷ୍ୟତ୍ ମହାନତା ପାଇଁ ଏହା ଅତ୍ୟନ୍ତ ପ୍ରୟୋଜନ ।

''ଅନ୍ୟ ଏକ ସ୍ୱପ୍ନ ହେଲା ଏସିଆବାସୀଙ୍କର ପୁନରୁତ୍ଥାନ ଓ ମୁକ୍ତି ଏବଂ ମାନବ-ସଭ୍ୟତାର ବିକାଶ ଦିଗରେ ତାହାର ମହତ୍ତର ଭୂମିକା ଗ୍ରହଣ । ଏସିଆ ଆଜି ଜାଗ୍ରତ୍, ତାହାର ଏକ ବିରାଟ ଅଂଶ ମୁକ୍ତ ହୋଇ ସାରିଛି କିଂବା ବର୍ତ୍ତମାନ ମୁକ୍ତ ହେବାର ପଥରେ । ଏହାର ଏପର୍ଯ୍ୟନ୍ତ ପରାଧୀନ ଥିବା ବା ଆଂଶିକ ପରାଧୀନ ଥିବା ଅନ୍ୟ ଅଂଶସବୁ କୌଣସି ନା କୌଣସି ସଂଗ୍ରାମ ଚଳାଇ ସ୍ୱାଧୀନତା ଦିଗରେ ଆଗେଇ ଚାଲିଛନ୍ତି । କେବଳ ସାମାନ୍ୟ ମାତ୍ର କରିବାକୁ ବାକି ଅଛି ଏବଂ ଆଜି ହେଉ ବା କାଲି ହେଉ, ତାହା ନିଶ୍ଚିତରୂପେ ହେବ । ସେଥିରେ ଭାରତର ନିଜସ୍ୱ ଭୂମିକା ରହିଛି ଏବଂ ଶକ୍ତି ଓ ସାମର୍ଥ୍ୟର ସହିତ ସେ ଏହି ଭୂମିକା ଗ୍ରହଣ କରିବାକୁ ଆରମ୍ଭ କରିଛି । ଏଥିରୁ ସୂଚିତ ହେଉଛି ତାହାର ଭବିଷ୍ୟତ୍ ସମ୍ଭାବନା ଓ ରାଷ୍ଟ୍ରମାନଙ୍କ ସଭାରେ ସେ କେଉଁ ଆସନ ଗ୍ରହଣ କରିବ ।

''ତୃତୀୟ ସ୍ୱପ୍ନ ହେଲା ବିଶ୍ୱସଂଘର ପ୍ରତିଷ୍ଠା — ଯାହା ସମଗ୍ର ମାନବଜାତି ପାଇଁ ଏକ ଅଧିକ ସୁନ୍ଦରତର, ଉଜ୍ଜ୍ୱଳତର ଓ ମହତ୍ତର ଜୀବନର ବାହ୍ୟ ଭିତ୍ତି ଗଠନ କରିବ । ମାନବ ସମାଜର ସେହି ଏକତା ବର୍ତ୍ତମାନ ପ୍ରସ୍ତୁତି ପଥରେ; ଏ ଦିଗରେ ଏକ ପ୍ରାରମ୍ଭିକ କାର୍ଯ୍ୟ ସଂଗଠିତ ହୋଇ ସାରିଛି ଯଦିଓ ଏହା ତ୍ରୁଟିପୂର୍ଣ୍ଣ; ତାହାକୁ ବହୁ ବାଧାବିଘ୍ନ ବିରୋଧରେ ମଧ୍ୟ ସଂଗ୍ରାମ କରିବାକୁ ହେଉଛି । କିନ୍ତୁ ତାହା ମଧ୍ୟରେ ରହିଛି ଏକ ପ୍ରବେଗ ଓ ଏହା ଅନିବାର୍ଯ୍ୟ ଭାବରେ ବୃଦ୍ଧି ପାଇବ ଏବଂ ଅବଶ୍ୟ ବିଜୟ ହାସଲ କରିବ । ଏଠାରେ ମଧ୍ୟ ଭାରତ ଏକ ପ୍ରଧାନ ଭୂମିକା ନେବାକୁ ଆରମ୍ଭ କରିଛି; ଯଦି ସେ ସେହି ଧରଣର ବିଶାଳତର ରାଷ୍ଟ୍ରନୀତିକୁ ବିକଶିତ କରିପାରନ୍ତା ଯାହାକି ବର୍ତ୍ତମାନ ଘଟଣା ଓ ଆଶୁ ସମ୍ଭାବନା ଦ୍ୱାରା ସୀମାବଦ୍ଧ ନୁହେଁ, ବରଂ ଭବିଷ୍ୟତ୍ ଦିଗରେ ଦୃଷ୍ଟି ନିବଦ୍ଧ କରେ ଏବଂ ସେହି ଭବିଷ୍ୟତକୁ ନିକଟତର କରାଏ । ତେବେ ଭାରତର ଉପସ୍ଥିତିର ପ୍ରଭାବ ଫଳରେ ଏ ଦିଗରେ ଅଗ୍ରଗତି ମନ୍ଥର ଓ ଶଙ୍କାକୁଳ ନହୋଇ ନିର୍ଭୀକ ଓ କ୍ଷିପ୍ର ହେବ । ହୁଏତ ଏକ ବିପର୍ଯ୍ୟୟ ମଧ୍ୟ ଆସିପାରେ ଏବଂ ତାହା ଏହି କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ ବା ଏହାକୁ ସଂପୂର୍ଣ୍ଣ ଧ୍ୱଂସ ମଧ୍ୟ କରି ଦେଇପାରେ । କିନ୍ତୁ ତଥାପି ଶେଷଫଳ ସ୍ଥିରନିଶ୍ଚିତ । କାରଣ ଏକତା ପ୍ରକୃତିର ଏକ ପ୍ରୟୋଜନ ଓ ଏକ ଅନିବାର୍ଯ୍ୟ ପ୍ରକ୍ରିୟା । ଦେଶ ଓ ଜାତିମାନଙ୍କ

ପାଇଁ ଏହାର ପ୍ରୟୋଜନୀୟତା ମଧ୍ୟ ସ୍ପଷ୍ଟ । କାରଣ ଏହା ବ୍ୟତୀତ କ୍ଷୁଦ୍ରତର ରାଷ୍ଟ୍ରର ସ୍ୱାଧୀନତା ଯେକୌଣସି ମୁହୂର୍ତ୍ତରେ ବିପଦଗ୍ରସ୍ତ ହୋଇପାରେ ଏବଂ ଏପରିକି ବିରାଟ ଓ ଶକ୍ତିଶାଳୀ ଦେଶମାନଙ୍କର ଜୀବନ ମଧ୍ୟ ସୁରକ୍ଷିତ ହୋଇ ରହି ନପାରେ । ତେଣୁ ଏକତାବଦ୍ଧ ହେବା ସମସ୍ତଙ୍କ କଲ୍ୟାଣ ପାଇଁ ଏକାନ୍ତ ପ୍ରୟୋଜନ । କେବଳ ମାନବର ମୂଢ଼ତା ଓ ସ୍ୱାର୍ଥପରତାହିଁ ଏ ଦିଗରେ ବାଧା ଦେଇପାରେ । କିନ୍ତୁ ଏସବୁ ଭଗବତ୍ ଇଚ୍ଛା ଓ ପ୍ରକୃତିର ପ୍ରୟୋଜନୀୟତା ବିପକ୍ଷରେ ଚିରତର ତିଷ୍ଠି ପାରିବ ନାହିଁ । କିନ୍ତୁ ଏକ ବାହ୍ୟ ଭିତ୍ତି ଯଥେଷ୍ଟ ନୁହେଁ । ଏକ ଆନ୍ତର୍ଜାତିକ ଭାବ ଓ ଦୃଷ୍ଟିକୋଣର ବିକାଶ ଦରକାର । ଆନ୍ତର୍ଜାତିକ ବ୍ୟବସ୍ଥା ଓ ଅନୁଷ୍ଠାନ ମଧ୍ୟ ସୃଷ୍ଟି ହେବା ଦରକାର; ଆଉ ମଧ୍ୟ ଏପରି ବିକାଶ, ଯଥା, ଦ୍ୱୈତ ବା ବହୁ-ନାଗରିକତ୍ୱର ପ୍ରତିଷ୍ଠା, ବିଭିନ୍ନ ସଂସ୍କୃତି ମଧ୍ୟରେ ସ୍ୱେଚ୍ଛାକୃତ ଆଦାନପ୍ରଦାନ ଓ ମିଳନ ମଧ୍ୟ ଆବଶ୍ୟକ । ସେତେବେଳେ ଜାତୀୟତା ତାହାର ପୂର୍ଣ୍ଣତା ଲାଭ କରିଥିବ, ତାହାର ଯୁଦ୍ଧ ପ୍ରବୃତ୍ତି ହରାଇଥିବ ଏବଂ ନିଜ ଦୃଷ୍ଟିକୋଣର ପୂର୍ଣ୍ଣତା ଓ ଆତ୍ମସଂରକ୍ଷଣ ସହିତ ସେଗୁଡ଼ିକ ଅସଂଗତ ବୋଲି ଅନୁଭବ କରିବ ନାହିଁ । ଏକତାର ଏକ ନୂତନ ଚେତନା ସମଗ୍ର ମାନବଜାତିକୁ ଅଧିକାର କରିବ ।

''ଅନ୍ୟ ଏକ ସ୍ୱପ୍ନ ହେଲା ପୃଥିବୀକୁ ଭାରତର ଆଧ୍ୟାତ୍ମିକ ଅବଦାନ – ଇତିମଧ୍ୟରେ ତାହା ଆରମ୍ଭ ହୋଇ ସାରିଲାଣି । ଭାରତର ଆଧ୍ୟାତ୍ମିକତା ଇଉରୋପଖଣ୍ଡ ଓ ଆମେରିକା ମଧ୍ୟକୁ କ୍ରମଶଃ ଅଧିକ ଭାବରେ ପ୍ରବେଶ କରୁଛି । ସେହି ଆନ୍ଦୋଳନ ପ୍ରସାର ଲାଭ କରିବ । ଏ ଯୁଗର ବିପର୍ଯ୍ୟୟ ମଧ୍ୟରେ ଅଧିକରୁ ଅଧିକ ବ୍ୟକ୍ତି ଭାରତ ଆଡ଼କୁ ଆଶାର ଦୃଷ୍ଟି ନେଇ ଚାହିଁ ରହିଛନ୍ତି । ସେମାନେ କେବଳ ତାହାର ଶିକ୍ଷା ପ୍ରତି ନୁହେଁ, ତାହାର ଅନ୍ତରାତ୍ମା ଓ ଆଧ୍ୟାତ୍ମିକ ସାଧନାର ଆଶ୍ରୟ ଖୋଜୁଛନ୍ତି ।

''ସର୍ବଶେଷ ସ୍ୱପ୍ନ ହେଲା ବିବର୍ତ୍ତନରେ ଏକ ଅଗ୍ର ପଦକ୍ଷେପ ଯାହାକି ମନୁଷ୍ୟକୁ ଏକ ଉଚ୍ଚତର ଓ ବିଶାଳତର ଚେତନା ମଧ୍ୟକୁ ଉନ୍ନୀତ କରିବ ଏବଂ ବ୍ୟକ୍ତିଗତ ପୂର୍ଣ୍ଣତା ଓ ସାମାଜିକ ପୂର୍ଣ୍ଣତାର ବିଷୟରେ ଚିନ୍ତା କରିବା ଓ ସ୍ୱପ୍ନ ଦେଖିବା ଦିନଠାରୁ ମନୁଷ୍ୟକୁ ଯେଉଁସବୁ ସମସ୍ୟାଗୁଡ଼ିକ ବ୍ୟସ୍ତ ଓ ବିଚଳିତ କରିଛି ସେହିସବୁ ସମସ୍ୟାର ସମାଧାନ ଆଣିଦେବ । ତଥାପି ମଧ୍ୟ ଏହା ଏକ ବ୍ୟକ୍ତିଗତ ଆଶା, ବିଚାର ଓ ଆଦର୍ଶ ମାତ୍ର, ଯାହା ଭାରତ ଓ ପାଶ୍ଚାତ୍ୟର ଦୂରଦୃଷ୍ଟିସମ୍ପନ୍ନ ଓ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ଅଧିକାର କରିବାକୁ ଆରମ୍ଭ କରିଛି । ପ୍ରଚେଷ୍ଟାର ଅନ୍ୟ କୌଣସି କ୍ଷେତ୍ର ଅପେକ୍ଷା ଏହି କ୍ଷେତ୍ରରେ ପ୍ରତିବନ୍ଧକ ଅଧିକ ଶକ୍ତିଶାଳୀ; କିନ୍ତୁ ପ୍ରତିବନ୍ଧକଗୁଡ଼ିକ ଅତିକ୍ରମ କରିବା ପାଇଁହିଁ ସୃଷ୍ଟି ହୋଇଥା'ନ୍ତି, ଏବଂ ଯଦି ଭଗବାନଙ୍କ ଇଚ୍ଛା ଏହାର ପଶ୍ଚାତରେ ଥାଏ, ତେବେ ସେଗୁଡ଼ିକୁ ଅତିକ୍ରମ କରିହେବ । ପୁନଶ୍ଚ ଯଦି ବିବର୍ତ୍ତନର ଏହି ପଦକ୍ଷେପ ଗ୍ରହଣ କରିବାକୁ ହୁଏ ଯେହେତୁ ଏହା କେବଳ ସଂଘଟିତ ହେବ ଆତ୍ମା ଓ ଆନ୍ତର ଚେତନାର ବିକାଶ ଦ୍ୱାରା, ତେଣୁ ଏ କ୍ଷେତ୍ରରେ ମଧ୍ୟ ଭାରତ ପ୍ରଥମ ଉଦ୍ୟମ ଆରମ୍ଭ କରିବ । ଯଦିଓ ଏଥିପାଇଁ ସୁଯୋଗର ପରିସର ବିଶ୍ୱବ୍ୟାପକ, ତଥାପି କେନ୍ଦ୍ରୀୟ ପ୍ରକ୍ରିୟା ଭାରତରୁହିଁ ଆରମ୍ଭ ହେବା ସମ୍ଭବ ।

''ଭାରତର ଏହି ସ୍ୱାଧୀନତା ଦିବସକୁ ମୁଁ ଏହି ତାତ୍ପର୍ଯ୍ୟ ପ୍ରଦାନ କରୁଛି । ମୋର ଏହି ଆଶା କେତେଦୂର ସଫଳ ହେବ ତାହା ନିର୍ଭର କରେ ନୂତନ ଓ ସ୍ୱାଧୀନ ଭାରତ ଉପରେ ।''

*

ପୁନଶ୍ଚ ନାରାୟଣ ପ୍ରସାଦଙ୍କର ବର୍ଣ୍ଣନାରୁ :

''ଏହି ଦିନ ସନ୍ଧ୍ୟାରେ ରେଡ଼ିଓରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ସଂପ୍ରସାରଣ ପରେ ଶ୍ରୀମା ଦ୍ୟୁମାନ୍‌ଙ୍କ କକ୍ଷର ଛାତରେ ଦର୍ଶନ ଦେଲେ । ଅଗଣାରେ ଉପସ୍ଥିତ ସମସ୍ତ ଦର୍ଶନାର୍ଥୀ ତଥା ଅନ୍ତେବାସୀ 'ବନ୍ଦେ ମାତରମ୍' ସଙ୍ଗୀତ ଗାନ କରି ଶ୍ରୀମା'ଙ୍କୁ ଅଭ୍ୟର୍ଥନା ଜଣାଇଲେ । ଶ୍ରୀମା ଉଚ୍ଚସ୍ୱରରେ 'ଜୟ ହିନ୍ଦ୍' ଉଚ୍ଚାରଣ କଲେ । ସେହି ମୁହୂର୍ତ୍ତରେ ତାଙ୍କର ଦିବ୍ୟ ଦୃଷ୍ଟି ଓ ମୁଖଭଙ୍ଗୀ ଏବେ ବି ଆମମାନଙ୍କ ମଧ୍ୟରୁ ଅନେକଙ୍କର ସ୍ମୃତିପଟରେ ଅବିସ୍ମରଣୀୟ ହୋଇ ରହିଥିବ ।

''ସନ୍ଧ୍ୟାର କାର୍ଯ୍ୟକ୍ରମ ମଧ୍ୟରେ ଆଶ୍ରମ ଅଗଣାରେ ଆଲୋକ-ସଜ୍ଜା ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଅଧିକନ୍ତୁ ଏହି ସାଜସଜ୍ଜାରେ ମଧ୍ୟ ପ୍ରଥମ କରି ଅଗଣାରେ ଛୋଟ ଛୋଟ ରଙ୍ଗିନ୍ ପତାକା ଏବଂ ଶ୍ରୀମା'ଙ୍କ ସିମ୍ବଲ ଛାପା ଯାଇଥିବା କାଗଜ ପତାକା ମଧ୍ୟ ମାଳା କରି ଝୁଲାଇ ଦିଆଯାଇଥିଲା ।

''ହଜାରରୁ ଅଧିକ ଦର୍ଶନାର୍ଥୀ ଆଶ୍ରମ ଅନ୍ତେବାସୀଙ୍କ ସହିତ ମିଶି ଏହି ଉତ୍ସବଟିକୁ ପାଳନ କରିଥିଲେ । ସ୍ଥାନୀୟ ଭକ୍ତବୃନ୍ଦ ତଥା ଉତ୍ସାହୀ ବ୍ୟକ୍ତିଙ୍କ ସମେତ ସମ୍ମିଳିତ ସଂଖ୍ୟା ଦୁଇ ହଜାରରୁ ବେଶୀ ଥିଲେ । ଗୁରୁଦେବଙ୍କର ପାର୍ଥିବ ଜୀବନକାଳ ମଧ୍ୟରେ ଏହା ଥିଲା ସର୍ବାଧିକ ଜନସମାବେଶ ।

ଦର୍ଶନାର୍ଥୀମାନଙ୍କର ରହିବା ସକାଶେ ଆଶ୍ରମର ପ୍ଲେ-ଗ୍ରାଉଣ୍ଡରେ ଏକ ବୃହତ୍ ନୂତନ କେରପାଲ ଛାଉଣୀରେ ଅସ୍ଥାୟୀ ଆବାସର ସୁବନ୍ଦୋବସ୍ତ କରାଯାଇଥିଲା । ...''

('Life in Sri Aurobindo Ashram', pp. 151 - 152)

*

ନୀରଦବରଣଙ୍କ ଉକ୍ତିରେ : ''(୧୪ ଅଗଷ୍ଟ ସନ୍ଧ୍ୟାରେ) ରେଡ଼ିଓରୁ ସଂପ୍ରସାରିତ ଶ୍ରୀଅରବିନ୍ଦଙ୍କର ବାଣୀଟି ଶୁଣିବା ପରେ ଜଣେ କେବେହେଲେ ଅନୁଧ୍ୟାନ କରିବାକୁ ବିସ୍ମୃତ ହେବ ନାହିଁ ଯେ ସମଗ୍ର ମାନବଜାତିର ଐକ୍ୟସମ୍ପନ୍ନ ସକାଶେ କେବଳ ଭାରତରହିଁ ଭୂମିକା ରହିଛି – ଏ ସମ୍ବନ୍ଧେ ଶ୍ରୀଅରବିନ୍ଦ କେତେ ଗୁରୁତ୍ୱ ଦେଇଛନ୍ତି ! ମୁଁ ଜାଣେ ନାହିଁ ଭାରତର ଅନ୍ୟ କୌଣସି ମହାନ୍ ନେତା ଏବଂ ଦକ୍ଷକର୍ମୀ ଯିଏକି ଭାରତର ନିୟତି-ନିର୍ଦ୍ଦିଷ୍ଟ ଭବିଷ୍ୟତ୍ ସମ୍ବନ୍ଧେ ଏପରି ଉତ୍ସାହପୂର୍ଣ୍ଣ ପ୍ରଦୀପ୍ତ ଭାଷାରେ ପରିପ୍ରକାଶ କରିଛନ୍ତି, ଯାହାକି ଆମେ ତାଙ୍କର ଉପରୋକ୍ତ 'ସ୍ୱପ୍ନସବୁ'('Dreams')ରେ ଅବଗତ ହେଉ ।

''ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ବାଣୀର ସତ୍ୟତା ଉପରେ ଗୁରୁତ୍ୱ ଦେଇ ଶ୍ରୀମା କହିଥିଲେ ଯେ ଏହା ଭାରତରେ ସର୍ବତ୍ର ବିତରିତ ହେବା ଉଚିତ, ଭାରତବାସୀ ଏହାକୁ ବାରଂବାର ପାଠ କରିବା ଉଚିତ । କାରଣ, ସମଗ୍ର ପୃଥିବୀ ସମ୍ପ୍ରତି ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛି ସେସବୁର ସମାଧାନ ଏହି ବାଣୀଟି ମଧ୍ୟରେହିଁ ଲିପିବଦ୍ଧ ରହିଛି ।''

('Twelve Years with Sri Aurobindo', p. 157)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

At last a pimple / acne treatment that *REALLY* works !!

People from more than 16 countries have said that Tarika Pimple Remover has worked for their stubborn pimples and acne.

Now eliminate your stubborn pimples / acne completely and safely. Results visible in 10 days!!

Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.

tarika

Ayurvedic Pimple / Acne Remover

100% Herbal - Chemical Free
No side effects
Exported to over 16 countries

Available in Bhubaneswar *(wholesale/retail)*:
Adarsh Food Processing Industry
Flat no. 309. Madhaba Nilayam Complex, Near Rabi Talkies, Lewis Road,

M,fr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

ସିଦ୍ଧାନ୍ତ-ସମନ୍ୱୟ

ରାମକୃଷ୍ଣ ଦାସ

[**ପୂର୍ବାଭାଷ :** ସାଧାରଣ ଜାଗତିକ ବ୍ୟାପାରରେ କୌଣସି ସିଦ୍ଧାନ୍ତ ସର୍ବସମ୍ମତଭାବେ ଗ୍ରହଣୀୟ ହେବା ଯେଉଁଠି ଦୁରୂହ ହୋଇଉଠେ, ସେଠାରେ ଅଧ୍ୟାତ୍ମଦର୍ଶନ ଭଳି ଦୁର୍ବୋଧ ବ୍ୟାପାରରେ ସର୍ବସମ୍ମତ ସିଦ୍ଧାନ୍ତରେ ଉପନୀତ ହେବା ସାଧାରଣ ମନ ପାଖରେ ପ୍ରାୟ ଅସମ୍ଭବ ବୋଲି ମନେହୁଏ । ଯୁଗେ ଯୁଗେ ଭଗବାନଙ୍କ ବିଧାନରେ ମହାପୁରୁଷଗଣ ଯୁଗୋପଯୋଗୀ ଏପରି ଅଧ୍ୟାତ୍ମ-ସିଦ୍ଧାନ୍ତମାନ ଉପସ୍ଥାପିତ କରିଯାଇଛନ୍ତି ଯାହା ସାଧାରଣ ବିଚାରରେ ପରସ୍ପର ବିରୋଧୀ ବୋଲି ମନେହୁଏ ଏବଂ ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତର ଅନୁଗାମୀ ସାଧକମାନେ ଅପର ସିଦ୍ଧାନ୍ତ ଓ ତଦବଲମ୍ବୀ ସାଧକମାନଙ୍କୁ ନିଜର ବିରୋଧୀ ବୋଲି ଭାବିଥା'ନ୍ତି । ତେଣୁ ଆଜି ଜଗତରେ ଅନେକ ପ୍ରକାର ଧର୍ମ, ଯୋଗପ୍ରଣାଳୀ ତଥା ସାଧକ ପରିଦୃଷ୍ଟ ହୁଅନ୍ତି ଏବଂ ବିଭିନ୍ନ ଧର୍ମାବଲମ୍ବୀ ବା ଯୋଗ-ସାଧକମାନଙ୍କ ମଧ୍ୟରେ ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ଏପରି ଗୋଟାଏ ଅମେଳ ବା ବିରୋଧ ରହି ଆସିଛି ଯାହା ସମଗ୍ର ବିଶ୍ୱ ବା ମାନବଜାତିର ସମ୍ମୁଖରେ ତାହାର ସତ୍ୟ, ଶାନ୍ତି, ଆନନ୍ଦ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟ ପଥରେ ଅବାଧ ଓ ସ୍ୱଚ୍ଛନ୍ଦ ଅଗ୍ରଗତିରେ ବାଧକ ଭାବେ ଦଣ୍ଡାୟମାନ ହୋଇଛି ।

କିନ୍ତୁ ବର୍ତ୍ତମାନ ସମୟ ଆସିଛି, ଅର୍ଥାତ୍ ଏହି ଦେବ-ମୁହୂର୍ତ୍ତରେ ଭଗବାନଙ୍କ ବିଧାନରେ ମାନବ ଶରୀର ଧାରଣ କରି ଶ୍ରୀମା ଶ୍ରୀଅରବିନ୍ଦ ମାନବଜାତିର ପରମ କଲ୍ୟାଣ ସକାଶେ ଅତୀତର ସମସ୍ତ ଅଧ୍ୟାତ୍ମ-ସିଦ୍ଧାନ୍ତର ଏପରି ଏକ ପୂର୍ଣ୍ଣାଙ୍ଗ ତଥା ସମନ୍ୱୟମୂଳକ ନୂତନ ରୂପ ଦେଇଛନ୍ତି ଯାହା ମାନବଜାତିର ଅଭୂତପୂର୍ବ ଚରମ ବିକାଶର ସୁବର୍ଣ୍ଣ ଦ୍ୱାରକୁ ଚିରୋନ୍ମୁକ୍ତ କରିଦେଇଛି । ଏହି ନୂତନ ସିଦ୍ଧାନ୍ତରେ ଯଥାର୍ଥରେ ବିଭିନ୍ନ ସିଦ୍ଧାନ୍ତର ସମନ୍ୱୟ ଘଟିଛି ଏବଂ ଏଥିରେ ପ୍ରତ୍ୟେକ ସାଧନା-ପ୍ରଣାଳୀ ମଧ୍ୟ ତା'ର ଯଥାଯଥ ଓ ସମୁନ୍ନତ ଅବସ୍ଥା ପ୍ରାପ୍ତ ହୋଇଛି । ଏହି ବିଷୟକୁ 'ସିଦ୍ଧାନ୍ତ ସମନ୍ୱୟ' ଆଖ୍ୟା ଦେଇ ଅଭିଜ୍ଞ ଲେଖକ ଅତି ସରଳ ତଥା ପ୍ରାଞ୍ଜଳ ଭାଷାରେ ଏହି ପୁସ୍ତିକାରେ ବ୍ୟାଖ୍ୟା କରିଛନ୍ତି । ଆମ୍ଭେମାନେ ଆଶାକରୁ ଅଧ୍ୟାତ୍ମବାଦୀ ସାଧକ ଓ ତତ୍ତ୍ୱବିତ୍‌ମାନେ ଏହି ପୁସ୍ତିକାକୁ ତୁଲ୍ୟ ଦୃଷ୍ଟିସହ ପାଠ କରିବେ । – ପ୍ରକାଶକ]

ପରିଶିଷ୍ଟ

ତିନୋଟି ସିଦ୍ଧାନ୍ତ
ଶ୍ରୀମା

''ଏହି ଜଗତ୍ ସମ୍ବନ୍ଧରେ ମୁଖ୍ୟତଃ ତିନୋଟି ସିଦ୍ଧାନ୍ତ ଅଛି :

୧. ବୌଦ୍ଧ ଓ ଶଙ୍କରଙ୍କର ସିଦ୍ଧାନ୍ତ :

ଏ ଜଗତ୍ ମାୟା ଓ ଅଜ୍ଞାନର ଭୂମି ଏବଂ ଏହି କାରଣରୁ ଏହା ଦୁଃଖ-ଯନ୍ତ୍ରଣାର କ୍ଷେତ୍ର । ଏକମାତ୍ର କର୍ତ୍ତବ୍ୟ ହେଲା, ଯେତେ ଶୀଘ୍ର ସମ୍ଭବ ଏଠାରୁ ପଳାୟନ କରିବା ଏବଂ ସେହି ଅନାଦି, ମହାଶୂନ୍ୟ ବା ଅବ୍ୟକ୍ତଙ୍କ ମଧ୍ୟରେ ଅନ୍ତର୍ହିତ ହେବା ।

୨. ବେଦାନ୍ତ ଦର୍ଶନର ସିଦ୍ଧାନ୍ତ :

(ସାଧାରଣ ଭାବରେ ବେଦାନ୍ତକୁ ଏହିପରି ବୁଝାଯାଏ) ଏହି ଜଗତ୍ ମୂଳ-ସ୍ୱରୂପରେ ଦିବ୍ୟ, କାରଣ ଏଠାରେ ଭଗବାନ୍ ସର୍ବତ୍ର ବିଦ୍ୟମାନ । କିନ୍ତୁ ଏହାର ବାହ୍ୟ ଅଭିବ୍ୟକ୍ତି ବିକୃତ, ଅସ୍ପଷ୍ଟ, ଅନ୍ଧକାରାଚ୍ଛନ୍ନ ଏବଂ କଦାକାର ହୋଇଅଛି । ସୁତରାଂ ଏକମାତ୍ର କର୍ତ୍ତବ୍ୟ ହେଲା ଅନ୍ତରସ୍ଥ ଆତ୍ମାଙ୍କ ସମ୍ବନ୍ଧରେ ସଚେତନ ହେବା ଏବଂ ଏ ଜଗତ୍ ସମ୍ବନ୍ଧେ କୌଣସି ଅନୁଶୋଚନା ନ କରି ସେହି ଚେତନାରେ ପ୍ରତିଷ୍ଠିତ ହେବା – କାରଣ ଏହି ବାହ୍ୟ ଜଗତ୍ କେବେ ବି ପରିବର୍ତ୍ତିତ ହୋଇ ପାରିବ ନାହିଁ ବରଂ ସର୍ବଦା ଏହା ନିଜ ସ୍ୱାଭାବିକ ଅଚେତନା ଓ ଅଜ୍ଞାନତା ମଧ୍ୟରେ ପଡ଼ି ରହିବ ।

୩. ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ :

ବର୍ତ୍ତମାନ ପୃଥିବୀ ଯେପରି ବିଦ୍ୟମାନ ତାହା ଭଗବତ୍ ସୃଷ୍ଟିରେ ଯେପରି ହେବାର କଥା ସେପରି ହୋଇପାରି ନାହିଁ, ବରଂ ଯଥାର୍ଥ ସୃଷ୍ଟିର ଏହା ଏକ ବିକୃତ ଓ ଅନ୍ଧକାରମୟ

ଅଭିବ୍ୟକ୍ତି, କିନ୍ତୁ ବାସ୍ତବରେ ଏହି ଭଗବତ୍ ସଂକଳ୍ପ ଓ ଚେତନାରେ ପରିଣତ ହେବାହିଁ ଏହାର ଉଦ୍ଦେଶ୍ୟ । ଏହି ସୃଷ୍ଟିର ଲକ୍ଷ୍ୟ ହେଲା ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିବା – ସକଳରୂପେ ଓ ସକଳ ଭାବରେ – ଜ୍ୟୋତିଃ, ଜ୍ଞାନ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟ ମଧ୍ୟରେ ।

ଏହାହିଁ ଆତ୍ମମାନଙ୍କର ଏ ଜଗତ୍ ସମ୍ବନ୍ଧେ ସିଦ୍ଧାନ୍ତ ଏବଂ ଏହି ଲକ୍ଷ୍ୟର ଆତ୍ମେମାନେ ଅନୁସରଣ କରୁ ।''

ରୂପାନ୍ତର-ଯୋଗ
ଶ୍ରୀଅରବିନ୍ଦ

ରୂପାନ୍ତର କହିଲେ ମୁଁ ପ୍ରକୃତିର ଆଂଶିକ ପରିବର୍ତ୍ତନ ବୁଝେ ନାହିଁ, ଏହାଦ୍ୱାରା ମୁଁ ବୁଝେ ନାହିଁ ସାଧୁ-ସଜ୍ଜ ଜୀବନ ବା ନୈତିକ ଉତ୍କର୍ଷ ସାଧନ ଅଥବା ଯୌଗିକ ସିଦ୍ଧି (ତାନ୍ତ୍ରିକମାନଙ୍କ ପରି) ଅଥବା ଊର୍ଦ୍ଧ୍ୱତନ ଚିନ୍ମୟ ଦେହପ୍ରାପ୍ତି । ଏହି ଶବ୍ଦଟି ମୁଁ ପ୍ରୟୋଗ କରେ ଗୋଟାଏ ବିଶେଷ ଅର୍ଥରେ – ଚେତନାର ଆମୂଳ ଓ ସର୍ବାଙ୍ଗୀଣ ପରିବର୍ତ୍ତନ – ଏପରି ଗୋଟାଏ ବିଶିଷ୍ଟ ପରିବର୍ତ୍ତନ ଯାହାଫଳରେ ସତ୍ତା ଆଧ୍ୟାତ୍ମିକ କ୍ରମ-ବିକାଶ ପଥରେ ସୁଦୃଢ଼ ଓ ସମର୍ଥ ଭାବରେ ଏକ ପାଦ ଅଗ୍ରସର ହେବ,– ପ୍ରାଚୀନ କାଳରେ ଜଡ଼, ପ୍ରାଣମୟ ଜୀବ ଜଗତରେ ମନୋମୟ ସତ୍ତାର ପ୍ରଥମ ଆବିର୍ଭାବ ଅପେକ୍ଷା ଏହି ଅଗ୍ରଗତି ହେବ ଏକ ବୃହତ୍ତର, ଉଚ୍ଚତର, ମହତ୍ତର, ପୂର୍ଣ୍ଣତର ପରିବର୍ତ୍ତନ । ଯଦି ଏହା ଅପେକ୍ଷା କିଛି କମ୍ ଘଟେ ଅଥବା ଅନ୍ତତଃ ଯଦି ଏହି ଭିତ୍ତିରେ ଗୋଟାଏ ଯାତ୍ରାରମ୍ଭ ନ ହୁଏ, ତାହା ହେଲେ ଆତ୍ମର ଉଦ୍ଦେଶ୍ୟ ସିଦ୍ଧ ହେଲା ନାହିଁ । ମୁଁ ଜୀବନ ଓ ଯୋଗ ପାଖରେ ଯେଉଁ ଦାବି କରିଛି, ତାହା ଗୋଟାଏ ଆଂଶିକ, ମିଶ୍ରିତ ଅଥବା ଅନିର୍ଦ୍ଦିଷ୍ଟ ସିଦ୍ଧି ଦ୍ୱାରା ପୂର୍ଣ୍ଣ ହୋଇପାରିବ ନାହିଁ ।

ଉପଲବ୍ଧିର ଆଲୋକ ଓ ଉପଲବ୍ଧିର ଅବତରଣ ଏକହିଁ ବସ୍ତୁ ନୁହେଁ । କେବଳ ଉପଲବ୍ଧି ସମଗ୍ର ସତ୍ତାକୁ ରୂପାନ୍ତରିତ କରିବ, ଏପରି ନୁହେଁ, ଏହା କେବଳ ଗୋଟାଏ ଉନ୍ମୀଳନ ଅଥବା ଚେତନାର ଶିଖର ଦେଶରେ, ଅଳ୍ପ ଊର୍ଦ୍ଧ୍ୱାୟନ ଗତି, ଅଳ୍ପ ପ୍ରସାର ଆଣିପାରେ ଯାହା ଫଳରେ ଆଧାରର ପ୍ରକୃତି-ଅଂଶରେ କୌଣସି ଆମୂଳ ପରିବର୍ତ୍ତନ ନହୋଇ ବି ପୁରୁଷ-ଅଂଶରେ କିଛି ଉପଲବ୍ଧି ଆସିପାରେ । ଚେତନାର ଆଧ୍ୟାତ୍ମିକ ଶିଖରରେ ଉପଲବ୍ଧିରେ କିଛି ଜ୍ୟୋତିଃ ସାଧକ ପ୍ରାପ୍ତ କରିପାରେ, କିନ୍ତୁ ସତ୍ତାର ନିମ୍ନ ଭାଗଗୁଡ଼ିକ ପୂର୍ବେ ଯେପରି ଥିଲା ସେହିପରି ରହେ । ଏପରି ଦୃଷ୍ଟାନ୍ତ ମୁଁ ବହୁତ ଦେଖିଛି । ଯଥାର୍ଥ ରୂପାନ୍ତର ସକାଶେ କେବଳ ମନରେ ବା ମନର କୌଣସି ଅଂଶରେ ନୁହେଁ, ଦେହ-ସ୍ତରରେ ଏବଂ ତାହାର ନିମ୍ନରେ ଓ ସମଗ୍ର ସତ୍ତାର ସକଳ ଅଂଶରେ ଊର୍ଦ୍ଧ୍ୱତନ ଦୀପ୍ତି ଅବତୀର୍ଣ୍ଣ ହେବା ଆବଶ୍ୟକ । ଊର୍ଦ୍ଧ୍ୱର ଦୀପ୍ତି ମନ ମଧ୍ୟରେ ଅବତୀର୍ଣ୍ଣ ହୋଇ ମନକୁ ଅଧ୍ୟାତ୍ମ-ଭାବମୟ (Spiritualise) କରି ଦେଇପାରେ, ଅଥବା ତାହାକୁ ପୂର୍ଣ୍ଣତଃ ବା ଅଂଶତଃ ଅନ୍ୟ ପ୍ରକାରେ ପରିବର୍ତ୍ତିତ କରିପାରେ, କିନ୍ତୁ ଏହା ଦ୍ୱାରା ପ୍ରାଣମୟ (vital) ପ୍ରକୃତିରେ କୌଣସି ପରିବର୍ତ୍ତନ ବି ନ ଆସିପାରେ, ପୁଣି ପ୍ରାଣ ମଧ୍ୟରେ ଜ୍ୟୋତିଃ ଉତରିଲେ ପ୍ରାଣର ଗତିବୃତ୍ତିକୁ ଶୋଧିତ ଓ ପ୍ରସାରିତ କରିପାରେ ଅଥବା ପ୍ରାଣପୁରୁଷଙ୍କୁ ନୀରବ ଓ ଅଚଳ କରି ଦେଇପାରେ, କିନ୍ତୁ ଶାରୀର ଚେତନା ପୂର୍ବବତ୍‌ହିଁ ରହେ; ହୁଏତ ପୂର୍ବାପେକ୍ଷା ଅଧିକ ଜଡ଼ାବସ୍ଥା ପ୍ରାପ୍ତ ହୁଏ, ଅଥବା ସମତା ହରାଏ । ପୁନଶ୍ଚ କେବଳ ଜ୍ୟୋତିଃର ଅବତରଣ ଘଟିଲେ ଚଳିବ ନାହିଁ, ବରଂ ସମଗ୍ର ଊର୍ଦ୍ଧ୍ୱତନ ଚେତନାର ଅବତରଣ – ଜ୍ଞାନ, ପ୍ରେମ ଓ ଆନନ୍ଦର ଅବତରଣ ବି ଆବଶ୍ୟକ । ଆଉ ବି ଏହି ଅବତରଣ ମୁକ୍ତି ଆଣି ଦେଇପାରେ, କିନ୍ତୁ ପୂର୍ଣ୍ଣତା ଆଣେ ନାହିଁ, ଅଥବା ଏହା ଆନ୍ତର ସତ୍ତାକୁ ବହୁତ କିଛି ପରିବର୍ତ୍ତିତ କରିପାରେ, କିନ୍ତୁ ବାହ୍ୟ ସତ୍ତା ଗୋଟାଏ ଅପୂର୍ଣ୍ଣ ଯନ୍ତ୍ର ରୂପେ ରହିଯାଏ, ସ୍ଥୂଳ ବ୍ୟାଧିଗ୍ରସ୍ତ, ଆତ୍ମ-ପ୍ରକାଶ-ଅକ୍ଷମ (ଅବିକଶିତ) । ପରିଶେଷରେ ସାଧନାକୃତ ରୂପାନ୍ତର ପରିପୂର୍ଣ୍ଣ ହୋଇପାରେ ନାହିଁ, ଯଦି ସତ୍ତା ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତରିତ ନ ହୋଇଛି । ଚୈତ୍ୟ-ରୂପାନ୍ତର ପର୍ଯ୍ୟାପ୍ତ ନୁହେଁ, ଏହା ଗୋଟାଏ ଆରମ୍ଭ ମାତ୍ର, ଅଧ୍ୟାତ୍ମ-ରୂପାନ୍ତର ଏବଂ ଉଚ୍ଚତର ଚେତନାର ଅବତରଣ ବି ପର୍ଯ୍ୟାପ୍ତ ନୁହେଁ, ଏହା ଗୋଟାଏ ମଧ୍ୟବର୍ତ୍ତୀ ସ୍ତର ମାତ୍ର; ଚରମ ସିଦ୍ଧି ସକାଶେ ଆବଶ୍ୟକ ଅତିମାନସ ଚେତନା ଓ ଅତିମାନସ ଶକ୍ତିର କ୍ରିୟା । ବ୍ୟକ୍ତି ଅର୍ଥାତ୍ ସାଧକବିଶେଷ ଏହା ଅପେକ୍ଷା କିଛି କମ୍ ପ୍ରାପ୍ତ କରି ମଧ୍ୟ ସନ୍ତୁଷ୍ଟ ହୋଇ ପାରନ୍ତି, କିନ୍ତୁ ପାର୍ଥିବ ଚେତନାର ନିର୍ଦିଷ୍ଟ ଅଗ୍ରଗତି ସକାଶେ ଏହିସବୁ ଅପୂର୍ଣ୍ଣ ସିଦ୍ଧି ଯଥେଷ୍ଟ ନୁହେଁ ।

ମୁଁ କେବେ ବି କହି ନାହିଁ ଆତ୍ମର ଯୋଗ ଏକାବେଳେକେ ଗୋଟାଏ ନୂତନ ବସ୍ତୁ । ଏହାକୁ ମୁଁ ପୂର୍ଣ୍ଣଯୋଗ ନାମ ଦେଇଛି

ଏବଂ ତାହାର ଅର୍ଥ ହେଲା ଏହି ଯେ ଏହା ନାନା ପ୍ରାଚୀନ ଯୋଗର ସାରତତ୍ତ୍ୱ ଗ୍ରହଣ କରିଅଛି ଏବଂ ସେହିସବୁ ଯୋଗ-ପଦ୍ଧତିର ସମନ୍ୱୟ କରିଅଛି — ଏହାର ନୂତନତ୍ୱ ହେଲା ଏହାର ଲକ୍ଷ୍ୟ, ଦୃଷ୍ଟିଭଙ୍ଗୀ ଓ ସମନ୍ୱୟମୂଳକ ପ୍ରଣାଳୀ । 'ବିଶ୍ୱପ୍ରହେଳିକା', 'ଯୋଗ-ପ୍ରଦୀପ' କିଂବା 'ଯୋଗାଧାର' ପ୍ରଭୃତି ପୁସ୍ତକରେ ମୁଁ ମୋ ଯୋଗର ପ୍ରାଥମିକ ଅବସ୍ଥା ବିଷୟରେ ଉଲ୍ଲେଖ କରିଛି । ସେଥିରେ ଏପରି କିଛି ନାହିଁ ଯାହାକୁ ପ୍ରାଚୀନ ଯୋଗ-ପଦ୍ଧତି ତୁଳନାରେ ଆମ୍ଭଯୋଗର ନୂତନତ୍ୱ ବୋଲି କୁହାଯିବ, ଅବଶ୍ୟ ଗୋଟିଏ ଦୁଇଟି କଥାକୁ ଛାଡ଼ି ଦେଲେ । ପ୍ରଥମତଃ, ଏହି ଯୋଗର ସାର୍ବଭୌମ ସ୍ୱରୂପର ପଶ୍ଚାତରେ ଗୋଟାଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିହିତ ଅଛି; ଦ୍ୱିତୀୟତଃ, ଏହାର ଗତିବୃତ୍ତିରେ ଗୋଟାଏ ନିଜସ୍ୱ ଭାବ ଅଛି ଏବଂ ଗୋଟାଏ ଚରମ ଅର୍ଥ ଏହା ସମ୍ମୁଖରେ ସର୍ବଦା ରହିଛି; ପରିଶେଷରେ ଏହାର ଗୋଟାଏ ସ୍ୱତନ୍ତ୍ର ମନସ୍ତତ୍ତ୍ୱ ଅଛି ଏବଂ ଏହାର କ୍ରିୟାବଳିର ନିଜସ୍ୱ ଧାରା ବି ଅଛି । କିନ୍ତୁ ଏହି ସମସ୍ତ କଥା ପୂର୍ବୋକ୍ତ ପତ୍ରାବଳିରେ ଯଥାବିଧି ବିକଶିତ କରାହୋଇ ନାହିଁ, ବିକଶିତ କରିବା ବି ସମ୍ଭବ ନଥିଲା, ସେହି ସକାଶେ ତାହା ସାଧାରଣ ପାଠକଙ୍କର ବୋଧଗମ୍ୟ ହୋଇ ନାହିଁ ଏବଂ ଏହାକୁ କେବଳ ସେହିମାନେ ବୁଝୁଥିଲେ ଯେଉଁମାନେ ଭାବନାରେ ବା ଅଭ୍ୟାସରେ ଏହିସବୁ ବିଷୟ ସହିତ ପୂର୍ବରୁ ପରିଚିତ ଥିଲେ । ସାଧନାର ପରବର୍ତ୍ତୀ ସ୍ତରସମୂହର କଥା ଏବଂ ନାନା ଖୁଣ୍ଟିନାଣ୍ଟି ବିଷୟ ଯାହା ଗୋଟାଏ ଅଜ୍ଞାତ ବା ସଂପୂର୍ଣ୍ଣ ଅପରିଜ୍ଞାତ ରାଜ୍ୟର କଥା, ସେହିସବୁ ବିଷୟ ମୁଁ ସର୍ବସାଧାରଣଙ୍କୁ କିଛି ବି କହି ନାହିଁ, ଆଉ ବର୍ତ୍ତମାନ ଏ ସମ୍ବନ୍ଧରେ କିଛି କହିବାର ଇଚ୍ଛା ବି ନାହିଁ ।

ମୁଁ ଜାଣେ ମୋ ଆଦର୍ଶ, ମୋ ଭବିଷ୍ୟତ୍ ସୂଚନାବଳିର (ବାହ୍ୟତଃ) ଅନୁରୂପ ଆଦର୍ଶ ଓ ସୂଚନାବଳି ବହୁ ପୂର୍ବରୁ ହୋଇଯାଇଛି,— ଯଥା : ମାନବଜାତିର ପୂର୍ଣ୍ଣ ଉତ୍କର୍ଷ-ସାଧନ ଯେକୌଣସି ତାନ୍ତ୍ରିକ ସାଧନା-ମାର୍ଗର ଲକ୍ଷ୍ୟ ଥିଲା, କୌଣସି କୌଣସି ଯୋଗ-ମାର୍ଗରେ କାୟାସିଦ୍ଧି ଇତ୍ୟାଦି ବି ଥିଲା । ଏହିସବୁ ବିଷୟରେ ମୁଁ ଇତି ପୂର୍ବରୁ ଉଲ୍ଲେଖ କରିଛି ଏବଂ ମୁଁ ଏହି ଅଭିମତ ପ୍ରକାଶ କରିଛି ଯେ ମାନବର ପ୍ରାଚୀନ ଇତିହାସ ହେଲା ଗୋଟାଏ ପ୍ରସ୍ତୁତି, ଗୋଟାଏ ଆୟୋଜନ, ଭଗବାନଙ୍କୁ କେବଳ ଊର୍ଦ୍ଧ୍ୱଲୋକରେ ପ୍ରାପ୍ତି ନୁହେଁ, ପାର୍ଥିବ-ଚେତନାର ଅବଶ୍ୟମ୍ଭାବୀ ଅଗ୍ରଗତି ନିମିତ୍ତ । ଅତଏବ ଆମ୍ଭ ଯୋଗକୁ ଏବଂ ସେହି ଯୋଗର ଲକ୍ଷ୍ୟ ଓ ପ୍ରଣାଳୀକୁ କେହି ନୂତନ ବୋଲି ଗ୍ରହଣ କରୁ ବା ନକରୁ, ସେଥିରେ କିଛି ଯାଏଆସେ ନାହିଁ, ଏହା ଅତି ସାମାନ୍ୟ କଥା; ଆଉ ଏହି ସମସ୍ତ ପ୍ରାଚୀନ ଆଦର୍ଶାବଳି ଓ ଆମ୍ଭ ଆଦର୍ଶ ଅଭିନ୍ନ ଓ ଏକ ନ ହେଲେ ସୁଦ୍ଧା ସେମାନଙ୍କ ମଧ୍ୟରେ କେତେକ ସାଦୃଶ୍ୟ ରହିଛି । ଏକମାତ୍ର ମହତ୍ତ୍ୱପୂର୍ଣ୍ଣ କଥା ହେଲା ଯେଉଁମାନେ ଆମ୍ଭ ଯୋଗକୁ ସ୍ୱୀକାର କରନ୍ତି, ଅଭ୍ୟାସ କରନ୍ତି ଅଥବା ଏହାକୁ ସାଧନାରେ ସିଦ୍ଧି କରିବାକୁ ଚାହାନ୍ତି, ସେମାନେ ଏହାକୁ ସତ୍ୟ ବୋଲି ଚିହ୍ନି ପାରିଛନ୍ତି କି ନାହିଁ । ଏହି ଯୋଗକୁ ଯଦି ନୂତନ କୁହାଯାଏ କିଂବା ପ୍ରାଚୀନ ଯୋଗର ପୁନରାବୃତ୍ତି ବୋଲି କୁହାଯାଏ, କିଂବା ବିସ୍ତୃତ ପୁରାତନ ପନ୍ଥାର ପୁନରୁଦ୍ଧାର ବୋଲି କୁହାଯାଏ, ଏଥିରେ କିଛି ଲାଭ କ୍ଷତି ନାହିଁ । କେତେକ ସାଧକଙ୍କୁ ପୂର୍ବରୁ ଲିଖିତ ଏକ ପତ୍ରରେ ମୁଁ ଏହି ଯୋଗକୁ ନୂତନ ବୋଲି ସ୍ପଷ୍ଟତଃ ଉଲ୍ଲେଖ କରିଥିଲି, କାରଣ ମୁଁ ସେମାନଙ୍କୁ ବୁଝାଇବାକୁ ଚାହିଁଥିଲି ଯେ ମୋ ଦୃଷ୍ଟିରେ ପ୍ରାଚୀନ ଯୋଗପନ୍ଥାର ଆଦର୍ଶ ବା ଲକ୍ଷ୍ୟର ପୁନରାବୃତ୍ତି ଯଥେଷ୍ଟ ନୁହେଁ, ମୁଁ ଏପରି ଏକ ବସ୍ତୁକୁ ଉପସ୍ଥାପିତ କରିବାକୁ ଚାହୁଁଛି ଯାହାକୁ ଆଜି ପର୍ଯ୍ୟନ୍ତ କେହି ବି ସିଦ୍ଧ କରି ନାହାନ୍ତି, ସ୍ପଷ୍ଟରୂପେ ଦେଖି ବି ନାହାନ୍ତି — ଅଥଚ ଆମ୍ଭମାନଙ୍କର ସକଳ ପୂର୍ବତନ ସାଧନାଧାରାର ଏହାହିଁ ଏକମାତ୍ର ସ୍ୱାଭାବିକ ପରିଣାମ, କିନ୍ତୁ ଆଜି ବି ତାହା ପ୍ରଚ୍ଛନ୍ନ ।

ଆମ୍ଭ ଯୋଗ ପ୍ରାଚୀନ ଯୋଗ-ପନ୍ଥାସମୂହର ତୁଳନାରେ ନୂତନ :

୧. କାରଣ ଏହି ଯୋଗର ଲକ୍ଷ୍ୟ ଜଗତ୍ ଓ ଜୀବନକୁ ବର୍ଜ୍ଜନ କରି ନିର୍ବାଣ ବା ସ୍ୱର୍ଗରେ ପ୍ରୟାଣ ନୁହେଁ, ଏହାର ଲକ୍ଷ୍ୟ ସତ୍ତା ଓ ଜୀବନର ପରିବର୍ତ୍ତନ ଗୌଣଭାବେ ନୁହେଁ, ବରଂ ସ୍ପଷ୍ଟ ଓ ମୁଖ୍ୟ ଭାବେ । ଅନ୍ୟାନ୍ୟ ଯୋଗ-ମାର୍ଗରେ ଅବତରଣ (descent) କଥା କଳ୍ପିତ ହୋଇଥାଏ, କିନ୍ତୁ ତାହା ପଥ ମଧ୍ୟସ୍ଥ ଗୋଟାଏ ସାମାନ୍ୟ ଘଟନା ମାତ୍ର, ଅଥବା ଉତ୍ତରଣ (ascent)ର ପରିଣାମ ରୂପେ — ଏହିସବୁ ମାର୍ଗରେ ଉତ୍ତରଣହିଁ ମୁଖ୍ୟବସ୍ତୁ । ଆମ୍ଭ ଯୋଗରେ ଉତ୍ତରଣର ପ୍ରଥମ କ୍ରିୟା ସତ, ତାହା ଅବତରଣର ଉପାୟ ସ୍ୱରୂପ । ଉତ୍ତରଣ ଦ୍ୱାରା ନୂତନ ଚେତନାର ଅବତରଣହିଁ ହେଲା ଏହି ସାଧନାରେ ନିଜସ୍ୱ ସିଲ୍ । ଏପରିକି ତନ୍ତ୍ର ଏବଂ ବୈଷ୍ଣବ ଧର୍ମରେ ଚରମ କାମ୍ୟ ହେଲା ମୁକ୍ତି; କିନ୍ତୁ ଜୀବନରେ ଦିବ୍ୟ ସାର୍ଥକତା ହେଲା ଆମ୍ଭ ଯୋଗର କାମ୍ୟ ।

୨. କାରଣ ଆମ୍ଭମାନଙ୍କ ଯୋଗର ଉଦ୍ଦେଶ୍ୟ ବ୍ୟକ୍ତିଗତ

ଦିବ୍ୟ ସିଦ୍ଧିଲାଭ ନୁହେଁ ବରଂ ସମଗ୍ର ପାର୍ଥିବ ଚେତନା ସକାଶେ ଦିବ୍ୟ ସିଦ୍ଧିଲାଭ; ବିଶ୍ୱଗତ ସିଦ୍ଧି, କେବଳ ବିଶ୍ୱାତୀତ ସିଦ୍ଧି ନୁହେଁ । ଆଉ ଗୋଟିଏ ବସ୍ତୁ ଯାହା ଆମ୍ଭମାନଙ୍କର ସାଧନୀୟ ତାହା ହେଲା ଏକ ପରମ ଚୈତନ୍ୟ (ଅତିମାନସ) ଶକ୍ତିକୁ ଉତାରି ଆଣିବା, ଯାହା ଆଜି ପର୍ଯ୍ୟନ୍ତ ପାର୍ଥିବ ପ୍ରକୃତିରେ ବ୍ୟବସ୍ଥିତ ବା ସାକ୍ଷାତରୂପେ କାର୍ଯ୍ୟକାରୀ ହୋଇ ନାହିଁ – ଏପରିକି ଆଧ୍ୟାତ୍ମିକ ଜୀବନରେ ବି ନୁହେଁ – ଏବଂ ଏଠାରେ ବି ତାହାକୁ ବ୍ୟବସ୍ଥିତ ଏବଂ ସକ୍ରିୟ କରିବାକୁ ହେବ ।

୩. କାରଣ, ଆମ୍ଭ ଯୋଗ ପ୍ରଣାଳୀ ନିର୍ଦ୍ଧାରିତ ହୋଇଅଛି ଏହି ସିଦ୍ଧି ନିମିତ୍ତ ଯାହା ଆମ୍ଭମାନଙ୍କ ଲକ୍ଷ୍ୟ ତୁଲ୍ୟ ସଂପୂର୍ଣ୍ଣ, ସାର୍ବଭୌମ, ଅର୍ଥାତ୍ ଚେତନା ଓ ପ୍ରକୃତିର ପୂର୍ଣ୍ଣ ସମଗ୍ର ରୂପାନ୍ତର । ପ୍ରାଚୀନ ପ୍ରଣାଳୀସମୂହର ଉପଯୋଗ ଏହି ଯୋଗର ଏକ ବିଶିଷ୍ଟ ପ୍ରଣାଳୀର ସହାୟରୂପେ ଗ୍ରହଣ କରାଯାଇଥାଏ । ପୂର୍ବବର୍ତ୍ତୀ କୌଣସି ଯୋଗରେ ମୁଁ ଏହି ପଦ୍ଧତିକୁ ପୂର୍ଣ୍ଣତଃ ବା ଅଂଶତଃ ଉପଲବ୍ଧ ବା ସ୍ୱୀକୃତ ହେବାର ଦେଖି ନାହିଁ । ଯଦି ମୁଁ ଏହି ପଥ ଦେଖିଥା'ନ୍ତି, ତେବେ ଏତେ କଷ୍ଟ କରି ନୂତନ ପଥ ଆବିଷ୍କାର କରିବାରେ ସମୟ ନଷ୍ଟ କରି ନ ଥା'ନ୍ତି, ତିରିଶବର୍ଷକାଳ ଅନୁସନ୍ଧାନ ଓ ଆନ୍ତର ସୃଷ୍ଟି କାର୍ଯ୍ୟରେ ବ୍ୟାପୃତ ହୋଇ ନ ଥା'ନ୍ତି, ମୁଁ ପୂର୍ବ-ନିର୍ମିତ ରାସ୍ତା ଉପରେ ନିରାପଦରେ ସହଜରେ ଦୌଡ଼ିଯାଇ ନିଜ ଗମ୍ୟସ୍ଥାନରେ ପହଞ୍ଚି ପାରିଥା'ନ୍ତି – ଏପରି ରାସ୍ତା ଯାହା ନକ୍ସା ଦ୍ୱାରା ଯଥାବିଧି ପକ୍କା ପୋଖତ ରୂପେ ବନ୍ଧା ହୋଇଅଛି – ଯାହା ପିଚ୍‌ରେ ଢଳେଇ ହୋଇଛି ଏବଂ ସର୍ବଦା ନିରାପଦ ଓ ସାଧାରଣଙ୍କ ଯାତାୟାତ ନିମିତ୍ତ ଉନ୍ମୁକ୍ତ । ଆମ୍ଭମାନଙ୍କ ଯୋଗ ପୁରୁଣା ବନ୍ଧା ରାସ୍ତା ଉପରେ ଚାଲିବା ନୁହେଁ, ବରଂ ଏହା ଏକ ଅଜଣା ଦିବ୍ୟ-ତତ୍ତ୍ୱର ସାହସିକ ଅନୁସନ୍ଧାନ ।

(ପତ୍ରାବଳି, ପ୍ରଥମ ଖଣ୍ଡ) ୫-୧୦-୧୯୩୫

ପୂର୍ଣ୍ଣଯୋଗର ଉଦ୍ଦେଶ୍ୟ
ଶ୍ରୀଅରବିନ୍ଦ

ପୂର୍ଣ୍ଣ ଓ ସର୍ବାଙ୍ଗୀଣ ଯୋଗ ବିଶେଷତଃ ଲିଖିତ ବା ପରମ୍ପରାଗତ କୌଣସି ଶାସ୍ତ୍ରର ସୀମା ମଧ୍ୟରେ ଆବଦ୍ଧ ରହିବା ଉଚିତ ନୁହେଁ । କାରଣ ଏହି ଯୋଗ ଅତୀତର ଜ୍ଞାନକୁ ସାଦରେ ଗ୍ରହଣ କଲେ ସୁଦ୍ଧା ତାହାକୁ ବର୍ତ୍ତମାନ ଓ ଭବିଷ୍ୟତ୍ ନିମିତ୍ତ ନୂତନ ଧାରାରେ ସଂଗଠିତ କରିବାକୁ ଚାହେଁ । ଅନୁଭୂତିର ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ, ପ୍ରାଚୀନ ଜ୍ଞାନର ପୁନଃବର୍ଣ୍ଣନ ନବ ଭାଷାରେ ଓ ନୂତନ ଯୋଜନାରେ, ଏହି ହେଲା ପୂର୍ଣ୍ଣଯୋଗର ଆତ୍ମଗଠନର ବିଧାନ । ଏହି ଯୋଗର ଲକ୍ଷ୍ୟ ସମଗ୍ର ଜୀବନକୁ ଆଲିଙ୍ଗନ କରିବା ଓ ନିଜ ମଧ୍ୟରେ ଗ୍ରହଣ କରିବା, ଏଣୁ ଏହାର ସାଧକ ତୀର୍ଥଯାତ୍ରୀ ତୁଲ୍ୟ ରାଜପଥ ଧରି ଲକ୍ଷ୍ୟ ପଥରେ ଯେ ଅଗ୍ରସର ହୁଏ, ଏପରି ନୁହେଁ ବରଂ କୁହାଯାଇ ପାରେ ଯେ ଦୁର୍ଭେଦ୍ୟ ଜଙ୍ଗଲ କାଟି ତାହାର ନିଜ ପଥ ନିଜକୁ ପ୍ରସ୍ତୁତ କରିବାକୁ ହୁଏ ।

ଏହି ଯୋଗ (ପୂର୍ଣ୍ଣଯୋଗ) ଦ୍ୱାରା ଆମ୍ଭେମାନେ କେବଳ ଯେ ଶାଶ୍ୱତର ସନ୍ଧାନ କରୁଅଛୁ ତାହା ନୁହେଁ, ଆମ୍ଭେମାନେ ଶାଶ୍ୱତଙ୍କୁ ମାନବ ଜୀବନରେ ପ୍ରଘଟ ହେବାକୁ ଆହ୍ୱାନ କରୁଅଛୁ । ସେହି କାରଣରୁ ଆମ୍ଭମାନଙ୍କ ଯୋଗର ଶାସ୍ତ୍ର ଏପରି ହେବାକୁହିଁ ହେବ ଯେ ସେଥିରେ ବିକାଶୋନ୍ମୁଖ ମାନବାତ୍ମାକୁ ଅସୀମ ସ୍ୱାଧୀନତା ଦେବାର ବ୍ୟବସ୍ଥା ରହିବ । ବିଶ୍ୱଗତ ଏବଂ ବିଶ୍ୱାତୀତ ସତ୍ତାକୁ ନିଜ ମଧ୍ୟରେ ଗ୍ରହଣ କରିବା କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତିର ଅବାଧ ସ୍ୱାଧୀନତା ରହିବ, ତାହାର ନିଜ ପ୍ରକାରରେ, ତାହାର ନିଜ ପ୍ରଣାଳୀରେ, ଏହି ତ ହେଲା ମାନବର ପରିପୂର୍ଣ୍ଣ ଆଧ୍ୟାତ୍ମିକ ଜୀବନର ଯଥାର୍ଥ ଭିତ୍ତି ।

ଜ୍ଞାନ, ଭକ୍ତି ଓ କର୍ମ – ଏହି ତ୍ରିମାର୍ଗ ମଧ୍ୟରୁ ପ୍ରତ୍ୟେକ ମାର୍ଗରେହିଁ ପୁଣି ବହୁ ଶାଖା-ପ୍ରଶାଖା ଅଛି, ତେବେ ସବୁଯାଇ ମିଶିଅଛି ଏକ ଚରମ ଗମ୍ୟ ସ୍ଥଳରେ । ସାଧାରଣ ଜ୍ଞାନ, ଯାହା ଉପରେ ଯୋଗ ନିର୍ଭର କରେ, ତାହା ନିର୍ଦ୍ଧାରିତ; କିନ୍ତୁ ତାହାର ଅବସ୍ଥା, ଅନୁକ୍ରମ, ପ୍ରଣାଳୀ, ସ୍ୱରୂପ,– ଏହାର କିଛି ଅଦଳ-ବଦଳ କରି ଦେଖିବାକୁହିଁ ହୁଏ, କାରଣ ମୂଳ ସତ୍ୟକୁ ଅଚଳ, ଅଟଳ ରଖି ବି ବ୍ୟକ୍ତିଗତ ପ୍ରକୃତିର ଅଭାବ-ଆକାଙ୍କ୍ଷା ପୂରଣ କରିବା ଏକାନ୍ତ ଆବଶ୍ୟକ ।

ଯୋଗର ପ୍ରଣାଳୀସମୂହ ଏକାବେଳେକେ ନିର୍ଦ୍ଦିଷ୍ଟ, ଆଉ ଗୁରୁ ଯେଉଁ ଐତିହ୍ୟ ଅନୁସାରେ ଶାସ୍ତ୍ରରେ ଅଧିକାର ଲାଭ କରିଅଛନ୍ତି ଏବଂ ସ୍ୱୀୟ ସାଧନାର ଆଲୋକରେ ତାହାର ଉପଦେଶ ଉପଲବ୍ଧି କରିଅଛନ୍ତି, ସେହିଁ କେବଳ ଶିଷ୍ୟକୁ ଚିରନ୍ତନ ପଥ ଧରି ଚଳାଇ ନେଇଯାଆନ୍ତି । ସେହି ସକାଶେ ଯୋଗସାଧନାରେ ନୂତନ ପଦ୍ଧତି, ନୂତନ ଉପଦେଶ, ନୂତନ ମନ୍ତ୍ର ବିରୋଧରେ ଏହି ଆପତ୍ତି ପ୍ରାୟହିଁ ଶୁଣାଯାଏ, ''ଏହିସବୁ

ଶାସ୍ତ୍ରାନୁମୋଦିତ ନୁହେଁ''। କିନ୍ତୁ ବସ୍ତୁତଃ କିଂବା କାର୍ଯ୍ୟତଃ ଯୋଗୀ କୌଣସି ନବୀନ ତତ୍ତ୍ୱ, ସତ୍ୟର କୌଣସି ନବୀନ ପ୍ରକାଶ କିଂବା ବିଶାଳତର ଅନୁଭୂତିକୁ ଭିତରେ ପ୍ରବେଶ କରିବାକୁ ଦେବେ ନାହିଁ ବୋଲି ତାଙ୍କର ଲୌହ କବାଟକୁ ବନ୍ଦ କରି ରଖିବେ ନାହିଁ।

ବହୁତ କାଳ ହେଲା ଯୋଗ ବାସ୍ତବ ଜୀବନରୁ ଭ୍ରଷ୍ଟ ହୋଇ ପଡ଼ିଅଛି ଆଉ ଯେଉଁସବୁ ପ୍ରାଚୀନ ଯୋଗ-ପ୍ରଣାଳୀ ଜୀବନକୁ ଆଲିଙ୍ଗନ କରିବାକୁ ଚାହିଁଥିଲା, ଯେପରି ଆତ୍ମମାନଙ୍କର ବୈଦିକ ପୂର୍ବଜମାନଙ୍କର ସାଧନା, ସେଥିରୁ ଆମ୍ଭେମାନେ ବହୁ ଦୂରକୁ ଚାଲିଯାଇଛୁ, ତାହାର ଭାଷା ଅବଧି ଆମ୍ଭେମାନେ ଆଉ ବୁଝିପାରୁ ନାହୁଁ, ତାହାର ପଦ୍ଧତିସମୂହ ଆତ୍ମମାନଙ୍କର ବର୍ତ୍ତମାନ ଜୀବନରେ ଅଚଳ। ଯେବେ ମନୁଷ୍ୟ ଅନନ୍ତ କାଳ-ସ୍ରୋତରେ ଏତେଦୂର ଆଗେଇ ଆସିଛି, ତେବେ ଆଜି ସାଧନା-ସମସ୍ୟାର ଚେଷ୍ଟା ଆତ୍ମମାନଙ୍କୁ ନୂତନ ଦିଗରୁ ଆରମ୍ଭ କରିବାକୁ ହେବ।

ଏହି ଯୋଗ-ସାଧନା କୌଣସି ଧାରାବଦ୍ଧ ମାନସିକ ଶିକ୍ଷା ଅଥବା ନିର୍ଦ୍ଧାରିତ ଧ୍ୟାନ-ଧାରଣା, ମନ୍ତ୍ରର ପ୍ରଣାଳୀ ଦ୍ୱାରା ଅଥବା ଅନ୍ୟ କିଛି ଧରି ଚାଲେ ନାହିଁ; କିନ୍ତୁ ଚାଲେ ଆକାଙ୍କ୍ଷା ଦ୍ୱାରା, ଅନ୍ତର୍ମୁଖୀ ବା ଊର୍ଦ୍ଧ୍ୱମୁଖୀ ଅଭିନିବେଶ ଦ୍ୱାରା, ଆମର ଉପରିସ୍ଥ କୌଣସି ଏକ ଦିବ୍ୟ ଶକ୍ତି ଓ ତାହାଙ୍କର କ୍ରିୟାବଳି ପାଖରେ, ହୃଦୟର ଅଧିଷ୍ଠିତ ଭଗବାନଙ୍କ ପାଖରେ ଆତ୍ମୋନ୍ମୀଳନ ଦ୍ୱାରା ଏବଂ ଏହି ସମସ୍ତ ସହିତ ଯେଉଁ ଯେଉଁ ଅସାମଞ୍ଜସ୍ୟ ରହିଅଛି, ତାହାକୁ ବର୍ଜନ କରିବା ଦ୍ୱାରା। କେବଳ ଶ୍ରଦ୍ଧା, ଅଭୀପ୍ସା ଓ ସମର୍ପଣ ଦ୍ୱାରା ଏହି ଆତ୍ମୋନ୍ମୀଳନ ଆସିପାରେ।

(ସମାପ୍ତ)

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୨୪୫ - ୨୪୯)

❑❑❑

ଆମ୍ ବିଭୋର ମୁଁ ମା'ଙ୍କ ହସରେ

ପ୍ରଭାତ କୁମାର ମିଶ୍ର

ଆମ୍ ବିଭୋର ମୁଁ ମାଆଙ୍କ ହସରେ,
ଲୁପ୍ତ ହୁଏ ସବୁ ବ୍ୟଥା,
ଜ୍ୟୋତିର୍ମୟ ସେହି ଚାହାଣିର ତଳେ
ଲିଭିଯାଏ ମନ କଥା।

ଦୁଃଖ ରାତିର ଅନ୍ଧାର କାଟି
ଉଇଁଆସେ ନବ ରବି,
ମା'ଙ୍କ ହସର ଗୋଟିଏ କଣିକା
ଭାଙ୍ଗିଦିଏ କର୍ମ ଗଣ୍ଠି।

ନବୀନ ପୁଲକ ଜାଗଇ ମନରେ
ନିରେଖି ସେ ସ୍ମିତ ହାସ,
ଭୟ-ସଂଶୟ ଦୂରେ ହଟି ଯାଏ
ମିଳେ ଅଭୟ ଆଶ୍ୱାସ।

ପରାଣ ମୋହର ତୁମରି ଚରଣେ
କରୁଛି ମୁଁ ସମର୍ପଣ,
ଜନ୍ମ-ଜନ୍ମାନ୍ତର ଲଭୁଥାଏ ମାଗୋ
ତବ ହସର ସ୍ପନ୍ଦନ।

ତୁମେ ଯେବେ ମାଆ
ପାଖେ ପାଖେ ଅଛ
ଭୟ ହୋଇଯିବ ଦୂର
ବୀର ଯୋଦ୍ଧା ଭାବେ ଆଗେଇ ଯିବି ଗୋ
ପ୍ରେରଣା ହସ ତୁମର।

❑❑❑

ମା' ଆପଣ ଏମିତି କହିଛନ୍ତି ...

(୧୩)

ହୁତା ହିନ୍ଦୋଚା

[ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother You said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...''। ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା' ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି (ନୋଟ୍ ଖାତା) ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother You said so ..."

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଇଛି। – ସମ୍ପାଦନା]

ଛୋଟ ଛୋଟ ଫୁଲରେ ଗୁଚ୍ଛା ହୋଇଥିବା ଗୋଟିଏ ହାର ଯାହାକୁ ମୁଁ ମା'ଙ୍କୁ ଅର୍ପଣ କରିଥିଲି, ସେହି ଫୁଲର ମା'ଙ୍କ ପ୍ରଦତ୍ତ ନାମ ଥିଲା 'Patience' (ଧୈର୍ଯ୍ୟ)। ମା' ସେହି ଫୁଲହାର ଆଡ଼କୁ ନିର୍ଦ୍ଦେଶ କରି କହିଲେ :

ଆମେ ଧୈର୍ଯ୍ୟ ଆବଶ୍ୟକ କରୁ। ଏହି ଶରୀର (ନିଜ ଆଡ଼କୁ ଦେଖାଇ) ମଧ୍ୟ ଧୈର୍ଯ୍ୟ ଆବଶ୍ୟକ କରେ।

ମୁଁ ପଚାରିଲି ''କେତେ ଦିନ ?''
ସେ ଏ ବିଷୟରେ କିଛି କହିଲେ ନାହିଁ। ବାରଂବାର ସେ ଧ୍ୟାନସ୍ଥ ହୋଇ ଯାଉଥିଲେ ଏବଂ ଶେଷରେ ସେ କହିଲେ :

ବାହ୍ୟ ଦୃଷ୍ଟିରେ ଦେଖ ନାହିଁ। ସର୍ବଦା ନିଜ ଭିତରକୁ ଚାହଁ ଏବଂ ସେଠାରେ ତୁମେ ପ୍ରେମ, ଶାନ୍ତି, ଆଲୋକ ଏବଂ ଶକ୍ତି ପାଇବ।

ଏପରିକି ପ୍ରେମ ବ୍ୟତୀତ ସତ୍ୟର ପରିପ୍ରକାଶ ହୋଇ ପାରିବ ନାହିଁ। କେବଳ ପ୍ରେମ ମଧ୍ୟ ଦେଇ ସତ୍ୟର ପରିପ୍ରକାଶ ହୋଇଥାଏ। ପ୍ରେମର ଅଗ୍ନିଶିଖାଟି ହୃଦୟର ଗଭୀରତା ମଧ୍ୟରେ ଜଳୁଥାଏ। କେବଳ ପ୍ରେମ ହିଁ ତୁମକୁ ରକ୍ଷା କରି ପାରିବ। ଏବଂ ଏହି ପୃଥିବୀ ପ୍ରେମ ଆଡ଼କୁହିଁ ନିଜକୁ ଖୋଲି ଧରିବ।

ମୁଁ ସର୍ବଦା ପରମ ପ୍ରଭୁଙ୍କୁ ପ୍ରାର୍ଥନା କରେ : ''ହେ ପରମ ପ୍ରଭୁ, ଆପଣଙ୍କ ଦିବ୍ୟ ପ୍ରେମ ପ୍ରକଟିତ ହେଉ ...''

ସେଠାରେ (ହୃଦୟ ମଧ୍ୟରେ) ସର୍ବଦା ଦିବ୍ୟ କରୁଣା ରହିଛି। ତୁମେ ଯଦି ଅନ୍ତର ମଧ୍ୟକୁ ପ୍ରବେଶ କର ଏବଂ ଦିବ୍ୟ ପ୍ରେମକୁ ସେଠାରେ ପାଇଯାଅ, ତା'ପରେ ସେଠାରେ 'ମୁଁ' ନାହିଁ, 'ତୁମେ' ନାହଁ, 'ଭଗବାନ୍' ନାହାନ୍ତି, 'କେହି ନାହାନ୍ତି' କିନ୍ତୁ ଅଛି କେବଳ ଦିବ୍ୟ ପ୍ରେମ ଏବଂ ସେହି ପ୍ରେମହିଁ ତୁମକୁ ଶକ୍ତି ଓ ଧୈର୍ଯ୍ୟ ପ୍ରଦାନ କରେ।

ପ୍ରେମ ଶାଶ୍ୱତ ଏବଂ ଏହା କେବେ ବି ତୁମକୁ ବିଫଳ କରେ ନାହିଁ। ବାହ୍ୟ ପୃଥିବୀ ଦ୍ୱନ୍ଦ୍ୱ ଏବଂ ସନ୍ଦେହରେ ପରିପୂର୍ଣ୍ଣ।

ଅନ୍ତର ମଧ୍ୟରେ ବାସ କର, ଯେଉଁଠାରେ **ପ୍ରେମ**ର ନିବାସ ...

୨୯.୪.୬୪

ମା, ନିଦରେ ଶୋଇଥିବା ବେଳେ ମୁଁ କାହିଁକି ଚମତ୍କାର ସ୍ୱପ୍ନସବୁ ଦେଖିବାକୁ ପାଏ ନାହିଁ ?

ତୁମେ ଭାବୁଛ କି ମୁଁ ସୁଖକର ସ୍ୱପ୍ନସବୁ ଦେଖେ ? ରାତିସାରା ମୁଁ ସର୍ବଦା ସତ୍ତାଗୁଡ଼ିକର କାମନାସକଳକୁ ଦେଖେ, ସେମାନଙ୍କର କଳ୍ପନାରାଜିକୁ, ଅପବିତ୍ରତାଗୁଡ଼ିକୁ ଏବଂ ଏହିପରି ବସ୍ତୁଗୁଡ଼ିକୁ।

ମୁଁ ସେମାନଙ୍କର ସତ୍ତାଗୁଡ଼ିକୁ ଠିକ୍ ଭାବରେ ସଂଗଠିତ କରେ। ଏହିପରି ଭାବେ ମୋର ସମଗ୍ର ରାତ୍ରି ବିତିଯାଏ।

ରାତିରେ ମୁଁ ତୁମକୁ ସମସ୍ୟାରେ ପକାଏ କି ?

ନା, ରାତିରେ ନିଦ୍ରାବସ୍ଥାରେ ତୁମେ ମୋତେ ସମସ୍ୟାରେ ପକାଅ ନାହିଁ,– ମାତ୍ର ତୁମେ ଯେତେବେଳେ ବିଚଳିତ ହୋଇପଡ଼ ଏବଂ ଅସ୍ୱସ୍ତି ବୋଧକର, ମୁଁ ସଙ୍ଗେ ସଙ୍ଗେ ଜାଣିପାରେ ଏବଂ ତା'ପରେ ମୁଁ ସେସବୁକୁ ସଜାଡ଼ି ଦିଏ ।

ସର୍ବଦା ନୀରବ ଓ ଶାନ୍ତ ରୁହ ଏବଂ ସବୁକଥା କେବଳ ଭଗବାନଙ୍କ ଉପରେ ଛାଡ଼ିଦିଅ ଯେହେତୁ ଆମେ ଯାହା ଜାଣିଥାଉ ତା'ଠାରୁ ସେ ଅଧିକ ଜାଣନ୍ତି । ସେ ସର୍ବଦା ମଣିଷମାନଙ୍କ ପାଇଁ ଯାହା ସର୍ବୋତ୍ତମ ତାହା କରନ୍ତି । ସେ ଜାଣନ୍ତି ଏହା କିପରି କରିବାକୁ ପଡ଼ିବ । ଆମେ ନିଶ୍ଚିତ ଭାବେ କେବଳ ତାଙ୍କ ଇଚ୍ଛାନୁସାରେ କାର୍ଯ୍ୟଟିକୁ କରିବାକୁ ତାଙ୍କୁ ଛାଡ଼ିଦେବା । ଏବଂ ସରଳ ହୃଦୟରେ ପ୍ରାର୍ଥନା କରିବା, ''ହେ ଭଗବାନ୍ ! ଏହାହିଁ କର, ଏହାହିଁ କର, ଏହାହିଁ କର ...''

ଯଦିଓ ତୁମେ ଏହା କରିବାକୁ ଚେଷ୍ଟାକର, ଏସବୁ କିଛି ସାହାଯ୍ୟ କରିପାରେ ନାହିଁ । ଆମେ ନିଶ୍ଚିତ ଭାବେ ଭଗବାନଙ୍କୁ ସବୁକିଛି ତାଙ୍କର ସ୍ୱକୀୟ ଧାରାରେ କରିବାକୁ ଛାଡ଼ିଦେବା ।

ଭଗବାନ୍ କୌଣସି ଅଲୌକିକତାରେ ବିଶ୍ୱାସ କରନ୍ତି ନାହିଁ, ଅଥବା ଏସବୁକୁ ପସନ୍ଦ ମଧ୍ୟ କରନ୍ତି ନାହିଁ । କାରଣ ଅଲୌକିକତାସବୁ କ୍ଷଣସ୍ଥାୟୀ । ଭଗବାନଙ୍କ ଦିବ୍ୟ କର୍ମ ଚିରସ୍ଥାୟୀ । କିନ୍ତୁ, ଅବଶ୍ୟ ଏହା ସମୟ ସାପେକ୍ଷ; ଆମକୁ କେବଳ ଧୈର୍ଯ୍ୟ ଧରିବାକୁ ପଡ଼ିବ ଏବଂ ଆମର ସକଳ ସହନଶୀଳତା ସହ ନୀରବ ରହିବାକୁ ହେବ ।

ପୃଥିବୀ ନିଶ୍ଚୟ ପରିବର୍ତ୍ତିତ ହେବ ।

ମୁଁ ପୃଥିବୀ ପାଇଁ ଅପେକ୍ଷା କରି ପାରିବି ନାହିଁ ।

ପ୍ରତ୍ୟେକ ବିଷୟ ଭଗବାନଙ୍କ ନିଷ୍ପତ୍ତି ଉପରେ ଛାଡ଼ି ଦିଆଯାଉ । ଯେହେତୁ ସେ ଜାଣନ୍ତି ଏବଂ ପ୍ରତ୍ୟେକ ବିଷୟ ଯଥାର୍ଥ ଭାବରେ କରନ୍ତି ।

ପ୍ରେମ, ଏବଂ ତୁମ ଭିତରେ ଥିବା ସେହି ପ୍ରେମ ମୋତେ ସାହାଯ୍ୟ କରିବ ।

ମୁଁ ଜାଣେ ଏବଂ ନିଶ୍ଚିତ ଭାବରେ ତୁମକୁ କହିପାରେ ଯେ ସତ୍ୟର ବିଜୟ ସୁନିଶ୍ଚିତ ...

୨୧.୫.୬୪

୧୯୬୪ ମସିହା ମେ ମାସ ୩୦ ତାରିଖରେ ମୁଁ ମା'ଙ୍କ ନିକଟକୁ ଗଲି । ସେ ମୋତେ ଆଧ୍ୟାତ୍ମିକ ଜୀବନ ସମ୍ପର୍କରେ ଅନେକ କଥା କହିଲେ । ସେ କହିଲେ :

ଏ ପୃଥିବୀରେ ଜଣେ ବି ବ୍ୟକ୍ତି ଯନ୍ତ୍ରଣାରହିତ ନୁହେଁ । ଏହି ବହିର୍ଜଗତରୁ ତୁମେ ଯଦି ନିଜକୁ ଅଲଗା କରି ନେଇଛ, ତେବେ ନିଶ୍ଚିତଭାବେ ତୁମେ ସୁଖୀ । ଅପରପକ୍ଷରେ, ତୁମେ ଯଦି ତୁମ ନିଜ କଥା, ତୁମର ଅନୁଭବ, ତୁମର ଚିନ୍ତାରାଜି ଆଦି ସମ୍ପର୍କରେ ଭାବି ଚାଲ ଏବଂ ତୁମର ମନ ଏ ପ୍ରକାରର ଶହ ଶହ କାର୍ଯ୍ୟ କରିବାକୁ ଆରମ୍ଭ କରେ ତେବେ ଶୋଚନୀୟ ଭାବେ ତୁମେ ଦୁଃଖୀ ଓ ଅସୁଖୀ ହୋଇଥାଅ । ଏପରିକି ଯେଉଁମାନେ ନିଜକୁ ସୁଖୀ ବୋଲି ଭାବନ୍ତି, ପର ମୁହୂର୍ତ୍ତରେ ସେମାନେ ଭାବନ୍ତି ସେମାନେ ଅସୁଖୀ ଏବଂ ଅଧିକ ଦୁଃସ୍ଥ । ଏ ଜଗତ୍ ଏହିପରି ।

ଏକମାତ୍ର ଭଗବାନଙ୍କ ଉପରେ ଏକାଗ୍ର ହୁଅ, ତାଙ୍କୁ ପ୍ରାର୍ଥନା କର, ଯେହେତୁ ସେ ସର୍ବଦା ପ୍ରାର୍ଥନା ଶୁଣନ୍ତି ଏବଂ ସାହାଯ୍ୟ କରନ୍ତି । ମାତ୍ର ଏହା ପୂର୍ଣ୍ଣ ନିଷ୍ଠା ଏବଂ ଗ୍ରହଣଶୀଳତା ଉପରେ ନିର୍ଭର କରେ । ଏହା ବ୍ୟତୀତ ଅନ୍ୟ ଉପାୟ ନାହିଁ ।

ତୁମେ ତାଙ୍କ (ଭଗବାନଙ୍କ) ଭିତରେ ଆରାମରେ ଆଶ୍ରୟ ଗ୍ରହଣ କରିପାର । ଏପଟ ସେପଟକୁ ଚାହଁ ନାହିଁ, ତୁମର ଚକ୍ଷୁ, ମୁହଁ ଓ କାନକୁ ନିବୁଜ କରିଦିଅ । କେବଳ ଭଗବାନଙ୍କୁ ଏବଂ ତାଙ୍କର ପ୍ରେମକୁ ଚିନ୍ତା କର । **ତାଙ୍କ ପ୍ରେମର ଗୋଟିଏ ବିନ୍ଦୁରେ ବି ରହିଛି ସତ୍ୟର ଚିରନ୍ତନତା ।** ପ୍ରତ୍ୟେକ ବସ୍ତୁ ଉଭେଇ ଯିବ, ମାତ୍ର ଭଗବାନ୍ ସର୍ବଦା ଅଛନ୍ତି ଶାଶ୍ୱତତା ଭିତରେ । ତେଣୁ କେବଳ ତାଙ୍କ ସହିତ ଦୃଢ଼ଭାବେ ସଂଯୁକ୍ତ ହୋଇ ରୁହ ।

ତୁମର ମନ ଏବଂ ଭାବନାକୁ ଘୂରି ବୁଲିବାକୁ ଏବଂ ବାହ୍ୟ ଘଟଣାସବୁକୁ ଜାବୁଡ଼ି ଧରି ରଖିବାକୁ ଛାଡ଼ି ଦିଅ ନାହିଁ । ଅନ୍ୟଥା ତୁମର ଚେତନା ବିକ୍ଷିପ୍ତ ହୋଇଯିବ ଏବଂ ତୁମେ ଅସୁଖୀ ହେବ । ଭଗବାନ୍ ଅପେକ୍ଷା କରନ୍ତି ଏବଂ ତୁମର ଗତିବିଧିଗୁଡ଼ିକୁ ନିରୀକ୍ଷଣ କରନ୍ତି । ତୁମର ସର୍ବଦା ଗୋଟିଏ ମାତ୍ର ଲକ୍ଷ୍ୟ ରହିବା ଉଚିତ ଏବଂ ସେ ହେଉଛନ୍ତି ପରମ ପ୍ରଭୁ, ତାଙ୍କର ପ୍ରେମ ଏବଂ ତାଙ୍କର କର୍ମ ।

ଯଦି ଲୋକମାନେ ଏବଂ ବସ୍ତୁସକଳ ତୁମକୁ ଭଗବାନଙ୍କ ଆଡ଼କୁ ଅଗ୍ରସର ନ କରାନ୍ତି, ତେବେ ସେମାନଙ୍କ ସହିତ ତୁମର

କୌଣସି ସମ୍ପର୍କ ରହିବା ଉଚିତ ନୁହେଁ । ସେମାନଙ୍କୁ ଖାତିର କର ନାହିଁ । କେବଳ ଭଗବାନଙ୍କୁ ଶୁଣ । ଯଦି ମନ୍ଦ ବିଷୟସବୁ ତୁମ ପାଖକୁ ଆସେ, ତେବେ ତୁମେ ସେସବୁ ଓ ତୁମ ଭିତରେ ଭଗବାନଙ୍କୁ ସ୍ଥାପନ କର ଏବଂ ତୁମେ ସୁରକ୍ଷିତ ରହିବ ।

ମୁଁ ଜାଣେ ଏସବୁ କହିବା ଅପେକ୍ଷା କାର୍ଯ୍ୟ କରିବା ବହୁ ଅଧିକ କଷ୍ଟକର । ମାତ୍ର ଏହାହିଁ ବାସ୍ତବିକତା, ମୋ ସନ୍ତାନ । ଥରେ ତୁମେ ନିଜକୁ ବାହ୍ୟ ପରିବେଶ ଓ ପରିବେଷ୍ଟନୀରୁ ଅପସାରିତ କରିନିଅ, କ୍ରମଶଃ ତୁମେ ସଫଳ ହେବ ।

ଏହି ଦେହ ମଧ୍ୟ ରୂପାନ୍ତରିତ ହୋଇପାରିବ । ଦିନେ ଏହା ହେବ । ମାତ୍ର ଏହା ସମୟ ନେବ । ସର୍ବପ୍ରଥମେ ଚେତନା ପୂର୍ଣ୍ଣରୂପେ ଭଗବଦ୍ ଚେତନା ସହିତ ଏକାତ୍ମ ହେବାକୁ ପଡ଼ିବ ।

ଶରୀର ହେଉଛି ନିର୍ବୋଧ, କାରଣ ଏହା ସବୁକିଛିକୁ ଅନୁଭବ କରେ ଏବଂ ତା'ପରେ ଅସୁସ୍ଥ ହୁଏ, ମାତ୍ର ସମୟ ଆସିବ ଶରୀର ମଧ୍ୟ ପ୍ରତ୍ୟେକ କଥାରେ ଅଭ୍ୟସ୍ତ ହୋଇଯିବ ।

ପରିଶେଷରେ ପରମ ପ୍ରଭୁ ଏବଂ ପୃଥିବୀ ଏକ ହୋଇଯିବେ ।

୩୦.୫.୬୪

ଏଠାରେ ଅନେକ ଲୋକ ବୃଥା ବାକ୍ୟାଳାପ କରୁଛନ୍ତି ଏବଂ ମିଥ୍ୟା କଥାସବୁ କହୁଛନ୍ତି – ଏପରିକି ସେମାନେ ମୋ ନାମକୁ ବ୍ୟବହାର କରନ୍ତି ଏବଂ ବହୁତ କଥା କହନ୍ତି । ସେମାନେ ଯାହା କହନ୍ତି, ସେକଥାକୁ ବିଶ୍ୱାସ କର ନାହିଁ, କାରଣ ସେମାନେ ସତ୍ୟ କହନ୍ତି ନାହିଁ ।

ସେମାନେ ବହୁକଥା କଳ୍ପନା କରନ୍ତି, କୌଣସି ଆଧାର ନଥାଇ ଗଳ୍ପ ତିଆରି କରନ୍ତି ଏବଂ ଚାରିଆଡ଼େ ତାହା ପ୍ରଚାର କରନ୍ତି ।

ମୁଁ ତୁମକୁ କହୁଛି : ଏହି ଲୋକମାନଙ୍କର କଥା ଶୁଣ ନାହିଁ – ଯଦି ବି ସେମାନେ ତୁମକୁ କହନ୍ତି : 'ମା, ଏକଥା ବା ସେକଥା କହିଛନ୍ତି' ... ବାସ୍, ତୁମେ ନୀରବ ରୁହ ଏବଂ ଉତ୍ତର ଦିଅ 'ଏକଥାରେ ମୁଁ ଆଗ୍ରହୀ ନୁହେଁ ... ।'

ଏଠାରେ ଅଳ୍ପ କେତେକ ଲୋକ ଅଛନ୍ତି ଯେଉଁମାନେ ପ୍ରକୃତରେ ସାଧୁ, ନିଷ୍ଠାପର ଏବଂ ସେମାନଙ୍କର ଶୁଭେଚ୍ଛା ରହିଛି । ବାକି ଲୋକମାନେ ବୃଥା ଗପରେ ମଜ୍ଜି ନିଜକୁ ବିଶୃଙ୍ଖଳ ଏବଂ ଅପ୍ରୀତିକର ସ୍ଥିତିରେ ରଖିଥା'ନ୍ତି ଏବଂ ସେମାନେ ଯେପରି ଅଛନ୍ତି ସେହିପରି ରହିଥା'ନ୍ତି !

ଦେଖିବାକୁ ଗଲେ ମୁଁ ଆଦୌ ଏସବୁ ଅବାନ୍ତର କଥାକୁ,– ଲୋକେ କ'ଣ କହନ୍ତି, ଭାବନ୍ତି କିଂବା କଳ୍ପନା କରନ୍ତି ସେସବୁକୁ ଗୁରୁତ୍ୱ ଦିଏ ନାହିଁ । ମିଥ୍ୟା ମୋତେ ସ୍ପର୍ଶ କରେ ନାହିଁ । ମୁଁ ତୁମକୁ କହୁଛି ସେମାନଙ୍କୁ ଶୁଣ ନାହିଁ ।

ମୁଁ ମା'ଙ୍କୁ ପଚାରିଲି, ''ତେବେ ଯେଉଁ ଲୋକମାନେ ବର୍ତ୍ତମାନ ଯେମିତି ଅଛନ୍ତି ଯଦି ସେମିତି ରହିଯିବେ, ସେମାନଙ୍କର ରୂପାନ୍ତର କିପରି ହୋଇପାରିବ ?''

ମା' କହିଲେ : ଏହାହିଁ ହେଉଛି ପ୍ରଶ୍ନ – ସବୁକଥା ସେମାନଙ୍କ ଉପରେ ନିର୍ଭର କରେ – ଏହା ସେମାନଙ୍କ ଉପରେ ନିର୍ଭର କରେ । ଲୋକମାନେ ଭାବୁଛନ୍ତି ଭଗବାନ୍ ଯାହା କରନ୍ତି ସେମାନେ ତାଙ୍କଠାରୁ ଅଧିକ ଜାଣିଛନ୍ତି । କିନ୍ତୁ ଶ୍ରୀଅରବିନ୍ଦ ତାଙ୍କର ଗୋଟିଏ ପୁସ୍ତକରେ ଲେଖିଛନ୍ତି :

''The power that governs the world is at least as wise as you and it is not absolutely necessary that you should be consulted or indulged in its management; God is seeing to it.'' (CWSA, Vol. 13, p. 79)

ଅର୍ଥାତ୍, ''ଯେଉଁ ଶକ୍ତି ଜଗତକୁ ପରିଚାଳନା କରୁଛି ଅନ୍ତତଃ ସେ ତୁମ ପରି ବିଜ୍ଞ ଏବଂ ଏହା ଅନିବାର୍ଯ୍ୟ ଭାବେ ପ୍ରୟୋଜନୀୟ ନୁହେଁ ଯେ ତୁମର ପରାମର୍ଶ କିଂବା ସଂଶ୍ଳିଷ୍ଟତା ଏକାନ୍ତ ଭାବେ ଗ୍ରହଣଯୋଗ୍ୟ ହେବା ଉଚିତ । ଭଗବାନ୍ ଏହାକୁ ଦେଖୁଛନ୍ତି ।''

୨୦.୬.୬୪

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑



ଯେଉଁ ସମ୍ପତ୍ତି ଦିବ୍ୟ ପରମସତ୍ତାଙ୍କ ଲାଗି ଅର୍ପିତ ହୁଏ, ତାହାହିଁ ଯଥାର୍ଥ ସମ୍ପତ୍ତି ।

– ଶ୍ରୀମା

ଆମ ଜାତୀୟ ଜୀବନର ଲକ୍ଷ୍ୟ ଓ ଯୁବସମାଜ

ପ୍ରପତ୍ତି

''ତରୁଣ-ଭାରତକୁ ଆମ୍ଭେମାନେ ଆହ୍ୱାନ କରୁଛୁ, ତରୁଣମାନେହିଁ ଏହି ନୂତନ ଜଗତର ନିର୍ମାତା ହେବେ, କିନ୍ତୁ ସେମାନେ ନୁହନ୍ତି ଯେଉଁମାନେ ପାଶ୍ଚାତ୍ୟ ଜଗତର ପ୍ରତିଯୋଗିତାମୂଳକ ବ୍ୟକ୍ତିତନ୍ତ୍ର, ପୁଞ୍ଜିବାଦ ବା ବସ୍ତୁତାନ୍ତ୍ରିକ ସାମ୍ୟବାଦକୁ ଭାରତର ଭବିଷ୍ୟତ୍ ଆଦର୍ଶ ରୂପେ ଗ୍ରହଣ କରନ୍ତି ବା ଯେଉଁମାନେ ହୋଇଛନ୍ତି ପୁରାତନ ଧର୍ମନୀତିର କ୍ରୀତଦାସ, ଅଥବା ଯେଉଁମାନେ ଆଧ୍ୟାତ୍ମିକତା ଦ୍ୱାରା ଜୀବନର ରୂପାନ୍ତରରେ ବିଶ୍ୱାସ କରନ୍ତି ନାହିଁ। ବରଂ ଯେଉଁମାନେ ଏକ ପୂର୍ଣ୍ଣତର ସତ୍ୟ ଗ୍ରହଣ କରିବାକୁ ସମର୍ଥ ଏବଂ ମହତ୍ତର ଆଦର୍ଶ ନିମିତ୍ତ ଅଧ୍ୟବସାୟ କରିବାକୁ ଯେଉଁମାନଙ୍କର ମନ ଓ ହୃଦୟ ଉନ୍ମୁକ୍ତ, ସେହିମାନେହିଁ ଏହି ଜଗତର ନିର୍ମାତା ହେବେ। ସେମାନେ ଏପରି ବ୍ୟକ୍ତି ହେବେ ଯେଉଁମାନେ ଅତୀତ ଓ ବର୍ତ୍ତମାନ ପ୍ରତି ନିଜକୁ ଉତ୍ସର୍ଗ ନକରି ବରଂ ଭବିଷ୍ୟତ୍ ପ୍ରତି ନିଜକୁ ଉତ୍ସର୍ଗ କରିବେ। ସେମାନେ ନିଜକୁ ପୂର୍ଣ୍ଣପ୍ରାଣରେ ଉତ୍ସର୍ଗ କରିବେ ନିଜର ନିମ୍ନ-ପ୍ରକୃତିକୁ ଅତିକ୍ରମ କରିବା ନିମିତ୍ତ, ନିଜ ମଧ୍ୟରେ ତଥା ସକଳଙ୍କ ମଧ୍ୟରେ ଈଶ୍ୱରଙ୍କୁ ଅନୁଭବ କରିବା ନିମିତ୍ତ, ଦେଶ ଓ ମାନବ-ସମାଜ ସକାଶେ ଅକ୍ଲାନ୍ତ ଅଧ୍ୟବସାୟ କରିବା ନିମିତ୍ତ। ଏପର୍ଯ୍ୟନ୍ତ ଏହି ଆଦର୍ଶ ରହିଛି ଏକ ସୂକ୍ଷ୍ମ ବୀଜ ରୂପେ, ଏବଂ ଯେଉଁ ଜୀବନରେ ଏହା ମୂର୍ତ୍ତ ତାହା ଏକ ସୂକ୍ଷ୍ମକେନ୍ଦ୍ର।''

— ଶ୍ରୀଅରବିନ୍ଦ

ବହୁବର୍ଷ ପୂର୍ବେ ୧୯୨୦ ମସିହାରେ ଶ୍ରୀଅରବିନ୍ଦ ନବ-ଭାରତର ତରୁଣମାନଙ୍କ ପ୍ରତି ଲକ୍ଷ୍ୟ କରି ଉପର୍ଯ୍ୟୁକ୍ତ ଘୋଷଣା କରିଥିଲେ। ଏଥିରେ ଶ୍ରୀଅରବିନ୍ଦ ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି ଆଧୁନିକ ଭାରତର ଯୁବକମାନଙ୍କର ଆଦର୍ଶ କ'ଣ ହେବା ଉଚିତ ଏବଂ ଭାବୀ ମାନବ ସମାଜ ଓ ନୂତନ ଜଗତ୍ ନିର୍ମାଣ କରିବାରେ ସେମାନଙ୍କର ଭୂମିକା କ'ଣ ହେବା ଉଚିତ। ସୁତରାଂ ବର୍ତ୍ତମାନ ପରିପ୍ରେକ୍ଷୀରେ ଯୁବ-ସମାଜର ଆଦର୍ଶ ଓ କର୍ତ୍ତବ୍ୟ କ'ଣ, ଏ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଆଲୋଚନା କରିବା।

ବର୍ତ୍ତମାନ ପରିସ୍ଥିତି ଏକ ଘୋର ଘଡ଼ିସନ୍ଧିର ବେଳ। ଚାରିଆଡ଼େ ବିଶୃଙ୍ଖଳା ଓ ବିପର୍ଯ୍ୟୟ ଲାଗି ରହିଛି। ସବୁକ୍ଷେତ୍ରରେ ଅସ୍ଥିରତା, ଚଞ୍ଚଳତା ଓ ବିକ୍ଷୋଭ ଦେଖା ଦେଇଛି। ଯେତେ ପ୍ରକାର ବାହ୍ୟିକ ଜାଗତିକ ଉପଚାର ବା ଉପାୟ ଅବଲମ୍ବନ କଲେ ମଧ୍ୟ ଅନ୍ତରରେ ଶାନ୍ତି ବା ସନ୍ତୋଷ ଆସୁ ନାହିଁ। ବିଶେଷଭାବେ ସମୃଦ୍ଧ ଓ ଧନଶାଳୀ ଦେଶଗୁଡ଼ିକରେ ଅବସ୍ଥା ଆହୁରି ବିରକ୍ତିକର। ମାନସିକ ରୋଗ, ଅପମୃତ୍ୟୁ, ଆତ୍ମହତ୍ୟା, ଯୌନବିକୃତି, ସାମାଜିକ ଅନାଚାର ଓ ଅନୀତି, ମାନବିକ ବୁଦ୍ଧି, ବିବେକ, ମୂଲ୍ୟବୋଧ ମୂଳରେ କୁଠାରାଘାତ କରୁଛି। ମଣିଷର ମନ ଓ ଚେତନା ଯେପରି କୃତ୍ରିମ, କୁତ୍ସିତ ହୋଇଛି ସେହିପରି ଅଯଥା ଓ ଅତିମାତ୍ରାରେ ସମ୍ବେଦନଶୀଳ (Sensational) ହୋଇ ଉଠିଛି। ସବୁ ଦେଶରେ, ସମଗ୍ର ମାନବଗୋଷ୍ଠୀ ମଧ୍ୟରେ ଏପରି ହତାଶାର ଝଡ଼ ବହୁଛି, ଏପରି ନୈରାଶ୍ୟ ଭିତରେ ମନୁଷ୍ୟ ଡୁବି ଯାଇଛି, ଆଉ କିଛି ରହିବ କି ନ ରହିବ, କି ସବୁକିଛି ଡୁବିଯିବ — ତାହା ବି ଜଣାଯାଉ ନାହିଁ। ବିଜ୍ଞାନର ଅଭୂତପୂର୍ବ, ଅତି ବିସ୍ମୟକର ଆବିଷ୍କାର ଓ ଉଦ୍ଭାବନ ସତ୍ତ୍ୱେ ମନୁଷ୍ୟ-ମନ ଶାନ୍ତ ବା ସ୍ଥିର ହେଉ ନାହିଁ। ପ୍ରଶ୍ନ ପରେ ପ୍ରଶ୍ନ, ତା'ପରେ ପ୍ରଶ୍ନ; ତା'ପରେ ପ୍ରଶ୍ନ — ''କ'ଣ ହେବ ? ତା'ପରେ କ'ଣ ହେବ ? ତା'ପରେ କ'ଣ ହେବ ? ଆମେ ବଞ୍ଚି ରହିପାରିବୁ ତ ?''

ଏପରି ଏକ ସାମଗ୍ରିକ, ସର୍ବଗ୍ରାସୀ ଚୂଡ଼ାନ୍ତ ବିଶୃଙ୍ଖଳା ମନୁଷ୍ୟଜାତିର ଇତିହାସରେ କେବେ ଘଟିଥିଲା କି ନାହିଁ ଆମକୁ ଜଣା ନାହିଁ। ବିଭିନ୍ନ ସମୟରେ, ବିଭିନ୍ନ ଦେଶରେ ଯୁଦ୍ଧ, ବିଗ୍ରହ, ଧ୍ୱଂସ, ପ୍ରାକୃତିକ ଦୁର୍ଘଟଣା ଓ ସାମାଜିକ ଅବକ୍ଷୟ ଲାଗି ରହିଥିଲା — ତାହା ଆସେ ଏବଂ ଯାଏ। କିନ୍ତୁ ବର୍ତ୍ତମାନ ଯେଉଁ ବିଧ୍ୱଂସ ଏବଂ ବିପର୍ଯ୍ୟୟର କ୍ରିୟା ଚାଲିଛି ତାହା ଅତି ସୁଦୂରପ୍ରସାରୀ, ଅତି ଗଭୀର, ଆଶାତୀତ ଓ କଳ୍ପନାତୀତ। ତେବେ ଏସବୁର ଅର୍ଥ କ'ଣ ? ଏସବୁର ରହସ୍ୟ କ'ଣ ? ଦିନ ଦ୍ୱିପହରେ କ'ଣ ଅନ୍ଧକାର ଘୋଟିଯିବ ! ବିଜୟ ଗର୍ବରେ ମନୁଷ୍ୟ ପୃଥିବୀକୁ ଭୋଗ କରିବାକୁ ଯାଉଥିଲା ବେଳେ କ'ଣ ରସାତଳଗାମୀ ହେବ ? ଏ ବିରାଟ 'ଓଲଟପାଲଟ'ର ଅର୍ଥ କ'ଣ ? ଆମ୍ଭମାନଙ୍କର ବଞ୍ଚି ରହିବାର ଉଦ୍ଦେଶ୍ୟ କ'ଣ ? ଆଉ ଆବଶ୍ୟକତା ବା କ'ଣ ? — ଏହିପରି ଚିନ୍ତା ଏବଂ ଭାବନା,

ଆବେଗ, ପ୍ରବେଗ, ଅନୁଭୂତି, ସମ୍ବେଦନ ମନୁଷ୍ୟର ଶିରାପ୍ରଶିରାରେ, ରକ୍ତରେ ମିଶି ଗଲାଣି । ସମସ୍ତେ ଯେପରି ଏହି ବିଷାକ୍ତ, କ୍ଷୟକାରୀ ମଦିରା ପାନ କରି ଇତସ୍ତତଃ, ବିପର୍ଯ୍ୟସ୍ତ, ହନ୍ତସନ୍ତ । ବଞ୍ଚି ରହିବା ବା ମରିଯିବା ସମାନ ହୋଇ ଯାଇଛି – ସୃଷ୍ଟି ଓ ବିନାଶ ଏକହିଁ କଥା – ଜନ୍ମ-ମୃତ୍ୟୁ, ଶୁଭ-ଅଶୁଭ, ଜୟ-ପରାଜୟ ସବୁ ଯେପରି ସମାନ । ସାରା ସୃଷ୍ଟିଟା ଯେପରି ଆଶ୍ରୟହୀନ ଆଉ ସମଗ୍ର ମନୁଷ୍ୟଜାତି ଯେପରି ଏକ ତୀକ୍ଷ୍ଣ ଓ ଗଭୀର ଗହ୍ୱର ମୁଖରେ ଉପନୀତ ହୋଇଛି ।

ଏହି ଦୁର୍ବିଷହ ପରିବେଶ ମଧ୍ୟରେ ଧର୍ମ-କର୍ମ, ନୀତିଶାସ୍ତ୍ରର ଉପଦେଶ ମଧ୍ୟ ଅରଣ୍ୟରୋଦନ ତୁଲ୍ୟ ହୋଇ ଉଠିବ । କେତେ ଆଦର୍ଶ, କେତେ ବାଦ, ବିସମ୍ବାଦ, ବ୍ୟାଖ୍ୟାନ, ଉପାଖ୍ୟାନ – ସବୁ ଯେପରି ନିରର୍ଥକ, ମୂଲ୍ୟହୀନ ହୋଇ ଯାଇଛି । ସୂର୍ଯ୍ୟଙ୍କର ଦୀପ୍ତି ନାହିଁ ବା ଚନ୍ଦ୍ରଲୋକରେ ଶୀତଳତା ନାହିଁ, ନିଶାର୍ଦ୍ଧର ଗାମ୍ଭୀର୍ଯ୍ୟ ମଧ୍ୟ ନାହିଁ । ସବୁ ଶେଷ, ସବୁଥିରେ ପୂର୍ଣ୍ଣଚ୍ଛେଦ ।

ତେବେ ଆମ୍ଭେମାନେ ଗଭୀର ଦୃଷ୍ଟି ସହ ଲକ୍ଷ୍ୟ କଲେ ବୁଝିପାରିବା ଯେ ଏହା ଏକ ନୂତନ ସୃଷ୍ଟିର ପ୍ରାକ୍‌କାଳ, ନୂତନ ଜଗତର ଅଭ୍ୟୁଦୟ-ବେଳ । ନୂତନ ସୃଷ୍ଟି ଓ ନୂତନ ଜଗତର ପ୍ରକାଶକାଳୀନ ସମସ୍ତ ଲକ୍ଷଣ ଏହି ବିଧ୍ୱଂସ ଓ ବିଶୃଙ୍ଖଳା ମଧ୍ୟରେ ସ୍ପଷ୍ଟ ଦିଶୁଛି । ଏହାହିଁ ପ୍ରକୃତିର ନିୟମ – ନୂତନ ସତ୍ୟ, ନୂତନ ଚେତନା, ନୂତନ ମାନବ ଗୋଷ୍ଠୀ, ଅର୍ଥାତ୍ ଏକ ନୂତନ ଜଗତ୍ ପ୍ରତିଷ୍ଠା ପୂର୍ବରୁ ପୁରାତନ ସୃଷ୍ଟିର ସକଳ ବସ୍ତୁ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଚୂରମାର୍ ହୋଇଯିବ । ଯାହା କେବଳ ଆଗାମୀ ନବ-ସୃଷ୍ଟିର ଉପାଦାନ ରୂପେ ବ୍ୟବହାର ହୋଇ ପାରିବ ତାହାହିଁ ରହିବ, ବାକି ସବୁକିଛି ଲୋପ ପାଇଯିବ । ନବସୃଷ୍ଟିର ପ୍ରସବ ବେଦନାର କାଳ ଅତି ଭୟଙ୍କର, ଅତି ବିପଦସଙ୍କୁଳ !

ତେବେ ଏସବୁରେ କେଉଁମାନେ ବେଶୀଭାବେ ଆକ୍ରାନ୍ତ ? କେଉଁମାନଙ୍କ ମଧ୍ୟରେ ଦେଖା ଯାଇଛି ସବୁଠାରୁ ବେଶୀ ଉଦ୍‌ବେଳନ ? ଏଥିରେ ତରୁଣମାନେହିଁ ଉତ୍‌କ୍ରାନ୍ତ ଓ ଉଦ୍‌ବେଳିତ । ପୁଣି ଏହି ନୂତନ ଜଗତର ସୃତ୍ରଧର ହେବେ କେଉଁମାନେ ? ତରୁଣମାନେ । ସୁତରାଂ ପୁରାତନ ସୃଷ୍ଟିର ବିଧ୍ୱଂସକର୍ତ୍ତା ହେଲେ ତରୁଣମାନେ, ନୂତନ ସୃଷ୍ଟିର ଆବାହକ ହେଲେ ତରୁଣମାନେ । ଧ୍ୱଂସରେ ହେଉ ବା ସୃଷ୍ଟିରେ ହେଉ ସର୍ବତ୍ର ଯେପରି ତାରୁଣ୍ୟର ଜୟଗାନ ।

ଆମ୍ଭେମାନେ ଯାହା ଏଠାରେ ଉଲ୍ଲେଖ କରୁଛୁ, ତାହାର ଗଭୀର ରହସ୍ୟ ଉପଲବ୍ଧି କରିବା ଆବଶ୍ୟକ । ଏକଥା ସତ୍ୟ ଯେ ସମଗ୍ର ତରୁଣ-ସମାଜ ଆଜି ଏକ ଅଶ୍ରୁତପୂର୍ବ, ଅଦୃଷ୍ଟପୂର୍ବ ବିପ୍ଳବର ସମ୍ମୁଖୀନ ହୋଇଛି । ତରୁଣମାନେହିଁ ବିପ୍ଳବବାଦୀ ଏବଂ ଆଗାମୀ ବିପ୍ଳବର ଯେଉଁ ଆହ୍ୱାନ ଆସିଛି ତାହାର ଉତ୍ତର ଦେବାକୁ ହେବ । ଏହି ବିପ୍ଳବର ବିଜୟ ଉପରେ ମାନବଜାତିର ଭାଗ୍ୟ ନିର୍ଦ୍ଧାରିତ ହୋଇଯିବ ।

ଦୁଇ ପ୍ରକାର ବିପ୍ଳବ ରହିଛି : ଅଜ୍ଞାନରେ ବିପ୍ଳବ, ସଜ୍ଞାନରେ ବିପ୍ଳବ । ଅଜ୍ଞାନରେ ଯେଉଁ ବିପ୍ଳବ ତାହା ବାହ୍ୟିକ, ଅନ୍ଧ ଭାବରେ ପରିଚାଳିତ, ବହୁ ହାଣକାଟ, ରକ୍ତପାତ ଓ ବିଧ୍ୱଂସରେ ଏହା ପ୍ରକାଶିତ ହୁଏ । ପ୍ରକୃତିର ଚିରାଚରିତ ମାର୍ଗରେ ଏହି ଅଜ୍ଞାନର କ୍ରିୟା ବେଶୀ ଭାବରେ ଦେଖାଦିଏ । କିନ୍ତୁ ଆଉ ଏକ ପ୍ରକାର ବିପ୍ଳବ ଅଛି, ତାହାହେଲା ସଚେତନ ଭାବେ, ସଜ୍ଞାନରେ ବିପ୍ଳବ ସୃଷ୍ଟି କରିବା । ଏହାହିଁ ଆଧ୍ୟାତ୍ମିକ ବିପ୍ଳବ । ଏହି ବିପ୍ଳବ ସଙ୍ଘଟିତ ହୁଏ ମନୁଷ୍ୟ-ଚେତନାରେ, ମନୁଷ୍ୟ-ପ୍ରକୃତି ମଧ୍ୟରେ, ସ୍ୱଭାବରେ । ଏହି କ୍ଷେତ୍ରରେ ଯେତେବେଳେ ଏକ ନୂତନ ଚେତନାର ଅବତରଣ ଘଟେ ସେତେବେଳେ ସଜ୍ଞାନରେ ଯଦି ମନୁଷ୍ୟ ନିଜ କର୍ମ ଓ ଜୀବନର ପରିବର୍ତ୍ତନ କରେ, ତେବେ ସେ ବଞ୍ଚି ରହେ ନଚେତ୍ ସେହି ଚେତନାର ଚାପରେ ଧ୍ୱଂସ ମୁଖରେ ପତିତ ହୁଏ । ଏଠାରେ ପ୍ରଥମତଃ ଦେଖିବାକୁ ହେବ ବିପ୍ଳବର ମୂଳରେ କେଉଁ ଚେତନା ଓ ଶକ୍ତି କ୍ରିୟାଶୀଳ ହେଉଛି । ବେଳେ ବେଳେ ଭଗବତ୍ ସଂକଳ୍ପ ବଳରେ ସଜ୍ଞାନରେ ମଧ୍ୟ ବାହ୍ୟ ପରିବେଶକୁ ପରିବର୍ତ୍ତନ କରିବାକୁ ହୁଏ ।

କିନ୍ତୁ ଯୁବ-ସମାଜ ଆଗରେ ବର୍ତ୍ତମାନ ଯେଉଁ କାର୍ଯ୍ୟ ଓ ବିପ୍ଳବ ରହିଛି, ତାହାହେଲା ଚେତନାର ଏକ ବିପ୍ଳବ, ଏକ ଆଧ୍ୟାତ୍ମିକ ବିପ୍ଳବ । ମନୁଷ୍ୟ ନିଜକୁ ଅତିକ୍ରମ କରି ଏକ ନୂତନ ସ୍ତରରେ ଉପନୀତ ହେବ – ଏଥିନିମିତ୍ତ ଏକ ବିପ୍ଳବ । ...

... ଏକଥା ପ୍ରତ୍ୟେକ ଭାରତୀୟ ଯୁବକଙ୍କ ମଧ୍ୟରେ ସ୍ପଷ୍ଟ ହେବା ଉଚିତ ଯେ ଭାରତର ଏକ ନିଜସ୍ୱ ଜାତୀୟ ପ୍ରତିଭା (National genius) ଅଛି, ଏକ ବହୁ ସହସ୍ର ବର୍ଷବ୍ୟାପୀ ଅସ୍ତିତ୍ୱର ପାରମ୍ପରିକ ସତ୍ୟ ଓ ଦୃଷ୍ଟି ଅଛି, ନିଜର ସ୍ୱଧର୍ମ ଓ ସ୍ୱକୀୟ ବିକାଶର ଧାରା ଅଛି । ଏହି ଜାତୀୟ ପ୍ରତିଭା ହେଲା ଜାତିର ହୃତ୍‌ପିଣ୍ଡ, ସନାତନ, ଆମର ଦିବ୍ୟ-ଅଂଶ, ତାହାର ଅନ୍ତରାତ୍ମା । ଯେବେ ଏହି ଜାତୀୟ ପ୍ରତିଭା ମୁହ୍ୟମାନ ହୋଇ ଲୁପ୍ତ ହୁଏ, ତେବେ ସେ ଜାତି ମୃତ ହୁଏ, ତାହାର ଆତ୍ମା ଅମରଲୋକକୁ ଫେରିଯାଇ ସେଠାରେ ଅବସ୍ଥାନ କରେ । ଗ୍ରୀସ୍, ଇଜିପ୍ଟ୍, ରୋମ, ବେବିଲୋନ୍, ଚୀନ ପ୍ରଭୃତିର ଜାତୀୟ

ଆତ୍ମା ଆଜି ମୃତ । ତାହା ଆଜି ଆଉ ଏଠାରେ କାର୍ଯ୍ୟକାରୀ ହେଉ ନାହିଁ । ଆଜି ମଧ୍ୟ ପୂର୍ବର ସେହି ଗ୍ରୀସ୍, ବେବିଲୋନ୍, ଇଜିପ୍ଟ୍, ଚୀନ୍ ଇତ୍ୟାଦି ନାମତଃ ଥିଲେ ମଧ୍ୟ ତତ୍କାଳୀୟ ପ୍ରତିଭା ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଭାରତର ନିଜସ୍ୱ ପ୍ରତିଭା ଏବେ ବି ବଜାୟ ରହିଛି । ନାନା ଉତ୍ଥାନ-ପତନ ମଧ୍ୟରେ ଗତି କରି ମଧ୍ୟ, ବହୁ ଘାତ-ପ୍ରତିଘାତ ସହ୍ୟ କରି ମଧ୍ୟ ଭାରତର ସ୍ୱକୀୟ ପ୍ରତିଭା ଏବେ ବି ପ୍ରୋଜ୍ଜ୍ୱଳ, ଶୁଭ୍ର, ଜୀବନ୍ତ ଓ ନିର୍ମଳ ରହିଛି । ଏହି ଜାତୀୟ ପ୍ରତିଭା ତେବେ କ'ଣ ? ଏହାହିଁ ଏକ ଆଧ୍ୟାତ୍ମିକ ଭାବ, ଏକ ଆଧ୍ୟାତ୍ମିକ ଆଲୋକ, ଏହି ଦିବ୍ୟ ଭାଗବତୀ ଶକ୍ତିର କ୍ରିୟାତ୍ମିକା ବିକାଶ – ଜ୍ୟୋତିଃ, ଶକ୍ତି ଓ ସାମର୍ଥ୍ୟ । ମାନବଗୋଷ୍ଠୀ ମଧ୍ୟରେ ଭାରତହିଁ ଏହି ମହାନ୍ ଦିବ୍ୟ-ରହସ୍ୟର ଅଧିକାରୀ; ଏକ ସ୍ୱଚ୍ଛ, ସୁଦୀପ୍ତ ଜ୍ୟୋତିର୍ମୟ ଦିବ୍ୟସତ୍ତା ତାହାର ହୃଦ-କମଳରେ ବିଦ୍ୟମାନ । ଏହା ସବୁକାଳେହିଁ ଜୀବନ୍ତ ହୋଇ ରହିଛି । ଏହାକୁ ଆମ୍ଭେମାନେ ଜାତୀୟ ଆତ୍ମା (Nation-soul) ଏବଂ ଭାରତରେ ଭାରତମାତା ବୋଲି କହୁ । ଏହି ଶକ୍ତିର ବିକାଶ, ପ୍ରକାଶ ଓ ପରିସ୍ଫୁଟନ ଫଳରେ ଜାତୀୟ ଉନ୍ନତି ସଙ୍ଘଟିତ ହୁଏ । ଯେବେ ଏହି ଗୁଣଧର୍ମର ହ୍ରାସ ଘଟେ, ତେବେ ଭାରତ ଦୁର୍ଦିନରେ ପତିତ ହୁଏ, ଭାରତର ସନ୍ତାନଗଣ ଘୋର ଦୁଃଖ ଓ ଦୁର୍ଦ୍ଦଶା ମଧ୍ୟରେ ଗତି କରନ୍ତି, ନାନା ବାହ୍ୟ ଓ ଆନ୍ତର ନିର୍ଯାତନା ସହ୍ୟ କରନ୍ତି ।

ଏହି ମହାସତ୍ୟକୁ ଗଭୀର ଦୃଷ୍ଟି ସହ ବୁଝିବାକୁ ହେବ । ସୁତରାଂ ଯଦି ଏହାହିଁ ସତ୍ୟ ହୁଏ ଯେ ଏକ ଆଧ୍ୟାତ୍ମିକ ଶକ୍ତି ଓ ଜ୍ଞାନର ବିକାଶହିଁ ଭାରତର ସ୍ୱଧର୍ମ ତେବେ ଏ କ୍ଷେତ୍ରରେ ଯୁବସମାଜର କର୍ତ୍ତବ୍ୟ କ'ଣ ? କିନ୍ତୁ ଏଠାରେ ମନେ ରଖିବାକୁ ହେବ ଯେଉଁ ଆଧ୍ୟାତ୍ମିକ ବିକାଶ ବର୍ତ୍ତମାନ ସମ୍ଭବ, ତାହା ଆଉ ଗୋଟାଏ ପୁରାତନ ଆଦର୍ଶର ନୂତନ ସଂସ୍କରଣ ନୁହେଁ, ତାହା ସଂସାରବିମୁଖ ମାୟାବାଦୀ ଆଧ୍ୟାତ୍ମିକତା ନୁହେଁ । ବରଂ ତାହା ପୃଥିବୀମୁଖୀ ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକତା । ପୂର୍ବେ ଆଧ୍ୟାତ୍ମିକ ସାଧନାର ଧାରା ଊର୍ଦ୍ଧ୍ୱମୁଖୀ ହୋଇ ସଂସାରକୁ ବର୍ଜନ କରିଥିଲା । ତାହା କେବଳ ଆତ୍ମାକୁ ଗ୍ରହଣ କରି ମନ-ପ୍ରାଣ-ଶରୀରକୁ ଛାଡ଼ି ଦେଇଥିଲା । ଏହା ଫଳରେ ଜୀବନ ଓ କର୍ମରେ ଦୀପ୍ତି ବା ପ୍ରକାଶ ନଥିଲା । ସଂସାର ଯେଉଁ ଅନ୍ଧକାରରେ ଥିଲା ସେହି ଅନ୍ଧକାରରେ ରହିଗଲା । ବର୍ତ୍ତମାନ ଯେଉଁ ଆଧ୍ୟାତ୍ମିକ ବିକାଶ ହେବ ତାହା ମନୁଷ୍ୟ-ଜୀବନ, କର୍ମ ଓ ସଂସାରକୁ ଏକ ନୂତନ ଶକ୍ତିରେ ରୂପାନ୍ତରିତ କରିବ ଏବଂ ସେସବୁକୁ ନୂତନ ରୂପ ଦେବ । ଏହି ନୂତନ ଆଧ୍ୟାତ୍ମିକ ଶକ୍ତିରେ ରୂପାୟିତ, ଆଧାରିତ ବା ପରିପ୍ଲୁତ ଜୀବନହିଁ ଭାବୀ-ସମାଜର ନୂତନ କେନ୍ଦ୍ର ହେବ । ଏହି ପରିଣାମରେ ପହଞ୍ଚିବା ନିମିତ୍ତ ଭାରତକୁ ଏକ ସୁଦୃଢ଼ ପଦକ୍ଷେପ ନେବାକୁ ହେବ ।

ସୁତରାଂ ଭାରତର ଯୁବ-ସମାଜର ଯଥାର୍ଥ କର୍ତ୍ତବ୍ୟ ହେଲା ଏକ ଉନ୍ନତ, ମହାନ୍, ଦ୍ରୁତଗାମୀ, ବିକାଶଶୀଳ ମାନବ ସମାଜର ଭିତ୍ତିସ୍ଥାପନ କରିବା । ଏ ସମାଜ ଓ ଏ ଜଗତର ଭିତ୍ତି ପ୍ରଥମତଃ ନିଜ ଭିତରେ ସ୍ଥାପନ କରିବାକୁ ହେବ । ନିଜ ଚେତନା ଓ ଅନ୍ତରରେ ଏକ ନୂତନ ସତ୍ୟର ଅଗ୍ନି ସନ୍ଦୀପନ କରିବାକୁ ହେବ । କୌଣସି ପ୍ରକାର ବାହ୍ୟ ରାଷ୍ଟ୍ରନୈତିକ ବା ସାମାଜିକ ପରିବର୍ତ୍ତନ ଦ୍ୱାରା ଏହି ବିପ୍ଳବ ସଙ୍ଘଟିତ ହେବ ନାହିଁ, ଯେହେତୁ ଏହା ଏକ ଆନ୍ତରାତ୍ମିକ ବିପ୍ଳବ । ଏହି ବିପ୍ଳବର ପରିଣତିରେ ଦେଖା ଦେବ ଏକ ପ୍ରକାର ନୂତନ ମନୁଷ୍ୟ, ଯାହା ଆକାର ପ୍ରକାରରେ ମନୁଷ୍ୟତୁଲ୍ୟ ହେଲେ ବି ଚେତନାରେ ସମ୍ପୂର୍ଣ୍ଣ ଭିନ୍ନ, ଆନ୍ତର ବୃତ୍ତି ଓ କର୍ମର ପ୍ରେରଣାରେ ଏକେବାରେ ଭିନ୍ନ । ଏହି ଅଭୂତପୂର୍ବ ସ୍ୱଭାବଗତ ପରିବର୍ତ୍ତନ ଫଳରେ ମନୁଷ୍ୟ ମଧ୍ୟରେ ସତ୍ୟ, ଜ୍ୟୋତିଃ, ଶକ୍ତି ଓ ପ୍ରେମ ବୃଦ୍ଧି ପାଇବ । ଆମ୍ଭେମାନେ ଏକ ନୂତନ ଜଗତ୍ ଓ ନୂତନ ମାନବଜାତିର ଅୟମାରମ୍ଭ ଦେଖି ପାରିବା ।

ଯଦି ଅଳ୍ପ କେତେକ ବ୍ୟକ୍ତି ବିଶେଷତଃ ଯୁବକମାନେ ଏହି ମହାନ୍ ଆଦର୍ଶକୁ ନିଜ ମଧ୍ୟରେ କାର୍ଯ୍ୟକାରୀ କରାଇ ଭାବୀ-ନୂତନ ଜଗତର ପ୍ରତଷ୍ଠା କରନ୍ତି, ତେବେ ଆମ୍ଭେମାନେ ସମଗ୍ର ମାନବ ଗୋଷ୍ଠୀର ନେତୃତ୍ୱ ନେଲୁ ଏବଂ ଜାତୀୟ ଅଭ୍ୟୁତ୍ଥାନରେ ସହାୟକ ହେଲୁ ବୋଲି ବିଚାରିବୁ ।

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ,
ପୃ. ୩୮୮ - ୩୯୧)

❑❑❑



ପ୍ରଗତିର କେବେ ବି ଅନ୍ତ ନାହିଁ ଓ ପ୍ରତିଦିନ ତୁମେ ଯାହା କରୁଛ ତାକୁ ଆହୁରି ଭଲ କରି କରିବା ପାଇଁ ଶିକ୍ଷା କରିପାର ।

– ଶ୍ରୀମା

ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

(୧୧୧)

ମହେନ୍ଦ୍ରନାଥ ସ୍ୱାଇଁ

ଦିବ୍ୟ-ବିଧାନ

ମାର୍ଚ୍ଚ ୨୧, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି –

''EVERY morning my aspiration rises ardently to Thee, and in the silence of my satisfied heart I ask that Thy law of Love may be expressed, that Thy will may manifest. And in anticipation I adhere with joy and serenity to those circumstances which will express this law and this will.

"Oh, why be restless and want that for oneself things should turn out in one way and not another! Why decide that a particular set of circumstances will be the expression of the best possibilities and then launch into a bitter struggle so that these possibilities may be realised! Why not use all one's energy solely to will in the calm of inner confidence that Thy law may triumph everywhere and always over all difficulties, all darkness, all egoism! How the horizon widens as soon as one learns to take this attitude; how all anxiety vanishes giving place to a constant illumination, to the omnipotence of disinterestedness! To will what Thou willest, O Lord, is to live constantly in communion with Thee, to be delivered from all contingencies, to escape all narrowness, to fill one's lungs with pure and wholesome air, to get rid of all useless weariness, be relieved of all cumbrous loads, so as to run briskly towards the only goal worth attaining: the triumph of Thy divine Law!

"O Lord, with what joy and trust I greet Thee this morning! ..."

''ଅର୍ଥାତ୍, ''ପ୍ରତ୍ୟହ ପ୍ରଭାତରେ ମୋର ଅଭୀପ୍ସା ତୁମ ଆଡ଼କୁ ଦୃଢ଼ତାର ସହ ଉଠି ଚାଲିଛି, ଏବଂ ସନ୍ତୁଷ୍ଟି ଲାଭ କରିଥିବା ମୋର ହୃଦୟର ନୀରବତା ଭିତରେ ମୁଁ ଚାହୁଁଛି ଯେ ତୁମ ଦିବ୍ୟ ପ୍ରେମର ବିଧାନ ଯେପରି ସ୍ପଷ୍ଟଭାବେ ପ୍ରକାଶିତ ହେଉ ଏବଂ ତୁମର ଏହି ବିଧାନ ଓ ସଂକଳ୍ପକୁ ଯେଉଁ ପରିସ୍ଥିତି ପ୍ରକାଶ କରିପାରିବ, ସେହି ପରିସ୍ଥିତିକୁ ମୁଁ ପ୍ରତ୍ୟାଶା ସହ ସାଗ୍ରହେ ଓ ଆନନ୍ଦରେ ଅଙ୍ଗୀକାର କରୁଛି ।

''ତେବେ ଆମେମାନେ କାହିଁକି ବ୍ୟତିବ୍ୟସ୍ତ ହୋଇପଡୁ ଏବଂ ଆଶା କରୁ ଯେ, ଘଟଣାବଳି ଏପରି ଘଟୁ, ସେପରି ଘଟୁ ! କାହିଁକି ସିଦ୍ଧାନ୍ତ କରିନେଉ ଯେ ଘଟଣାବଳି ଏହିପରି ଘଟିଲେହିଁ ସବୁଠାରୁ ଶ୍ରେଷ୍ଠ ସମ୍ଭାବନାର ପ୍ରକାଶ ହେବ, ଏବଂ ତା'ପରେ ଭୟଙ୍କର ସଂଘର୍ଷର କ୍ଷେତ୍ରରେ ନିଜକୁ ନିୟୋଜିତ କରୁ ଯାହା ଦ୍ୱାରା ଏହି ସମ୍ଭାବନାରାଜି ବାସ୍ତବ ହୋଇ ଉଠିବ ! କାହିଁକି ଆମେମାନେ ଆମର ସମସ୍ତ ଶକ୍ତି ନିୟୋଗ କରୁ ନାହିଁ ଆନ୍ତର ନିର୍ଭରତାର ପ୍ରଶାନ୍ତି ମଧ୍ୟରେ ଏହି ଏକମାତ୍ର ସଂକଳ୍ପ କରିବାକୁ ଯେ ତୁମର ବିଧାନହିଁ ସର୍ବତ୍ର ସର୍ବଦା ବିଜୟୀ ହେଉ, ସକଳ ବାଧା, ସକଳ ଅଜ୍ଞାନ, ସକଳ ଅନ୍ଧକାର ଦୂର କରୁ ! ଯେଉଁ ମୁହୂର୍ତ୍ତରେ ଆମେମାନେ ଏହି ମନୋଭାବ ଗ୍ରହଣ କରୁ; ସଙ୍ଗେ ସଙ୍ଗେ ଆମର ଦୃଷ୍ଟିମଣ୍ଡଳ ପ୍ରସାରିତ ହୋଇଉଠେ, ସକଳ ଦୁଶ୍ଚିନ୍ତା ଅନ୍ତର୍ହିତ ହୁଏ ଏବଂ ତା' ପରିବର୍ତ୍ତେ ଦେଖାଦିଏ ନିରବଚ୍ଛିନ୍ନ ଆଲୋକ, ନିଃସ୍ୱାର୍ଥପରତାର ଅବାଧ ଶକ୍ତି ! ହେ ଭଗବାନ୍, ତୁମେ ଯାହା ଚାହଁ, ଆମେ ତାହାହିଁ ଚାହିଁବା – ଏହାହିଁ ହେଲା ତୁମ ସଙ୍ଗେ ନିତ୍ୟ ସାଯୁଜ୍ୟ, ଏହାହିଁ ସକଳ ନୈମିତ୍ତିକତାଠାରୁ ମୁକ୍ତି, ସକଳ ସଂକୀର୍ଣ୍ଣତାରୁ ପରିତ୍ରାଣ, ଏହାହିଁ ହେଲା ଆମର ଶ୍ୱାସଯନ୍ତ୍ରକୁ ଶୁଦ୍ଧ ଏବଂ ନିର୍ମଳ ବାୟୁରେ ପୂର୍ଣ୍ଣ

କରିବା, ସମସ୍ତ ପ୍ରକାର ନିରର୍ଥକ କ୍ଲାନ୍ତିରୁ ମୁକ୍ତ ହେବା, ସମସ୍ତ ଦୁଶ୍ଚିନ୍ତାକୁ ଫୋପାଡ଼ି ଦେଇ ହାଲୁକା ହୋଇଯିବା, କ୍ଷିପ୍ର ପଦରେ ସେହି ଲକ୍ଷ୍ୟ ଦିଗରେ ପଦଚାଳନା କରିବା ଯାହା ଆମମାନଙ୍କର ଏକମାତ୍ର ସିଦ୍ଧିଯୋଗ୍ୟ ଲକ୍ଷ୍ୟ – ତୁମ ବିଧାନର ବିଜୟ ହେଉ !

''ହେ ପ୍ରଭୁ, ଆଜି ଏହି ପ୍ରଭାତରେ କେତେ ଆନନ୍ଦ ଓ ବିଶ୍ୱାସର ସହ ମୁଁ ତୁମକୁ ପ୍ରଣାମ ଜଣାଉଛି ।''

ଆମେ ମଣିଷମାନେ ଏପର୍ଯ୍ୟନ୍ତ ସୁଦ୍ଧା ଅନୁଭବ କରିପାରି ନାହୁଁ ଯେ ଅହଂକାରରୁ ମୁକ୍ତ ନହେଲେ ପରିବେଶକୁ ଆମେ ପରିବର୍ତ୍ତନ କରିପାରିବା ନାହିଁ, ଦେବତାମାନଙ୍କ ସହିତ ସମକକ୍ଷ ହୋଇ ପାରିବା ନାହିଁ ଅଥବା ନୂତନ ସୃଷ୍ଟି ଗଠନ କରିବାରେ ଅଂଶ ଗ୍ରହଣ କରିପାରିବା ନାହିଁ । ସେହି ଅବସ୍ଥାରେ ପହଞ୍ଚିବା ପୂର୍ବରୁ ଆମକୁ ବିରୋଧୀଙ୍କ କବଳରୁ ମୁକ୍ତ ହେବାକୁ ହେବ ଏବଂ ସେଥିପାଇଁ ଦିବ୍ୟଜନନୀ ଶ୍ରୀମାଙ୍କର ଶରଣାପନ୍ନ ହେବାକୁ ହେବ । ମା'ଙ୍କର ଇଚ୍ଛାହିଁ ଦିବ୍ୟ ଶକ୍ତିଙ୍କର ଇଚ୍ଛା । ତାହାହିଁ ହେଉଛି ସାଧନା ପଥରେ ଅଗ୍ରସର ହେବା ନିମନ୍ତେ ଏକମାତ୍ର ପଥ-ନିର୍ଦ୍ଦେଶକାରୀ ଆଲୋକ ।

ଆମ୍ଭମାନଙ୍କର ଅଭୀପ୍ସା ଦୃଢ଼ ଭାବରେ ଏକ ଧୂପ-ଶିଖାର ଧୂଆଁ ପରି ସିଧାସଳଖ ପରମ ପ୍ରଭୁଙ୍କ ଆଡ଼କୁ ଉଠିଯିବା କଥା, କିନ୍ତୁ ତାହା ହେଉ ନଥିବାରୁ ଦିବ୍ୟଜନନୀ ଶ୍ରୀମା ତାଙ୍କର ଆତ୍ମ-ସନ୍ତୋଷପୂର୍ଣ୍ଣ ହୃଦୟରୁ ନିରବତାର ସହିତ ନିବେଦନ ଜଣାଉଛନ୍ତି ଯେପରି ପ୍ରଭୁଙ୍କ ପ୍ରେମର ବିଧାନ ସର୍ବତ୍ର ପ୍ରକାଶିତ ହୁଏ । ପ୍ରକୃତ ପକ୍ଷରେ ଆମେ ସମସ୍ତେ ଆମକୁ ସୁହାଇଲା ପରି ପରିବେଶଟିଏ ପ୍ରାପ୍ତ ହେବା ପାଇଁ ସଂଘର୍ଷ କରି ଚାଲିଛେ, ଏହାହିଁ ଆମ ନିଷ୍ଫଳତାର କାରଣ । ସେଥିପାଇଁ ମା' କହୁଛନ୍ତି, ଆମେ ସର୍ବଦା ଏକ ପ୍ରକାର ଆତ୍ମ-ସନ୍ତୋଷ ଅବସ୍ଥାରେ ବାସ ନକରି ଆତ୍ମ-ଅସନ୍ତୋଷ ଅବସ୍ଥାକୁ ଗ୍ରହଣ କରୁଛେ, ତା'ର କାରଣ ହେଲା ଆମେ ଜାଣି ନାହୁଁ ଯାହାସବୁ ଆମ ଜୀବନରେ ଘଟୁଛି ତା'ର ମୂଳ ଉତ୍ସ କେଉଁଠି ? – ଯେଉଁ ପ୍ରଥା ବା ସାମାଜିକ ବ୍ୟବସ୍ଥା ଆମ ହୃଦୟରେ ଥରେ ଅବସ୍ଥାପିତ ହୋଇଗଲା ପରେ ତାହା ଆମ ଦୈନନ୍ଦିନ ଜୀବନର ରଙ୍ଗ ବଦଳାଇ ଦେବ । କିନ୍ତୁ ଶ୍ରୀମାଶ୍ରୀଅରବିନ୍ଦଙ୍କର ଶରଣାପନ୍ନ ହେଲେ ଶେତାଳିଆ ପଡ଼ି ଯାଇଥିବା ଚେହେରା ସୁବର୍ଣ୍ଣ ରଙ୍ଗରେ ପରିଣତ ହେବ, ଗଭୀର ରାତିର କଳା କିଟିମିଟି ଚେହେରା ହାଲୁକା ଧୂସର ରଙ୍ଗରେ ବଦଳିଯିବ ଏବଂ ପ୍ରଭାତ ପୂର୍ବରୁ ସେହି ରଙ୍ଗ ପ୍ରାକ୍-ସୂର୍ଯ୍ୟୋଦୟର ରକ୍ତିମ ଆଭାରେ ପରିବର୍ତ୍ତିତ ହୋଇଯିବ । ପ୍ରତିଦିନ ଅନୁଷ୍ଠିତ ହେଉଥିବା ଏହି ଆଲୋକ-ଉତ୍ସବକୁ ଆମେ ଯଦି ସ୍ୱାଗତ କରିପାରିବା, ବିରୋଧୀ ଆସୁରିକ ଶକ୍ତିମାନେ ଆମକୁ ଯନ୍ତ୍ରଣା ଦେବାର କ୍ଷମତା ହରାଇବେ ।

ଉକ୍ତ ପ୍ରାର୍ଥନାଟିରେ ମା' ନୀରବ, ନିଶ୍ଚଳ, ଶାନ୍ତ ପରିବେଶ ଏବଂ ଦେବତ୍ୱ ପ୍ରାପ୍ତ ହେବାର ରହସ୍ୟ ଉନ୍ମୋଚନ କରି ଦେଇଛନ୍ତି । ମା' କହୁଛନ୍ତି ଯେ ଏହା ପାଇବାକୁ ହେଲେ ସାଧକକୁ ନିରାସକ୍ତ ଭାବ ପୋଷଣ କରିବାକୁ ହେବ । ଥରେ ଯଦି ଆମେ ଆମର ସ୍ୱାର୍ଥପରତାକୁ ଏଡ଼ାଇ ଦେଇପାରୁ ଏବଂ ଏହି ଭାବର କେନ୍ଦ୍ରରେ ରହିଥିବା ଅହଂକାରରୁ ମୁକ୍ତ ହୋଇଯାଉ, ତାହାହେଲେ ଆମେ ଭଗବାନଙ୍କ ହାତରେ ଏକ ଚମତ୍କାର ଯନ୍ତ୍ର ହୋଇ ଉଠିଥାଉ । ଆମର ପ୍ରତ୍ୟେକ କର୍ମର ପଶ୍ଚାତରେ ଭଗବାନଙ୍କର ପ୍ରଚ୍ଛନ୍ନ ଉପସ୍ଥିତି ଅନୁଭବ କରିପାରୁ । ଯନ୍ତ୍ର ବିଶୁଦ୍ଧ ହୋଇ ଆଲୋକିତ ହୋଇଗଲେ ଏହି ନିରାସକ୍ତ ପ୍ରକ୍ରିୟାର ଧାରା କୌଣସି ପ୍ରକାର ବାଧାବିଘ୍ନ ନମାନି ଆଗକୁ ଛୁଟି ଚାଲିଥାଏ; ଫଳରେ ସକଳ ପ୍ରକାର ବ୍ୟସ୍ତତା, ଚିନ୍ତା ପଛରେ ପଡ଼ିଯା'ନ୍ତି । ପରମ ପ୍ରଭୁଙ୍କର ଦିବ୍ୟ-ବିଧାନର ବିଜୟ ହେଉଛି ଦିବ୍ୟ-ସତ୍ୟ, ଆଲୋକ, ସୌନ୍ଦର୍ଯ୍ୟ ଏବଂ ଦିବ୍ୟ-ପ୍ରେମର ବିଜୟ । ଏହି ବିଜୟ ଆମ ସମସ୍ତଙ୍କ ମାଧ୍ୟମରେ କ୍ରିୟାଶୀଳ ହେବ । ଜୀବନର ସକଳ ପ୍ରକାର କାର୍ଯ୍ୟକଳାପରେ ଏବଂ ଜୀବନର ପ୍ରତ୍ୟେକ ଆଭିମୁଖ୍ୟରେ ଏହି ଦିବ୍ୟ-ବିଧାନ ବିଜୟ ହାସଲ କରୁ ବୋଲି ମା' ଇଚ୍ଛା କରୁଛନ୍ତି । ଯାହାସବୁ ସମାଜରେ ଘଟୁଛି ସେଗୁଡ଼ିକୁ ଶ୍ରୀମା ଆଲୋଚ୍ୟ ପ୍ରାର୍ଥନାରେ ଉଲ୍ଲେଖ କରିଥିବା ଦିବ୍ୟ-ବିଧାନ ସହିତ ସମତାଳରେ ଚାଲି ନପାରିଲେ ସେମାନେ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇଯିବେ, ସେମାନଙ୍କର ଚିହ୍ନବର୍ତ୍ତ ରହିବ ନାହିଁ, ଖୋଜିଲେ ମଧ୍ୟ ମିଳିବେ ନାହିଁ । ଏହି ଦିବ୍ୟ-ଆନନ୍ଦର ଅବସ୍ଥାକୁ ଦିବ୍ୟଜନନୀ ସମ୍ପୂର୍ଣ୍ଣରୂପେ ଆମ୍ଭମାନଙ୍କ ନିମନ୍ତେ ଉନ୍ମୁକ୍ତ କରି ଦେଇଛନ୍ତି । କ୍ଷୁଦ୍ର ଚିନ୍ତାରୁ ନିଜକୁ ଦୂରେଇ ରଖିବା, କଥାବାର୍ତ୍ତା, ଆଳାପ-ଆଲୋଚନା ତଥା ନିଜର ସୀମିତ ଚିନ୍ତା ବିଷୟରେ ସଚେତନ ହେବା ଓ ସେଥିରୁ ମୁକ୍ତ ରହିବା; ଏହି କଥାକୁ ହୃଦୟରେ ଅନୁଭବ କଲେ ପରମ ପ୍ରଭୁଙ୍କର ଦିବ୍ୟ-ବିଧାନର ବିଜୟ-ମହୋତ୍ସବରେ ଯୋଗଦାନ କରିବାକୁ ଆମ୍ଭେମାନେ ଯୋଗ୍ୟ ହୋଇ ପାରିବା ।

ଦିବ୍ୟଜନନୀ ପ୍ରାର୍ଥନାଟିର ଶେଷରେ ପ୍ରଭୁଙ୍କୁ ନିବେଦନ କରି କହିଛନ୍ତି, ''O Lord, with that joy and trust I

greet Thee this morning !'', – ମା' ଦିବ୍ୟ-ବିଧାନର ବିଜୟ ନିମନ୍ତେ ପରମପ୍ରଭୁଙ୍କୁ ଅଭିବାଦନ ଜଣାଉଛନ୍ତି ।

ମା' ହେଉଛନ୍ତି କରୁଣାର ସାଗର । ସମସ୍ତଙ୍କ ଉପରେ ସେ ତାଙ୍କର ଦିବ୍ୟ ହସ୍ତଦ୍ୱୟକୁ ଊର୍ଦ୍ଧ୍ୱକୁ ଉତ୍ତୋଳନପୂର୍ବକ କୃପା ଓ କରୁଣାର ଧାରା ବର୍ଷା କରି ଚାଲିଛନ୍ତି । ନିମ୍ନରେ ଉଲ୍ଲିଖିତ ବିଷୟଟିକୁ ଆଲୋଚନା କଲେ ଭକ୍ତ, ସାଧକ ତଥା ସମସ୍ତ ସନ୍ତାନଙ୍କ ଉପରେ ସେମାନଙ୍କର ଅଜାଣତରେ ମା' କିପରି ଆଶୀର୍ବାଦର ଧାରା ବର୍ଷା କରି ଚାଲିଛନ୍ତି ତାହା ସ୍ପଷ୍ଟ ହୋଇଯିବ । ତାହା ହେଲା –

'ଟି' ନାମକ ଜନୈକ ଯୁବକ-ଭକ୍ତ ପଣ୍ଡିଚେରୀ ସହରର ଅନତିଦୂରରେ ଅବସ୍ଥିତ ଏକ ଗ୍ରାମରୁ ପ୍ରତ୍ୟହ ପ୍ରଭାତରେ ସ୍ନାନାଦି କର୍ମ ସମାପନ ପରେ ଆଶ୍ରମକୁ ତୀର୍ଥଯାତ୍ରାରେ ବାହାରି ପଡ଼ନ୍ତି । ଏହି କାର୍ଯ୍ୟ ବର୍ଷ ବର୍ଷ ଧରି ଚାଲିଥାଏ । ତାଙ୍କର ଏକାନ୍ତ ଇଚ୍ଛା ଆଶ୍ରମରେ ଜଣେ ଅନ୍ତେବାସୀ ଭାବରେ ଯୋଗଦାନ କରିବାକୁ । ସେ ପ୍ରତ୍ୟେକ ଦିନ ଚିଠିଲେଖି ମା'ଙ୍କ ପାଖକୁ ପଠାଉଥା'ନ୍ତି, ତାଙ୍କର ଅନ୍ତରର ଏକମାତ୍ର ଅଭୀପ୍ସା ଉପସ୍ଥାପନ କରୁଥା'ନ୍ତି । କିନ୍ତୁ ତାଙ୍କୁ ଆଶ୍ରମରେ ଅନ୍ତେବାସୀ ଭାବରେ ଗ୍ରହଣ କରିବାକୁ କେତେକ ନିୟମଗତ ଅସୁବିଧା ଥିଲା । କାରଣ ତାଙ୍କୁ ସେତେବେଳେ ମାତ୍ର କୋଡ଼ିଏ ବର୍ଷ ହୋଇଥିଲା । ମା' ତାଙ୍କୁ ଚିଠିଟିଏ ଲେଖି ଜଣାଇ ଦେଲେ,

"For one year come and visit the Ashram regularly, when you are twenty-one, I will accept you."

ଅର୍ଥାତ୍, ''ଗୋଟିଏ ବର୍ଷ ଧରି ଆଶ୍ରମକୁ ନିୟମିତଭାବେ ଆସୁଥାଅ, ଯେତେବେଳେ ତୁମକୁ ଏକୋଇଶ ବର୍ଷ ହୋଇଯିବ ମୁଁ ତୁମକୁ ଆଶ୍ରମରେ ଗ୍ରହଣ କରିନେବି ।'' 'ଟି' ଚିଠିଟି ପ୍ରାପ୍ତ ହେଲା ପରେ ଖୁବ୍ ଉତ୍ସାହିତ ହୋଇ ପଡ଼ିଲେ । କିନ୍ତୁ ଅନ୍ୟପକ୍ଷରେ ତାଙ୍କ ମାତାପିତା ମା'ଙ୍କ ପ୍ରତି ତାଙ୍କର ଭକ୍ତି ଓ ଭଲପାଇବା ଦେଖି ବିଚଳିତ ହୋଇ ପଡ଼ିଲେ । ସେମାନେ ପଣ୍ଡିଚେରୀ ସହରର ଜନୈକ ଧନଶାଳୀ ବ୍ୟକ୍ତିଙ୍କ ପାଖକୁ ଯାଇ କହିଲେ,

"Please, Sir, save our boy from the Ashram. He goes there very often."

ଅର୍ଥାତ୍, ''ଦୟାକରି ଆମ ପିଲାଟିକୁ ଆଶ୍ରମଠାରୁ ଦୂରେଇ ରଖନ୍ତୁ । ସେ ଅଧିକାଂଶ ସମୟରେ ସେଠାକୁ ଯାଉଛି ।'' ସେହି ଧନୀ ଭଦ୍ରଲୋକ 'ଅମୃତ'ଙ୍କ ପାଖକୁ ଆସିଲେ ଏବଂ କହିଲେ,

" 'T' is a criminal. There are many cases against him. If you accept him he might cause many difficulties to the Ashram."

ଅର୍ଥାତ୍, '' 'ଟି' ହେଉଛି ଏକ ଅପରାଧୀ । ତା' ନାମରେ ବହୁତ ମକଦ୍ଦମା ରହିଛି । ତୁମେ ଯଦି ତାକୁ ଗ୍ରହଣ କରିବ ସେ ଆଶ୍ରମରେ ବହୁତ ଗଣ୍ଡଗୋଳ ସୃଷ୍ଟି କରିପାରେ ।''

ଉକ୍ତ ବିଷୟଟି ଶ୍ରୀଅରବିନ୍ଦଙ୍କୁ ଜଣାଇ ଦିଆଗଲା । ସେ କହିଲେ,

"This man is a Asura, He wants to hold back 'T'. Accept the boy in the Ashram immediately. If there are legal difficulties, we will see."

ଅର୍ଥାତ୍, ''ଏହି ଲୋକଟି ହେଉଛି ଗୋଟିଏ ଅସୁର । ସେ ଇଚ୍ଛା କରୁଛି 'ଟି'କୁ ତା' ଅଧୀନରେ ରଖିବାକୁ । ଯଥାଶୀଘ୍ର ପିଲାଟିକୁ ଆଶ୍ରମରେ ଗ୍ରହଣ କରିନିଅ । ଯଦି କୌଣସି ଆଇନଗତ ଅସୁବିଧା ଦେଖାଦିଏ ଆମେ ସେକଥା ବୁଝିବା ।'' ସୁତରାଂ ଯୁବକ 'ଟି' ଉପରେ ପ୍ରଭୁଙ୍କର ମୋହର ଲାଗିଗଲା ଏବଂ ୨୪ ଜୁଲାଇ, ୧୯୩୩ ମସିହାରେ ସେ ଆଶ୍ରମର ଅନ୍ତେବାସୀ ହୋଇଗଲେ ।

'ଟି'ଙ୍କର ଦିବ୍ୟଜନନୀଙ୍କ ପ୍ରତି କୃତଜ୍ଞତା ଓ ଭକ୍ତିଜନିତ ଆନନ୍ଦ ଜଣେ ନ ଦେଖିଲେ ବୁଝିପାରିବ ନାହିଁ । ସେ ଦୀର୍ଘ ସାତ ବର୍ଷ ଧରି ଅଭୀପ୍ସା କରି ଆସୁଥିଲେ ଆଶ୍ରମରେ ଅନ୍ତେବାସୀ ଭାବରେ ଯୋଗ ଦେବା ପାଇଁ ଏବଂ ବର୍ତ୍ତମାନ ତାଙ୍କ ଅଭୀପ୍ସା ପୂରଣ ହୋଇଛି, ମା' ତାଙ୍କ ପ୍ରାର୍ଥନା ପୂରଣ କରିଛନ୍ତି । 'ଟି'ଙ୍କର ଚକ୍ଷୁଦ୍ୱୟରୁ ଆନନ୍ଦାଶ୍ରୁର ଧାରା ବହି ଚାଲିଥିଲା ।

ଆଶ୍ରମ ଦେଇଥିବା ବାସଗୃହରେ 'ଟି' ଆନନ୍ଦରେ ବାସ କରୁଥିଲେ । 'ଟି'ଙ୍କର ଯାହା ଆବଶ୍ୟକ ମା' ସେସବୁକୁ ପୂରଣ କରି ଦେଉଥିଲେ । ସେହି ଘରେ ଥରେ ସେ ଏକ ସୁନ୍ଦର ଅନୁଭୂତି ପ୍ରାପ୍ତ ହେଲେ । ସେ ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ଯେ ସେ ଏକ ବାଉଁଶ ନିର୍ମିତ ଚୌକିରେ ବସିଛନ୍ତି, ହଠାତ୍ ସେହି ଗୃହର ଚତୁର୍ଦିଗରେ ନିଆଁ ଲାଗିଗଲା । ନିଆଁ ସବୁଆଡ଼େ – ଉପର, ତଳ, ବାହାର, ଭିତର, କୋଣ ଅନୁକୋଣରେ ବ୍ୟାପୀଗଲା । ସେ କହନ୍ତି, ''ମୁଁ ସେହି ଜ୍ୱଳନ୍ତ ଅଗ୍ନି ଭିତରେ

ଏପଟ ସେପଟ ହୋଇ ଘର ଭିତରେ ବୁଲୁଥାଏ, ମୋ ଦେହରେ ଅଗ୍ନିତାପର ଧାସ ବାଜିଲେ ବି ଶରୀର ପୋଡ଼ି ଯାଉ ନଥାଏ କିଂବା ମୁଁ ଉତ୍ତାପ ଅନୁଭବ କରି ପାରୁ ନଥାଏ, ମୋତେ ଅଗ୍ନିଶିଖା ଶୀତଳ ଲାଗୁଥାଏ । "It was a cool fire." ମୋର ଏହି ଚମତ୍କାର ଅନୁଭୂତି ବିଷୟରେ ମୁଁ ପ୍ରଭୁ ଶ୍ରୀଅରବିନ୍ଦଙ୍କୁ ଲେଖି ଜଣାଇ ଦେଲି । ପ୍ରଭୁ ପ୍ରତ୍ୟୁତ୍ତରରେ ଲେଖିଲେ, "This is good, this is psychic fire." ଅର୍ଥାତ୍, ''ଅନୁଭୂତିଟି ଅତି ସୁନ୍ଦର, ଏହା ହେଉଛି ଚୈତ୍ୟ-ଅଗ୍ନି ।''

ଏକଦା ରାତିରେ 'ଟି' ଶୋଇବାକୁ ଯାଉଛନ୍ତି, ଦେଖିଲେ ପ୍ରଭୁ ଶ୍ରୀଅରବିନ୍ଦ ଆସି ତାଙ୍କ ଖଟ ଉପରେ ବସି ପଡ଼ିଲେ । ସେ କହନ୍ତି, ''ହଠାତ୍ ମୁଁ ଖଟ ଉପରୁ ଉଠିପଡ଼ିଲି ଏବଂ ପ୍ରଣାମ କଲି । ଶ୍ରୀଅରବିନ୍ଦ କହିଲେ, ''ମୋତେ ଟିକେ ପାଣି ପିଇବା ପାଇଁ ଦିଅ ।'' ମୁଁ ଘରେ ଥିବା କୁଜା (ମାଟି ସୁରେଇ) ପାଖକୁ ଗଲି, ହାତରେ ଗ୍ଲାସ ଧରି ସୁରେଇଟିକୁ ଅଣେଇଲି, କିନ୍ତୁ ଆଶ୍ଚର୍ଯ୍ୟର କଥା ସେଥିରୁ ପାଣି ଆସିବା ପରିବର୍ତ୍ତେ ଶୁଭ୍ର-ଶୀତଳ ଆଲୋକର ସ୍ରୋତ ନିର୍ଗତ ହେବାକୁ ଲାଗିଲା । ମୁଁ ଆଶ୍ଚର୍ଯ୍ୟଚକିତ ହୋଇ ଖାଲି ଚାହିଁଥାଏ, ଆଲୋକର ଧାରା ବହି ଚାଲିଥାଏ । ସମଗ୍ର ପ୍ରକୋଷ୍ଠଟି ଶୀତଳ ଶୁଭ୍ର-ଆଲୋକରେ ପୂର୍ଣ୍ଣ ହୋଇଗଲା ପରେ ଯାଇ ସେହି ସ୍ରୋତ ବନ୍ଦ ହେଲା । ପରବର୍ତ୍ତୀ ସମୟରେ ମୋର ଏହି ଦିବ୍ୟ-ଅନୁଭୂତି ବିଷୟରେ ଦିବ୍ୟଜନନୀ ଶ୍ରୀମା'ଙ୍କୁ ଚିଠିଟିଏ ଲେଖି 'ପବିତ୍ର'ଙ୍କ ଜରିଆରେ ପଠାଇ ଦେଲି, ଉତ୍ତରରେ ମା' କହିଲେ, ''ଉତ୍ତମ ଅନୁଭୂତି !''

ଥରେ କେହି ଜଣେ 'ଟି'ଙ୍କୁ ପଚାରିଲେ, ''ତୁମେ ଏତେ ଖୁସି କିପରି ରହୁଛ ?'' 'ଟି' ଉତ୍ତର ଦେଲେ, ''ତା'ର କାରଣ ହେଲା ମୁଁ ସର୍ବଦା ଅତି ସାଧାରଣ ଜୀବନଯାପନ କରୁଛି, ସେଥିପାଇଁ ଖୁସି ରହୁଛି ଏବଂ ଅନୁଭବ କରୁଛି ଯେ ମା' ସଦାସର୍ବଦା ମୋ ପାଖେ ପାଖେ ଅଛନ୍ତି ଏବଂ ସୁରକ୍ଷା ପ୍ରଦାନ କରୁଛନ୍ତି ।''

('How they came to Sri Aurobindo and The Mother', Vol. 2, p. 62-65)

(କ୍ରମଶଃ)

❑❑❑

ତଥ୍ୟ ନିର୍ଦ୍ଦେଶିକା :

(୧) Prayers and Meditations – The Mother

(୨) How they came to Sri Aurobindo and the Mother – Vol. II by Shyam Kumari

ଉର୍ଦ୍ଧ୍ୱାଗତ ଆଲୋକ ତା'ର କାର୍ଯ୍ୟାରମ୍ଭ ନିମନ୍ତେ ଆମଠାରୁ ଯାହା ଚାହେଁ, ତାହା ହେଲା (ଆମ) ଆତ୍ମାଠାରୁ ଏକ ଆବାହନ ଏବଂ ମନରେ ସେଦିଗରେ ଯଥେଷ୍ଟ ମାତ୍ରାର ସହଯୋଗ । ଚିନ୍ତାରେ ଅନବରତ ଭାଗବତ ଭାବନା, କର୍ମଚଞ୍ଚଳ ଅଙ୍ଗମାନଙ୍କରେ ଏକ ଅନୁରୂପ ସଂକଳ୍ପ, ଏକ ଆସ୍ପୃହା, ଏକ ବିଶ୍ୱାସ, ହୃଦୟରେ ଏକ ଆବଶ୍ୟକତାବୋଧ ମାଧ୍ୟମରେ ଏହି ସହଯୋଗ ଅର୍ପଣ କରାଯାଇପାରେ । ଏସବୁରୁ ଯେକୌଣସି ଗୋଟାଏ ସେଦିଗରେ ଅଗ୍ରଗାମୀ ବା ଅଧିକ ପ୍ରଭାବଶାଳୀ ହୋଇପାରେ, ଯଦି ସବୁଗୁଡ଼ିକ ଐକ୍ୟବଦ୍ଧଭାବରେ ବା ସମଛନ୍ଦରେ ଗତି କରି ନପାରନ୍ତି ।

– ଶ୍ରୀଅରବିନ୍ଦ

ସମ୍ଭାବନା ଅଛି ବୋଲି ସିନା

ଦୀପ୍ତି ମିଶ୍ର

ସମ୍ଭାବନା ଅଛି ବୋଲି
ଥୁଣ୍ଟା ଗଛରେ ପତ୍ର କଅଁଳେ,
ନୀରବତାରେ ଶୁଭିଯାଏ
ବଂଶୀର ସ୍ୱନ ...
ସମ୍ଭାବନା ଅଛି ବୋଲି
ଆନମନା କରେ
ସଙ୍ଗୀତର ମଧୁର ମୂର୍ଚ୍ଛନା ...
ସାଗର ସ୍ୱପ୍ନରେ ବିଭୋର ହୁଏ
ସୁକୁମାରୀ ମୁଗ୍ଧା ଝରଣା ।

ସମ୍ଭାବନା ଅଛି ବୋଲି
କଇଁ ତା'ର ନୀଳ ପାଖୁଡ଼ା ମେଲି
ଚାହିଁ ଥାଏ ଜହ୍ନକୁ ...
ନୀଳ ଜହ୍ନର ଜ୍ୟୋସ୍ନାରେ ଭିଜିଯାଏ
ତାର ଦେହ ମନ ...
ଅନୁରାଗରେ ଜଡ଼ସଡ଼ ହୋଇଯାଏ
ପ୍ରିୟତମାର ମନ,
ପ୍ରାଣରେ ତା'ର
ଖେଳିଯାଏ ଏକ ଅପୂର୍ବ ଶିହରଣ ...
ସମ୍ଭାବନା ଅଛି ବୋଲି ତ
ପକ୍ଷୀର କାକଳିରେ
ଉତ୍‌ଫୁଲ୍ଲିତ ହୋଇ ଉଠେ ସକାଳ ।

ସମ୍ଭାବନା ଅଛି ବୋଲି
କୃଷ୍ଣଚୂଡ଼ା ଓଠରୁ ଝରିପଡ଼େ
ଲାଜର ପାଖୁଡ଼ା ...
ସମ୍ଭାବନା ଅଛି ବୋଲି
ସାହସ ହାରେନି ପ୍ରଜାପତି
ଆସୁ ଯେତେ ପତ୍ରଝଡ଼ା,
ଫୁଲକୁ ଆପଣେଇବାରେ
ସେ ମାହିର ବୋଲି ଚାହିଁଥାଏ
ମଧୁଲଗ୍ନର ସ୍ୱପ୍ନିଳ ମୁହୂର୍ତ୍ତକୁ ।

ସମ୍ଭାବନା ଆଣି ଦିଏ ଅଫୁରନ୍ତ ଉଦ୍ୟମ ...
ଛୁଇଁବାକୁ ଦୁରନ୍ତ ଆକାଶ
ତୋଳିବାକୁ ସ୍ୱପ୍ନ ପାରିଜାତ
ସମ୍ଭାବନା ଅଛି ବୋଲି
ପହଞ୍ଚି ହୁଏ ସେଇ ଅପହଞ୍ଚ ଇଲାକାରେ ।

ଆସୁ ଯେତେ କାଳ ବଇଶାଖୀ,
ଉଡୁଆ'ନ୍ତୁ ପଛେ ଶହ ଶହ ଝଡ଼ର ଇଗଲ
'ଭୂ'ରୁ 'ଭୂମା'କୁ ଅବାରିତ ଯାତ୍ରା
କିନ୍ତୁ ଥମିବନି କେବେ । ...

ଏଇ ମାଟି ଦିନେ ଛୁଇଁବ ଆକାଶ,
ନିର୍ଭେଦ୍ୟ ଅନ୍ଧାର ତୋଳି ଆଣିବ
ନବ ସୂର୍ଯ୍ୟ ନବ ଆଲୋକକୁ ...
ସମ୍ଭାବନା ଅଛି ବୋଲି ସିନା ମା' 'ମୁଁ'
ଝୁରୁଛି ତୁମକୁ !

❑❑❑

କାରା-ଜୀବନୀ

(୧୬)

ଉଲ୍ଲାସକର ଦତ୍ତ

(ପୂର୍ବ ପ୍ରକାଶିତ ଉତ୍ତାରୁ ...)

ଆମେ ଲାଇବ୍ରେରିରେ ଉପସ୍ଥିତ ହେବାରୁ ସେଠାକାର କିରାଣି ମୋତେ ଡାକି କହିଲେ, ''ତୁମେ ଆଜି କାହାକୁ ଦେଖିବ ?'' ମୁଁ ଭାବିଲି, କିଏ ପୁଣି ଆସିବେ ? ମୁଁ ତା'ର କଥାଟାକୁ ଏତେ ଗୁରୁତ୍ୱ ନଦେଇ ସାଙ୍ଗେ ସାଙ୍ଗେ ସେସବୁ କଥା ଭୁଲିଗଲି । ସେଠାକାର ଲାଇବ୍ରେରି ଘରଟି ବେଶ୍ ପ୍ରଶସ୍ତ ଏକ ବଡ଼ ହଲ୍, ଭିତରେ କେବେ କେବେ ମେଡ଼ିକାଲ କଲେଜ ପିଲାଙ୍କର କ୍ଲାସ ହୁଏ ଏବଂ ମଝିରେ ମଝିରେ ଆମୋଦ ପ୍ରମୋଦ ଉପଲକ୍ଷ୍ୟରେ ଆମେ ସେଠାରେ ମିଳିତ ହୋଇଥାଉ । ସେଦିନ ସେଠାରେ ମୁଁ ମୋର ଆବଶ୍ୟକୀୟ ବହି ଇତ୍ୟାଦି ଦେଖୁଛି ଏବଂ କିରାଣି ଆସି ଆଲମାରି ଖୋଲି ବହି ବାହାର କରି ଦେବ ବୋଲି ଅପେକ୍ଷା କରିଛି, ଏପରି ସମୟରେ ଚାହିଁ ଦେଖିଲି ହଠାତ୍ ବାହାରୁ କିଏ ଯେମିତି ହଲ୍ ଆଡ଼କୁ ଆସୁଛି । ଚେହେରା ଦେଖି ମନେ କଲି ହୁଏତ ନୂଆ କୌଣସି ସାହେବ ରୋଗୀ ହେବ; ଦେଖିବାକୁ ମୋ' ଅପେକ୍ଷା ପ୍ରାୟ ଅଧାହାତ ଡେଙ୍ଗା, ମୁଖର ଆକୃତି ଇତ୍ୟାଦି ସବୁକିଛି ଲମ୍ବା ଛାଞ୍ଚ ପରି, ଦେହରେ ନୀଳ ରଙ୍ଗର ଫ୍ଲାନେଲ୍‌ର କୋଟ, ବେଶଭୂଷାରେ ସେମିତି କିଛି ଆଡ଼ମ୍ବର ନାହିଁ । ମୋତେ ଦେଖି ସେ ମଧ୍ୟ ପୂର୍ବ ଆଖ୍ୟାୟିକା ପରି – "Who is this – ଏ କିଏ ?'' ଏମିତି ପଚାରିବାରୁ ମୁଁ ନିରୁତ୍ତର ରହିଲି । ମୋ ତରଫରୁ ମି. ଫ୍ରେଜାର୍ ନାମକ ଆଉ ଜଣେ ସାହେବ ରୋଗୀ ସେଠାରେ ଉପସ୍ଥିତ ଥିଲେ । ସେ ଯାହାକିଛି କହିବାର ଥିଲା କହିବାକୁ ଲାଗିଲେ । ସ୍କଟ୍ ସେହି ସମୟରେ ମଞ୍ଚ ଉପରକୁ ଉଠିଯାଇ ପିଆନୋ ବଜାଇବାକୁ ଚେଷ୍ଟା କରୁଛି । ମୁଁ ଜଣେ ରାଜନୈତିକ କଏଦୀ, ରାଜାଙ୍କ ବିରୋଧରେ ଷଡ଼ଯନ୍ତ୍ର କରିବାର ଅପରାଧରେ ଦଣ୍ଡିତ ହେବା କଥା ଶୁଣି ସେ ବି କହିଲେ, "Oh ! that is nothing", ''ତାହା କିଛି ନୁହେଁ'', "I set you free" ''ମୁଁ ତୁମକୁ ମୁକ୍ତି ଦେଇ ଦେଉଛି,'' "Do you know me ?" ''ତୁମେ କ'ଣ ମୋତେ ଚିହ୍ନ ?'' ଏମିତି କଥା ହେଉ ହେଉ କିରାଣି ଆସିଗଲେ ଏବଂ ମୁଁ ବହି ଆଣିବାକୁ ଯାଇ ଆଲମାରି ପାଖରେ ଦେଖିଲି ଜଣେ ବିଲାତୀ ଝିଅ, ବୟସ ଅନ୍ଦାଜ ଚଉଦ କି ପନ୍ଦର ହେବ, ଟେବୁଲ ଉପରେ ବସି ସେଠାକାର ଜଣେ ବୃଦ୍ଧ ସାହେବ-ରୋଗୀ ସଙ୍ଗେ କଥାବାର୍ତ୍ତା କରୁଛି । ମୋତେ ଦେଖି ସେ ବି ପଚାରିଲା, ''ଏ କିଏ'' ? ଏହାର ଉତ୍ତରରେ ସେଇ ସାହେବଟି କହିଲେ, ''ଏ ଏଠାକାର ଜଣେ ବାସିନ୍ଦା, ଇତ୍ୟାଦି ।'' ପରିଶେଷରେ ସେହି ଝିଅଟି ତାଙ୍କୁ ମୋ ସହ ପରିଚୟ କରାଇ ଦେବା ପାଇଁ କହିଲା, ''ପରିଚୟ କରାଇ ଦିଅ ।'' ଏହିପରି ଅନୁରୋଧରେ ସେଇ ବୃଦ୍ଧ ମୋତେ ବୁଝାଇ ଦେଲେ ଯେ ଏଇ ଝିଅଟି ହେଉଛନ୍ତି ''ୟ୍ୟାଲିସ୍, ଅର୍ଥାତ୍ – ରାଜକୁମାରୀ ଏଲିଜ୍, ସମ୍ରାଟ ଜର୍ଜଙ୍କର ଝିଅ । ପରିଚୟ ହୋଇ ଯିବାରୁ ସେଇ ଝିଅଟି ମୋ ସହ ନାନା ପ୍ରକାରର ପିଲାଳିଆମି ଆରମ୍ଭ କରିଦେଲା । ମୁଁ ଯେପରି ହିନ୍ଦୁ ଧର୍ମର ବହୁ ଈଶ୍ୱର ବାଦର ଜଣେ ପଣ୍ଡା, ମାତ୍ର ସେ ଏକେଶ୍ୱର ବାଦିନୀ ଖ୍ରୀଷ୍ଟିଆନ । ତେଣୁ ସେ ତା'ର ଏକେଶ୍ୱର ବାଦର ଏକ ମନ୍ତ୍ର ଆମର ଦେଶୀୟ ଭାଷାରେ ଭଜନ ଭଳି ଗାଇବାର ପ୍ରୟାସ କଲା । ମନ୍ତ୍ରର ପ୍ରଥମ ଚରଣଟି ହେଉଛି ଏଇ ''ଏକେଶ୍ୱରବାଦୀ ସୀତା'', ଅର୍ଥାତ୍ ତୁମ ଭାରତବର୍ଷର ଆଦର୍ଶ ସାମ୍ରାଜ୍ଞୀ ଯେଉଁ ସୀତା ଦେବୀ ତାଙ୍କୁ ବି ବହୁ-ଈଶ୍ୱରବାଦ ଛାଡ଼ି ଏକେଶ୍ୱରବାଦ ମାନିବାକୁ ହେବ । ମନ୍ତ୍ରର ପ୍ରଥମ ଚରଣଟି ତ ଅଧାଖଣ୍ଡିଆ ଭାଷାରେ ତା' ମୁହଁରୁ ଶୁଣିବାକୁ ବେଶ୍ ଆମୋଦ ଲାଗିଲା, କିନ୍ତୁ ଦ୍ୱିତୀୟ ଚରଣଟି ଶୁଣି ଲାଗିଲା ବୋଧହୁଏ ଯେପରି ସେ ଗିର୍ଜାରେ ବସି ଏଇ ମନ୍ତ୍ର ଆବୃତ୍ତି କରୁଛି ଏବଂ ମନ୍ତ୍ରର ଭାଷା ବି ପ୍ରାୟ ଏଇ ଭଳି ବୋଲି କହିବାକୁ ହେବ । ମୁଁ ଯେତେବେଳେ ଜଣାଇଲି ଯେ ମୁଁ ବହୁ ଈଶ୍ୱରବାଦୀ ହିନ୍ଦୁ ନୁହେଁ, ଏକେଶ୍ୱର ବାଦୀ ବ୍ରାହ୍ମ, ବିଲାତରେ ଯେଉଁମାନଙ୍କୁ Unitarian କୁହାଯାଏ; ସେତେବେଳେ ସେ କହିଲା, ''ଓ ତାହା ଏପରି କଥା, ତେବେ ଆମେ ପୁଣି ଝଗଡା କରୁଛୁ କାହିଁକି ? କଥାଟା ଆଗରୁ କହି ଦେଇଥିଲେ ତ ହୋଇ ଥାଆନ୍ତା'' ଇତ୍ୟାଦି । ଏଇସବୁ କଥା ଶେଷ ହେବା ପରେ ମୁଁ ଆଲମାରିରୁ ବହି ନେଇ ଦୁଆର ଆଡ଼କୁ ଯାଉଛି, ଏପରି ସମୟରେ ପୁନରାୟ

ଏଇ ଆଗନ୍ତୁକ ସାହେବଟି ମୋ ସହ ଆଳାପ ଆରମ୍ଭ କରିଦେଲେ । ତାଙ୍କର ''ମୁଁ କିଏ ଜାଣ ?'' – ଏଇ ପ୍ରଶ୍ନର ଉତ୍ତରରେ ମୁଁ ତାଙ୍କ ଆଡ଼କୁ ଚାହିଁ ଦେଖିଲି ପୂର୍ବରୁ ଏହାଙ୍କୁ କେବେ ବି ଦେଖି ନାହିଁ, ସୁତରାଂ ମୁଁ ଆଉ କ'ଣ କହିବି, କିଞ୍ଚିତ୍ ଅବାକ୍ ହୋଇ ତାଙ୍କରି ଆଡ଼କୁ ଚାହିଁ ରହିଛି, ଏମିତି ସମୟରେ ସେ ନିଜେହିଁ ଆତ୍ମ ପରିଚୟ ଦେଇ କହିଲେ, ''ମୁଁ ହିଁ ତୁମମାନଙ୍କର ରାଜା, ଏହା କହି ଯେପରି ରାଗରେ "you bastard" ଏଇ ଗାଳିଟି ତାଙ୍କ ମୁହଁରୁ ପ୍ରାୟ ବାହାରି ପଡୁଥିଲା, କିନ୍ତୁ ମୋର ଆଖିର ଚାହାଣୀ ଦେଖି ଯେପରି କଥାଟିକୁ ସମ୍ଭାଳି ନେଲେ । ଏମିତି ପରିଚୟ ଦେଲେ କ'ଣ ଅବା ହେବ, ଯେଉଁ ଅବସ୍ଥାରେ ଆତ୍ମ-ପରିଚୟ ଦେଇ ବସିଛନ୍ତି ସେ ଅବସ୍ଥାରେ ଏ ଯେ ସମ୍ରାଟ ଜର୍ଜ ବୋଲି ତାଙ୍କୁ ଚିହ୍ନିବାର କାହାର ସାଧ ଅଛି ! ଏକେବାରେ ସମ୍ପୂର୍ଣ୍ଣ ରୂପେ ରାଜରାଜୁଡ଼ାର ଆଡ଼ମ୍ବର ଶୂନ୍ୟ ଏପରି ଗୋଟିଏ ଲୋକକୁ ସମ୍ରାଟ ଜର୍ଜ ବୋଲି ଚିହ୍ନି ନେବାକୁ ଏପରି ଅବସ୍ଥାରେ ମୁଁ କାହିଁକି ତାଙ୍କର ଆତ୍ମୀୟ-ସ୍ୱଜନଗଣଙ୍କ ପକ୍ଷରେ ବି ନିତାନ୍ତ ସହଜ ହେବ କି ନା ସନ୍ଦେହ । ସୁତରାଂ ମୁଁ ଯେତେବେଳେ କୌଣସିମତେ ତା'ର ଉପର୍ଯ୍ୟୁକ୍ତ ଆତ୍ମ-ପରିଚୟ ଯଥାଯଥ ବୋଲି ସ୍ୱୀକାର କରିବାକୁ ରାଜି ହେଲି ନାହିଁ, ସେତେବେଳେ ଯେମିତି ବିଚରା ହତବୁଦ୍ଧି ହୋଇଗଲେ ଏବଂ ପଢ଼ିବା ପାଇଁ ଖଣ୍ଡେ ବହି ମୁଁ ଆଣିଛି ଦେଖି ତାଙ୍କର ବି ମନ ହେଲା ଖଣ୍ଡେ ବହି ନେବାକୁ । ଏପଟେ କିରାଣିକୁ କହିବାରୁ ସେ କହିଲା ''ତୁମେ କିଏ ? ତୁମର ପୁଣି ବହି କ'ଣ ?'' ଏହି ଅସୁବିଧାକୁ ନେଇ ତ ମହାତର୍କ; ସେ କହିଲେ, ''ବାଃ ମୋର ପୁଣି ବହି କ'ଣ । ମାନେ ? ଏସବୁ ତ ମୋର, ଏସବୁ ମୋର ନୁହେଁ ତ ଆଉ କାହାର ?'' କିରାଣି ଉତ୍ତର ଦେଲା, ''ଏସବୁ ନାମରେ ତୁମର ହେଲେ ବି ଏହା ଏଠାକାର ପାଗଳା-ରୋଗୀମାନଙ୍କ ପାଇଁ, ଏହା ତୁମର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । ତୁମକୁ କେମିତି ଏ ବହି ଦିଆଯିବ ? ତୁମେ କ'ଣ ଏଠାକାର ରୋଗୀ ?'' କିରାଣି ଏମିତି କହିବାରୁ ତାଙ୍କୁ ବାଧ୍ୟ ହୋଇ ସ୍ୱୀକାର କରିବାକୁ ହେଲା ଯେ, ହଁ, ସେ ବି ସେଠାକାର ଜଣେ ରୋଗୀ, ନହେଲେ ବହି ନେବା ସମ୍ଭବ ନୁହେଁ । ଏହି ସ୍ୱୀକାରୋକ୍ତିରେ କିରାଣି ବି ବହି ଦେବାକୁ ରାଜି ହେଲା ଏବଂ ଆଲମାରିରୁ ଯେକୌଣସି ଗୋଟିଏ ବହି ନେବାକୁ କହିଲା ।

ଏହା ପରେ ସେ ସୁବର୍ଣ୍ଣ ରଙ୍ଗର ବର୍ଡ଼ର ଯୁକ୍ତ ଛୋଟ ଖଣ୍ଡିଏ ନାଲି ବହି ବାହାର କରି ନେଲେ । ତେବେ ବହିଟି ଯେ ସତକୁ ସତ ଖଣ୍ଡିଏ ବହି ନା ମାୟାର ଖେଳ ଠିକ୍ କହି ପାରିବିନି; କିନ୍ତୁ ପରେ ଦିନେ ମୁଁ ନିଜର କୌତୂହଳ ସମ୍ବରଣ କରି ନପାରି ସେ ବହି ଖଣ୍ଡିକ କ'ଣ ଜାଣିବା ପାଇଁ ଆଲମାରି ଖୋଲି ଠିକ୍ ସେଇ ଆକାରର ଲାଲ ବହି ଖଣ୍ଡେ ପାଇଲି, ସେ ବହିରେ ରୁଷିଆର କ୍ରୋପଷ୍ଟେଡ୍ ନାମକ ସର୍ବଶ୍ରେଷ୍ଠ ଜଳଦୁର୍ଗ (naval-fort)ର ଗୋଟିଏ ବିବରଣୀ ଲିପିବଦ୍ଧ ଅଛି । ସେ ସେଇ ବହିଟିକୁ ହାତରେ ନେଇ ପୃଷ୍ଠା ଓଲଟାଉ ଓଲଟାଉ ମୋତେ ପଚାରିଲେ, "You don't believe me ?" ଅର୍ଥାତ୍ – ''ମୁଁ ଯେ ସମ୍ରାଟ ଜର୍ଜ ଏକଥା ତୁମେ ବିଶ୍ୱାସ କରିପାରୁ ନାହଁ ?'' ମୁଁ ମୁଣ୍ଡ ହଲାଇ ଜଣାଇଲି, ''ନା'' । ସେଥିରେ ସେ ଯେପରି ମହାବିପଦରେ ପଡ଼ି କହିଲେ, "What am I to do to make you believe ? ତୁମକୁ କେମିତି କରି ବିଶ୍ୱାସ କରାଇବି ?'' ଏହା କହି ହନୁମାନ ଯେପରି ନିଜର ଛାତି ଚିରି ରାମ-ସୀତା ଦେଖାଇ ଥିଲେ, ସେ ବି ଠିକ୍ ସେହିପରି ନିଜର ଛାତି ଚିରି ସେ ଯେ ଜର୍ଜ ଏହା ଦେଖାଇବାକୁ ଚାହିଁଲେ ଏବଂ ମୁଁ ବି ଯେପରି ଦେଖିଲି ତାଙ୍କର ଛାତିର ଡାହାଣ ପାଖରୁ ଖଣ୍ଡିଏ ସରୁ ସୁନାର ଶିକୁଳି ବାହାର ହେଲା, ମୋର ସେଥିରେ ଯେମିତି ବିଶ୍ୱାସ ହୋଇଗଲା ଓ ମୁଁ ତାଙ୍କର ପରିଚୟ ଜାଣି ବିସ୍ମିତ ଓ ବିମୂଢ଼ ଭାବେ ମୋର ମସ୍ତକ ଅବନତ କଲି । ତା'ପରେ ସେ କହିଲେ ''ମୁଁ ତୁମକୁ ମୁକ୍ତ କରୁଛି, ତୁମେ ଯଦୃଚ୍ଛା ଗମନ କରି ପାର ।''

ମୁଁ ଦେଖିଲି ଘଟଣାଟି ମନ୍ଦ ନୁହେଁ; ମୋ ପାଇଁ ଏପରି ମୌଖିକ ଆଦେଶ ଜାରିକୁ ନିର୍ଭର କରି ଯଦି ଯଦୃଚ୍ଛା ଚାଲି ଯିବାକୁ ଚାହେଁ, ତା'ହେଲେ ଗାରଦର କର୍ତ୍ତୃପକ୍ଷଗଣ କେମିତି ଅବା ଏଇ ଆଦେଶ ଜାଣିବେ ଓ ମାନିବେ ? ସେମାନେ ନିଶ୍ଚୟହିଁ ମୋର ମସ୍ତିଷ୍କ ବିକୃତିର ଦ୍ୱାହି ଦେଇ ଯେମିତି ହେଉ ପୁନରାୟ ମୋତେ ଧରି ଆଣିବେ ଏବଂ ମୋର ପୁଣି ଥରେ ''ପୁନର୍ମୂଷିକ ଭବ'' ଛଡ଼ା କୌଣସି ଗତ୍ୟନ୍ତର ରହିବ ନାହିଁ । ସୁତରାଂ ମୋତେ ଟିକିଏ ସତର୍କତା ଅବଲମ୍ବନ କରିବାକୁ ହେଲା ଏବଂ ତାଙ୍କର ଏହି ମୌଖିକ କଥାରେ ନଭୁଲି କହିଲି, ''ଆପଣ ମୁକ୍ତି ଦେଇଛନ୍ତି, ଭଲ କଥା, କିନ୍ତୁ ମୁକ୍ତି ଦେବାକୁ ହେଲେ କେବଳ ମୌଖିକ କଥା କହିଲେ ଚଳିବ ନାହିଁ, ଆପଣଙ୍କର ଲିଖିତ ଆଦେଶ ଆବଶ୍ୟକ ।'' ଏପରି କହିବାରୁ ସେ କହିଲେ, ''କ'ଣ ମୋର ମୁହଁର କଥା ଚଳିବନି, ମୋର ମୁହଁ କଥା ହିଁ ଆଇନ !'' ମୁଁ କହିଲି, ''ତା' ଠିକ୍, ତଥାପି ରାଜକୀୟ କର୍ମ-ପରିଚାଳନାର ତ ଗୋଟାଏ ବିଧି ଅଛି ? ସେହି ବିଧିମତ ଆଦେଶଟି ପ୍ରଚାରିତ

ହେଲେହିଁ ହେଲା ।'' ସେ କହିଲେ, ''ତେବେ ତୁମେ କ'ଣ ଚାହଁ ଯେ ମୁଁ ନିଜ ହାତରେ ଲେଖି ତୁମର ମୁକ୍ତିର ଆଦେଶ ଜାରି କରିବି ?'' ମୁଁ ''ହଁ'' କହିବାରୁ ଅତ୍ୟନ୍ତ ଅପ୍ରସ୍ତୁତ ଅବସ୍ଥାରେ ସେ ପଡ଼ିଗଲେ, ଏବଂ କେମିତି ଭାବେ ଏହା ହୋଇପାରିବ ଚିନ୍ତା କରି ଏବଂ ସେପରି କୌଣସି ରାସ୍ତା ନଦେଖି କହିଲେ, ''ତୁମେ କିଏ ? ତୁମର ପରିଚୟ ?'' ଅର୍ଥାତ୍ – ତୁମ ଭଳି ଲୋକକୁ ଯଦି ହଜୁରଙ୍କ ନିକଟରେ ହାଜିର କରିବାକୁ ହୁଏ ତା'ହେଲେ ମୋର ଏମିତି କୌଣସି ବିଶେଷ ପରିଚୟ ତ ଆବଶ୍ୟକ ଯଦ୍ଦ୍ୱାରା ମୁଁ ରାଜ-ସରକାରଙ୍କ ଠାରେ ପରିଚିତ ହୋଇପାରେ, ନଚେତ୍ ମୋ ବିଷୟରେ ଉଲ୍ଲେଖ କରାଯିବ କିପରି ? ଏହିପରି ଆଲୋଚନା କରି ପରିଶେଷରେ ଯେମିତି ମୋ ସହ ଟିକିଏ ଥଟ୍ଟା କରିବା ପାଇଁ କହିଲେ, ''ତୁମେ ମୋର ଦସ୍ତଖତ ଚାହଁ ? ଆଚ୍ଛା ମୋତେ କାଗଜ କଲମ ଆଣି ଦିଅ, ମୁଁ ଦସ୍ତଖତ କରି ଦେଉଛି ।'' ଏହିପରି କହିବାରୁ ମୁଁ ନିଜେ ଅଫିସରୁ କାଗଜ କଲମ ଆଣିବା ପାଇଁ ଯାଇ ଦେଖିଲି ଆମେ ଉଭୟହିଁ ନିଜେ ନିଜେ ଦଣ୍ଡାୟମାନ ଅବସ୍ଥାରେ ଅଟକି ଯାଇଛୁ, ଏବଂ ଗୋଡ଼ ହଲାଇବାର ଉପାୟ ନାହିଁ; ସୁତରାଂ କାଗଜ ଆଣିବା ଆଉ ହେଲା ନାହିଁ । କିନ୍ତୁ ସେ ନିଜେହିଁ ବୁଝାଇ କହିଲେ ଯେ ସେ ଯେତେବେଳେ କଥା ଦେଇଛନ୍ତି ସେତେବେଳେ ଏହା କାର୍ଯ୍ୟରେ ପରିଣତ ହେବହିଁ ହେବ, ତେବେ କିଛି ସମୟ ଲାଗିବ, ଏଇ ତ କଥା । ତା' ପରେ କହିଲେ, ''ତୁମେ ରାଜଦ୍ରୋହ ଅପରାଧରେ ଦଣ୍ଡିତ, ବର୍ତ୍ତମାନ ଇଉରୋପ ଯୁଦ୍ଧରେ ଇଂଲଣ୍ଡ ଯୋଗ ଦେବାର ମୂଳ କାରଣ କ'ଣ ଜାଣ ?'' ପଚାରିଲି, ''ଇଂଲଣ୍ଡରେ ଯୋଗ ଦେବାର ମୂଳ କାରଣ କ'ଣ ?'' ସେ ହସି କହିଲେ,''It is she, ଅର୍ଥାତ୍ – ମହାରାଣୀ ମେରୀ ହିଁ କାରଣ, ସେ ହେଉଛନ୍ତି ଓଲନ୍ଦାଜ ବଂଶ ସମ୍ଭୂତ, ତେଣୁ ତାଙ୍କର ପ୍ରତିବେଶୀ ରାଜ୍ୟ ବେଲ୍‌ଜିୟମ୍‌ର ସହାୟତା ପାଇଁ ସେ ତାଙ୍କର ସ୍ୱାମୀଙ୍କୁ ଏଇ ଯୁଦ୍ଧରେ ଯୋଗ ଦେବା ଲାଗି ପ୍ରରୋଚିତ କରିଛନ୍ତି, ନଚେତ୍ ସମ୍ରାଟ ଜର୍ଜଙ୍କର ଏଇ ଯୁଦ୍ଧରେ ଯୋଗ ଦେବା ଲାଗି କୌଣସି ଇଚ୍ଛା ନଥିଲା, ସୁତରାଂ ସବୁ ଅନର୍ଥର ମୂଳ କାରଣ ମହାରାଣୀ ମେରୀ, ଆଉ କେହି ନୁହେଁ ।''

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

donations.sriaurobindoashram.org

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

ଅରୋଭିଲ୍ : ପୃଥିବୀରେ ସୌନ୍ଦର୍ଯ୍ୟ ଓ ପ୍ରେମର ହୃଦୟ ଏବଂ ପ୍ରଦୀପସ୍ତମ୍ଭ

ରାମ ନାରାୟଣ

ପୃଥିବୀରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାରେ ପବନ ମନେହୁଏ ଆସନ୍ତାକାଲିର ସନ୍ଦେଶ ଶୁଣାଇ ଚାଲିଛି। ତାମିଲନାଡୁର ଶାନ୍ତ ସମୁଦ୍ରତଟରେ, ପ୍ରାଚୀନ ସହର ପଣ୍ଡିଚେରୀର ସମୀପରେ ଅବସ୍ଥିତ ଅରୋଭିଲ୍ – ଏକ ଆନ୍ତର୍ଜାତିକ ନଗରୀ; ଏହି ପୃଥିବୀରେ ଅନ୍ୟ ସମସ୍ତ ସ୍ଥାନଠାରୁ ସ୍ୱତନ୍ତ୍ର ଏକ ଅଦ୍ୱିତୀୟ ସ୍ଥାନ। ଶ୍ରୀଅରବିନ୍ଦଙ୍କ ଭବିଷ୍ୟତ୍ ଦୃଷ୍ଟି ଦ୍ୱାରା ଅନୁପ୍ରେରିତ ଏବଂ ଶ୍ରୀମାଙ୍କ ଦ୍ୱାରା ୧୯୬୮ ମସିହାରେ ପ୍ରତିଷ୍ଠିତ ଅରୋଭିଲ୍ ମାନବଜାତିର ଭବିଷ୍ୟତ୍ ପାଇଁ ଏକ ଅଭିନବ ପରୀକ୍ଷା ଭାବେ ଜନ୍ମ ନେଇଥିଲା – ଏମିତି ଏକ ନଗରୀ, ଯାହା ମାନବ-ଏକତାକୁ ଉତ୍ସର୍ଗ କରାଯାଇଛି; ଯେଉଁଠାରେ ଜୀବନ କର୍ତ୍ତୃତ୍ୱ କିଂବା ବିଭେଦ ଦ୍ୱାରା ନୁହେଁ ବରଂ ସୌନ୍ଦର୍ଯ୍ୟ, ପ୍ରେମ ଏବଂ ଚେତନାର ବିକାଶ ଦ୍ୱାରା ପରିଚାଳିତ ହୋଇ ପାରିବ।

ଏହି ରକ୍ତିମ ମୃତ୍ତିକାମୟ ଭୂମିର ଠିକ୍ ମଧ୍ୟଭାଗରେ ଉଦ୍ଭାସିତ ହୋଇ ଦଣ୍ଡାୟମାନ ରହିଛି ମାତୃମନ୍ଦିର – ଏକ ସୁବର୍ଣ୍ଣ ଗୋଲକ, ଯାହା ପୃଥିବୀର ଅନ୍ତରରୁ ଉଦୟମାନ ସୂର୍ଯ୍ୟ ପରି ଦୀପ୍ତିମାନ ହୋଇ ଝଲମଲ କରେ। ଏହା ପାରମ୍ପରିକ ଅର୍ଥରେ କୌଣସି ମନ୍ଦିର ନୁହେଁ; ବରଂ ଏହା ଅରୋଭିଲ୍‌ର ଆତ୍ମା – ଏକ ନୀରବ ପବିତ୍ର ଆଶ୍ରୟ, ଯାହା ପ୍ରତ୍ୟେକଙ୍କୁ – ଅରୋଭିଲିଆନ୍, ନୂତନ ଆଗନ୍ତୁକ, ଅତିଥି କିଂବା ପରିଦର୍ଶକଙ୍କୁ – ଆନ୍ତରମୁଖୀ ହେବାକୁ, ନିଜ ହୃଦୟରେ ସତ୍ୟର ଅଗ୍ନିଶିଖାକୁ ଅନ୍ୱେଷଣ କରିବାକୁ ଆମନ୍ତ୍ରଣ କରେ। ଯେପରି ଶ୍ରୀମା କହିଥିଲେ, ''A place ... for trying to find one's consciousness.''

ଅର୍ଥାତ୍, ''ନିଜ ଚେତନାକୁ ଖୋଜିବା ପାଇଁ ଏକ ସ୍ଥାନ ...।''

ମାତୃମନ୍ଦିରକୁ କେନ୍ଦ୍ର କରି ତାହାର ଚତୁର୍ଦ୍ଦିଗରେ ବିସ୍ତାରିତ ହୋଇ ରହିଛି ଅନେକ ସୁନ୍ଦର ଏବଂ ବିଶ୍ୱସ୍ତରୀୟ ଉଦ୍ୟାନ। ସେହି ଉଦ୍ୟାନମାନଙ୍କୁ ଘେରି ଏକ ବିଶାଳ ବୃତ୍ତାକାର ଏବଂ ଚମତ୍କାର ଜଳାଶୟ – 'ଲେକ୍' – ଗଢ଼ି ଉଠୁଛି। ତାହାକୁ ଆବୃତ କରି ବିସ୍ତାରିତ ହୋଇଛି ଅରୋଭିଲ୍ ନଗରୀ; ଯେଉଁଠାରେ ସାଧକ, କଳାକାର, ବୈଜ୍ଞାନିକ, ସ୍ଥପତି, ଶ୍ରମିକ, ବିଭିନ୍ନ ଜୀବନ ପଥର ଲୋକମାନେ ଏବଂ ଅନେକ ଦେଶର ସ୍ୱପ୍ନଦ୍ରଷ୍ଟାମାନେ ଏକତ୍ର ବସବାସ କରୁଛନ୍ତି ଏବଂ ସାମୂହିକ ଜୀବନର ଏକ ନୂତନ ପଦ୍ଧତି ଗଢ଼ି ତୋଳିବା ପାଇଁ ନିଜ ଜୀବନକୁ ଅର୍ପଣ କରୁଛନ୍ତି।

ଅରୋଭିଲ୍‌ରେ ସୌନ୍ଦର୍ଯ୍ୟ କେବଳ ଦୃଶ୍ୟମାନ ରୂପରେ ସୀମିତ ନୁହେଁ – ଏହା ଏକ ମୂର୍ତ୍ତିମନ୍ତ ଆଦର୍ଶ, ଏକ ଶକ୍ତି, ଯାହା ପ୍ରକୃତି, କଳା ଏବଂ ମାନବୀୟ ସମ୍ପର୍କର ସମଗ୍ରତାରେ ବ୍ୟାପ୍ତ ଅଛି। ଯେଉଁ ଭୂମି ଦିନେ ଅନୁର୍ବର ଏବଂ ଜନଶୂନ୍ୟ ଥିଲା, ସେହି ଭୂମି ଆଜି ଅରଣ୍ୟ, ଜୈବିକ କୃଷିକ୍ଷେତ୍ର ଏବଂ ଉଦ୍ଭିଦ ଉଦ୍ୟାନରେ ପ୍ରସ୍ଫୁଟିତ ହୋଇ ଉଠିଛି, ଅବହେଳିତ ଉପରେ ସମନ୍ୱୟର ବିଜୟକୁ ମୂର୍ତ୍ତ ରୂପ ଦେଇ। ଏହି ନଗରୀର ସ୍ଥାପତ୍ୟଶୈଳୀ ନବସୃଷ୍ଟିକୁ ସୌନ୍ଦର୍ଯ୍ୟ ସହିତ ଏକତ୍ର କରି ପରିବେଶୀୟ ସନ୍ତୁଳନ ଓ ମାନବୀୟ ସୃଜନଶୀଳତାକୁ ଏକ ସୁନ୍ଦର ସମନ୍ୱୟରେ ବାନ୍ଧି ଦେଇଛି। ଏଠାରେ ନୃତ୍ୟ, ସଙ୍ଗୀତ, ନାଟକ ଏବଂ ଯୁଦ୍ଧକଳା ଆଦିର କଳାତ୍ମକ ଅଭିବ୍ୟକ୍ତି ସ୍ୱାଭାବିକ ଭାବେ ବିକଶିତ ହୁଏ – ଓଡ଼ିଶୀ ଓ ଭାରତନାଟ୍ୟମ୍, ଆଇକିଡ଼ୋ ଓ କଲରିପ୍ୟାୟିଉ ଏବଂ ବିଭିନ୍ନ ସଂସ୍କୃତିର ସମନ୍ୱିତ ପ୍ରଦର୍ଶନମାନ ବିବିଧତାକୁ ଲୟରେ ପରିଣତ କରନ୍ତି। ଏହି ସୃଜନାତ୍ମକ ଅଭିବ୍ୟକ୍ତିମାନ କେବଳ ମନୋରଞ୍ଜନ ନୁହେଁ; ସେଗୁଡ଼ିକ ହେଉଛନ୍ତି ଅର୍ପଣ – ଆତ୍ମହାର ଏମିତି ଅଭିବ୍ୟକ୍ତି ଯାହା ମାଧ୍ୟମରେ ବିଭିନ୍ନ ସଂସ୍କୃତି ଏକ ହୋଇଯାଏ ଏବଂ ସୌନ୍ଦର୍ଯ୍ୟକୁ ଚେତନାର ଏକ ମାଧ୍ୟମଭାବେ ପ୍ରକାଶ କରେ।

ଶ୍ରୀମା ନିଜେ ଏହି ଆଦର୍ଶକୁ ପ୍ରତୀକାତ୍ମକ ଭାବେ କହିଥିଲେ, ଯେତେବେଳେ ସେ 'Hibiscus rosa-sinensis' (ଏକ ପ୍ରକାର ମନ୍ଦାର ଫୁଲ)କୁ ''ଅରୋଭିଲ୍‌ର ପୁଷ୍ପ'' ଭାବେ ନାମକରଣ କରିଥିଲେ ଏବଂ ତାହାର ଆଧ୍ୟାତ୍ମିକ ମହତ୍ତ୍ୱକୁ

"Beauty of Supramental Love", ଅର୍ଥାତ୍, ''ଅତିମାନସିକ ପ୍ରେମର ସୌନ୍ଦର୍ଯ୍ୟ'' ବୋଲି ବ୍ୟାଖ୍ୟା କରିଥିଲେ । ତାଙ୍କ ପାଇଁ ସୌନ୍ଦର୍ଯ୍ୟ କେବଳ ଅଳଙ୍କାର ନୁହେଁ; ଏହା ଥିଲା ଦିବ୍ୟତ୍ୱର ଏକ ସ୍ପନ୍ଦନ, ଯାହା ପୃଥିବୀକୁ ଏକ ଉଚ୍ଚତର ଜୀବନ ପାଇଁ ପ୍ରସ୍ତୁତ କରୁଥିଲା – ସେହି ଅତିମାନସିକ ସତ୍ତାର ଅବତରଣ ପାଇଁ ଯାହା ଜ୍ୟୋତିର୍ମୟ, ନମନୀୟ, ସମନ୍ୱିତ ଏବଂ ପୂର୍ଣ୍ଣ । ଯଦି ସୌନ୍ଦର୍ଯ୍ୟ ଅରୋଭିଲ୍‌ର ମୁଖମଣ୍ଡଳ, ତେବେ ପ୍ରେମ ହେଉଛି ତାହାର ହୃଦୟ । ଏଠାରେ ପ୍ରେମ ଅଧିକାର ବୋଧ ନୁହେଁ, ବରଂ ଅର୍ପଣ; ଇଚ୍ଛା ନୁହେଁ ବରଂ ଆତ୍ମସମର୍ପଣ । ଏହା ସେହି ଦିବ୍ୟ ପ୍ରେମ ଯାହା କୌଣସି ପ୍ରତ୍ୟାଶା ବିନା ଦେଇଥାଏ ବିପଦ ଓ କଠିନତା ମଧ୍ୟରେ ଧୈର୍ଯ୍ୟ ସହିତ ଅପେକ୍ଷା କରି ରହେ ଏବଂ ଏହି ବିଶ୍ୱାସ ରଖେ ଯେ ମାନବଜାତି ନିଜର ବର୍ତ୍ତମାନ ସୀମାବଦ୍ଧତାକୁ ଅତିକ୍ରମ କରି ଉନ୍ନତ ହୋଇ ପାରିବ । ଦିବ୍ୟ ପ୍ରେମହିଁ ଅରୋଭିଲ୍‌ର ଜୀବନର ଭିତ୍ତି – ନିଜକୁ ନିଃସର୍ତ୍ତ ଭାବରେ ଅର୍ପଣ କରିଦେବା । ଏହା ବିବିଧ ରୂପରେ ପ୍ରକାଶିତ ହୁଏ; ସେହି ଅରୋଭିଲିଆନ୍‌ମାନଙ୍କ ମଧ୍ୟରେ, ଯେଉଁମାନେ ସ୍ୱାମୀତ୍ୱବୋଧ ବିନା କାମ କରନ୍ତି ଏବଂ ନିଜ ସମୟ ଓ କୌଶଳକୁ ସମୂହ ସେବା ପାଇଁ ଉତ୍ସର୍ଗ କରନ୍ତି; ଭୂମିକୁ ସବୁଜ କରି ତୋଳିବାର ଧୈର୍ଯ୍ୟପୂର୍ଣ୍ଣ ପ୍ରୟାସରେ, ଶିଶୁମାନଙ୍କର ବିକାଶକୁ ସ୍ୱାଧୀନତା ଓ ସତ୍ୟର ପରିବେଶରେ ସହାୟତା କରିବାରେ; ଏବଂ ଶ୍ରୀମାଙ୍କ ଦ୍ୱାରା କଳ୍ପିତ ''ଗ୍ୟାଲେକ୍‌ସି ମଡେଲ୍'' ଅନୁସାରେ ଏହି ନଗରୀକୁ ଗଢ଼ି ତୋଳିବାରେ ।

ଶିକ୍ଷା କ୍ଷେତ୍ରରେ ମଧ୍ୟ ଆଜିର ପ୍ରୟାସ ହେଉଛି ଆତ୍ମାର ବିକାଶକୁ ପୋଷଣ କରିବା – ସେହି ଆତ୍ମାକୁ, ଯାହା ମନୁଷ୍ୟ ମଧ୍ୟରେ ଦିବ୍ୟ ପ୍ରେମର ପ୍ରତିନିଧି ବୋଲି ଶ୍ରୀମା ବର୍ଣ୍ଣନା କରିଥିଲେ । ସେ ଯେପରି କହିଥିଲେ : ''In this place, children would be able to grow and develop integrally without losing contact with their souls; education would be given not for passing examinations or obtaining certificates and posts but to enrich existing faculties and bring forth new ones.''

(CWM, Vol. 12, p. 93)

ଅର୍ଥାତ୍, ''ଏହି ସ୍ଥାନରେ ଶିଶୁମାନେ ନିଜ ଆତ୍ମା ସହିତ ସମ୍ପର୍କ ନ ହରାଇ ସମଗ୍ର ଭାବରେ ଗଢ଼ିଉଠିବେ ଓ ବିକଶିତ ହେବାକୁ ସମର୍ଥ ହେବେ; ଏଠାରେ ଶିକ୍ଷା ଦିଆଯିବ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା, ପ୍ରମାଣପତ୍ର କିଂବା ପଦବୀ ପାଇବା ପାଇଁ ନୁହେଁ, ବରଂ ମନୁଷ୍ୟ ମଧ୍ୟରେ ଅବସ୍ଥିତ କ୍ଷମତାଗୁଡ଼ିକୁ ସମୃଦ୍ଧ କରିବା ଏବଂ ନୂତନ କ୍ଷମତାମାନଙ୍କୁ ପରିପ୍ରକାଶ କରିବା ପାଇଁ ।''

ଷାଠିଏରୁ ଅଧିକ ଦେଶର ଲୋକମାନେ ଏଠାରେ ବସବାସ କରୁଥିବାରୁ ବିବିଧତା ଏଠାରେ କୌଣସି ବାଧା ନୁହେଁ; ବରଂ ଏହା ଏକ ଉତ୍ସବ – ଏମିତି ଏକ ପ୍ରେମ ଯାହା ଏକତାର ସୂତ୍ରରେ ଭିନ୍ନତାଗୁଡ଼ିକୁ ସମନ୍ୱୟରେ ବାନ୍ଧି ଦେଇଥାଏ । ଏହି ପ୍ରେମ କେବଳ ମାନବଜାତି ପର୍ଯ୍ୟନ୍ତ ସୀମିତ ନୁହେଁ; ଏହା ସମଗ୍ର ପୃଥିବୀ ଆଡ଼କୁ ମଧ୍ୟ ବିସ୍ତାରିତ । ଅରୋଭିଲ୍‌ର ପରିବେଶ ସ୍ଥାୟୀତ୍ୱମୂଳକ, ଜୀବନ ପ୍ରତି ଅଙ୍ଗୀକାରରେ ଏହାର ପ୍ରତିଫଳନ ଦେଖାଯାଏ । ପରିବେଶ ବନ୍ଧୁତ୍ୱପୂର୍ଣ୍ଣ ସ୍ଥାପତ୍ୟ, ପୁନର୍ନବୀକରଣ-ଯୋଗ୍ୟ ଶକ୍ତିର ବ୍ୟବହାର, ଜୈବିକ-ଜୀବନ ପଦ୍ଧତି ଏବଂ ଏମିତି ଏକ ସଚେତନ ଜୀବନଶୈଳୀ, ଯାହା ପରିବେଶ ଉପରେ ନିଜର ପ୍ରଭାବକୁ ସର୍ବନିମ୍ନ କରିଥାଏ । ଅରୋଭିଲ୍‌ର ଆଧ୍ୟାତ୍ମିକ ଏବଂ ସାମାଜିକ ଦୃଷ୍ଟିକୋଣ ଏକ ଗଭୀର ଅଭୀପ୍ସା ଉପରେ ଆଧାରିତ । ଶ୍ରୀମା ଏହାକୁ ଏପରି ବର୍ଣ୍ଣନା କରିଥିଲେ :

''... a universal town where men and women of all countries are able to live in peace and progressive harmony, above all creeds, all politics and all nationalities. ...''

(CWM, Vol. 13, p. 188)

ଅର୍ଥାତ୍, ''... ଏକ ସାର୍ବଜନୀନ ନଗରୀ, ଯେଉଁଠାରେ ସମସ୍ତ ଦେଶର ନାରୀ ଓ ପୁରୁଷମାନେ ସମସ୍ତ ମତବାଦ, ସମସ୍ତ ରାଜନୀତି ଏବଂ ସମସ୍ତ ଜାତୀୟତାର ଉର୍ଦ୍ଧ୍ୱରେ ଶାନ୍ତି ଓ କ୍ରମବର୍ଦ୍ଧମାନ ସଂହତି ମଧ୍ୟରେ ବାସ କରିପାରିବେ । ...''

ଏହିପରି ଅରୋଭିଲ୍ ମାନବ ବିକାଶର ଏକ ସଚେତନ ପରୀକ୍ଷାର ପ୍ରତିନିଧିତ୍ୱ କରେ – ଏମିତି ଏକ ପ୍ରୟାସ ଯାହା ବିକାଶର ପରବର୍ତ୍ତୀ ପଦକ୍ଷେପକୁ ମୂର୍ତ୍ତ ରୂପ ଦେବାକୁ ଚାହେଁ : ନୂତନ ଚେତନାକୁ ଧାରଣ କରୁଥିବା ଅତିମାନସିକ ସତ୍ତାର ଉଦ୍ଭବ – ସେହି ଅତିମାନସିକ ଚେତନାର ପ୍ରକାଶ । ଅରୋଭିଲ୍‌ରେ ବସବାସ କରିବା ହିଁ ଏକ ସାଧନା – ଅନ୍ତର୍ମୁଖୀ

ବିକାଶମୂଳକ ଏକ ଶୃଙ୍ଖଳିତ ପଥ । ଅରୋଭିଲ୍‌ର ସନନ୍ଦ (Charter)ରେ ଘୋଷଣା କରାଯାଇଛି :

''Auroville belongs to nobody in particular. Auroville belongs to humanity as a whole.

''But to live in Auroville one must be the willing servitor of the Divine Consciousness.'' (CWM, Vol. 13, p. 193)

ଅର୍ଥାତ୍, ''ଅରୋଭିଲ୍ କାହାରି ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । ଅରୋଭିଲ୍ ସମଗ୍ର ମାନବଜାତିର ।

''କିନ୍ତୁ ଅରୋଭିଲ୍‌ରେ ବସବାସ କରିବା ପାଇଁ ମନୁଷ୍ୟକୁ ଦିବ୍ୟ ଚେତନାର ଏକ ସ୍ୱେଚ୍ଛାସେବକ ହେବା ଆବଶ୍ୟକ ।''

ଏହି ନୀତି ତାହାର ସାମାଜିକ ଗଠନରେ ପ୍ରକାଶ ପାଇଛି : କୌଣସି ବ୍ୟକ୍ତି କୌଣସି ବ୍ୟବସାୟ, ଭୂମି କିଂବା ସମ୍ପତ୍ତିର ମାଲିକ ନୁହେଁ; ସମସ୍ତ କିଛି ମାନବଜାତିର ନାମରେ ନ୍ୟସ୍ତ ରହିଛି । ପ୍ରତ୍ୟେକ ବାସିନ୍ଦା ଜଣେ ରକ୍ଷକ, ମାଲିକ ନୁହେଁ । ଏଠାରେ କାମକୁ ଚାକିରି ଭାବେ ପାରିଶ୍ରମିକ ଦିଆଯାଏ ନାହିଁ; ବରଂ ଏହାକୁ ସେବାଭାବେ ସମ୍ମାନ କରାଯାଏ । ଅରୋଭିଲ୍‌ର ପ୍ରକୃତ ସମ୍ପଦ ହେଉଛି ନିଜ ଜୀବନକୁ ଦିବ୍ୟତ୍ୱ ଏବଂ ମାନବଜାତିର ଏକତା ପାଇଁ ଉତ୍ସର୍ଗ କରିବାର ସ୍ୱାଧୀନତା ।

ଏପରି ଏକ ପରୀକ୍ଷା ପାଇଁ ସାହସ ଆବଶ୍ୟକ – ପ୍ରତ୍ୟାଶା ନରଖି ଦେଇପାରିବାର ସାହସ, ସ୍ୱାମୀତ୍ୱବୋଧ ବିନା ସେବା କରିପାରିବାର ସାହସ ଏବଂ କୌଣସି ଦାବି ବିନା ଗଢ଼ି ତୋଳିବାର ସାହସ । ଏହା ଏମିତି ଏକ ସାମାଜିକ ବ୍ୟବସ୍ଥା, ଯାହା କେବଳ କାର୍ଯ୍ୟ-କୁଶଳତା ପାଇଁ ନୁହେଁ, ବରଂ ରୂପାନ୍ତରଣ ପାଇଁ ଗଢ଼ାଯାଇଛି; ଯେଉଁଠାରେ ପ୍ରତ୍ୟେକ କାର୍ଯ୍ୟ ସାମୂହିକ ଜାଗରଣ ଦିଗରେ ଏକ ପଦକ୍ଷେପରେ ପରିଣତ ହୁଏ । ଶ୍ରୀଅରବିନ୍ଦ ଘୋଷଣା କରିଥିଲେ ଯେ, ''ମନୁଷ୍ୟ ଏକ ମଧ୍ୟବର୍ତ୍ତୀ ସତ୍ତା'' – ସେ ସୃଷ୍ଟିର ଶେଷ ପରିଣତି ନୁହେଁ, ବରଂ ଏକ ଉଚ୍ଚତର ଜୀବନ ଆଡ଼କୁ ନେଇ ଯାଉଥିବା ଏକ ସେତୁ । ଅରୋଭିଲ୍‌ର ଆତ୍ମା ସହିତ ଏକାତ୍ମତା ମଧ୍ୟରେ ଶ୍ରୀମା କହିଥିଲେ, "Auroville wants to be the cradle of the superman.'' (Agenda, Vol. 10, August 30, 1969)

ଅର୍ଥାତ୍, ''ଅରୋଭିଲ୍ ଅତିମାନବର ଶୈଶବ ସମୟର ଲାଳନ ଦୋଳା ହେବାକୁ ଚାହେଁ ।''– ସେହି ଭୂମି, ଯେଉଁଠାରେ ଭବିଷ୍ୟତର ଏହି ମାନବଜାତି ନିଜର ରୂପ ଗଢ଼ିବା ଆରମ୍ଭ କରିପାରିବ । ସେଠାରେ ଶ୍ରୀମା ଆହୁରି କହୁଛନ୍ତି : "If you want the future, well, you have to use the means of the future. And the means of the future isn't guns, it's inner means-the inner power." (Ibid)

ଅର୍ଥାତ୍, ''ଯଦି ତୁମେ ଭବିଷ୍ୟତକୁ ଚାହୁଁଛ, ତେବେ ତୁମକୁ ଭବିଷ୍ୟତର ଉପାୟମାନଙ୍କୁ ହିଁ ବ୍ୟବହାର କରିବାକୁ ହେବ । ଏବଂ ଭବିଷ୍ୟତର ଉପାୟ ଯୁଦ୍ଧାସ୍ତ୍ର ନୁହେଁ; ଏହା ହେଉଛି ଅନ୍ତରର ଉପାୟ – ଅନ୍ତର୍ଶକ୍ତି ।'' (ତତ୍ରୈବ)

ଏହିପରି ଭାବେ ଦେଖିଲେ ଅରୋଭିଲ୍‌ର ଯାତ୍ରା ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଛି – ତାହାର ଆହ୍ୱାନ ଓ ଚ୍ୟାଲେଞ୍ଜଗୁଡ଼ିକ ଯଥାର୍ଥ, ତାହାର ଅପୂର୍ଣ୍ଣତାମାନ ମାନବୀୟ । ସଂଗଠନର ଅସୁବିଧା ଅଛି, ଅହଂକାରର ପ୍ରତିରୋଧ ମଧ୍ୟ ଅଛି; କିନ୍ତୁ ତାହାର ଅଭୀପ୍ସା ତାହାଠାରୁ ଅଧିକ ଶକ୍ତିଶାଳୀ – ପୃଥିବୀରେ ଏମିତି ଏକ ସ୍ଥାନ ପ୍ରସ୍ତୁତ କରିବା, ଯେଉଁଠାରେ ଅତିମାନସିକ ସତ୍ତା ପ୍ରକାଶିତ ହୋଇପାରିବ । ଅରୋଭିଲ୍ ଏପର୍ଯ୍ୟନ୍ତ ନିଜ ଅନ୍ତରରେ ଭବିଷ୍ୟତର ସେହି ବୀଜକୁ ଧାରଣ କରି ରହିଛି – ଏମିତି ଏକ ମାନବଜାତିର ବୀଜ, ଯାହା ଚେତନାରେ ରୂପାନ୍ତରିତ ଏବଂ ନିଜ ସ୍ୱଭାବରେ ସୌନ୍ଦର୍ଯ୍ୟ, ସମନ୍ୱୟ, ଜ୍ଞାନ ଓ ପ୍ରେମକୁ ମୂର୍ତ୍ତ କରିଥାଏ ।

ଅରୋଭିଲ୍‌ର ଛାୟାଘେରା ପଥମାନଙ୍କରେ ଚାଲିବା, ତାହାର କଳାତ୍ମକ ଅଭିବ୍ୟକ୍ତିଗୁଡ଼ିକୁ ଅନୁଭବ କରିବା ସର୍ବୋପରି ମାତୃମନ୍ଦିରର ନୀରବତାର ଆବେଶ ମଧ୍ୟରେ ବସିବା – ପୃଥିବୀ ନିଜେ କ'ଣ ହୋଇପାରେ, ଏସବୁ ତାହାର ଏକ ସମ୍ଭାବନାର ଝଲକ ଭଳି ପ୍ରତୀୟମାନ ହୁଏ । ଅରୋଭିଲ୍ କେବଳ ଏକ ସମୁଦାୟ ନୁହେଁ – ଏହା ନୂତନ ସୃଷ୍ଟିରେ ଅଂଶଗ୍ରହଣ କରିବା ପାଇଁ ଏକ ଆମନ୍ତ୍ରଣ; ପୃଥିବୀ ଜୀବନର ଭିତ୍ତି ଭାବେ ସୌନ୍ଦର୍ଯ୍ୟ ଓ ପ୍ରେମକୁ ସାକାର କରିବା ପାଇଁ ଏକ ଆହ୍ୱାନ ।

ଆଜି ଅରୋଭିଲ୍ ଏକାଧାରରେ ଏକ ପ୍ରଦୀପସ୍ତମ୍ଭ ଓ ଏକ ହୃଦୟ ଭଳି ଦଣ୍ଡାୟମାନ – ଭବିଷ୍ୟତର ଏକ ପ୍ରଦୀପସ୍ତମ୍ଭ, ଯାହା ଅତିମାନସିକ ଚେତନାର ପ୍ରତିଶ୍ରୁତିରେ ଦୀପ୍ତିମାନ୍; ଏବଂ ଅନ୍ୟପକ୍ଷରେ ପୃଥିବୀରେ ସୌନ୍ଦର୍ଯ୍ୟ ଓ ପ୍ରେମର ହୃଦୟ ଯାହା ମାନବଜାତି ମଧ୍ୟରେ ଦିବ୍ୟ ସ୍ୱପ୍ନକୁ ମୂର୍ତ୍ତ କରିବାର ସାହସ କରୁଛି । ❑

ପୁଣି ଅଭିଜ୍ଞତା

ପ୍ରସାଦ ତ୍ରିପାଠୀ

ଏଥରକ ଉତ୍ତର ବାଲେଶ୍ୱର । ଏକାବେଳକେ ଚାରି ଦିନ ନ ମିଳିବାରୁ ଦୁଇ ଥରରେ ଦୁଇ ଦିନ କରି ବାଲେଶ୍ୱର ଜିଲ୍ଲା ଯିବା ପାଇଁ ସିଦ୍ଧାନ୍ତ ହେଲା । ପ୍ରଥମ ଦୁଇ ଦିନରେ ବାଲେଶ୍ୱରର ଉତ୍ତର ପାଖ ଏବଂ ପର ଦୁଇ ଦିନରେ ବାକି ସବୁ । ପ୍ରଥମ ଦୁଇ ଦିନରେ ସମୁଦାୟ ୨୩ଟି ଶିକ୍ଷାକେନ୍ଦ୍ର ଯିବାକୁ ହେଲା । ସବୁଗୁଡ଼ିକ ନିଜ ନିଜ ଧାରାରେ ଚାଲୁଛନ୍ତି । କେହି ବି ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇପାରି ନାହାନ୍ତି । ଏମିତି ଦେଖିଲେ ପ୍ରକୃତ ପୂର୍ଣ୍ଣାଙ୍ଗ ଶିକ୍ଷା ତ ଅନେକ ଦୂରରେ । ଆମେ ତା' ପାଖରେ ପହଞ୍ଚିବାକୁ ଅନେକ ସମୟ ଲାଗିବ । ମାତ୍ର ଯେଉଁମାନେ ସେ ମାର୍ଗରେ ଯାତ୍ରା କରୁଛୁ ସେସମସ୍ତଙ୍କର ଜଣା-ଅଜଣାରେ ମଧ୍ୟ ସମସ୍ତେ କିଛି କିଛି ଅଭିଜ୍ଞତା ନିଶ୍ଚୟ ହାସଲ କରୁଥିବେ ।

ଏମିତି ବାଲେଶ୍ୱର ଜିଲ୍ଲା ବୁଲୁ ବୁଲୁ ସେ ଶିକ୍ଷାକେନ୍ଦ୍ରରେ ପହଞ୍ଚିଲୁ । ବାହାରୁ ଆଦୌ ଜଣା ପଡୁନି ଯେ ଭିତରେ ଏକ ଶିକ୍ଷାକେନ୍ଦ୍ର ଅଛି ବୋଲି । କାରଣ ବାହାରଟି ପୂରା ବଜାର ଗହଳି । ତା'ରି ଭିତରେ ଭିତରକୁ ଗୋଟିଏ ରାସ୍ତା ଅଛି । ଦୋକାନ ଘରଗୁଡ଼ିକର ପଛ ପାଖରେ କେତେଗୁଡ଼ିଏ ଅସ୍ଥାୟୀ କୋଠରି । ସବୁଗୁଡ଼ିକର ଛାତ ଟିଣରେ । ମାତ୍ର ସେ ମଧ୍ୟ ସ୍ଥାୟୀ ଭଳି ଲାଗିଲାନି । କାରଣ ଆଦୌ ଏକ ସ୍ଥାୟୀ କୋଠରି ନିର୍ମାଣହିଁ ହୋଇ ନାହିଁ । ତା'ରି ଆଗରେ ଗୋଟିଏ ଛୋଟିଆ ଖୋଲା ଜାଗା । ଖୋଲା ଜାଗାର ଗୋଟିଏ ପାଖରେ ମଣିଷ ଡାକ୍ତରଖାନା ଆଉ ଗୋଟିଏ ପାଖରେ ପଶୁ ଡାକ୍ତରଖାନା । ଜାଗା ଶେଷକୁ ଗାଁବାଲାଙ୍କର ଏକ ପେଣ୍ଡାଲ । ସେଥିରେ ଗ୍ରାମବାସୀମାନେ ଯାହାସବୁ ପ୍ରୋଗ୍ରାମ କରନ୍ତି । ସେଇ ପେଣ୍ଡାଲଟିର ତିନି ପାଖରେ କାନ୍ଥ ଉଠିଛି ଏବଂ ଛାତ ପଡ଼ି ଯାଇଛି । ସେହି କାନ୍ଥମାନଙ୍କରୁ ପୁଣି ଟିଣ ପକାଇ ଆହୁରି କିଛି ଅସ୍ଥାୟୀ ଘର କରାଯାଇଛି ଆଉ ଭିତରକୁ ଅଳ୍ପ କିଛି କୋଠାଘର । ଏସବୁ ଅସ୍ଥାୟୀ ଟିଣ ଘରଗୁଡ଼ିକ ଶ୍ରେଣୀ କୋଠରି ଭାବରେ ବ୍ୟବହୃତ ହୁଅନ୍ତି । ଆମେ ଯିବା ବେଳକୁ ଅପରାହ୍ଣ ଆରମ୍ଭ ହୋଇ ସାରିଲାଣି । ବେଶ୍ କେତେକ ଛାତ୍ରଛାତ୍ରୀ ପଢୁ ଥାଆନ୍ତି । ସେମାନେ ଷଷ୍ଠ, ସପ୍ତମର । ଅନ୍ୟ ଶ୍ରେଣୀଗୁଡ଼ିକ ସକାଳେ ହେଉଥିଲା, ମାତ୍ର ଛୁଟୀ ହୋଇ ସାରିଛି ।

ସବୁଠାରୁ ଆଚମ୍ବିତ କଥା ହେଲା ସ୍କୁଲର ବୟସ ବାଇଶି ବର୍ଷ । ମଝିରେ କିଛି ଦିନ ଗ୍ରାମବାସୀମାନଙ୍କ ସହିତ ମନୋମାଳିନ୍ୟ ଯୋଗୁଁ ବନ୍ଦ ହୋଇ ଯାଇଥିଲା । ମାତ୍ର ଅଳ୍ପ କେତେ ବର୍ଷ ପରେ ପୁଣି ଆରମ୍ଭ ହୋଇଛି । ଦୀର୍ଘ ବାଇଶି ବର୍ଷ ଧରି ସେହି ଅସ୍ଥାୟୀ ଗୃହରେ କିପରି ସେଠାରେ ସ୍କୁଲ ଚାଲିଛି ମୁଁ ତା'ର ଆଦିଅନ୍ତ ପାଇଲି ନାହିଁ । ଟିଣ ଛାତ ମଝିରେ ମଝିରେ ଆକାଶ ଦିଶୁଥାଏ । ଟିଣ ଛାତ ଆଉ କାନ୍ଥର ମଝିକୁ ଜରି (ପଲିଥିନ୍) ଦିଆ ହୋଇ ବନ୍ଦ କରାଯାଇ ଥାଏ । ଉପରେ ଯେଉଁ ବାଉଁଶଗୁଡ଼ିକ ବନ୍ଧା ହୋଇଛି, ସେଗୁଡ଼ିକ ମଧ୍ୟ ଏତେ ଶକ୍ତ ଲାଗିଲେ ନାହିଁ । ମାତ୍ର ତଥାପି ସମ୍ପୂର୍ଣ୍ଣ ନିର୍ବିଘ୍ନରେ ତା' ମଧ୍ୟରେ ସେମାନେ କ୍ଲାସ କରୁଛନ୍ତି ଏବଂ ପିଲାମାନେ ପାଠ ପଢୁଛନ୍ତି । ପିଲାଗୁଡ଼ିକ ଷଷ୍ଠ, ସପ୍ତମର । ତେଣୁ ଅପେକ୍ଷାକୃତ ବଡ଼ । ଏହା ହେଲେ ମଧ୍ୟ କୌଣସି ଅସ୍ଥିରତା ନାହିଁ, କୋଳାହଳ ନାହିଁ । ଆମକୁ ଦେଖି କେହି କେହି ସାମାନ୍ୟ ହସି ଦେଲେ । ମୁଁ ଜାଣିନି ଆମ ସାଥିରେ ଥିବା ଭାଇମାନଙ୍କର ଦୃଷ୍ଟିକୁ କ'ଣସବୁ ଆକର୍ଷିତ କଲା; ମାତ୍ର ମୋତେ ଆକର୍ଷିତ କଲେ ମା' ଏବଂ ଶ୍ରୀଅରବିନ୍ଦଙ୍କ ଫଟୋ । ଅନେକ ପୁରୁଣା ଦୁଇଟି ଫଟୋ । ଖୁବ୍ ବେଶୀ ସାଜସଜ୍ଜା ନଥିଲେ ମଧ୍ୟ ଆଦୌ ଅଯତ୍ନରେ ନଥିଲେ । ମାତ୍ର ଉଭୟେ ଲାଗୁଥିଲେ ଯେପରି ସମ୍ପୂର୍ଣ୍ଣ ପ୍ରସ୍ତର ଶିଳାଖଣ୍ଡ ଭିତରୁ ବିବର୍ତ୍ତନ ଧାରାକୁ ଚାଲୁ ରଖିଛନ୍ତି । ଅନେକ ଉଦ୍ୟମ କରିବାକୁ ପଡୁଛି । ଦୁହିଁଙ୍କ ଫଟୋ ପୁରାତନ ହେଲେ ମଧ୍ୟ ଉଭୟଙ୍କର ଚକ୍ଷୁରୁ ଅଜ୍ଞାନ ଅନ୍ଧକାରର ଶିଳା ଭେଦ କରି ଯେପରି ଊର୍ଦ୍ଧ୍ୱକୁ ଉଠିବାର ପ୍ରୟାସ ଚାଲିଥିବା ଭଳି ମନେ ହେଉଥାଏ । ଯେଉଁଠାରେ ପ୍ରାଚୁର୍ଯ୍ୟ ସେଠାରେ ତାଙ୍କର ପ୍ରୟୋଜନ ଅପେକ୍ଷା ଏସବୁ ସ୍ଥାନରେ ତାଙ୍କର ଆବଶ୍ୟକତା ଅନେକ ଅଧିକ । ଅନେକ ବାଧାବିଘ୍ନ ମଧ୍ୟରେ ଯେପରି ଧୀରେ ଧୀରେ ଅଗ୍ରଗତି ଚାଲିଛି ।

ପେଣ୍ଡାଲ ପାଖ ଘରେ କିଛି ସମୟ ପାଇଁ ଆଲୋଚନା କାର୍ଯ୍ୟକ୍ରମ ରଖାଯାଇଥିଲା । ସମସ୍ତେ ବସିବା ପରେ ଆମେ ଆଲୋଚନା ଆରମ୍ଭ କଲୁ । ମୁଁ ପ୍ରକୃତରେ ସେମାନଙ୍କ ସାହସ, ଧୈର୍ଯ୍ୟକୁ ମନେ ମନେ ଅନେକ ପ୍ରଶଂସା କରୁଥାଏ । ସେମାନେ

ଅନେକ ଆନନ୍ଦରେ ଏବଂ ଉତ୍ସାହରେ କାର୍ଯ୍ୟ କରୁ ଥାଆନ୍ତି ଏବଂ ମା'ଙ୍କ କୃପାରୁ ସେମାନେ ହାରି ଯାଇ ନାହାନ୍ତି, ଡରି ଯାଇ ନାହାନ୍ତି, ହତାଶ ହୋଇ ନାହାନ୍ତି । ଅନେକ ବିଶ୍ୱାସ, ଭରସା ତାଙ୍କ ହୃଦୟରେ ପ୍ରତିଷ୍ଠିତ ହୋଇ ସାରିଥିବା ଭଳି ମନେ ହେଉଥାଏ । ତଥାପି ଚେଷ୍ଟା ଚାଲୁ ରଖିଛନ୍ତି । ଆମ ଭିତରେ ଥିବା ନେତୃ ସ୍ଥାନୀୟ ଭାଇମାନେ ସେମାନଙ୍କୁ କିଛି କିଛି ତାଗିଦ କରୁଥା'ନ୍ତି; ମାତ୍ର ସେସବୁ ପାଇଁ ସେମାନେ ବ୍ୟସ୍ତ ହେବା ଭଳି ଲାଗୁ ନଥାଏ । ଯେପରି ସେମାନେ ଗତ ବାଇଶି ବର୍ଷ ମଧ୍ୟରେ ଏତେ ଶକ୍ତ ହୋଇ ଗଲେଣି ଯେ ଅନ୍ୟମାନଙ୍କର ତାଗିଦାରେ ସେମାନେ ଆଦୌ ବିଚଳିତ ହେଉ ନଥା'ନ୍ତି ।

ଅନେକ ଦିନ ତଳେ ଗୋଟିଏ କବିତା ଲେଖିଥିଲି – ତା'ର ଦୁଇଟି ପଂକ୍ତି ମନେ ପଡ଼ିଲା –

''ଦେଖିଅଛ ଆମଠାରେ କି ସମ୍ଭାବନା
ଜଗାଇଛ ପ୍ରାଣେ ମନେ ନବଚେତନା''...

ଦିବ୍ୟ ଜନନୀଙ୍କ ଚରଣରେ ମୋର କୃତଜ୍ଞତା ତଥା ସେମାନଙ୍କ ପାଇଁ ପ୍ରାର୍ଥନା ଜଣାଇଲି ।

('ଏବେ ବି ମନେପଡ଼େ', ଚତୁର୍ଥ ଭାଗ,
ପୃ. ୧୧-୧୩)

❑❑❑

ଆମ୍ ସମର୍ପଣ

ହୃଷୀକେଶ ପଣ୍ଡା

ଘରର ଘାଟ ଦାଣ୍ଡ କବାଟ
ଖୋଲା ଥାଏ ସବୁବେଳେ
ଘାଟ ଜଗିଥାଏ ମୁଁ ଜଗୁଆଳି ହୋଇ
ପାଚେରି ଘେରା ଘରର ଅଳିନ୍ଦ ଡେଇଁ
ଆସନ୍ତେ କି କେହି ରହସ୍ୟମୟ ପୁରୁଷ
ଖୋଲି ଦିଅନ୍ତେ ନିବୁଜ ଝରକା ସବୁ
ଜୀବନ ସଞ୍ଚରି ଯାଆନ୍ତା ପ୍ରାଣଶୂନ୍ୟ ଘରେ
ନିଜ ସହ ଏମିତି କଥା ହୁଏ ସବୁବେଳେ ।

ଜୀବନଯାକର ଅଛିଣ୍ଡା ଅଡୁଆ ସୂତା
ସେ ସୂତାରେ ତ ଅନେକ ଗଣ୍ଠି
ସେ ଗଣ୍ଠି ଖୋଲିବାକୁ ଅନେକ ଭୟ
ଗଣ୍ଠି ଫିଟିଲେ ଯେଉଁ ଅଦୃଶ୍ୟମାନେ
ଦୃଶ୍ୟମାନ ହେବେ ସେସବୁ ସହି ପାରିବି ତ !
ଦେଖିପାରିବି ତ ନିଜର ଉଲଗ୍ନ ରୂପ
ଖୋଲାମେଲା ସମସ୍ତଙ୍କ ଆଖି ସାମ୍ନାରେ !
କେତେ ଚିତ୍ର, କେତେ ଚରିତ୍ର,
ଭାବ-ଅଭାବ, ଶତ୍ରୁ-ମିତ୍ର



ଆଖି ବୁଜି ଦେଲେ ସବୁକଥା ଦିଶି ଯାଉଥାଏ ।

ବରଂ ଘରଘାଟରୁ ନଦୀଘାଟକୁ ଚାଲିଯିବା ଭଲ
ସେଇଠି ମିଳିଯାଇ ପାରେ ନିଷ୍କୃତିର ଦ୍ୱାର
ହେଲେ ଯିବାକୁ ଦେଉ ନାହିଁ ଏକ ମହାଦ୍ରୁମ
ବାଟ ଓଗାଳୁଛି ଶାଖା ପ୍ରଶାଖା ମେଲି
ପତ୍ର ଗହଳରୁ ତା'ର ସୁନେଲି କିରଣ
କେବେ ପୁଣି ବର୍ଷାର ଟୁପ୍ ଟାପ୍ ଶବ୍ଦ
ମୋତେ ବାରଂବାର ଚେତାଇ କହୁଛି ...

ଶୁଣ ମୋର ଆତ୍ମାଳାପ ଛାଡ଼ି ଅଭିମାନ
ରହସ୍ୟମୟ ଏକ ପୁରୁଷ ଚୈତନ୍ୟ
କେଉଁ କାଳୁ ନୀରବରେ ତୁମ ଘରେ ଅଛି
ଭାଙ୍ଗିପାରେ ସେହି ଏକା ଘରର ପାଚେରି
ଆବିଷ୍କାର କର ତାକୁ କରିଦିଅ ଆମ୍ ସମର୍ପଣ
ସେହିଁ ଘାଟ ସେହିଁ ବାଟ
ସେହିଁ ତୁମ ଆତ୍ମାର ଦିଶାରି ॥

❑❑❑

ଉତ୍ତମ ଶିକ୍ଷକ

ଥରେ ଏକ ପତ୍ରିକାରେ ପ୍ରସିଦ୍ଧ ଶିକ୍ଷକ ଡକ୍‌ଟର ଶ୍ରୀନିବାସ ଆୟଙ୍ଗାର ତାଙ୍କ ଜୀବନରେ ଭେଟିଥିବା ଦୁଇଜଣ ଶିକ୍ଷକଙ୍କ କଥା ଲେଖିଥିଲେ ଏବଂ ମତବ୍ୟକ୍ତ କରିଥିଲେ ଯେ ଯୁବ ପିଢ଼ିର ଏଇ ଦୁଇଜଣ ଶିକ୍ଷକଙ୍କ ସହିତ ପରିଚିତ ହେଲା ପରେ ସେ ଆଶାବାଦୀ ଯେ ଏଭଳି ଶିକ୍ଷକଙ୍କ ହାତରେ ପିଲାମାନଙ୍କ ଭବିଷ୍ୟତ୍ ବେଶ୍ ସୁରକ୍ଷିତ ।

ସେଇ ଦୁଇଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଥରେ ତାଙ୍କ ସ୍କୁଲର କୁନିକୁନି ପିଲାମାନଙ୍କୁ ନେଇ ଏକ ମେଳା ଦେଖାଇବାକୁ ଯାଇଥିଲେ । ମେଳାରେ ସେ ପିଲାମାନଙ୍କ ସକାଶେ ବେଲୁନ୍ କିଣି ଦେଲେ । ପିଲାମାନେ ମନ ଖୁସିରେ ଚାରିଟା ବେଳେ ନିଜ ବେଲୁନ୍‌ଟି ମାନ ଧରି ଘରକୁ ଫେରୁଥିଲେ । ଗୋଟିଏ ପଡ଼ିଆ ଦେଇ ଆସୁ ଆସୁ ଦମକାଏ ପବନ ଆସି ଗୋଟିଏ ପିଲା ହାତରୁ ବେଲୁନ୍‌କୁ ଉଡ଼ାଇ ନେଲା । ତା' ବେଲୁନ୍ ଉପରକୁ ଉପରକୁ ଉଠି ଯାଉଥିବା ଦେଖି ବିଚରା ପିଲାଟି ଆଖିରେ ଲୁହ ଜକେଇ ଆସିଲା । ଏହା ଦେଖି ସମ୍ପୃକ୍ତ ଶିକ୍ଷକ ନିଜ ଉପସ୍ଥିତ ବୁଦ୍ଧି ଖଟାଇ ସବୁ ପିଲାଙ୍କୁ ଡାକି କହିଲେ, ଚାଲ ଆମେ ଜଣ ଜଣ କରି ନିଜ ବେଲୁନ୍‌କୁ ଉଡ଼ାଇବା । ଦେଖିବା କାହା ବେଲୁନ୍ ସବୁଠାରୁ ଉପରକୁ ଉଠିବ ! ପିଲାଏ ଏ ପ୍ରକାର ଖେଳରେ ଖୁସିରେ କୁରୁଳି ଉଠିଲେ । ସମସ୍ତେ ବେଲୁନ୍‌କୁ ଛାଡ଼ି ଦେଲେ । ଆକାଶରେ ମାଳମାଳ ବେଲୁନ୍‌ର ମହୋତ୍ସବ ଲାଗିଗଲା । ପିଲାଏ ତଳେ ତାଳି ମାରି ନାଚିବାକୁ ଲାଗିଲେ । ଯାହା ମୁହୂର୍ତ୍ତକ ଆଗରୁ ଥିଲା ଜଣେ ପିଲା ପାଇଁ ବିଷାଦମୟ ମୁହୂର୍ତ୍ତ, ପରବର୍ତ୍ତୀ ସମୟରେ ତାହା ଉଲ୍ଲାସରେ ପରିଣତ ହେଲା ।

*

ସେଇଭଳି ଅନ୍ୟ ଏକ ଘଟନାରେ ଗୋଟିଏ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକ ପିଲାମାନଙ୍କୁ ନେଇ ଏକ ପତ୍ରିକା ବାହାର କରିବାକୁ ସ୍ଥିର କଲେ । ପିଲାଏ ଗଳ୍ପ, କବିତା ଲେଖି ଆଣିଲେ । ଜଣେ ପିଲା ଅତି ସୁନ୍ଦର ଅକ୍ଷରରେ କବିତାଟିଏ ଲେଖି ଆଣିଥିଲା । ଶିକ୍ଷକ ଜଣକ ତାହା ପଢ଼ିବା ପରେ ତାଙ୍କ ଚେହେରା ବଦଳିଗଲା । କାରଣ ସେ କବିତାଟି ଥିଲା ଏକ ପ୍ରସିଦ୍ଧ କବିତା ଏବଂ ପିଲାଟି ନିଜ ନିର୍ବୋଧତା ଯୋଗୁଁ ତାକୁ ଟିପି ଆଣିଥିଲା । ସମ୍ପୃକ୍ତ ଶିକ୍ଷକ ତାକୁ ସମସ୍ତଙ୍କ ଆଗରେ ଅପମାନିତ ନକରି ଏକାନ୍ତରେ ଡାକି ପଚାରିଲେ, ତୁ ବାବୁ ଏ ଯେଉଁ କବିତାଟି ଲେଖିଛୁ ଏହା କ'ଣ ସ୍ୱରଚିତ ? ପିଲାଟି ପ୍ରଥମେ ହଁ ମାରିଲା, କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଡରି ଯାଇ ସତ କଥାଟି କହିଦେଲା । ଶିକ୍ଷକ ଜଣକ ତା' ଉପରେ ବିରକ୍ତ ହେଲେ ନାହିଁ କିନ୍ତୁ କହିଲେ, ତୁ ଦୁଇଟି ଦୋଷ କରିଛୁ । ପ୍ରଥମଟି କପି କରିଛୁ ଏବଂ ଦ୍ୱିତୀୟଟି ମିଛର ଆଶ୍ରୟ ନେଇଛୁ । ଏଣୁ ତୁ ଦଣ୍ଡ ଅବଶ୍ୟ ପାଇବୁ । ତୋ' ଦଣ୍ଡଟି ହେଲା, ତୋ' ଅକ୍ଷର ଭାରି ସୁନ୍ଦର । ଏଥର ପୂରା ପତ୍ରିକାର ସବୁ ଗଳ୍ପ ଓ କବିତାକୁ ତୁ ତୋ' ସୁନ୍ଦର ଅକ୍ଷରରେ ପନ୍ଦର ଦିନ ଭିତରେ କପି କରି ମୋତେ ଦେବୁ । ତା'ପରେ ବହି ଛପା ହେବ । ପିଲାଟି କି ଦଣ୍ଡ ପାଇବ ବୋଲି ଆତଙ୍କିତ ହୋଇ ପଡ଼ିଥିଲା । ଏବେ ଏଇ ଦଣ୍ଡଟି ପାଇ ପ୍ରାଣପଣେ ତା' କାମରେ ଲାଗିଗଲା । ଠିକ୍ ସମୟରେ ଏବଂ ଭଲ ଭାବରେ କାମ ସାରିଲା । କାମକୁ ଉପଭୋଗ ମଧ୍ୟ କଲା । ପତ୍ରିକା ଛପା ହୋଇ ଆସିଲା ପରେ ଦେଖିଲା, ତା'ର ଅକ୍ଷରରେହିଁ ପତ୍ରିକା ଛପା ଯାଇଛି ଏବଂ ସମ୍ପାଦକୀୟରେ ତା'ର ଅଭିନବ ଯୋଗଦାନ ବିଷୟରେ ଲେଖାଯାଇ ତାକୁ ଧନ୍ୟବାଦ ଦିଆଯାଇଛି ।

(ସଂଗୃହୀତ) ❑

କାହାଣୀ :

ନବଜାତ

ମନୋଜ ଦାସ

ରାଜାଙ୍କ ପରଲୋକ ବେଳକୁ ରାଜକୁମାରଙ୍କ ବୟସ କୋଡ଼ିଏ । ସେ ସିଂହାସନାରୋହଣ କଲେ । ରାଜା ହେବା ସଙ୍ଗେ ସଙ୍ଗେ ସେ ଏଭଳି ଆଚରଣ କଲେ, ଖାଲି ରାଜସଭାର ସଦସ୍ୟମାନେ ଯେ ସନ୍ତ୍ରସ୍ତ ରହିଲେ ତାହା ନୁହେଁ, ରାଜଧାନୀର ପୁରବାସୀମାନେ, ଏପରିକି ସାରା ରାଜ୍ୟର ଲୋକେ ବି ଅସ୍ୱସ୍ତି ଅନୁଭବ କଲେ । ସେ କାହା ପ୍ରତି କେତେବେଳେ ନିର୍ଦୟ ହେବେ, କି ଦଣ୍ଡ ଦେବେ, ତା'ର ଠିକ୍‌ଠିକଣା ନଥାଏ ।

ଏମିତି ବର୍ଷଟିଏ ଯିବା ପରେ ଦିନେ ସେଠାରେ ପହଞ୍ଚିଗଲେ ପିତୃଗୁରୁ, ଜଣେ ଋଷିତୁଲ୍ୟ ବ୍ୟକ୍ତି । ତାଙ୍କ ଆଶ୍ରମରେ ପୁରୁଣା ରାଜା ଅଧ୍ୟୟନ କରିଥିଲେ । ଗୁରୁଙ୍କର ଅସାଧାରଣ ଶକ୍ତି ଥିବାର ଶୁଣିଥିଲେ ନୂଆ ରାଜା । ତାଙ୍କ ଆଶୀର୍ବାଦ ଏବଂ ଅଭିଶାପ – ଉଭୟ ଫଳପ୍ରଦ ହେଉଥିଲା ଅବିଳମ୍ବେ ।

ଯୁବରାଜା ତାଙ୍କ ଆଶୀର୍ବାଦ ପାଇଁ ଯେତିକି ଆଶାୟୀ ହେଲେ, କାଳେ ଅଭିଶାପଟିଏ ସେ ଦେଇ ପକାଇବେ ବୋଲି ସେତିକି ଶଙ୍କିତ ହେଲେ ।

ଗୁରୁ ଆଠ ଦଶ ଦିନ ରହିଲେ । ସେତିକି ସମୟ ବେଶ୍ ସଂଯତ ଆଚରଣ କଲେ ଯୁବକ ରାଜା । ତେବେ ପାତ୍ର, ମିତ୍ର, ଅମାତ୍ୟବର୍ଗଙ୍କ ଠାରୁ ଗୁରୁ ଯାହା ଜାଣିବାର ତାହା ଜାଣିଲେ ।

ଗୁରୁଙ୍କ ବିଦାୟ ନେବା ସମୟ ହେଲା । କାହିଁ, ଗୁରୁ ତ ଏଯାଏ କିଛି ବର ଦେଲେ ନାହିଁ କି ଆଶିଷ ଢାଳିଦେବା ଢଙ୍ଗରେ କିଛି କହିଲେ ନାହିଁ ।

ଗୁରୁ ଧ୍ୟାନରେ ବସିଥା'ନ୍ତି । ଧ୍ୟାନ ଭଙ୍ଗ ପରେ ବିଦାୟ ନେବେ । ରାଜା ଅପେକ୍ଷା କଲେ । ଗୁରୁ ଆଖି ଖୋଲିବାର ଦେଖି ତାଙ୍କ କୋଠରିରେ ପ୍ରବେଶ କରି ସେ କହିଲେ, ''ଗୁରୁଦେବ, ମୋତେ କିଛି ଆଶୀର୍ବାଦ ଦିଅନ୍ତୁ !''

''ମୋର ଆଶୀର୍ବାଦ ସର୍ବଦା ତୁମ ପାଇଁ ରହିଛି । ତୁମେ ବୋଧହୁଏ କିଛି ନିର୍ଦିଷ୍ଟ ବର ମାଗିବାକୁ ଚାହଁ ! କ'ଣ ?''

ରାଜା ତ କେତେ କଥା ଚାହାନ୍ତି ! ଅଧିକ କ୍ଷମତା, ଅଧିକ ବିତ୍ତ, ରାଜ୍ୟ ବିସ୍ତାର, ସୁନ୍ଦରୀ ରାଣୀଟିଏ, ଇତ୍ୟାଦି ଇତ୍ୟାଦି । କେଉଁ ଗୋଟିକ ମାଗିବେ ? ସେ ଟିକିଏ ଉଦ୍‌ବିଗ୍ନ ହେଲେ ।

''ବତ୍ସ ! ବରଦାନ କରନ୍ତି ଯେ, କିନ୍ତୁ ଲାଭ ନାହିଁ !'' ଗୁରୁ ସୁଗମ୍ଭୀର କଣ୍ଠରେ କହିଲେ ।

''ଆଜ୍ଞା ?''

''ଲାଭ ନାହିଁ । ଜୀବନ କ୍ଷଣଭଙ୍ଗୁର ବୋଲି ତ ଜାଣିଛ !''

''ମାନେ ?'' ପ୍ରଥମେ କିଛି ବୁଝି ପାରିଲେ ନାହିଁ ଯୁବକ ରାଜା । ତା'ପରେ ବୁଝିଲେ ଓ ତାଙ୍କ ବଦନମଣ୍ଡଳ ଦିଶିଲା ବେଦନାରେ ମେଘାଚ୍ଛନ୍ନ ।

''ତୁମେ ଠିକ୍ ବୁଝିଛ । ଜୀବନ ଦୀର୍ଘ ନୁହେଁ । ମହତ୍ କାର୍ଯ୍ୟ କରିଯାଅ । ଏ ଜୀବନରେ ବି ସୁଖ ହେବ; ପରକାଳରେ ବି ଆତ୍ମା ଶାନ୍ତିରେ ରହିବ । ଅଚେତନ ଭଳି କାର୍ଯ୍ୟ କଲେ ନା ଏ ଜୀବନରେ ସଚ୍ଚା ସୁଖ ପାଇବ ନା ପରଲୋକରେ ଶାନ୍ତି ମିଳିବ ! ଆଉ ବା କେତେ ସମୟ ବାକି !''

ଗୁରୁଙ୍କର ଏ ବାଣୀ ପରେ ଯୁବକ ରାଜା ଆଉ କିଛି କହି ପାରିଲେ ନାହିଁ ।

ଗୁରୁ ଚାଲିଗଲେ । ପୁରପରିଜନ ଦେଖିଲେ ଯୁବକ ରାଜା ପ୍ରାୟ ଦିନଟିଏ ଖିଆପିଆ ଭୁଲି ବିମର୍ଷ ଭାବରେ ରହିଲେ । କାହାକୁ କିଛି କହିଲେ ନାହିଁ ।

ତା'ପରେ ଗମ୍ଭୀର ଭାବରେ ରାଜକାର୍ଯ୍ୟରେ ମନୋନିବେଶ କଲେ । ସବୁ କାମଦାମ ତୁଲାଇଲେ ସଙ୍ଗତ ତଥା ସଂଯତ ଭାବରେ । ସେ ଜାଣୁଥିଲେ, ମୃତ୍ୟୁ ଆସନ୍ନ । ରାଜକାର୍ଯ୍ୟ ପରେ ସମୟ ପାଇବା ମାତ୍ରେ ସେ ଶାସ୍ତ୍ର ଅଧ୍ୟୟନ ଓ ଧ୍ୟାନରେ ମନୋନିବେଶ କରୁଥା'ନ୍ତି । କ୍ରମେ ରାଜ୍ୟବ୍ୟାପୀ ସେ ଜଣେ ମହାନ୍ ରାଜା ରୂପେ ଖ୍ୟାତି ଅର୍ଜନ କଲେ ।

ବିବାହ ପାଇଁ ଆସୁ ଥାଏ କେତେ ପଡ଼ୋଶୀ ରାଜପରିବାରମାନଙ୍କରୁ ପ୍ରସ୍ତାବ । ସେ ପ୍ରତ୍ୟାଖ୍ୟାନ କରି ଦେଉଥା'ନ୍ତି । ପାଞ୍ଚ ବର୍ଷ ପରେ ପୁନର୍ବାର ଆଗମନ କଲେ ପିତୃଗୁରୁ । ଗଭୀର ଭକ୍ତିଭରେ ତାଙ୍କୁ ସ୍ୱାଗତ କଲେ ରାଜା ।

''ବସ୍ ! ଏଥର ବିବାହ କର । ବର ଦେଉଛି, ସୁଖୀ ହୁଅ !'' କହିଲେ ଗୁରୁ, ଏକାନ୍ତରେ ।

''ଆଜ୍ଞା ?'' ଚମକି ପଡ଼ିଲେ ରାଜା ।

''କ'ଣ ହେଲା ?'' ପଚାରିଲେ ଗୁରୁ ।

''ମୁଁ ଯେ ଏପର୍ଯ୍ୟନ୍ତ ମରି ନାହିଁ, ତାହା ଅବଶ୍ୟ ଆଶ୍ଚର୍ଯ୍ୟର କଥା । ହୁଏତ ଆପଣଙ୍କ ଆଶୀର୍ବାଦ ଯୋଗୁଁ । କିନ୍ତୁ ଆପଣ ଜାଣନ୍ତି ମୋର ଆଉ ବେଶୀ ଦିନ ନାହିଁ । ବିବାହ ହେବା ପ୍ରଶ୍ନ କେଉଁଠୁ ଆସୁଛି ?''

''ବସ୍ ! ମୁଁ ପାଞ୍ଚ ବର୍ଷ ତଳେ ଯାହାକୁ ଜୀବନ କ୍ଷଣଭଙ୍ଗୁର ବୋଲି କହିଥିଲି, ସେ କ'ଣ ମରି ଯାଇ ନାହିଁ ? ଆଜିର ତୁମେ କ'ଣ ସେଦିନର ତୁମେ ? ଜୀବନ କ୍ଷଣଭଙ୍ଗୁର ଯେତିକି ସତ୍ୟ, ଆଉ ବା କେତେ କାଳ ବାକି ଭଳି ବାକ୍ୟ ବି ସେତିକି ସତ୍ୟ ଏବଂ ସମସ୍ତଙ୍କ ପାଇଁ ସତ୍ୟ । ମହାକାଳ ଆଗରେ ଜଣେ ଶହେ ବର୍ଷ ବଞ୍ଚିଲେ ବି ସିଏ ବା କେତେ କାଳ ! ମୁଁ ସତହିଁ କହିଥିଲି, କିନ୍ତୁ ସେ ସତକୁ ଏଭଳି ଭାବରେ କହିଥିଲି ଯାହା ତୁମ ଜୀବନରେ ଯୁଗାନ୍ତର ଆଣି ଦେଲା । ସେ ଦିନର ଉଦ୍ଧତ ଯୁବକ ରାଜା ଆଉ ନାହିଁ । ତୁମେ ନବଜାତ ଏକ ଭିନ୍ନ ଚରିତ୍ର ।''

ରାଜା ଗୁରୁଙ୍କୁ ପ୍ରଣାମ କଲେ ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ
ସଂଗୃହୀତ, ପୃ. ୧୬୭-୧୬୯)

❑❑❑

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'ନବଜାତ'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ମଣିଷ ଭିତରେ ମହତ୍ତ୍ୱ ଲୁଚି ରହିଥାଏ । କୌଣସି ନା କୌଣସି ଧକ୍କା ତାକୁ ଜାଗରିତ କରେ । ମୃତ୍ୟୁର ପଦଧ୍ୱନି ସେହିପରି ଏକ ଧକ୍କା ।''

(ତତ୍ତ୍ୱେବ : ପୃଷ୍ଠା : ୩୩୩)

ମୂର୍ଚ୍ଛନା

ଝରଣା ଘୋଷାଲ



ଆକାଶର ଛାତି ତଳେ ବସି ମୁଁ ଶୁଣିବି
ଗଜଲ ଓ ଖୟାଲର ମଧୁର ଆଳାପ
ଠୁମରୀର ଚମକରେ ନଟରାଜଙ୍କର
ତ୍ରିଭଙ୍ଗ ନୃତ୍ୟ, ଏଇ ତ ଜୀବନ
ଚାଲି ଯାଉ ଯାଉ ଅସ୍ଥିର ସେ
ପଦଧ୍ୱନୀର ନୀରବ ଇଙ୍ଗିତେ
ଖିଆଲି ଇଚ୍ଛାର ଧ୍ୱନି ପ୍ରତିଧ୍ୱନି
ଖୋଲିବ ମୋ ପଥଘାଟ
ଶୁଣିବେ ତା' ପୁରଜନେ ପୁଲକିତ ମନେ
ଯେତେ ଯାହା ଅଛି ସବୁ ତ ଚୈତ୍ୟ ଚେତନାର ଅନୁଭୂତି
ତୁମରି ପରଶ, ଅମୃତ ସରସ ପ୍ରାଣେ ଭରିଦେବ ଚିରଶାନ୍ତି । ❑

ରାଜାଙ୍କ ଅନୁଭବ

ବନମାଳୀ ଆଚାର୍ଯ୍ୟ

ଅରଣ୍ୟ ମଧ୍ୟରେ ରାଜା ହଠାତ୍ ଅଶ୍ୱ ଅଟକାଇଲେ ଏବଂ ଅଶ୍ୱପୃଷ୍ଠରୁ ଅବତରଣ କଲେ । ତାଙ୍କର ପାରିଷଦ ଓ ଅନୁଚରବର୍ଗ ମଧ୍ୟ ସେହିପରି କଲେ । ନିଘଞ୍ଚ ବନାନୀ ମଧ୍ୟରେ ସେହି ସ୍ଥାନଟି ତରୁଲତା ଶୂନ୍ୟ ଏକ ଖୋଲା ପଡ଼ିଆ ଥିଲା । ରାତିର ନୀରବତା ଭିତରେ ସେହି ପରିତ୍ୟକ୍ତ ଇଲାକା ଅଧିକ ବିସ୍ମୟକର ବୋଧ ହେଉଥିଲା । ଶୀତଳ ଚନ୍ଦ୍ରକିରଣ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିଲା । ବନଭୂମିର ଅପରୂପ ଶୋଭା ରାଜାଙ୍କର ହୃଦୟକୁ ସ୍ପର୍ଶ କଲା ଏବଂ ଏକ ଅଜ୍ଞାତ ଆକର୍ଷଣରେ ସେ ବାନ୍ଧି ହୋଇଗଲେ । ତତ୍କ୍ଷଣାତ୍ ଅନୁଚରବର୍ଗଙ୍କୁ ସେ ଆଦେଶ ଦେଲେ, ''ଏଠାରେ ରହିବାର ବନ୍ଦୋବସ୍ତ କର । ମୁଁ ବିଶ୍ରାମ ଓ ନିଦ୍ରା ଆବଶ୍ୟକ କରୁଛି । ସ୍ଥାନଟି ଅବିଶ୍ୱସନୀୟ ଭାବେ ଆକର୍ଷଣୀୟ ।'' ଏହା ଥିଲା ରାଜା ଓ ତାଙ୍କର ଅନୁଗାମୀମାନେ ଦୀର୍ଘ ଅରଣ୍ୟ ପଥ ଦେଇ ଫେରିବା ସମୟର କଥା । ଅବିଳମ୍ବେ ରାଜାଦେଶ ପାଳିତ ହେଲା । ସେବାକାରୀ ଓ ସୈନ୍ୟମାନେ ତମ୍ବୁଟାଣି ଅସ୍ଥାୟୀ ବିଶ୍ରାମ ଗୃହ ନିର୍ମାଣ କଲେ । ଏକ ସୁନ୍ଦର ସୁସଜ୍ଜିତ କୋଠରି ମଧ୍ୟରେ ରାଜା ନିଦ୍ରା ଗଲେ । ଜଗୁଆଳିମାନେ ଅଧିକ ସତର୍କତାର ସହ କୋଠରିର ଚାରି ପାଖରୁ ଜଗି ରହିଲେ । ଶାନ୍ତିପୂର୍ଣ୍ଣ ନରମ ବାତାବରଣ ମଧ୍ୟରେ ରାଜା ଗଭୀର ନିଦ୍ରାରେ ଶୋଇ ପଡ଼ିଲେ । ଏହା ଏପରି ଏକ ନିଦ୍ରାଥିଲା ଯାହା ପୂର୍ବରୁ କେବେ ସେ ଶୋଇ ନଥିଲେ । ରାତ୍ରିର ଅନ୍ତିମ ପ୍ରହର । ସାରା ଶିବିରଟି ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଇ ସାରିଥିଲା । କେବଳ କେଇଜଣ ଜଗୁଆଳୀ ଉଜାଗର ରହି ଅଜ୍ଞାତ ଛାୟାମୂର୍ତ୍ତି ଭଳି କର୍ତ୍ତବ୍ୟ ସମ୍ପାଦନରେ ସଜାଗ ରହିଥିଲେ ।

ଗଭୀର ନିଦ୍ରାରେ ରାଜା ସ୍ୱପ୍ନଟିଏ ଦେଖିଲେ । ଜଣେ ଜ୍ୟୋତିର୍ମୟୀ ନାରୀ ନିଜ ମହିମାନ୍ୱିତ ତେଜରେ ରାଜାଙ୍କ ସମ୍ମୁଖରେ ଆବିର୍ଭୂତା ହେଲେ । ତାଙ୍କ ସୁନ୍ଦର ମୁଖମଣ୍ଡଳରେ ସ୍ୱର୍ଗୀୟ ସ୍ମିତହାସ୍ୟର ଅପୂର୍ବ ଝଲକ ଥିଲା । ମଧୁଝରା କଣ୍ଠରେ ସେ ରାଜାଙ୍କୁ କହିଲେ, ''ହେ ରାଜା, ତୁମେ ଆଜି ମୋର ଅତିଥି । ଏହା ମୋତେ ଅମାପ ଖୁସି ଦେଇଛି । ମୁଁ ତୁମକୁ ସ୍ୱାଗତ କରୁଛି । ତୁମ ଭଳି ଜଣେ ରାଜାଙ୍କ ସାନ୍ନିଧ୍ୟ ଲାଭ କରି ଏ ବନଭୂମି ଗର୍ବ ଅନୁଭବ କରୁଛି । ତୁମେ କିପରି ଅନୁଭବ କରୁଛ ? ଇଚ୍ଛାନୁସାରେ ତୁମେ ଏଠାରେ ଅବସ୍ଥାନ କରିପାର । ସୁକୋମଳ ଘାସପଡ଼ିଆ, ସୁଗନ୍ଧଭରା ମୃଦୁ ପବନ, ଆକର୍ଷଣୀୟ ପୁଷ୍ପରାଜି ଏବଂ ସର୍ବୋପରି ଆନନ୍ଦଦାୟକ ଏକ ସ୍ୱର୍ଗୀୟ ଉପସ୍ଥିତି ତୁମ ଆନ୍ତର ଅଗ୍ରଗତିରେ ସହାୟକ ହେବ । ତୁମେ ଏହି ପ୍ରକାର ପରିବେଶ ଖୋଜୁଛ, ଏହା ମୋତେ ଜଣା । ସେଥିସକାଶେ ତୁମେ ଏହି ସ୍ଥାନକୁ ଆସିଛ ।'' ସ୍ୱପ୍ନାବିଷ୍ଟ ରାଜା ଗମ୍ଭୀର ଭାବେ ଉତ୍ତର ଦେଲେ, ''ମୁଁ ତୁମକୁ ଜାଣେ ନାହିଁ । ଯଦି ତୁମେ ବନଦେବୀ, ମୋର ପ୍ରଣାମ ସ୍ୱୀକାର କର । ମୁଁ ଏହି ନିବିଡ଼ ଅରଣ୍ୟପଥରେ ଯାତ୍ରା କରି ଆସିଛି । ପ୍ରଚୁର ଆନନ୍ଦ ପାଇଛି । ଏ ସ୍ଥାନଟି ମୋତେ ବହୁତ ଭଲ ଲାଗୁଛି । ସତେ ଯେପରି ଶାନ୍ତିପୂର୍ଣ୍ଣ ଏକ ସ୍ୱର୍ଗୀୟ ଉପଖଣ୍ଡ ! ସତ କହିବାକୁ ଗଲେ ମୋ ରାଜପ୍ରାସାଦରେ ଏ ସବୁର ଅଭାବ ରହିଛି ।''

''ମୁଁ ତୁମ ନିକଟକୁ ଆସିଛି, କାରଣ ମୁଁ ତୁମକୁ କିଛି ଉପହାର ଦେବାକୁ ଚାହୁଁଛି । ତୁମେ ମୋ'ଠାରୁ କେଉଁ କଥା ଆଶା କରିବ ?'' ଦେବୀ ସ୍ମିତ ହସି କହିଲେ ।

ରାଜା ବିନମ୍ରତାର ସହ ଉତ୍ତର ଦେଲେ, ''ଏକଥା ନୁହେଁ ଯେ ମୁଁ ତୁମକୁ କିଛି ମାଗିବି । ଜଣେ ରାଜା କାହାକୁ କିଛି ମାଗନ୍ତି ନାହିଁ । ସେ କେବଳ ଅନ୍ୟକୁ ଦେଇଥା'ନ୍ତି । ତୁମେ ଯଦି ମୋତେ କିଛି ଦେବାକୁ ଚାହୁଁଛ, ମୋତେ ଶାନ୍ତି ଓ ସୁନିଦ୍ରା ଦିଅ । ମୁଁ ତୁମଠାରୁ ତାହାହିଁ ଆଶା କରୁଛି, ଅନ୍ୟକିଛି ନୁହେଁ ।''

ଦେବୀ କହିଲେ, ''ତୁମେ ଯାହା ଆଶା କରୁଛ, ନିଃସନ୍ଦେହରେ ତାହା ଉତ୍ତମ । ମାତ୍ର ସେଥିରେ କିଛି ସୀମାବଦ୍ଧତା ଅଛି । ଯଦି ଭୋଗବିଳାସ ଦୃଷ୍ଟିରୁ ବିଚାର କରାଯାଏ, ନିଦ୍ରା ଓ ଶାନ୍ତି ଜଣକୁ ଅଳସୁଆ କରି ଦେଇପାରେ । ଯେତେବେଳେ ତାହା ଭଗବାନଙ୍କ କୃପାରେ ମିଳେ, ତାହାର ଆତ୍ମିକ ଅଗ୍ରଗତି ସମ୍ଭବ ହୁଏ । ସେ ସୁସ୍ଥ ଓ କାର୍ଯ୍ୟକ୍ଷମ ରହିପାରେ । ମାତ୍ର ଜଣେ ରାଜା ପାଇଁ ଏହା ସେପର୍ଯ୍ୟନ୍ତ ଅସମ୍ଭବ, ଯେତେଦିନ ତାଙ୍କର ପ୍ରଜାମାନେ ସେଥିରୁ ବଞ୍ଚିତ ହୋଇଛନ୍ତି । ତୁମେ ତୁମ ପ୍ରଜାମାନଙ୍କର ମଙ୍ଗଳ ସକାଶେ କାର୍ଯ୍ୟ କରି ଚାଲ । ତୁମେ ଯାହା ଖୋଜୁଛ, ଅବଶ୍ୟ ତାହା ପ୍ରାପ୍ତ

ହେବ ।'' ଦେବୀ ରାଜାଙ୍କର ମସ୍ତକ ସ୍ପର୍ଶ କଲେ । ରାଜା ନିଜ ଭିତରେ ଗଭୀର ଶାନ୍ତି ଓ ଆନନ୍ଦ ଅନୁଭବ କଲେ । ତାଙ୍କର ନିଦ୍ରା ଭଗ୍ନ ହେଲା ଏବଂ ସେ କୋଠରି ଭିତରେ ଏକାକୀ ଥିବାର ଜାଣିବାକୁ ପାଇଲେ । ରାଜପ୍ରାସାଦକୁ ଫେରିଯିବା ସକାଶେ ରାଜାଙ୍କର ଲୋକମାନେ ପ୍ରସ୍ତୁତ ହେଉଥିଲେ । ସେମାନେ ରାଜାଦେଶକୁ ଅପେକ୍ଷା କରୁଥିଲେ ।

ମଧ୍ୟାହ୍ନ ସମୟରେ ରାଜା ଓ ତାଙ୍କର ଅନୁଚରବର୍ଗ ଅରଣ୍ୟର ଉପାନ୍ତରେ ଥିବା ଏକ ତୀଖ ପାହାଡ଼ ପାର୍ଶ୍ୱରେ ପହଞ୍ଚିଲେ । ପାହାଡ଼ର ପାଦଦେଶକୁ ଲାଗି ସୁବିସ୍ତୃତ ପଥର ଚଟାଣ । ପାହାଡ଼ର ଶୀର୍ଷରୁ ଜଳପ୍ରପାତର ଜଳ ଏହି ଚଟାଣ ଉପରେ ପ୍ରବହମାନ ଥିଲା । ଯେଉଁଠାରେ ପ୍ରପାତଜଳ ପଡୁଥିଲା, ସେଠାରେ ଗୋଟିଏ ବଡ଼ ଧରଣର ଜଳକୁଣ୍ଡ ସୃଷ୍ଟି ହୋଇଥିଲା । ତାହା ଏକ ଛୋଟ ପୋଖରୀ ଭଳି ଦେଖା ଯାଉଥିଲା । ତା' ଉପରିସ୍ଥ ଜଳକଣା ଧୂଆଁ ଭଳି ଚାରିଆଡ଼କୁ ଖେଳାଇ ହୋଇ ଯାଉଥିଲା । ନିକଟରେ ଏକ ଖୋଲା ମନ୍ଦିରରେ କଳାପଥରର ଚଉତରା ଉପରେ ଚିକ୍‌କଣ ମୁଗୁନି ପଥରରେ ନିର୍ମିତ ମା'କାଳୀଙ୍କ ମୂର୍ତ୍ତି ସ୍ଥାପିତ ହୋଇଥିଲା । ସବୁକିଛି ପ୍ରାକୃତିକ ଲାଗୁଥିଲା – ପଥର, ପାଣି ଓ ଶବ୍ଦ । ରାଜା ଅନୁଚର ବର୍ଗଙ୍କୁ ଆଦେଶ ଦେଲେ, ''ଏହିଠାରେ ରହିବାର ବନ୍ଦୋବସ୍ତ କର । ମଧ୍ୟାହ୍ନ ଭୋଜନ ସକାଶେ ଏହା ସର୍ବୋତ୍କୃଷ୍ଟ ସ୍ଥାନ । ଆଜି ମୁଁ ଏପରି କ୍ଷୁଧା ଅନୁଭବ କରୁଛି ଯାହା ପୂର୍ବରୁ କେବେ କରି ନାହିଁ ।'' ରାଜାଙ୍କ ଲୋକମାନେ ସେହିପରି କଲେ । ରାଜକୀୟ ରହଣି ସକାଶେ ସମସ୍ତ କିଛିର ଆୟୋଜନ କରାଗଲା । ମନ୍ଦିରର ପୁରୋହିତମାନେ ରାଜାଙ୍କ ସକାଶେ ପ୍ରସାଦ ସେବନର ବ୍ୟବସ୍ଥା କଲେ । ନିକଟସ୍ଥ ଫଳ ବଗିଚାରୁ ସଂଗ୍ରହ କରାଯାଇଥିବା ଫଳ ଅନ୍ୟମାନଙ୍କୁ ବିତରଣ କରାଗଲା । ମୁଖ୍ୟ ପୁରୋଧାଙ୍କ ପବିତ୍ର କୋଠରିରେ ରାଜା ବିଶ୍ରାମ ନେଲେ । ପବିତ୍ର ମନ୍ତ୍ରୋଚାରଣ ଓ ଆଧ୍ୟାତ୍ମିକ ତପସ୍ୟା କାରଣରୁ କୋଠରିଟି ଶୁଦ୍ଧପୂତ ଥିଲା । ସେଠାରେ ରାଜାଙ୍କ ଭିତରେ ଚମତ୍କାର ଉପଲବ୍ଧିମାନ ଆସିଲା । ସେ ସମ୍ପୂର୍ଣ୍ଣ ଭାବରେ ଶାନ୍ତ ଥିଲେ । ସେଠାରେ ଅବସ୍ଥାନ କରିବା କାଳରେ ମା'କାଳୀଙ୍କ ମୂର୍ତ୍ତିକୁ ବାରଂବାର ଏକ ଲୟରେ ଚାହିଁ ରହୁଥିଲେ । ତାଙ୍କର ଅନୁଭବ ହେଲା, ମା'କାଳୀହିଁ ଆଦ୍ୟାଶକ୍ତି । ସେ ସମସ୍ତ ସୃଷ୍ଟ ଜୀବ ଓ ଜଡ଼ ଭିତରେ ବିଦ୍ୟମାନ । ତୀଖ ପାହାଡ଼, ଜଳପ୍ରପାତ ଓ ସମସ୍ତ କିଛି ତାଙ୍କ ଶକ୍ତିର ଖେଳ । ଜଣେ ରାଜାର ଅହଂପ୍ରସୂତ ଶକ୍ତି ଓ କ୍ଷମତା ନିମିଷକରେ ସେହି ପ୍ରଚଣ୍ଡ ଶକ୍ତି ଦ୍ୱାରା ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଯାଇପାରେ । ଏହି ଅନୁଭବ ତାଙ୍କ ଭିତରେ କ୍ରମଶଃ ଦୃଢ଼ତର ହେବାରେ ଲାଗିଲା ।

ରାଜା ପୁରୋହିତଙ୍କୁ ପ୍ରଶ୍ନ କଲେ, ''ମୁଁ ମହାଦେବୀଙ୍କ ପାଦସ୍ପର୍ଶ କରି ପ୍ରଣାମ କରିପାରିବି ?'' ପୁରୋହିତ ନୀରବରେ ସମ୍ମତି ପ୍ରଦାନ କଲେ । ପୂଜକମାନଙ୍କ ଗହଣରେ ରାଜା ମା'କାଳୀଙ୍କ ଭୟଙ୍କର ବିଶାଳ ମୂର୍ତ୍ତି ସମ୍ମୁଖରେ ଉପସ୍ଥିତ ହେଲେ । ହାତଯୋଡ଼ି ସେ ତାଙ୍କର ମୂର୍ତ୍ତିକୁ ଭକ୍ତିଭରା ଚିତ୍ତରେ କିଛି ସମୟ ଚାହିଁ ରହିଲେ । ସତେ ଯେପରି ଜଣେ ରକ୍ତମାଂସର ଜୀବନ୍ତ ଦେବୀଙ୍କ ସହ ସେ ନୀରବରେ କଥାବର୍ତ୍ତା କରୁଥିଲେ । ରାଜା ଅନୁଚ୍ଚ ସ୍ୱରରେ ପ୍ରକାଶ କଲେ, ''ହେ ଜଗତ୍ ଜନନି, ତୁମକୁ ତୁମ ସନ୍ତାନର ଅନନ୍ତ କୋଟି ପ୍ରଣାମ । ତୁମର ପ୍ରସାଦ ମୋ ଯୁଗ ଯୁଗର ଆଦିମ କ୍ଷୁଧାକୁ ଦୂର କରି ଦେଇଛି । ଜୀବନରେ କେବେହେଲେ ଏଭଳି ତୃପ୍ତି ମୁଁ ପାଇ ନାହିଁ । ମୋର ପ୍ରାର୍ଥନା, ତୁମ କୃପାରେ ସମସ୍ତ ରାଜ୍ୟବାସୀ ଭୋଜନରେ ଏହି ଭଳି ତୃପ୍ତି ଲାଭ କରନ୍ତୁ । ସେମାନଙ୍କର ମଙ୍ଗଳ କାମନା କରି ତୁମ ଚରଣରେ କୃତଜ୍ଞତାଭରା ଅଶ୍ରୁ ଅର୍ପଣ କରୁଛି ।'' ଏହା କହି ରାଜା ଦେବୀଙ୍କ ପାଦ ଉପରେ ମଥାରଖି ସାଷ୍ଟାଙ୍ଗ ପ୍ରଣିପାତ କଲେ । ତାଙ୍କ ଚକ୍ଷୁରୁ ବହି ଆସୁଥିବା ଅଶ୍ରୁ ମା'ଙ୍କ ପାଦ ଉପରେ ପଡ଼ିଲା । ତାହା ଜଳପ୍ରପାତର ଜଳ ଠାରୁ କମ୍ ପବିତ୍ର ନଥିଲା । ପୁରୋହିତ ବଡ଼ ପାଟିରେ କହି ଉଠିଲେ – ''ମାନୁଷୀ ଚକ୍ଷୁର କେଇଧାର ଅଶ୍ରୁ ନିକଟରେ ଆଜି ଜଳପ୍ରପାତର ଶକ୍ତି କ୍ଷୀଣତର ଜଣାପଡୁଛି । ମା'ଙ୍କ କୃପାରୁ ରାଜା ଦୀର୍ଘାୟୁ ହୁଅନ୍ତୁ !'' ଏହି ସ୍ୱର ପାହାଡ଼ ପାର୍ଶ୍ୱରେ ଓ ବନଭୂମିରେ ପ୍ରତିଧ୍ୱନିତ ହେଉଥିଲା ।

ରାଜା ଓ ତାଙ୍କର ଅନୁଚରବର୍ଗ ରାଜପ୍ରାସାଦ ଅଭିମୁଖେ ଯାତ୍ରାକଲେ । ସୂର୍ଯ୍ୟାସ୍ତ ପୂର୍ବରୁ ସେମାନେ ରାଜଧାନୀର ଅନତିଦୂରରେ ପହଞ୍ଚିଲେ । ବିସ୍ତୀର୍ଣ୍ଣ ସମତଳ ଭୂମି । ରାଜା ସମସ୍ତଙ୍କୁ ଏକତ୍ର ହେବାକୁ ଆଦେଶ ଦେଲେ । କାରଣ ସେ ସେମାନଙ୍କୁ କିଛି ବାର୍ତ୍ତା ଦେବାକୁ ମନସ୍ଥ କରିଥିଲେ । ରାଜାଙ୍କ ଇଚ୍ଛାରେ ଖୋଲା ଆକାଶ ତଳେ ସଭାଟିଏ ଆରମ୍ଭ ହେଲା । ରାଜାଙ୍କର ପ୍ରତ୍ୟାବର୍ତ୍ତନର ଖବର ପ୍ରଜାମାନଙ୍କୁ ମିଳି ଯାଇଥିଲା । ଅନେକେ ତାଙ୍କୁ ଅଭ୍ୟର୍ଥନା ଜଣାଇବାକୁ ବାହାରି ପଡ଼ିଥିଲେ । ତେଣୁ ସଭାସ୍ଥଳରେ ଅସମ୍ଭବ ପ୍ରକାରର ଭିଡ଼ ସୃଷ୍ଟି ହେଲା । ରାଜାଙ୍କ କଥା ଶୁଣିବା ପାଇଁ ଏକ ବିରାଟ ଜନତା ନୀରବରେ ଅପେକ୍ଷା କରୁଥିଲା । ରାଜା ଆରମ୍ଭ କଲେ – ''ରାଜ୍ୟ

ପରିଭ୍ରମଣରେ ଯାଇଥିବା ତୁମ୍ଭମାନଙ୍କର ରାଜା ଆଜି ଭିନ୍ନ ଏକ ଭାବ ନେଇ ତୁମ ସମ୍ମୁଖରେ ଉପସ୍ଥିତ । ଆମ ରାଜ୍ୟର କେନ୍ଦ୍ରସ୍ଥଳରେ ଉପସ୍ଥିତ ଥାଇ ମୁଁ ତୁମ୍ଭମାନଙ୍କୁ କିଛି କହିବାକୁ ଇଚ୍ଛା କରୁଛି । ଆମେ ସମସ୍ତେ ଏହି ଭୂମିର ସନ୍ତାନ । ରାଜ୍ୟ ଆମର ବୃହତ୍ତର ବାସସ୍ଥାନ । ଆମ ସ୍ୱାଧୀନତାର ମନ୍ଦିର । ଏହାର ଟେକ ଆମକୁ ମଥାଟେକି ବଞ୍ଚିବାକୁ ଦେଇଥାଏ । ଜଣେ ରାଜା, ଯାହାଙ୍କୁ ତୁମେ ଉଚ୍ଚ ଆସନ ଦେଇଛ ଏହି ଭୂମିର ପ୍ରଥମ ସନ୍ତାନ ଏବଂ ତୁମ୍ଭମାନଙ୍କର ପ୍ରଥମ ସେବକ । ଭଗବାନଙ୍କ ଇଚ୍ଛାରେ ଆମ୍ଭେ ସମସ୍ତେ ଜୀବନକାଳରେ ଏକତ୍ର ହୋଇଛନ୍ତି । ଏକଥା ନୁହେଁ ଯେ ତୁମ ରାଜାଙ୍କ ଇଚ୍ଛାରେ ଏହା ସମ୍ଭବ ହୋଇଛି । ପ୍ରଜାଙ୍କ ବିନା ରାଜାଙ୍କ ଆବଶ୍ୟକତା କେଉଁଠି ? ପ୍ରଜାମାନେ ଅଭାବ ଓ ଅସୁବିଧା ମଧ୍ୟରେ ରହିଲେ ରାଜା ଶାନ୍ତିରେ ନିଦ୍ରା ଯାଇ ପାରିବେ ନାହିଁ । ସେମାନେ ଅନାହାରରେ ରହିଲେ ବା ଜଳପାନ କରି ଉଦର ଭରିଲେ ରାଜା ଶାନ୍ତିରେ ଭୋଜନ କରିପାରିବେ ନାହିଁ । ଏପରିକି ପ୍ରଜାମାନଙ୍କର ସହଯୋଗ ବିନା କ୍ଷମତାର ପ୍ରତୀକ ରାଜଦଣ୍ଡ ବି ସୁରକ୍ଷିତ ନୁହେଁ । ଦୁର୍ବଳ ବର୍ତ୍ତମାନ ଉପରେ ଏକ ସୁଦୃଢ଼ ଭବିଷ୍ୟତକୁ ଠିଆ କରାଯାଇ ପାରିବ ନାହିଁ । ବର୍ତ୍ତମାନକୁ ଗଠନ କରିବାକୁ ହେଲେ ତୁମ୍ଭେମାନେ ନିଷ୍ଠାର ସହ କାର୍ଯ୍ୟ କରିଚାଲିବା ଆବଶ୍ୟକ । ତୁମ୍ଭମାନଙ୍କ ଭିତରେ ସାଧୁତା ଓ ଯଥାର୍ଥ ବିଚାରବୋଧ ବଢ଼ି ଚାଲିବା ଦରକାର । ଏଗୁଡ଼ିକ ଜଣେ ଯୋଦ୍ଧାର ଗୁଣ । ସତ୍ୟର ସେବା ତା'ର ଲକ୍ଷ୍ୟ, ସେ ଅନ୍ତରରୁ ଶକ୍ତିଶାଳୀ ହୋଇଉଠେ – ସେହିମାନେ କେବଳ ଏକ ଶକ୍ତିଶାଳୀ ରାଜ୍ୟର ନିର୍ମାତା ହୋଇ ପାରନ୍ତି ।'' ରାଜା ନୀରବ ରହିଲେ ।

ପ୍ରଜାମାନେ କରତାଳି ଦ୍ୱାରା ରାଜାଙ୍କ କଥାକୁ ସମର୍ଥନ କଲେ । ଶାସକ ଓ ଶାସିତଙ୍କ ମଧ୍ୟରେ ଥିବା ସୀମାରେଖାଟି ଅସ୍ପଷ୍ଟ ହେବାରେ ଲାଗିଥିଲା । ରାଜା ଅସ୍ତଗାମୀ ସୂର୍ଯ୍ୟଙ୍କ ସୁନେଲି ଆଭା ଆଡ଼କୁ ଦୃଷ୍ଟି ବୁଲାଇଲେ । ତା' ଭିତରେ ସେ ରାଜ୍ୟବାସୀମାନଙ୍କର ସୁନେଲି ଭବିଷ୍ୟତକୁ ମନେ ମନେ କଳନା କରୁଥିଲେ । ନିଜକୁ ନିଃସଙ୍ଗ ଅନୁଭବ କରୁଥିବା ରାଜା ଅନୁଭବ କଲେ, ସେ ରାଜ୍ୟବାସୀଙ୍କ ଗହଣରେ ଅଛନ୍ତି, – ଏକ ଆତ୍ମୀୟତା, ଯାହା ଅତୁଟ ।

ଶ୍ରୀମା କହିଛନ୍ତି – ''Those who feel lonely in the world are ready for union with the Divine.'' (CWM, Vol. 14, p. 62)

''ଯେଉଁମାନଙ୍କୁ ଏହି ସଂସାରରେ ଏକାକୀ ଲାଗିବାକୁ ଆରମ୍ଭ କରେ, ସେମାନେ ପ୍ରକୃତରେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହେବା ଲାଗି ପ୍ରସ୍ତୁତ ହେଲେଣି ବୋଲି ସୂଚନା ମିଳିଥାଏ ।''

– ଶ୍ରୀମା

❑❑❑

ଚେତନା ବିଷୟରେ ନଜାଣିଛି ବା କିଏ ? କିନ୍ତୁ ସମସ୍ତେ ସର୍ବଦା ଚେତନା ବିଷୟରେ ସଚେତନ ନୁହଁନ୍ତି; ତେଣୁ ଚେତନାର ଉତ୍ତରଣ ବା ଅବତରଣ ନିଜର ଇଚ୍ଛା ଅନୁସାରେ କରିପାରନ୍ତି ନାହିଁ; କରିପାରିଲେ ତାହା ମଣିଷର କର୍ତ୍ତୃତ୍ୱ ମଧ୍ୟରେ ରହିବ ଏବଂ ମଣିଷର ପ୍ରାୟ ସମସ୍ତ ସମସ୍ୟାର ସମାଧାନ ସେ ନିଜେହିଁ କରିପାରିବ ।

ଏ ବିଷୟରେ ଘଟଣାଟିଏ । ଡେକାର୍ତ୍ତେଙ୍କ ନାମ କିଏ ବା ନଜାଣିଛି ? ସେ ଥିଲେ ପୃଥିବୀ ବିଖ୍ୟାତ ଦାର୍ଶନିକ । ଦିନେ କୌଣସି ଏକ ଜନମଣ୍ଡଳୀରେ ସେ ଉପସ୍ଥିତ ଥିଲେ । ଅନ୍ୟ ଜଣେ ତଥାକଥିତ ଖ୍ୟାତନାମା ବ୍ୟକ୍ତି ତାଙ୍କୁ ଅନେକ ବାଜେ କଥାସବୁ କହି ଅପମାନ ଦେଲେ । ଅବଶ୍ୟ ସେ ହସି ଦେଲେ । ପରେ କିନ୍ତୁ ଅନ୍ୟମାନେ, ଅର୍ଥାତ୍ ତାଙ୍କର ସମର୍ଥନକାରୀମାନେ ତାଙ୍କୁ ପଚାରିଲେ ଯେ ସେ କାହିଁକି କିଛି ଉତ୍ତର ଦେଲେ ନାହିଁ ।

ଡେକାର୍ତ୍ତେ ପୁଣି ଥରେ ହସିଦେଇ କହିଲେ, ''କେହି ଯଦି ଇଚ୍ଛା କରି ଏପରି ଅପମାନ ମୋତେ ଦେଉଥାଏ, ସେତେବେଳେ ମୁଁ ମୋର ଚେତନାକୁ ଏତେ ଉପରକୁ ଉଠାଇ ନିଏ ଯେ ସେଠାରେ ଏଇସବୁ ମାନ ଅପମାନ ପହଞ୍ଚି ପାରନ୍ତି ନାହିଁ ।''

(ସଂଗ୍ରହ : ଗଳ୍ପ ଅନନ୍ୟ; ଫାଲ୍‌ଗୁନୀ)

ଗୋଲାପ ବଗିଚାର ମାଳୀ

ଦୌଲତ ପାଣ୍ଡେ

କୋଇଲି ଓ ହଳଦୀ ବସନ୍ତ ଆଦି ପକ୍ଷୀମାନଙ୍କ ମଧୁର କାକଳିରେ ପ୍ରତିଧ୍ୱନିତ ହାସ୍ୟମୁଖର ଏକ ଉପତ୍ୟକାର ସବୁଜ ଛାତି ଉପରେ ଏକଦା 'ପରୀ କନ୍ଦର' (Fairy Dell) ନାମରେ ଛୋଟ କୁଡ଼ିଆଟିଏ ଥିଲା । ଗୋଲାପ ଚାଷ କରୁଥିବା ମାଳୀଟିଏ ସେହି କୁଡ଼ିଆରେ ରହୁଥିଲା । ଆପଣ ଯଦି ପଚାରନ୍ତି, ଲୋକଟିର ନାମ କ'ଣ ଓ ସେ କେଉଁଠାରୁ ଆସିଥିଲା, ତେବେ ହୁଏତ ମୁଁ ତାହା କହିପାରିବି ନାହିଁ । କାରଣ ମୁଁ ଯେତେବେଳେ ଛୋଟ ପିଲା ଥିଲି ସେତେବେଳେ ତାକୁ ଭେଟୁଥିଲି । ପିଲାମାନେ ସାଧାରଣତଃ କୌଣସି ଲୋକ ବା ସ୍ଥାନର ନାମ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ସେତେବେଳେ ସେହି ଲୋକ ଏବଂ ତାହାର କାର୍ଯ୍ୟକଳାପହିଁ ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ ଥିଲା । ସେ ଯାହା କରୁଥିଲା ସତରେ ତାହା ଥିଲା ବିସ୍ମୟକର । କାରଣ ଦୁନିଆରେ ଏପରି କୌଣସି ଗୋଲାପ ନାହିଁ ଯାହା ସେ ଉପୁଜାଇ ପାରୁ ନଥିଲା । ତା'ର ସେହି କୁଡ଼ିଆ ଚାରି ପାଖରେ ଏଡ଼େ ସୁନ୍ଦର ବଗିଚାଟିଏ ବନେଇ ଥିଲା ଯେ ସେପରି ବଗିଚା ଆଉ କେଉଁଠି ଦେଖିବାକୁ ମିଳୁ ନଥିଲା । ଲୋକେ କହୁଥିଲେ, ସେଠାରେ କୁଆଡ଼େ ସରଗର ପରୀମାନେ ବି ରହୁଥିଲେ ।

ଅବଶ୍ୟ ସେହି ଊର୍ବର ସବୁଜ ଉପତ୍ୟକାରେ ଅନ୍ୟ ଅନେକ ବଗିଚା ଥିଲା, ଯେଉଁଠାରେ ନାନା ପ୍ରକାର ସୁନ୍ଦର ଫୁଲସବୁ ଫୁଟୁଥିଲା; ହେଲେ ଫୁଲମାନଙ୍କର ରାଣୀ ଭାବେ ବିବେଚିତ ଏତେ ପ୍ରକାର ଏବଂ ଏଡ଼େ ସୁନ୍ଦର ଗୋଲାପ ଫୁଲ ଆପଣ ଅନ୍ୟ କେଉଁଠି ଦେଖିବାକୁ ପାଇବେ ନାହିଁ । ପ୍ରତ୍ୟେକ ଜାତି ଗୋଲାପର ଏକ ସ୍ୱତନ୍ତ୍ର ନାମ ଥିଲା । ମାତ୍ର ଫୁଲ ତାଲିକାରେ ଥିବା 'ପଲ୍ ନିରନ୍' ବା 'ବ୍ଲାକ୍ ପ୍ରିନ୍ସ୍' ଅଥବା 'ବ୍ରାଇଡ୍' ଭଳି ନାମର କୌଣସି ଫୁଲ ସେଠାରେ ନଥିଲା । ପ୍ରତ୍ୟେକ ଫୁଲର ସୁଗୁଣ ଏବଂ ସ୍ୱତନ୍ତ୍ର ବିଶେଷତ୍ୱକୁ ଗଭୀର ଭାବେ ଅନୁଧାନ କରି ତାହାର ନାମକରଣ କରାଯାଇଥିଲା । ଉଦାହରଣ ସ୍ୱରୂପ ବଗିଚାର ଫାଟକ ପାଖରେ ଯେଉଁ ଗୋଲାପଟି ଲଗା ଯାଇଥିଲା ତାହାର ନାମ ଥିଲା 'ମଧୁର ସ୍ୱପ୍ନ' । ସତରେ ଅସ୍ତରାଗରେ ରଞ୍ଜିତ ଏବଂ ମଧୁର ଗନ୍ଧଭରା ପାଖୁଡ଼ାରେ ଶୋଭିତ ସେହି ଗୋଲାପଟିକୁ ଦେଖିଲେ ତାହା ଯେ କଳ୍ପନାର ମଧୁରତମ ସ୍ୱପ୍ନ ସୃଷ୍ଟି ନ କରିବ, ଏହା କିଏ ବା ସନ୍ଦେହ କରିବ ! ଯେଉଁ ଗୋଲାପଟି କୁଡ଼ିଆର କୁନି ଝରକାକୁ ବସ୍ତୁତଃ ଆଚ୍ଛାଦିତ କରି ରଖିଥିଲା, ତାହାର ନାମ ଥିଲା 'ସୂର୍ଯ୍ୟ ଆଭା' । ସେହି ଫୁଲର ରଙ୍ଗର ଉଷ୍ମତା ଏପରି ପ୍ରଭାବଶାଳୀ ଯେ ଆପଣ ତାହାର ପ୍ରଭାବ ସ୍ୱର୍ଶରେ ମଧ୍ୟ ଅନୁଭବ କରି ପାରିବେ । 'ହାସ୍ୟ' ନାମକ ଫୁଟନ୍ତା ଗୋଲାପର ତୁଷାରଶୁଭ୍ର ପାଖୁଡ଼ାଗୁଡ଼ିକ ମୃଦୁ ମଳୟରେ ଦୋହଲି ସମଗ୍ର ବାତାବରଣରେ ଆନନ୍ଦର ଏକ ମଧୁର ତରଙ୍ଗ ସୃଷ୍ଟି କରୁଥିଲା ।

'ଆନନ୍ଦ' ନାମକ ଗୋଲାପର ଏଭଳି ମୋହିନୀ ଶକ୍ତି ଥିଲା ଯେ ତାହା ହୃଦୟର ସମସ୍ତ ଦୁଃଖ, ଯନ୍ତ୍ରଣା ଦୂର କରିପାରୁଥିଲା ବୋଲି ମୁଁ ଦୃଢ଼ ଭାବେ କହିବି । ପ୍ରଭାତର ଦୀପ୍ତିରେ ତାରାମାନେ ଯେପରି ଫିକା ହୋଇ ଅଦୃଶ୍ୟ ହୋଇଯା'ନ୍ତି, ସେହିପରି ସ୍ୱର୍ଣ୍ଣାଭ ପାଟଳ ବର୍ଣ୍ଣର ଏହି ଫୁଲ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ଏହାର ଚମତ୍କାରିତାରେ ବଗିଚାକୁ ବୁଲି ଆସୁଥିବା ପ୍ରତ୍ୟେକ ବ୍ୟକ୍ତିର ହୃଦୟରୁ ଦୁଃଖ-ଯନ୍ତ୍ରଣା ଅପସରି ଯାଉଥିଲା । ସେହିଭଳି ଅନ୍ୟ ଅନେକ ସୁନ୍ଦର ଓ ଚମତ୍କାର ଫୁଲ ବଗିଚାରେ ଫୁଟିଥିଲା । ଶିଶୁଟିଏ ଥିବାବେଳେ ଯେ ମୁଁ ଏପରି ଭାବୁଥିଲି ତାହା ନୁହେଁ, ଏବେ ବି ମୋର ମନେ ହେଉଛି ପରୀ-ରାଇଜ ମଧ୍ୟ ସେହି ଛୋଟ ବଗିଚାଟି ଅପେକ୍ଷା ଅଧିକ ମନୋମୁଗ୍ଧକର ହୋଇ ନ ଥିବ । ବଗିଚାଟିକୁ ଯଥାର୍ଥରେ 'ଫେଏରୀ ଡେଲ୍' ବା 'ପରୀ କନ୍ଦର' ବୋଲି କୁହାଯାଉଥିଲା । ସ୍ୱର୍ଗର ସୁବାସ ତାହା ଅପେକ୍ଷା ଅଧିକ ହୋଇ ନଥିବ ।

ପ୍ରତିବର୍ଷ ଯେଉଁ ସମୟରେ ଗୋଲାପଗୁଡ଼ିକ ଫୁଟେ, ପବିତ୍ର ତୀର୍ଥ ଦର୍ଶନକୁ ଆସିବା ଭଳି ଲୋକମାନେ ଦୂର ଅଦୂରରୁ ଏହାର ଶୋଭା ଉପଭୋଗ କରିବା ପାଇଁ ଏଠାକୁ ଆସନ୍ତି ଏବଂ ମାଳୀଠାରୁ ଗୋଟିଏ ଉପହାର ନେଇ ଫେରିଯାଆନ୍ତି । ଯଦିଓ ମାଳୀ ବିନା ମୂଲ୍ୟରେ ଉପହାରଟିକୁ ଦେଉଥିଲା, ତାହା ଥିଲା ଅମୂଲ୍ୟ । କାରଣ ଯେତେ ମୂଲ୍ୟ ଦେଲେ ବି ଅନ୍ୟ କେଉଁଠି ତାହା ମିଳିବ ନାହିଁ । ପ୍ରତିବର୍ଷ ଛୁଟି ହେଲେ ଆମେ ବି ସେହି ଉପତ୍ୟକାକୁ ଯାଉଥିଲୁ ଏବଂ ସେହି ବୁଢ଼ାଟିକୁ ଦେଖୁଥିଲୁ । ତା'ର ଛୋଟିଆ ବଗିଚାରେ ସେ ଆମକୁ ସ୍ୱାଗତ କରୁଥିଲା ଓ

ତା'ର ନୂଆ ନୂଆ ସୃଷ୍ଟିସମ୍ଭାରକୁ ଆମକୁ ଦେଖାଉଥିଲା । ଆମେ ଚାହିଁଲେ ଯେକୌଣସି ଫୁଲକୁ ଚୁମିବା ପାଇଁ ଆମକୁ ସେ ବାରଣ କରୁ ନଥିଲା । ମାତ୍ର ଫୁଲଟିଏ ତୋଳିବା କଥା ଉଠିଲେ ସେ ଅତି ସତର୍କ ହୋଇ ଯାଉଥିଲା । ମଉଳା ଫୁଲଟିଏ ମଧ୍ୟ ସେ କାହାକୁ ତୋଳିବାକୁ ଦେଉ ନଥିଲା । ବୁଦାର ଅନ୍ୟ ଅନେକ ଫୁଲ ଭିତରୁ କେବଳ ଗୋଟିଏ ମାତ୍ର ଫୁଲ ନିଜେ ତୋଳି ଆଣୁଥିଲା । ତୋଳିବା ବେଳେ ଫୁଲଟିକୁ ଯେଉଁ କଷ୍ଟ ହେବ ସେଥିପାଇଁ ସେ ତୋଳିବା ପୂର୍ବରୁ ତା' ନିକଟରେ ଅନେକ କ୍ଷମାଭିକ୍ଷା କରୁଥିଲା ଓ ତାକୁ ସାନ୍ତ୍ୱନା ଦେଉଥିଲା । ବୁଦାଟିରେ ଯେତେ ବେଶୀ ଫୁଲ ଫୁଟିଥାଉ ନା କାହିଁକି, ଏକାଥରକେ ବୁଦାରୁ ଗୋଟିଏରୁ ଅଧିକ ଫୁଲ ସେ କେବେ ବି ତୋଳୁ ନଥିଲା । ସେ କହୁଥିଲା – ମା'ଠାରୁ ଛୁଆକୁ ଅଲଗା କରିବା ଯାହା ବୁଦାରୁ ଫୁଲଟିଏ ତୋଳିବା ଠିକ୍ ସେଇଆ । ଯେତେ ଛୁଆ ଥିଲେ ବି କେଉଁ ମା' କ'ଣ ତା'ର ଛୋଟ ଛୁଆକୁ ଖୁସିରେ ଅନ୍ୟକୁ ଦେବା ପାଇଁ ରାଜି ହେବ ? ଫୁଲଗୁଡ଼ିକର ଅନ୍ତରକୁ ସେ କିଭଳି ଭାବେ ବୁଝି ପାରୁଥିଲା ଏବଂ ସେମାନଙ୍କୁ କେତେ ଭଲ ପାଉଥିଲା ତାହା ଆପଣ ଏଇଥିରୁ ବେଶ୍ ବୁଝିପାରିବେ ।

ଦିନେ ଆମେ ଏକ କଠୋର ଧକ୍କାର ସମ୍ମୁଖୀନ ହେଲୁ । ମାଳୀ ବୁଢ଼ାର ମୃତ୍ୟୁ ଆମ ପାଇଁ ଉଦ୍‌ବେଗର ଯଥେଷ୍ଟ କାରଣ ହୋଇଥା'ନ୍ତା; ମାତ୍ର ସେହି ଧକ୍କା ବୁଢ଼ାର ମୃତ୍ୟୁଜନିତ ନୁହେଁ । ବୁଢ଼ାକୁ ଆଉ ବଗିଚାରେ ଦେଖିବାକୁ ପାଇଲୁ ନାହିଁ । ତା' ବଦଳରେ ଜଣେ ଚଷମା ପିନ୍ଧା ରୁକ୍ଷ ଯୁବକର ଉପସ୍ଥିତି ଆମ ପାଇଁ ଅଧିକ କଠୋର ଏବଂ ଉଦ୍‌ବେଗଜନକ ଥିଲା । ଦୀପାବଳୀ ଛୁଟିରେ ଚିରାଚରିତ ଭାବେ ଆମ ବନ୍ଧୁଙ୍କୁ ଭେଟିବା ପାଇଁ ଏବଂ ସୁନ୍ଦର ଛୋଟ ବଗିଚାଟିରେ କିଛି ସମୟ ଖେଳିବା ପାଇଁ ଆମେ ସେଠାକୁ ଯାଇଥିଲୁ । ଆମକୁ ଦେଖିବା ମାତ୍ରେ ବୁଢ଼ା ମାଳୀ ମୁଣ୍ଡରେ ନଡ଼ା ତିଆରି ପୁରୁଣା ଟୋପି ପିନ୍ଧି ଦୌଡ଼ି ଆସି ଫାଟକ ଖୋଲି ଆମକୁ ସ୍ୱାଗତ ଜଣାଇ କହିଥା'ନ୍ତା – 'ଆସରେ ପିଲେ ! ତୁମେମାନେ କିପରି ଅଛ ?' ତା'ପରେ ମୋ ସଂପର୍କୀୟ ଭାଇ ଆଡ଼କୁ ଅନାଇ ସେମିତି ପୁରୁଣା ଢଙ୍ଗରେ କହିଥା'ନ୍ତା – 'ବାପରେ ! ତୁ କେଡ଼େଟିଏ ହେଲୁଣି ? ତୁ ତ ଆମ ବଗିଚାର ସବୁଠାରୁ ଡେଙ୍ଗା ଗୋଲାପ ଗଛଠାରୁ ବି ଅଧିକ ଡେଙ୍ଗା ହେଲୁଣି !' ମାତ୍ର ସେ ଦିନ ବୁଢ଼ାର ମଧୁର ସ୍ୱାଗତ ବଦଳରେ ବଗିଚାରେ ଥିବା ତାଗଡ଼ା ଡେଙ୍ଗା ଲୋକଟା ରୁକ୍ଷ ଭାବରେ ଆମ ଆଡ଼କୁ ମାଡ଼ି ଆସିଲା ଏବଂ ଆମକୁ ଘଉଡ଼ାଇ ଦେଇ କହିଲା – 'ଏଠାରୁ ପଳାଅ । ଆଉ କେବେ ଆସିବାକୁ ସାହସ କରିବ ନାହିଁ ।'

ବନ୍ଧୁ ନାଦିର ଆମ ଭିତରେ ଅଧିକ ସାହସୀ ଥିଲା । ସେ ଦମ୍ଭ ଧରି ଛିଡ଼ାହୋଇ ରହିଲା ଏବଂ କହିଲା, ''ଆମେ ତୁମକୁ ଦେଖିବା ପାଇଁ ଏଠାକୁ ଆସି ନାହୁଁ । ଏ ବଗିଚାରେ ରହୁଥିବା ଆମ ବନ୍ଧୁ ମାଳୀକୁ ଦେଖିବାକୁ ଆସିଛୁ ।'' ଉତ୍ତରରେ ରୁକ୍ଷ ଲୋକଟା କହିଲା, ''ଆଚ୍ଛା ! ସେ ତାହା ହେଲେ ତୁମର ବନ୍ଧୁ ! ତେବେ ଯାଅ ଅନ୍ୟ କେଉଁଠି ଖୋଜିବ । ସେ ଆଉ ଏଠାରେ ରହୁ ନାହିଁ ।'' ପୁରୁଣା ବନ୍ଧୁଙ୍କୁ ନ ଭେଟି ସେଠାରୁ ଚାଲିଯିବା କଥାଟାକୁ ମୋ ଭାଇ ପସନ୍ଦ ନକରି କହିଲା, ''ଆଗ ଭଳି ଆମେ ଏହି ବଗିଚାରେ ଖେଳି ପାରିବୁ କି ?'' ତତ୍‌କ୍ଷଣାତ୍ ସେହି କଦର୍ଯ୍ୟ ଟୋକାଟା ଚିତ୍କାର କରି କହିଲା, ''କ'ଣ କହିଲ ? ଏଠାରେ ଖେଳିବ ? ତୁମମାନଙ୍କ ମୁଣ୍ଡ ଖରାପ ହୋଇ ନାହିଁ ତ ? ତୁମମାନଙ୍କ ଭଳି ଦୁଇଟା ଅଭଦ୍ର ପିଲା ମୁହୂର୍ତ୍ତକରେ ବଗିଚାଟାକୁ ଧ୍ୱଂସ କରିଦେବେ । ତୁରନ୍ତ ଏଠାରୁ ପଳାଅ, ନଚେତ୍ ବାଡ଼ି ଆଣି ତୁମକୁ ବାଡ଼େଇ ଏଠାରୁ ବିଦା କରିଦେବି ।''

ଲୋକଟାର ବ୍ୟବହାର ଆମକୁ ଏପରି ବାଧିଲା ଯେ କୌଣସି ଉତ୍ତର ଦେଇ ନପାରି ଆମେ ଅଧାମଲା ମଉଳା ଫୁଲଗୁଡ଼ିକୁ କିଛିକ୍ଷଣ ଅନାଇ ରହିଲୁ । ସତରେ ଫୁଲଗୁଡ଼ିକର ଅବସ୍ଥା ଆମର ସେ ବେଳର ଦୟନୀୟ ଅବସ୍ଥା ଭଳି ଅତ୍ୟନ୍ତ ବେଦନାଦାୟକ ଥିଲା । ତହୁଁ ନାଦିର ମୋ କାନ ପାଖରେ ଫୁସ୍ ଫୁସ୍ କରି କହିଲା, ''ସାଙ୍ଗ ! ବୁଢ଼ାର କ'ଣ ହୋଇଛି ମୁଁ ଏବେ ଜାଣି ସାରିଲିଣି । ଲୋକଟା ନିଶ୍ଚୟ ବୁଢ଼ାକୁ କୁଡ଼ିଆ ଭିତରେ ବନ୍ଦୀ କରି ରଖିଛି ଏବଂ ବଗିଚାକୁ ନିଜ ଦଖଲକୁ ନେଇ ଯାଇଛି । ଲୋକଟା ନିଶ୍ଚୟ ଏକ ଡକାୟତ । ଦେଖୁ ନାହୁଁ, ମୁଣ୍ଡରେ ସେ ଏକ ନାଲି ରୁମାଲ ବାନ୍ଧିଛି !''

ଆଶ୍ଚର୍ଯ୍ୟ ହୋଇ ମୁଁ ପଚାରିଲି, ''କ'ଣ କହିଲୁ ? ଡକାୟତ ? ମାନେ, ଗୁଣ୍ଡା ଶ୍ରେଣୀର ଜଣେ ଅସାମାଜିକ ଲୋକ, ଯେଉଁମାନେ ମୁଣ୍ଡରେ ରୁମାଲ ବାନ୍ଧିଥା'ନ୍ତି ଏବଂ ଯେଉଁମାନଙ୍କ ପଛରେ ଦଳେ ଡକାୟତ ଥାଆନ୍ତି ।''

ଏଭଳି ଅପ୍ରୀତିକର ପରିସ୍ଥିତିରେ ମୋ ଭାଇ ସେତେବେଳକୁ ଛାନିଆ ହୋଇ ଯାଇଥାଏ । ସେ କହିଲା, ''ଥାଉ ଥାଉ, ଆଉ ପାଟି କର ନାହିଁ । ଏଠାରେ ଠିଆ ହୋଇ ତା' ସାଙ୍ଗରେ ଯୁକ୍ତି କର ନାହିଁ । ଏ ଦୁର୍ଦାନ୍ତ ଲୋକଟା ଯେକୌଣସି ମୁହୂର୍ତ୍ତରେ ତା' ଦଳର ଡକାୟତମାନଙ୍କୁ ଡାକି ଆଣି ଆମକୁ

କେଉଁ ଏକ ଗୁମ୍ଫା ଅଥବା ଅନ୍ଧାର ଘରକୁ ନେଇ ବନ୍ଦୀ କରି ରଖିବ । ଚାଲ ଶୀଘ୍ର ଏଠାରୁ ପଳାଇବା ଏବଂ ପୁଲିସକୁ ଖବର ଦେବା ।'' ତା'ପରେ 'ପୁଲିସ' 'ପୁଲିସ' ଚିତ୍କାର କରି ଛାନିଆରେ ଆମେ ଏଆଡ଼େ ସେଆଡ଼େ ଦୌଡ଼ିବାରେ ଲାଗିଲୁ । ମାତ୍ର କୌଣସି ପୁଲିସବାଲା ଆମକୁ ସାହାଯ୍ୟ କରିବାକୁ ଆସିଲେ ନାହିଁ ।

କିଛି ବାଟ ଗଲା ପରେ ଜଣେ ଡାକବାଲା ଚିଠି ବାଣ୍ଟି ବାଣ୍ଟି ଯାଉଥିବାର ଦେଖିଲୁ । ତାକୁ ଦେଖିବା ମାତ୍ରେ ଆମ ମନରେ ଦମ୍ଭ ଆସିଲା । ଧଇଁସଇଁ ବନ୍ଦ ହେବା ପରେ ତାକୁ ସବୁ କଥା ଜଣାଇଲୁଁ । ଆମ କଥା ଶୁଣି ଡାକବାଲା ଜୋର୍‌ରେ ହସିବାକୁ ଲାଗିଲା । ସେ କହିଲା, ''ପିଲାଏ ! ମନେ ହେଉଛି ତୁମେମାନେ ଏ ବିଷୟରେ କିଛି ଜାଣି ନାହଁ । ତୁମକୁ ଯଦି ଏବେ ସବୁକଥା କହି ବସେ ତେବେ ମୋର ଚିଠି ବାଣ୍ଟିବା ଡେରି ହୋଇଯିବ । ସେଇ ଯେଉଁ ଛୋଟିଆ ଘରଟି ଦେଖୁଛ, ସେଠାକୁ ଯାଅ । ସେ ଘରେ ଗୋଟିଏ ସ୍ନେହୀ ବୁଢ଼ୀ ଅଛି । ସେ ତୁମମାନଙ୍କୁ ସ୍ୱାଗତ କରିବ ଏବଂ ସବୁ କଥା ଖୁସିରେ କହିବ ।''

ମୁହୂର୍ତ୍ତେ ଅପେକ୍ଷା ନକରି ଡାକବାଲା ଯେଉଁ ଘର ଆମକୁ ଦେଖାଇ ଦେଲା ସେଠାକୁ ଦୌଡ଼ିଲୁ ଏବଂ ତା' ଦୁଆର ବାଡ଼େଇଲୁ । ଡାକବାଲା କହିବା ଅନୁସାରେ ବାଙ୍ଗିରୀ ବୁଢ଼ୀଟିଏ ସେ ଘରୁ ବାହାରିଲା । ରୁପା ପରି ଝଟକୁଥିବା ଧୋବ ଫରଫର ପାଚିଲା ଚୁଟିସବୁକୁ ଏକାଠି କରି ମୁଣ୍ଡ ପଛ ପଟେ ଛୋଟ ଖୋସାଟିଏ ବାନ୍ଧିଥାଏ । ତା'ର ହସ ହସ ମୁହଁ ଓ ମଧୁର ବ୍ୟବହାର ଦେଖି ଆମେ ସବୁ କଷ୍ଟ ଭୁଲିଗଲୁ । ବୁଢ଼ୀ ବାଡ଼ିଟିଏ ଆଶ୍ରା କରି ଆମ ଆଡ଼କୁ ଆସି ମିଟିମିଟି କରି ଆମକୁ ନିରେଖି କହିଲା, ''ଆଚ୍ଛା, ମୁଁ ଦେଖେ ତୁମେମାନେ ସତରେ ପିଲା ନା ସରଗର ପରୀ !'' ଆମେ ଏକ ସ୍ୱରରେ କହି ଉଠିଲୁ, ''ଆମ୍ଭେମାନେ ପିଲା ।'' ଆମେ ସରଗର ପରୀ ବୋଲି ତା' ମନରେ ଭୁଲ୍ ଧାରଣା ଜନ୍ମିଥିବାରୁ ଆମକୁ ଭାରି ଖୁସି ଲାଗିଲା । ହୁଏତ ଆମେ ପରୀ ଭଳି ଦେଖା ଯାଉଥିଲୁ ଅଥବା ଜାଗାଟା ଏତେ ଚିତ୍ତାକର୍ଷକ ଯେ ପରୀମାନେ ବରାବର ସେଠାକୁ ଆସୁଥିଲେ । ପରୀ ବୋଲି ବିଚାରୁଥିଲେ ତାହା ଆମ ପାଇଁ ଅତ୍ୟନ୍ତ ଚିତ୍ତରଞ୍ଜକ ଥିଲା ।

ବୁଢ଼ୀ ଫାଟକ ଖୋଲି ଦେଲା । ଆମେ ଦଳଟାସାରା ପିଲା ତା' ପଛେ ପଛେ ବଗିଚାରେ ପଶିଗଲୁ । ବସିବା ପାଇଁ ସେ ବାରଣ୍ଡାରେ ଆମ ପାଇଁ ମସିଣା ପାରିଦେଲା ଏବଂ ବଗିଚାରେ ନିଜେ ଫଳାଇଥିବା କିଛି ଷ୍ଟ୍ରବେରୀ ଫଳ ଘର ଭିତରୁ ଆଣି ଆମକୁ ଖାଇବାକୁ ଦେଲା । ବହୁତ ବାଟ ଦୌଡ଼ି ଦୌଡ଼ି ଆସିଥିବାରୁ ଆମକୁ ଏତେ ଭୋକ କରୁଥିଲା ଯେ ସାଙ୍ଗେ ସାଙ୍ଗେ ଫଳଗୁଡ଼ିକ ଖାଇ ଶେଷ କରି ଦେଲୁ । ଏପରିକି ଆମେ କାହିଁକି ସେଠାକୁ ଯାଇଥିଲୁ ତାହା ବି ଭୁଲି ଗଲୁ । ମୁଁ ଡରି ଡରି ତାକୁ ପଚାରିଲି, ''ପରୀମାନେ କ'ଣ ସତରେ ଏଠାକୁ ଆସନ୍ତି ?'' ଉତ୍ତରରେ ବୁଢ଼ୀ କହିଲା, ''ହଁ ରେ ପୁଅ ! ସେମାନେ କେବଳ ଏଠାକୁ ଆସନ୍ତି ନାହିଁ, ଏଠାରେ ବରାବର ରହନ୍ତି ।'' ସେମାନେ କେଉଁଠି ରହନ୍ତି ବୋଲି ଆମେ ଏକ ସ୍ୱରରେ ପଚାରିଲୁ । ଉତ୍ତରରେ ବୁଢ଼ୀ ବଗିଚାର ସବୁ ଦିଗକୁ ଦେଖାଇ ଆମକୁ କହିଲା, ''ସେମାନେ ଏଠି ସବୁଆଡ଼େ ରହନ୍ତି । ଯେଉଁ ଦିନଠାରୁ ସେହି କଦର୍ଯ୍ୟ ଟୋକାଟା 'ପରୀ କନ୍ଦର'କୁ ଦଖଲ କରିନେଲା, ସେହିଦିନୁ ପଳାଇ ଆସି ସେମାନେ ମୋ ବଗିଚାରେ ରହୁଛନ୍ତି ।'' ମୁଁ କହିଲି, ''ଓଃ ! ଏବେ ମୋର ମନେ ପଡ଼ିଲା; ଆମେ ତ ସେହି 'ପରୀ କନ୍ଦର' କଥା ପଚାରିବାକୁ ଏଠାକୁ ଆସିଛୁ । ଯେଉଁ ବୁଢ଼ାଟି ବଗିଚାର ଯତ୍ନ ନେଉଥିଲା ସେ ଏବେ କେଉଁଠି ଅଛି ? ତୁମେ ଆମକୁ ତା' ବିଷୟରେ କହିବ ବୋଲି ଡାକବାଲା ଆମକୁ କହିଥିଲା ।''

ମୋ କଥା ଶୁଣି ବୁଢ଼ୀ କିଛି କ୍ଷଣ ଖୁବ୍ ଗମ୍ଭୀର ହୋଇଗଲା । ତା'ପରେ କହିଲା, ''ଆରେ ମୋ ସଙ୍ଗାଳିମାନେ ! ସେ କଥା ଏପରି ଦୁଃଖଦାୟକ ଯେ ସବୁ କହି ତୁମମାନଙ୍କ କୁନି କୁନି ମୁଣ୍ଡକୁ ମୁଁ ଖରାପ କରିବି ନାହିଁ । ତେବେ ଯେତେବେଳେ ଜାଣିବାକୁ ଚାହୁଁଛ, କଥାଟା ସଂକ୍ଷେପରେ ଏହିପରି – 'ପରୀ କନ୍ଦର'ର ମାଲିକ ଥିଲେ ଜଣେ ବୟସ୍କ ଭଦ୍ରବ୍ୟକ୍ତି । ସେ କ୍ୱଚିତ୍ ବଗିଚା ପରିଦର୍ଶନରେ ଆସୁଥିଲେ । କିଛି ମାସ ତଳେ ତାଙ୍କର ମୃତ୍ୟୁ ହେଲା ଏବଂ ସେ ତାଙ୍କର ସମସ୍ତ ସମ୍ପତ୍ତି ତାଙ୍କର ଜଣେ ପୁତୁରାକୁ ଛାଡ଼ିଗଲେ । ନୂଆ ମାଲିକ ଯୁବକ ଜଣକ ଆଦୌ ବିଳମ୍ବ ନକରି ବଗିଚା ଦେଖିବାକୁ ଆସିଲେ । ବଗିଚାରେ ସୁନ୍ଦର ଗୋଲାପ ଫୁଟିଥିବାର ଦେଖି ସେଥିରୁ ଶଗଡ଼େ ହେବ ଫୁଲ ତୋଳି ନେଇଗଲେ । ଅତି ଆଦରର ଫୁଲଗୁଡ଼ିକ ପ୍ରତି ମାଲିକର ଏପରି ନିର୍ଦ୍ଦୟ ବ୍ୟବହାରରେ ବୁଢ଼ା ମାଳୀର ଆଖିରୁ ଲୁହ ଝରି ପଡ଼ିଲା । ସେ ବା କ'ଣ କରି ପାରିଥାନ୍ତା ! ତା'ର ସମସ୍ତ ବାରଣ ବୃଥା ହେଲା । ସେତିକିରେ ସନ୍ତୁଷ୍ଟ ନହୋଇ କିଛି ଦିନ ପରେ ବଗିଚା ଛାଡ଼ି ଚାଲିଯିବାକୁ ମାଲିକ ତାକୁ ନୋଟିସ ଦେଲେ । ଯେଉଁ ରୁକ୍ଷ ଟୋକାଟା କଥା

ତୁମେ କହୁଛ ବୁଢ଼ା ମାଳୀ ବଦଳରେ ତାକୁ ବଗିଚା ଦାୟିତ୍ୱ ଦିଆଗଲା । ଟୋକାଟା ଅତି ଚତୁର । ଗୋଲାପ ଚାଷରେ ସେ କୁଆଡ଼େ ଡିଗ୍ରୀ ହାସଲ କରିଛି । ମାତ୍ର ଦେଖିବା ଭଳି ଗୋଟିଏ ହେଲେ ଫୁଲ ସେ ନିଜେ ଫୁଟାଇ ପାରି ନାହିଁ ।''

ବୁଢ଼ୀଠାରୁ କଥାଟା ଶୁଣି ଆମେ ଏକ ପ୍ରକାର ଆଶ୍ୱସ୍ତ ହେଲୁ । କାରଣ ଆମ ପୁରୁଣା ବନ୍ଧୁକୁ କୁଡ଼ିଆ ଭିତରେ ବନ୍ଦୀ ଭାବେ ରଖାଯାଇ ଥିବାର ଯେଉଁ ଆଶଙ୍କା ନାଦିର କରୁଥିଲା ଅନ୍ତତଃ ତାହା ସତ୍ୟ ନୁହେଁ । ହୁଏତ କେବେ ଦିନେ ତା' ସହିତ ଦେଖା ହୋଇପାରେ । ବୁଢ଼ା ମାଳୀ ବିଷୟରେ ସବୁ କଥା ଶୁଣିଲା ପରେ ମୋ ଭାଇ କହିଲା, ''ସେ ବଦମାସ ଲୋକଟା ଉଚିତ ଶିକ୍ଷା ପାଉ । ଗୋଲାପ ବୁଦା ପାଖକୁ ଯିବାମାତ୍ରେ ସବୁଯାକ କଣ୍ଟା ତା' ଦେହରେ ଫୋଡ଼ି ହୋଇଯାଉ ।''

ମୁଁ ବୁଢ଼ୀକୁ ପଚାରିଲି, ''ହେଲେ ବୁଢ଼ା ମାଳୀର କ'ଣ ହେଲା ? ଆମ ସାଙ୍ଗ ଭାବିଥିଲା ବୋଧହୁଏ ନୂଆ ଲୋକଟା ତାକୁ କୁଡ଼ିଆ ଭିତରେ ବନ୍ଦୀ କରି ରଖିଥିବ ।'' ବୁଢ଼ୀ ଅଳ୍ପ ହସି କହିଲା, ''ନାହିଁ ରେ ପିଲେ ! ଅତି ଦୁଃଖରେ ବୁଢ଼ା ବଗିଚା ଛାଡ଼ିଲା । ଆମ ଭିତରୁ ଅନେକେ ତାକୁ ଏଠାରେ ରହିଯିବାକୁ ଅନୁରୋଧ କରିଥିଲୁ । ସେ କିନ୍ତୁ ମାନିଲା ନାହିଁ । କହିଲା – ଯେଉଁଠି ନିଜ ପିଲା ଭଳି ପାଳିଥିବା ଗୋଲାପଗୁଡ଼ିକୁ ଏପରି ହତାଦର କରାଯାଉଛି ସେଠାରେ ରହିବାରେ ଲାଭ ନାହିଁ । ଗୋଲାପ ପାଖୁଡ଼ାଗୁଡ଼ିକ ଉପରେ ଅଜସ୍ର ଲୁହ ଢାଳି ଦିନେ ରାତିରେ ବୁଢ଼ା ସେମାନଙ୍କଠାରୁ ବିଦାୟ ନେଇ ଚାଲିଗଲା । କୁଆଡ଼େ ଗଲା କେହି ଜାଣି ନାହାନ୍ତି । ଗୋଲାପ ବୁଦାଗୁଡ଼ିକରେ ରହିଥିବା ପରୀମାନେ ମଧ୍ୟ ସେହି ରାତିରେ ବଗିଚା ଛାଡ଼ି ପଳାଇଲେ । ତୁମେମାନେ ତ ଦେଖିଥିବ, ବିଚରା ଗୋଲାପଗୁଡ଼ିକ କିପରି ଧୀରେ ଧୀରେ ମଉଳି ଯାଉଛନ୍ତି । କାରଣ କେବଳ ସାର ପାଣି ବା ଭଲ ପାଗରେ ନୁହେଁ, ସେହି ବୁଢ଼ା ମାଳୀ ଭଳି ଦେଉଥିବା ଆଦର ତଥା କୋମଳ ଯତ୍ନରେ ସେମାନେ ବଢ଼ିଥା'ନ୍ତି ।''

ବୁଢ଼ୀର କଥା ସରିବା ବେଳକୁ ଆମ ଆଖିରୁ ଧାର ଧାର ଲୁହ ବହିବାରେ ଲାଗିଥାଏ । ବହୁ କଷ୍ଟରେ ଆମେମାନେ ଧୈର୍ଯ୍ୟ ଧରି ନିଜକୁ ସମ୍ଭାଳି ନେଲୁଁ । ବୁଢ଼ୀ ମଧ୍ୟ ଆଖିରୁ ଲୁହ ପୋଛିଲା । କାରଣ କେବଳ ଜଣେ ଦରଦୀ ବନ୍ଧୁଙ୍କୁ ହରାଇ ଆମେ ବ୍ୟଥିତ ହୋଇ ନଥିଲୁ । ଅପାର ସୌନ୍ଦର୍ଯ୍ୟଭରା ସେଭଳି ବଗିଚାଟିଏ ଆଉ କେବେ ଦେଖିବାକୁ ମିଳିବ ନାହିଁ, ତାହା ଥିଲା ଅତ୍ୟନ୍ତ ଦୁଃଖଦାୟକ ।

ମୋ ଭାଇ କହି ଉଠିଲା, ''ବଡ଼ ହେଲେ ମୁଁ ଜଣେ ମାଳୀ ହେବି ଏବଂ ସେହି ବୁଢ଼ା ଭଳି ଗୋଲାପ ଉପୁଜାଇବି ।'' ବୁଢ଼ୀ କହିଲା, ''ଭଲ କଥାଟିଏ କହିଲୁ ପୁଅ ! ମୁଁ ତୋର ସଫଳତା କାମନା କରୁଛି । ମୁଁ ଯଦି ବଞ୍ଚିଥାଏଁ ତେବେ ନିଶ୍ଚୟ ଆସି ଫୁଲଗୁଡ଼ିକୁ ଦେଖିଯିବି ।'' ତା'ପରେ 'ଭାଗ୍ୟଶାଳୀ କୁଡ଼ିଆ' (ହାପି କଟେଜ୍) ଭାବେ ବିଦିତ ସେହି ବଗିଚାରୁ ଆମେ ବିଦାୟ ନେଲୁ ଏବଂ ପରବର୍ତ୍ତୀ ଛୁଟିରେ ପୁଣି ସେଠାକୁ ଆସିବାକୁ ଶପଥ କଲୁ ।

ସେହି ଦିନଠାରୁ ଆମ୍ଭେମାନେ କେବେ ବି 'ପରୀ କନ୍ଦର' ଆଡ଼କୁ ଯାଇ ନାହୁଁ । ବରଂ ଅନେକ ସମୟରେ 'ଭାଗ୍ୟଶାଳୀ କୁଡ଼ିଆ'କୁ ଆସି ସୁନ୍ଦର ଉଡ଼ନ୍ତା ପ୍ରଜାପତିଗୁଡ଼ିକୁ ଧରିବା ପାଇଁ ସେମାନଙ୍କ ପଛରେ ଗୋଡାଇ ଥାଉଁ । ପ୍ରଜାପତିଗୁଡ଼ିକ ପରୀ ବୋଲି ମିଛ ମିଛିକା ବିଶ୍ୱାସ କରିଥାଉ । ଯଦିଓ ବୁଢ଼ୀ ବରାବର କହିଥାଏ ପରୀଟିଏ ବଗିଚା ଭିତରେ କେଉଁଠି ରହିଛି, ଆମେ କେବେ ବି ସତ ପରୀଟିଏ ଦେଖି ନାହୁଁ ।

ଯେବେ ବି ଆମେ ସେହି ଉପତ୍ୟକାକୁ ବୁଲିଯାଉ ଆମର ପରମ ବନ୍ଧୁ ବୁଢ଼ା ମାଳୀକୁ ଦେଖିବାକୁ ଆଶା କରିଥାଉଁ । କିନ୍ତୁ ସେ କେବେ ହେଲେ ତାହାର ସେହି ପୁରୁଣା ସ୍ଥାନକୁ ଫେରି ନାହିଁ । ଗୋଲାପ କିପରି ଉପୁଜାଯାଏ ଏବଂ ତାକୁ କିପରି ଆଦର ଯତ୍ନ କରାଯାଏ, ତାହା କେବଳ ସେହି ଲୋକଟି ଜାଣିଥିଲା । ତାହାର ସ୍ମୃତି ଆମ ହୃଦୟରେ ସବୁ ଦିନ ପାଇଁ ସାଇତା ହୋଇ ରହିବ ।

(The Tales of India - I ପୁସ୍ତକରୁ)

ଅନୁବାଦ : ସନାତନ ମହାନ୍ତି

❑❑❑

ସଭିଙ୍କ ପାଇଁ ଶୁଭେଚ୍ଛା ଓ ସଭିଙ୍କଠାରୁ ଶୁଭେଚ୍ଛା ହେଉଛି ଶାନ୍ତି ଓ ସଙ୍ଗତିର ଭିତ୍ତି ।

– ଶ୍ରୀମା

ପାପର ଜନ୍ମଦାତା

ଏକ ତରୁଣ ବିଦ୍ୟାର୍ଥୀ କାଶୀରୁ ବିଦ୍ୟାଶିକ୍ଷା ସମାପ୍ତ କରି ଘରକୁ ଫେରି ଆସିଥାଏ । ତା'ର ପିତା ଖୁବ୍ ଆନନ୍ଦ ଓ ଆଗ୍ରହ ସହ ତାକୁ ସ୍ୱାଗତ କଲେ । ପ୍ରାରମ୍ଭିକ ଅଭିଭାଷଣ ପରେ ତରୁଣ ପୁତ୍ର କହିଲା, ''ପିତା, ମୁଁ ସମସ୍ତ ବିଦ୍ୟା ଆୟତ୍ତ କରି ଗୁରୁ ଗୃହରୁ ପ୍ରତ୍ୟାବର୍ତ୍ତନ କରିଛି । ଏବେ ଆପଣ ମୋର ଜ୍ଞାନ ପରୀକ୍ଷା କରିପାରନ୍ତି ।'' ସ୍ମିତହାସ୍ୟ ସହ ପିତା ପ୍ରଶ୍ନ କଲେ, ''କହି ପାରିବୁ ପାପର ଜନ୍ମଦାତା କିଏ ?'' ତରୁଣଟି ନିରବୀ ଗଲା, ଏକାଗ୍ର ହୃଦୟରେ ପ୍ରଶ୍ନଟିର ଉତ୍ତର ଖୋଜିବାରେ ଲାଗିଗଲା । ବାସ୍ତବିକ, ଏ ସମ୍ପର୍କରେ ତା' ପାଠ୍ୟପୁସ୍ତକରେ କେଉଁଠି କିଛି ଲିପିବଦ୍ଧ ହୋଇ ନାହିଁ । ଗୁରୁଦେବ ମଧ୍ୟ କେବେ ଏହି ବିଷୟରେ ଆଲୋଚନା କରି ନାହାନ୍ତି । ଏବେ ସେ ଉତ୍ତର ପାଇବ କେଉଁଠୁ ?

ପୁତ୍ରର ଅସହାୟତାକୁ ଲକ୍ଷ୍ୟ କରି ପିତା କହିଲେ, ''ଯଦି ଏହି ପ୍ରଶ୍ନର ଉତ୍ତର ତୋ ପାଖରେ ନାହିଁ ତେବେ ତୋତେ ଶ୍ରମ କରି ଏହାର ଉତ୍ତର ସଂଧାନ କରିବାକୁ ପଡ଼ିବ । ଯେବେ ତୁ ହୃଦ୍‌ବୋଧ ହେଲା ଭଳି ଉତ୍ତରଟିଏ ପାଇବୁ ସେତେବେଳେ ଘରକୁ ବାହୁଡ଼ି ଆସିବୁ । ଏବେ ତୁ ଯିବା ପାଇଁ ପ୍ରସ୍ତୁତ ହୋଇ ଯା' ।''

ତରୁଣଟି ପିତାଙ୍କ ନିର୍ଦ୍ଦେଶ ଅକ୍ଷରେ ଅକ୍ଷରେ ପାଳନ କଲା । ସାଥୀରେ ଅଳ୍ପ କିଛି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଧରି ତତ୍‌କ୍ଷଣାତ୍ ଉତ୍ତରର ସଂଧାନରେ ଯାତ୍ରାରମ୍ଭ କରିଦେଲା । ନଗର ପରେ ନଗର, ଜନପଦ ପରେ ଜନପଦ ଅତିକ୍ରମ କରି ପଦବ୍ରଜରେ ଭ୍ରମଣ କରୁଥିଲା ସେ । ଭ୍ରମଣ ସମୟରେ ଯେଉଁ ନଗରବାସୀ ଅଥବା ପଥପ୍ରାନ୍ତର ପଥିକ ତାକୁ ବିଜ୍ଞ ବୋଲି ପ୍ରତୀୟମାନ ହେଉଥିଲେ, ବିନା ସଂକୋଚରେ ସେ ପ୍ରଶ୍ନଟିର ଉତ୍ତର ପାଇବା ଆଶାରେ ତାଙ୍କୁ ଜିଜ୍ଞାସା କରୁଥିଲା, ''ଆପଣ ଜାଣନ୍ତି କି ପାପର ଜନ୍ମଦାତା କିଏ ?'' କିନ୍ତୁ ସମସ୍ତଙ୍କଠାରୁ କେବଳ ନାସ୍ତିସୂଚକ ଉତ୍ତର ବିନା ଅଧିକ କିଛି ସେ ପାଇ ନଥିଲା । ନିରାଶ ହୃଦୟରେ ସେ ଆଗକୁ ପାଦ ବଢ଼ାଉ ଥିଲା ।

କ୍ଲାନ୍ତ, ଶ୍ରାନ୍ତ ତରୁଣ ଜଣକ ଚାଲୁ ଚାଲୁ ହଠାତ୍ ଏକ ସୁଦୃଶ୍ୟ ଗୃହ ତା'ର ଦୃଷ୍ଟିଗୋଚର ହେଲା - ନଗର ଉପାନ୍ତରେ ଜନବସତିଠାରୁ ଅନତି ଦୂରରେ ଏକ ଆକର୍ଷଣୀୟ ପରିବେଶରେ ଗୃହଟି ଅବସ୍ଥିତ । ଗୃହର ପ୍ରବେଶ ଦ୍ୱାର ନିକଟବର୍ତ୍ତୀ ଅଞ୍ଚଳରେ ହୃଦୟକୁ ମୋହି ନେଲା ଭଳି ତୁଳସୀ ଚଉରାଟିଏ, ଅଦୂରରେ ହୃଷ୍ଟପୁଷ୍ଟ ଗାଈଟିଏ ବନ୍ଧା ହୋଇଛି । ମନେ ହେଲା ଗୃହସ୍ଥ ଜଣକ ରୁଚିସମ୍ପନ୍ନ, ଧାର୍ମିକ ବ୍ୟକ୍ତି ଜଣେ ହୋଇଥିବେ । ଇତିମଧ୍ୟରେ ତରୁଣଟି ମଧ୍ୟ ତୃଷାର୍ତ୍ତ ଥିଲା ଓ ଦୀର୍ଘ ପଥ ଚାଲିବା ପରେ କ୍ଷୁଧା ମଧ୍ୟ ଅନୁଭବ କରୁଥିଲା । ଏହି ସମ୍ଭ୍ରାନ୍ତ ପରିବାରଠାରୁ ହୁଏତ କିଛି ସାହାଯ୍ୟ ପାଇ ପାରିବ ଏହି ଭରସାରେ ସେ ଦ୍ୱାରରେ କରାଘାତ କଲା ।

ଗୃହର ଦ୍ୱାର ଖୋଲି ଜଣେ ମଧ୍ୟବୟସ୍କା ସୁନ୍ଦରୀ ଭଦ୍ରମହିଳା ବାହାରି ଆସିଲେ । ତରୁଣଟିକୁ ଦେଖୁ ଦେଖୁ ସେ ବୁଝିଗଲେ ତରୁଣଟି କ୍ଲାନ୍ତ ଓ କିଛି ସାହାଯ୍ୟ ଚାହୁଁଛି । ସେ ତୃଷିତ ଜାଣି ତତ୍‌କ୍ଷଣାତ୍ ଗୃହ ଭିତରକୁ ଯାଇ ପରିଷ୍କୃତ ପାତ୍ରରେ କିଛି ସୁବାସିତ ଜଳ ଆଣି ତରୁଣଟିକୁ ଅର୍ପଣ କଲେ । ସାମାନ୍ୟ ସାଷ୍ଟାଙ୍ଗ ହେଲା ପରେ ତରୁଣଟି କୃତଜ୍ଞତାପୂର୍ଣ୍ଣ ହୃଦୟରେ ମହିଳାଙ୍କର ପରିଚୟ ଜିଜ୍ଞାସା କଲା । ତା'ର ଧାରଣା ଥିଲା ଇଏ ନିଶ୍ଚୟ ଜଣେ ଉନ୍ନତମାନର ଧର୍ମପରାୟଣା ନାରୀ ହୋଇଥିବେ । ମାତ୍ର ତାକୁ ଚକିତ କରି ମହିଳା ଜଣକ ଶାନ୍ତଭାବରେ କହି ଉଠିଲେ, ସେ ବୈଷ୍ଣବ ନୁହଁନ୍ତି, ଏ ନଗରର ଜଣେ ଗଣିକା, ସେଥିପାଇଁ ନଗରପ୍ରାନ୍ତରେ ତାଙ୍କର ବାସଗୃହ ।

ତରୁଣ ଜଣକ ତତ୍‌କ୍ଷଣାତ୍ ବିଚଳିତ ହୋଇଉଠିଲା । ମହିଳା ଜଣକ ଏକଥା ତାକୁ ପୂର୍ବରୁ ଜଣାଇ ଦେବାର ଥିଲା । ସମସ୍ୟା ତା'ର ବଢ଼ିବାରେ ଲାଗିଛି । ସେ ବିରକ୍ତିଭରା କଣ୍ଠରେ କହିବାକୁ ଲାଗିଲା, ଏବେ ତାକୁ ଶରୀର ଶୁଦ୍ଧି ପାଇଁ ଗଙ୍ଗାରେ ସ୍ନାନ ଓ ବସ୍ତ୍ର ପ୍ରକ୍ଷାଳନ କରିବାକୁ ପଡ଼ିବ । ସହଜେ ତ ତା'ର ପ୍ରଶ୍ନର ଉତ୍ତରଟି ଏଯାଏଁ ସେ ପାଇ ନାହିଁ । ତା' ଉପରେ ପୁଣି ଏପରି ଏକ ଅବାଞ୍ଛିତ ଘଟଣା ଘଟିଲାଣି ।

ମହିଳା ଜଣକ ସେ କେଉଁ ପ୍ରଶ୍ନର ଉତ୍ତର ସଂଧାନରେ ବାହାରିଛନ୍ତି ବୋଲି ଖୁବ୍ ଶାନ୍ତ ଓ ନମ୍ର ଭାବରେ ପଚାରି ବସିଲେ । ତରୁଣଟି କହି ଉଠିଲା ପ୍ରଶ୍ନଟି ହେଉଛି, ''ପାପର ଜନ୍ମଦାତା କିଏ ?'' ମହିଳା ଜଣକ ମନେ ମନେ ଭାବିଲେ ଏହି ପ୍ରଶ୍ନର ଉତ୍ତର ପାଇଁ ତରୁଣଟିକୁ ଆଉ ବେଶୀ ଦୂରକୁ ଯିବାର ପ୍ରୟୋଜନ ହେବ ନାହିଁ ।

ନିଜର ଭାବନାକୁ ଗୋପନ ରଖି ମହିଳା ଜଣକ

କହିଲେ, ''ବିପ୍ର ମହାଶୟ ! ଏମିତି ତ ଜଳପାନ ପରେ ଆପଣଙ୍କର କାୟା ଅପବିତ୍ର ହୋଇଛି । ମୁଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ସାରିଛି । ଆପଣ କ୍ଷୁଧାର୍ତ୍ତ । ମୋର ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରି ମୋତେ ଧନ୍ୟ କରନ୍ତୁ । ଖାଦ୍ୟ ଗ୍ରହଣ ପରେ ଆପଣ କାୟା ଶୁଦ୍ଧି କରି ପାରିବେ । ଯାହା ବି ହେଉ ମୋ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କଲେ ଦକ୍ଷିଣା ସ୍ୱରୂପ ମୁଁ ଆପଣଙ୍କୁ ପାଞ୍ଚଟି ସ୍ୱର୍ଣ୍ଣ ମୁଦ୍ରା ଦେବାକୁ ପ୍ରସ୍ତୁତ ଅଛି ।''

ତରୁଣଟି ଚିନ୍ତା କରିବାକୁ ଲାଗିଲା, ଏମିତିରେ ତ' କାୟା ତା'ର ଅପବିତ୍ର ହୋଇଛି । ଖାଦ୍ୟ ଗ୍ରହଣ ପରେ ଏକାଥରେ ସ୍ନାନ କରିବାରେ ଅସୁବିଧା କେଉଁଠି ! କେତେ ଦିନ ଉତ୍ତର ଅପେକ୍ଷାରେ ବୁଲିବାକୁ ପଡ଼ିବ କିଏ ଜାଣେ ? ଅତି କମ୍‌ରେ ସ୍ୱର୍ଣ୍ଣମୁଦ୍ରାଗୁଡ଼ିକ ପାଖରେ ଥିଲେ କିଛିଟା ସହାୟତା ମିଳିବ ତ !

ସେ ତୁରନ୍ତ ଖାଦ୍ୟ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହୋଇଗଲା । ମହିଳା ଜଣକ ଖୁବ୍ ଯତ୍ନରେ ସୁସ୍ୱାଦୁ ବ୍ୟଞ୍ଜନମାନ ପରଷି ଦେଲେ । ଦକ୍ଷିଣା ମଧ୍ୟ ପାଖରେ ରଖିଲେ । ତରୁଣଟି ଖାଦ୍ୟ ଗ୍ରହଣ କରିବାକୁ ଆରମ୍ଭ କରିବା ମାତ୍ରେ ସେ ଖୁବ୍ ଆବେଗର ସହ କହି ଉଠିଲେ, ''ମହାଶୟ, ଆପଣ ତରୁଣ ବ୍ରହ୍ମଚାରୀ । ଏହି ବୟସରୁ ଅନେକ ବିଦ୍ୟା ଆୟତ୍ତ କରିଛନ୍ତି । ହୃଦୟ କହୁଛି ନିଜ ହାତରେ ଆପଣଙ୍କୁ ଖୁଆଇ ଦେଇ ପାରିଲେ ମୋର ପାପ ପ୍ରକ୍ଷାଳନ ହେବା ସହ ଅନେକ ପୁଣ୍ୟ ମଧ୍ୟ ହେବ । ସେଥିପାଇଁ ମୁଁ ଅଧିକ ପାଞ୍ଚଟି ସ୍ୱର୍ଣ୍ଣ ମୁଦ୍ରା ଦକ୍ଷିଣା ସ୍ୱରୂପ ଦେବାକୁ ପ୍ରସ୍ତୁତ ଅଛି ।''

ମହିଳାଙ୍କର ଆତ୍ମୀୟତାଭରା ଉକ୍ତିରେ ତରୁଣ ବ୍ରାହ୍ମଣ ଜଣକ ଆପ୍ୟାୟିତ ହେବା ସହ ଅଧିକ ସ୍ୱର୍ଣ୍ଣ ମୁଦ୍ରା ପ୍ରାପ୍ତିର ଲୋଭ ମଧ୍ୟ ତାକୁ ଗ୍ରାସ କରି ସାରିଥିଲା । ସେ ଖୁବ୍ ସହଜରେ ମହିଳା ଜଣକଙ୍କର ଅନୁରୋଧ ରକ୍ଷା କରିବାକୁ ସ୍ୱୀକୃତି ପ୍ରଦାନ କରିଦେଲା । ଅଳ୍ପ ସମୟ ଅନ୍ତରରେ ତା'ର ଭୋଜନ ସମାପ୍ତ ହେଲା । ତା' ସହ ସ୍ୱର୍ଣ୍ଣମୁଦ୍ରା ମଧ୍ୟ ପ୍ରାପ୍ତ ହେଲା ।

ତରୁଣ ବ୍ରାହ୍ମଣ ଯିବାକୁ ଉଦ୍ୟତ ହେବା ସମୟରେ ମହିଳା ଜଣକ ଖୁବ୍ ଶାନ୍ତ ତଥା ଗମ୍ଭୀର ସ୍ୱରରେ କହିଲେ, ''ବ୍ରାହ୍ମଣ ମହାଶୟ, ଆଶା ଆପଣ ନିଜ ପ୍ରଶ୍ନର ଉତ୍ତର ନିଶ୍ଚୟ ପାଇ ସାରିଥିବେ । ଯଦି ବୁଝିପାରି ନାହାନ୍ତି, ତେବେ ଶୁଣନ୍ତୁ, 'ପାପର ଜନ୍ମଦାତା ହେଉଛି ଲୋଭ ।' ଏହି ଅଳ୍ପ ସମୟ ଭିତରେ ଆପଣ ଲୋଭର ବଶବର୍ତ୍ତୀ ହୋଇ ନିଜର ସ୍ୱାଭିମାନ, ଆଭିଜାତ୍ୟ ତଥା ସଂସ୍କାରକୁ ଜଳାଞ୍ଜଳି ଦେଲେ । ଖାଦ୍ୟ ସହ କିଛି ସ୍ୱର୍ଣ୍ଣମୁଦ୍ରାର ଲୋଭ ଆପଣଙ୍କୁ ଅନ୍ଧ ଓ ବିବେକ, ବିଚାର ଶୂନ୍ୟ କରିଦେଇ ଥିଲା । ପ୍ରାରମ୍ଭିକ ଅବସ୍ଥାରେ ନିଜର ଅଜାଣତରେ ସାମାନ୍ୟ ଜଳପାନ ଯେପରି ଆପଣଙ୍କୁ ବ୍ୟସ୍ତ, ବିବ୍ରତ କରି ତୋଳି ଥିଲା ପରବର୍ତ୍ତୀ ସମୟରେ ମୋ ହାତରୁ ଖାଦ୍ୟ ଗ୍ରହଣ କରିବାଟା ଆପଣଙ୍କୁ ସାମାନ୍ୟ ମାତ୍ର ବିଚଳିତ କରି ନାହିଁ । ଏହାର ମୁଖ୍ୟ କାରଣ ହେଉଛି ସ୍ୱର୍ଣ୍ଣ ମୁଦ୍ରାର ଲୋଭ ।''

ତରୁଣ ବ୍ରହ୍ମଚାରୀ ଜଣକ ଲଜ୍ଜାରେ ମଥାବନତ କଲା । ଅବଶ୍ୟ ନିଜର ବହୁ ଇପ୍ସିତ ପ୍ରଶ୍ନର ଉତ୍ତର ପାଇ ହୃଦୟର ଭାର ତା'ର ହାଲୁକା ହୋଇ ଯାଇଥିଲା । ଏବେ ସେ ନିଜ ଗୃହକୁ ନିର୍ଦ୍ୱନ୍ଦ୍ୱରେ ଫେରିଯାଇ ପାରିବ । ଅବଶ୍ୟ ଅଭ୍ୟାସ କରିବ ପାପକୁ ଡାକି ଆଣୁଥିବା ଲୋଭଠାରୁ ଦୂରେଇ ରହିବାକୁ । ଭଦ୍ରମହିଳା ଜଣଙ୍କୁ କୃତଜ୍ଞତାପୂର୍ଣ୍ଣ ହୃଦୟରେ ଅଭିବାଦନ ଜଣାଇ ସେ ଆଗକୁ ପାଦ ବଢ଼ାଇଲା ।

(ସଂଗୃହୀତ) ❑

ବିବେକ-ବୈରାଗ୍ୟ ଲାଭ କରି ସଂସାର କରିବାକୁ ହୁଏ । ସଂସାର-ସମୁଦ୍ରରେ କାମ, କ୍ରୋଧାଦି କୁମ୍ଭୀର ଅଛନ୍ତି । ଦେହରେ ହଳଦି ଲଗାଇ ପାଣିକୁ ଗଲେ କୁମ୍ଭୀରର ଭୟ ରହେ ନାହିଁ । ବିବେକ, ବୈରାଗ୍ୟ ହଳଦି । ସତ୍-ବିଚାରର ନାମ ବିବେକ । ଈଶ୍ୱର ସତ୍, ନିତ୍ୟବସ୍ତୁ; ଆଉ ସବୁ ଅସତ୍, ଅନିତ୍ୟ, ଦୁଇଦିନ ପାଇଁ — ଏହି ବୋଧ । ଆଉ ଈଶ୍ୱରଙ୍କ ଉପରେ ଅନୁରାଗ — ଭଲପାଇବା । ବ୍ୟାକୁଳତା ହେଲେ ହିଁ ତାଙ୍କୁ ଲାଭ କରାଯାଏ ।

(ଶ୍ରୀରାମକୃଷ୍ଣ କଥାମୃତ)

ଚେତନାର ଦିଗ୍‌ବଳୟ :

ଉପଯୋଗ ଅପେକ୍ଷାରେ ସଙ୍ଗୀତର ଆଶୀର୍ବାଦ

୨୦୨୦ ମସିହା ଜାନୁଆରୀ ପ୍ରଥମ ସପ୍ତାହରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ କର୍ତ୍ତୃକ ପରିଚାଳିତ ଏକ ଦୀର୍ଘ ଗବେଷଣାର ଫଳ ପ୍ରକାଶ ପାଇଛି । ବିଷୟ ହେଲା ମଣିଷର ଆବେଗ ଉପରେ ସଂଗୀତର ପ୍ରଭାବ । ଅଢ଼େଇ ହଜାର ସଂଗୀତପ୍ରେମୀଙ୍କୁ ଏ ଗବେଷଣାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ସିଦ୍ଧାନ୍ତରେ କୁହାଯାଇଛି ଭିନ୍ନ ଭିନ୍ନ ଧରଣର ସଂଗୀତ ଶ୍ରୋତା ଭିତରେ ଆନନ୍ଦଠୁଁ ଆରମ୍ଭ କରି ଉତ୍କଣ୍ଠା ପର୍ଯ୍ୟନ୍ତ ତେର ପ୍ରକାର ଆବେଗ ଉଦ୍ରେକ କରିପାରେ ।

କିନ୍ତୁ ଆମକୁ ଏ ଗବେଷଣାଲବ୍ଧ ସିଦ୍ଧାନ୍ତରେ କୌଣସି ନୂତନତା ଥିବା ଭଳି ମନେ ହେବ ନାହିଁ । ଆଜି ବିଜ୍ଞାନ ସମ୍ମତ ଧାରାରେ ଅଗ୍ରସର ହୋଇ ଗବେଷକମାନେ ଯେଉଁ ମନସ୍ତାତ୍ତ୍ୱିକ ତଥ୍ୟ ପରିବେଷଣ କରୁଛନ୍ତି, ଭାରତରେ ସଂଗୀତ ଉପରେ ତାହା ତୁଳନାରେ ବହୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଗବେଷଣା ସୁଦୂର ଅତୀତରେ ସମ୍ଭବପର ହୋଇଛି । ତେବେ ଆଜି ଯେଉଁ ପଦ୍ଧତିକୁ ଆମେ ବୈଜ୍ଞାନିକ ଧାରା ବୋଲି ବିଚାର କରୁଁ, ଭାରତୀୟ ଚେତନା ଯେ ସେଭଳି ଧାରା ଅନୁସରଣ କରି ନାହିଁ, ଏକଥା କହିବା ବାହୁଲ୍ୟ ।

ତେବେ କ'ଣ ଥିଲା ଭାରତୀୟ ଗବେଷଣାର ଧାରା ?

ଏକଦା ଏ ଲେଖକ ଆମେରିକା ଯାଇଥିବା ବେଳେ NASA ପ୍ରତିଷ୍ଠାନର ଜଣେ ବୈଜ୍ଞାନିକ ଏ ଲେଖକ ପାଖରେ ଗୋଟିଏ ବିଷୟରେ ବିସ୍ମୟ ଓ କୌତୂହଳ ପ୍ରକାଶ କରୁଥିଲେ । ନିମ୍ନ ପତ୍ର ବା ଛାଲିର ଯେଉଁସବୁ ହିତକାରୀ ଗୁଣ ଆଜି ବୈଜ୍ଞାନିକ ବୀକ୍ଷଣାଗାର (Laboratory)ରେ ନିରୂପିତ ହୋଇପାରୁଛି, ବହୁ ଶତାବ୍ଦୀ ତଳେ ଭାରତର ବୈଦ୍ୟମାନେ କିଭଳି ପଦ୍ଧତି ଅବଲମ୍ବନ କରି ସେସବୁ ଆବିଷ୍କାର କରି ପାରିଥିଲେ ? ଆୟୁର୍ବେଦ ଗ୍ରନ୍ଥମାନଙ୍କରେ ସେ ସମସ୍ତ ଗୁଣ ଲିପିବଦ୍ଧ, କିନ୍ତୁ ସେସବୁ କିପରି ନିରୂପିତ ହେଲା, ସେ ସୂତ୍ରର ସୂଚନା ନାହିଁ ।

ଏ ଲେଖକର ମନେ ହୁଏ, ସେ ସୂତ୍ର ସ୍ଥୂଳ ଭାଷାରେ ଲିପିବଦ୍ଧ କରି ହୋଇ ନଥା'ନ୍ତା । ଋଷି-ପ୍ରତିମ ବୈଦ୍ୟମାନେ ଧ୍ୟାନଯୋଗ ମାଧ୍ୟମରେ ଗୁଳ୍ମଲତା ସହ ଏକାତ୍ମ ହୋଇ ସେସବୁର ଗୁଣ ହୃଦୟଙ୍ଗମ କରୁଥିଲେ । ଆଜି ମଧ୍ୟ ଏହା ସମ୍ଭବପର ବୋଲି ଶ୍ରୀମା'ଙ୍କ ''ଧ୍ୟାନ ଓ ପ୍ରାର୍ଥନା'' ନାମକ ଦୈନନ୍ଦିନ ବିବରଣୀରେ ଲିପିବଦ୍ଧ ଦିନକର ଅଭିଜ୍ଞତାରୁ ବୁଝି ହୁଏ । ଅବଶ୍ୟ ମା'ଙ୍କ ଚେତନାକୁ ସେ ଅଭିଜ୍ଞତା ଆପଣାଛାଏଁ ଆସିଥିଲା । ମା ସେତେବେଳେ ଥିଲେ ଜାପାନରେ । ୧୯୧୭ ମସିହା ୭ ତାରିଖ ଏପ୍ରିଲରେ ସେ ତାଙ୍କ ଡାଏରିରେ ଲେଖିଛନ୍ତି କି ଏକାଗ୍ର ଧ୍ୟାନସ୍ଥ ଅବସ୍ଥାରେ ସେ ଗୋଟିଏ ଚେରି ଫୁଲ ସହ ଏକାତ୍ମ ହୋଇଗଲେ ଏବଂ ପରେ ପରେ ଯାବତୀୟ ଚେରିଫୁଲ ସହ ଏବଂ କ୍ରମେ ଚେରି ବୃକ୍ଷଟି ସହ ଏକାଗ୍ର ହୋଇ ତା'ର ପୁଷ୍ପଭରା ଊର୍ଦ୍ଧ୍ୱାୟିତ ଶାଖାପ୍ରଶାଖା ମାଧ୍ୟମରେ ସ୍ୱୟଂ ବନିଗଲେ ଅସୀମଙ୍କ ଉଦ୍ଦେଶ୍ୟରେ ଏକ ଅର୍ଘ୍ୟ । ଚେରି ବୃକ୍ଷ ତାଙ୍କୁ କାନେ କାନେ କହିଦେଲା, ''ବସନ୍ତକାଳୀନ ଅସୁସ୍ଥତାସବୁର ପ୍ରତିକାର ଚେରି ପୁଷ୍ପରେହିଁ ଥାଏ ନିହିତ ।''

ଏହି ଧାରାରେ, ସଂଗୀତର ଉତ୍ସ ସହିତ ଏକାତ୍ମ ହୋଇ ଭାରତୀୟ ଶାସ୍ତ୍ରୀୟ ସଂଗୀତର ଆଦି ଉଦ୍‌ଗାତାବୃନ୍ଦ ରାଗ ରାଗିଣୀମାନ ଆହରଣ କରିଥିଲେ । ବୁଦ୍ଧି ବା ଜ୍ଞାନ ଦ୍ୱାରା ସଂଗୀତ ସୃଜନ ସମ୍ଭବପର ନୁହେଁ । ମୌଳିକ ଛଅଗୋଟି ରାଗ ଉପଯୁକ୍ତ ଆଧାର ଭିତରକୁ ଦିନେ ଅବତରଣ କରିଥିଲା । ପରେ ଧ୍ୟାନାବିଷ୍ଟ ବା ଭାବାବିଷ୍ଟ ସଂଗୀତସ୍ରଷ୍ଟାମାନେ ସେହି ଛଅଗୋଟିକୁ ଭିତ୍ତି କରି ଆହୁରି କେତେ ରାଗ ସୃଜନ କରିଛନ୍ତି । ବାସ୍ତବରେ ସେସବୁ ସୃଜନ ନୁହେଁ, ସୂକ୍ଷ୍ମ ଲୋକରୁ ଆହରଣ । ଗତ ଶତାବ୍ଦୀର ଷଷ୍ଠ ଦଶକରେ ଓଡ଼ିଶାର ଜଣେ ପ୍ରତିଭାବାନ୍ ସଂଗୀତ ବିଶାରଦ ଏବଂ ବେହେଲା ଶିଳ୍ପୀ ଶ୍ରୀ ଭୁବନେଶ୍ୱର ମିଶ୍ର ଆଶ୍ରମ ଆସୁଥା'ନ୍ତି । ଏ ଲେଖକ ତା' ଛାତ୍ର ଜୀବନରୁ ତାଙ୍କ ସହ ସୁପରିଚିତ ଥିଲା । ଆଶ୍ରମରେ ଥରେ ସେ ଏକାକୀ ଭାବାବିଷ୍ଟ ଅବସ୍ଥାରେ ଥିବା ବେଳେ ଅନୁଭବ କଲେ ଯେ ତାଙ୍କ ଭିତରକୁ ଏକ ଅଭିନବ ରାଗର ପ୍ରେରଣା ଆସୁଛି । ବେହେଲାରେ ଭୁବନେଶ୍ୱର ବାବୁ ସେ ପ୍ରେରଣାରେ ଅଭିବ୍ୟକ୍ତି ରଚନା କଲେ । ତାହା ରେକର୍ଡ଼ କରାଗଲା ଏବଂ ଶ୍ରୀମା ତାହା ଶ୍ରବଣ କଲେ ଏବଂ କହିଲେ, ନବରଚିତ ସୁରଲହରୀରେ ସେ ଅନୁଭବ କରିପାରୁଛନ୍ତି ଅଭୀପ୍ସାର ସ୍ପନ୍ଦନ । ଅତଏବ ସେ ରାଗର ନାମ ହେଲା ''ରାଗ ଅଭୀପ୍ସା'' ।

ଭୁବନେଶ୍ୱର ବାବୁଙ୍କ ଦ୍ୱାରା ନବାବିଷ୍କୃତ ସେ ଐଶ୍ୱର୍ଯ୍ୟର ସ୍ଥାୟିତ୍ୱ ଦିଗରେ ବୋଧହୁଏ କୌଣସି ବ୍ୟବସ୍ଥା ହୋଇପାରି ନାହିଁ । ତେବେ ଏଥିରୁ ଏତିକି ଜଣାଯାଏ, ଶାସ୍ତ୍ରୀୟ ସଂଗୀତର ଉତ୍ସ ଅକ୍ଷୟ ।

କୈଳାସ ଶିଖରବାସୀ ସ୍ୱୟଂ ଶିବହିଁ ସଂଗୀତ ତଥା ନୃତ୍ୟର ଉତ୍ସ ଓ ପ୍ରବର୍ତ୍ତକ, ଏହି ପ୍ରାଚୀନ ବିଶ୍ୱାସର ଅର୍ଥ ହେଲା, ମୌଳିକ ସଂଗୀତର ସୃଜନ କ୍ଷେତ୍ର ଏ ସ୍ଥୂଳ ପୃଥିବୀ ନୁହେଁ – ଏକ ସ୍ୱର୍ଗୀୟ ଅତିଭୌତିକ ସ୍ତରରୁ ଏହାର ପ୍ରେରଣା ଅବତରଣ କରିଆସେ । ଶିବଙ୍କ ହସ୍ତେ ଡମ୍ବରୁ, ଦେବୀ ସରସ୍ୱତୀଙ୍କ ହସ୍ତେ ବୀଣା, ପୁଣି ସ୍ୱର୍ଗ ଏବଂ ମର୍ତ୍ତ୍ୟ ମଧ୍ୟରେ ଯାତାୟତରତ ନାରଦଙ୍କ ହସ୍ତେ ବୀଣା, ତତ୍ପରେ ମାନବରୂପୀ ବିଷ୍ଣୁ କୃଷ୍ଣଙ୍କ ବଂଶୀ-ବାଦନ – ଏସବୁ କିଂବଦନ୍ତୀ ଭିତରେ ସଂଗୀତର ଐଶୀ ମହନୀୟତାହିଁ ପ୍ରକଟିତ ।

ସଂଗୀତ ପ୍ରତି ଭଗବାନଙ୍କର ଆକର୍ଷଣ ବିପୁଳ । ଦିନକର ପ୍ରଭାତରେ ପୂଜକମାନେ ଦେଖିଲେ, ଶ୍ରୀଜଗନ୍ନାଥଙ୍କ ତନୁରେ ଏକଜାତୀୟ ଫୁଲଗଛରେ ଥିବା ଗୁଡ଼ାଏ ସୂକ୍ଷ୍ମ କଣ୍ଟା ଲାଗି ରହିଛି । ଅନୁସନ୍ଧାନରୁ ଜଣାଗଲା, ପୂର୍ବଦିନ ସନ୍ଧ୍ୟାରେ ଜଣେ ଭକ୍ତ 'ଗୀତ ଗୋବିନ୍ଦ' ବୋଲି ଶ୍ରୀମନ୍ଦିର ସଂଲଗ୍ନ ଉଦ୍ୟାନରେ ବିଚରଣ କରୁଥିଲେ । ତାଙ୍କୁ ଅଦୃଶ୍ୟ ଭାବରେ ଅନୁସରଣ କରୁଥିଲେ ମୁଗ୍ଧ ଶ୍ରୋତା ଶ୍ରୀଜଗନ୍ନାଥ !

ପୁଣି ବସ୍ତୁ ଉପରେ ସଂଗୀତର ପ୍ରଭାବ ମଧ୍ୟ ସୂଚିତ କରେ ଏକାଧିକ ସୁପ୍ରାଚୀନ କିଂବଦନ୍ତୀ । ତାମିଲନାଡୁର ତାଞ୍ଜାଭୁର ଜିଲ୍ଲାରେ ଅବସ୍ଥିତ ବେଦାରଣ୍ୟମ୍ ମନ୍ଦିରର ଦ୍ୱାର କୌଣସି ବିଶେଷ କାରଣରୁ ଦୀର୍ଘ କାଳ ମୋଟେ ଖୋଲୁ ନଥିଲା । ଭକ୍ତମାନେ ହତାଶ । ଅବଶେଷରେ ସନ୍ଥ ଅପ୍ପାର୍ ଏଡ଼େ ବ୍ୟାକୁଳ ଆବେଗ ସହକାରେ ସଂଗୀତ ଯୋଗେ ତାଙ୍କ ପ୍ରାର୍ଥନା ଜଣାଇଲେ ଯେ ହଠାତ୍ ଉନ୍ମୁକ୍ତ ହେଲା ଦ୍ୱାର ଏବଂ ଦିଅଁ ହେଲେ ପ୍ରତିଭାତ ।

ଆକ୍ଷରିକ ଅର୍ଥରେ ଏମିତି ଘଟଣା ଘଟିଥାଉ ବା ନଥାଉ, ଏସବୁର ଅନ୍ତର୍ନିହିତ ତାତ୍ପର୍ଯ୍ୟହିଁ ଗୁରୁତ୍ୱପୂର୍ଣ୍ଣ । ପ୍ରକୃତି ସହ ସଂଗୀତର ସମ୍ପର୍କ ତ ସଭିଙ୍କୁ ବିଦିତ ବୋଲି ଆଶା କରା ଯାଇପାରେ । ଦିବସର ବିଭିନ୍ନ ପ୍ରହର ସହିତ ବିଭିନ୍ନ ରାଗର ଅନ୍ତରଙ୍ଗତା ବିଦ୍ୟମାନ । ପୁଣି ପ୍ରକୃତିର ବିଭିନ୍ନ ଶକ୍ତି ସହ ସଂଗୀତର ରହସ୍ୟମୟ ଆଦାନପ୍ରଦାନ ଭାରତୀୟ ସଂଗୀତର ଅନନ୍ୟ ବିଶେଷତ୍ୱ । କିଂବଦନ୍ତୀ କହେ, ଜଣେ ମୃତ୍ୟୁ ପଥଗାମିନୀ ରାଜକୁମାରୀଙ୍କ ପ୍ରାଣରକ୍ଷା ନିମନ୍ତେ ମହାନ୍ ସଂଗୀତଜ୍ଞ ତାନ୍‌ସେନ୍ ଦୀପକ ରାଗ ବୋଲିଲେ । ରାଜକୁମାରୀଙ୍କ ଚେତା ଲେଉଟି ଆସିଲା, କିନ୍ତୁ ସେ ଆଗ୍ନେୟ ରାଗର ପ୍ରଭାବରେ ତାନ୍‌ସେନ୍ ଆପଣା ଭିତରେ ଅନୁଭବ କଲେ ପ୍ରବଳ ପ୍ରଦାହ । ତାନ୍‌ସେନ୍‌ଙ୍କର ପଞ୍ଚଶିଷ୍ୟା ତାନୀ ମେଘମହ୍ଲାର ବୋଲନ୍ତେ ଆକାଶବ୍ୟାପୀ ମେଘ ଘୋଟି ଆସିବା ସଙ୍ଗେ ସଙ୍ଗେ ତାନ୍‌ସେନ୍‌ଙ୍କ ହୃଦୟ ହେଲା ଶୀତଳ ।

ଇତିହାସରେ ଅବିକଳ ଏଭଳି ଘଟିଥାଉ ବା ନଥାଉ, ଏସବୁ ରାଗର ଏମନ୍ତ ସୂକ୍ଷ୍ମ ପ୍ରଭାବ କିନ୍ତୁ ଯେକୌଣସି ଦରଦୀ ଶ୍ରୋତା ଅନୁଭବ କରିପାରିବ ।

ଗତ ଅର୍ଦ୍ଧଶତାବ୍ଦୀ ଭିତରେ ଚିକିତ୍ସା କ୍ଷେତ୍ରରେ ସଂଗୀତର ଶୁଭଙ୍କର ଭୂମିକା ସମ୍ପର୍କରେ ବହୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶେଷଜ୍ଞ ଏବଂ ଗବେଷକମାନେ ସ୍ୱୀକାର କରୁଛନ୍ତି ଯେ ଶରୀରର ନିରାମୟତାରେ ସଂଗୀତ ଅଭାବନୀୟ ଅବଦାନ ଦେଇପାରେ, ଯଦି ଅସୁସ୍ଥର ମାନସିକ ଅବସ୍ଥା ପାଇଁ ଠିକ୍ କେଉଁ ରାଗ ବା ରାଗିଣୀ ଉପଯୁକ୍ତ, ସେକଥା ନିରୂପଣ କରା ଯାଇପାରେ । ନିରୂପଣ କରିବା ଦିଗରେ ମଧ୍ୟ ପ୍ରୟାସ ହେଉଛି । କିନ୍ତୁ ସାଧାରଣ ଭାବରେ ମଧ୍ୟ ଏହା ନିଶ୍ଚିତ ଯେ ଶାସ୍ତ୍ରୀୟ ସଂଗୀତ ତଥା ଉଚ୍ଚ ସ୍ୱରର ସୁଗମ ସଂଗୀତ ଏବଂ ନିଷ୍ଠା ଯୋଗେ ପରିବେଷିତ ଭକ୍ତି ସଂଗୀତ ଯେକୌଣସି ପରିବେଶର ଗୁଣଗତ ଉତ୍କର୍ଷ ସାଧନ କରିପାରେ ସେତିକି ନୁହେଁ, ବଦଳାଇ ଦେଇପାରେ ମଣିଷର ସ୍ୱଭାବ, ଚରିତ୍ର । ଡାଗର୍ ଭ୍ରାତୃଦ୍ୱୟ ସଙ୍ଗୀତଜ୍ଞ ଭାବରେ ପ୍ରଖ୍ୟାତ, ଶାସ୍ତ୍ରୀୟ ସଂଗୀତ ବିଶାରଦ ଓସ୍ତାଦ ନାସିର୍ ଜାହିରୁଦ୍ଦିନ୍ ଡାଗର୍ ଏବଂ ଓସ୍ତାଦ ନାସିର୍ ଫୈୟାଜୁଦ୍ଦିନ୍ ଡାଗର୍‌ଙ୍କ ସହ ଘଟଣାଚକ୍ରରେ ଏ ଲେଖକର ସୌହାର୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପିତ ହୋଇଥିଲା । ସେମାନେ ଏ ଲେଖକ ଆଗରେ ବର୍ଣ୍ଣନା କରିଥିଲେ ଏ ଘଟଣା : ଏକଦା ପ୍ୟାରିସର ପିଟର୍ ବ୍ରୁକ୍ ଥିଏଟର୍ ଗ୍ରୁପ୍ ଡାଗର ଭ୍ରାତୃଦ୍ୱୟଙ୍କ ନିମନ୍ତେ କେତୋଟି ଧାରାବାହିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଥା'ନ୍ତି । ପ୍ରଥମ ସନ୍ଧ୍ୟାରେ ସେମାନଙ୍କ ପରିଚୟ ପ୍ରଦାନ କଲେ ସେ ପ୍ରତିଷ୍ଠାନର ଜଣେ ସଙ୍ଗଠିକା ମିସେଲ୍ କୋଲିସନ୍ । ପ୍ରଥମ ଅଧିବେଶନ ପରେହିଁ ତା'ଙ୍କୁ ସଂଗୀତ ଶିକ୍ଷା ଦେବା ନିମନ୍ତେ ସେ ମହିଳା ଦୁଇ ଓସ୍ତାଦଙ୍କୁ ଅନୁରୋଧ କଲେ । ଭ୍ରାତୃଦ୍ୱୟ ବୁଝାଇଲେ ସେମାନଙ୍କର ଦିନ କେତୋଟି ରହଣି ଭିତରେ ସେ ବିଦ୍ୟା ପ୍ରଦାନ କରିବା ଅସମ୍ଭବ । କିନ୍ତୁ

ମହିଳା ତା'ଙ୍କ ଜିଗରରେ ଅଟଳ । ଦୈନିକ ଏକାଧିକ ଥର ତା'ଙ୍କୁ ଶିକ୍ଷାଦାନ କଲେ ଭ୍ରାତୃଦ୍ୱୟ । ଦିନ କେତୋଟି ଭିତରେ ଶିକ୍ଷାର୍ଥିନୀ ରାଗ ଭୈରବର ପ୍ରାଥମିକ ପର୍ଯ୍ୟାୟ ମାତ୍ର ଆୟତ୍ତ କଲେ । କିନ୍ତୁ ସେତିକିରେ, ଗୁରୁ-ବିଦାୟ ବେଳକୁ ସେ ଜଣାଇଲେ ବହୁ ଦିନରୁ ଥିବା ତାଙ୍କ ନିଦ୍ରାହୀନତା ଦୂର ହୋଇଛି; ସେ ମଦ୍ୟପାନ ତଥା ଧୂମପାନରୁ ନିବୃତ୍ତ ହୋଇ ପାରିଛନ୍ତି ! (ପ୍ରଶ୍ନ ଉଠିପାରେ, ଅନେକ ବିଖ୍ୟାତ ଗାୟକ ମଦ୍ୟାସକ୍ତ ହେବାର ଦେଖାଯାଏ କେମିତି ? ତାହା ସେମାନଙ୍କର ନିଜସ୍ୱ ଦୁର୍ଭାଗ୍ୟଜନକ ପସନ୍ଦ । ଶାସ୍ତ୍ରୀୟ ସଙ୍ଗୀତର ପ୍ରଭାବକୁ ତାହା ବେ-ପ୍ରମାଣ କରୁ ନାହିଁ ।)

ଆଜି ପୃଥିବୀର ଜଳବାୟୁ ଓ ପରିବେଶରେ ବିପୁଳ ପରିବର୍ତ୍ତନ ହେଲାଣି; ଋତୁଚକ୍ରରେ ଆଉ ସଂହତି ନାହିଁ । ପୁଣି ବାତାବରଣରେ ଅତ୍ୟଧିକ ହାଲୁକା ସଙ୍ଗୀତର ପ୍ରାଦୁର୍ଭାବ । ଏପରିକି ବହୁ ଭକ୍ତି ସଙ୍ଗୀତରେ ଭକ୍ତିର ଆଭାସ ମିଳେ ନାହିଁ, ସୁର, ସ୍ୱର ଏବଂ ଶୈଳୀର ନୈପୁଣ୍ୟ ସତ୍ତ୍ୱେ । କିନ୍ତୁ ଏଭଳି ଯାବତୀୟ ପରିବର୍ତ୍ତନ ସତ୍ତ୍ୱେ ରାଗ ରାଗିଣୀ ସମୂହର ପ୍ରଭାବ ବିଲୁପ୍ତ ହୋଇ ନାହିଁ । ପ୍ରଭାତରେ ନିଜ ନିଜ ଘରେ ଅଥବା ଛାତ୍ରାବାସମାନଙ୍କରେ କୋଡ଼ିଏ ମିନିଟ ବା ଅଧଘଣ୍ଟାଏ ପାଇଁ ଯଦି ରେକର୍ଡ଼ ଯୋଗେ ପ୍ରାତଃକାଳ ନିମନ୍ତେ ଉଦ୍ଦିଷ୍ଟ ରାଗ ଭୈରବ (କଣ୍ଠ ସଙ୍ଗୀତ ହେଉ ବା ଯନ୍ତ୍ର ସଙ୍ଗୀତ ହେଉ) ବାଦିତ ହୁଅନ୍ତା, ତେବେ ବାତାବରଣରେ ନିଶ୍ଚିତ ଭାବେ ପ୍ରଶାନ୍ତିର ସ୍ପନ୍ଦନ ଅନୁଭୂତ ହୁଅନ୍ତା । ଚେତନା ଓ ଚିନ୍ତା ଉପରେ ଯେତେ କ୍ଷୀଣ ମାତ୍ରାରେ ହେଲେ ମଧ୍ୟ ତା'ର ମଙ୍ଗଳମୟ ପ୍ରଭାବ ଅବଶ୍ୟ ଅନୁଭୂତ ହୁଅନ୍ତା – ହୁଏତ ଅବଚେତନରେ ତାହା ଅନୁରଣିତ ହୁଅନ୍ତା ଦିବସବ୍ୟାପୀ ।

– ମନୋଜ ଦାସ ❑

ଡାନିଏଲ୍ ଗୋଲମ୍ୟାନ୍ ତାଙ୍କର ପ୍ରସିଦ୍ଧ ପୁସ୍ତକ ''ଇମୋସନାଲ୍ ଇଣ୍ଟେଲିଜେନ୍ସ''ରେ ଜଣେ ଲଢୁଆ ସାମୁରାଇ ଏବଂ ଜଣେ ଜେନ୍ ଗୁରୁଙ୍କୁ ନେଇ ଏକ ସୁନ୍ଦର ପ୍ରସଙ୍ଗଟିଏ ଉପସ୍ଥାପନ କରିଛନ୍ତି ।

ସାମୁରାଇ ଜଣକ ଜେନ୍ ଗୁରୁଙ୍କୁ '**ସ୍ୱର୍ଗ ଏବଂ ନର୍କ**' ସମ୍ବନ୍ଧରେ ବୁଝାଇବା ପାଇଁ ଆହ୍ୱାନ କଲେ । ଜେନ୍ ଗୁରୁ ସାମୁରାଇଙ୍କୁ ହେୟ ଜ୍ଞାନ କରି ଉତ୍ତର ଦେଲେ, ''ତୁମେ ଜଣେ ମୂର୍ଖ ଅସଂସ୍କୃତ ଲୋକ, ତୁମ ଭଳିଆ ଲୋକଙ୍କ ପାଇଁ ମୁଁ କାହିଁକି ମୋ ସମୟ ବ୍ୟର୍ଥ କରିବି ?''

ସାମୁରାଇ ଅପମାନିତ ହୋଇ କ୍ରୋଧରେ ଖଣ୍ଡା ବାହାର କରି ଚିତ୍କାର କଲେ, ''ତୁମର ଏଇ ଧୃଷ୍ଟତା ପାଇଁ ମୁଁ ତୁମକୁ ହତ୍ୟା କରି ପାରେ ।''

ତତ୍‌କ୍ଷଣାତ୍ ଜେନ୍ ଗୁରୁ କହିଲେ, ''ଏହାହିଁ ହେଉଛି ନର୍କ ।''

ସାମୁରାଇ ଯେପରି କ୍ରୋଧବଶୀଭୂତ ହୋଇ ଜ୍ଞାନ ହରାଇ ବସିଲେ, ଜେନ୍ ଗୁରୁ ତାହାର ସଠିକ୍ ବିଶ୍ଳେଷଣ କଲେ ଏବଂ ସାମୁରାଇ ଜେନ୍ ଗୁରୁଙ୍କ ଦକ୍ଷତାରେ ବିସ୍ମିତ ହେଲେ । ସାମୁରାଇ ସଙ୍ଗେ ସଙ୍ଗେ ଶାନ୍ତ ହୋଇଗଲେ ଏବଂ ଖଣ୍ଡାକୁ ଖୋଳ ଭିତରକୁ ଫେରାଇ ନେଲେ । ମୁଣ୍ଡ ନୁଆଁଇ ଜେନ୍ ଗୁରୁଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଲେ । ସଙ୍ଗେ ସଙ୍ଗେ ଜେନ୍ ଗୁରୁ କହିଲେ ''ଏହାହିଁ ହେଉଛି ସ୍ୱର୍ଗ ।''

କାହାଣୀଟିରେ ଏକ ବିରାଟ ସତ୍ୟତା ଅଛି ।

ମୁଁ ଦେଖିଛି ବହୁତ ଲୋକ ନିଜ ମାନସିକ ଆବେଗକୁ ଆୟତ୍ତରେ ନରଖି ନର୍କରେ ନିବାସ କରନ୍ତି । ଏହାର ସମ୍ପୂର୍ଣ୍ଣ ବିପରୀତ ଅବସ୍ଥା, ଯେଉଁ ଲୋକମାନେ ନିଜ ମାନସିକ ଆବେଗକୁ ଆୟତ୍ତରେ ରଖନ୍ତି ସେମାନେ ସ୍ୱର୍ଗରେ ନିବାସ କରନ୍ତି ।

ଶେଷରେ ତୁମ ପାଇଁ ପ୍ରଶ୍ନଟିଏ, ତୁମେ ସ୍ୱର୍ଗରେ ବାସ କର ନା ନର୍କରେ ?

(ସଂଗୃହୀତ) ❑

tarika

AYURVEDIC HERBAL REMEDIES

Pimple / Acne Remover
Now, get rid of your stubborn pimples
and acne completely.
Results visible in 8 days. *(clinically proven)*

Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
See a distinct improvement in skin tone and texture within 3 to 4 weeks.

Hair Vitaliser oil
Controls hair loss and improves hair growth
Regular use prevents hair thinning and receding hair line

Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
Sure relief from multiple oral problems.

agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
Gives long term relief

100% Natural - Chemical free


Exported to over 16 countries including USA, Germany, Italy, Australia etc.

Available in Bhubaneswar *(wholesale/retail)*:
Adarsh Food Processing Industry
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
Ayurlabs India
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

Vol. LVII, No. 7 **R.N.I. No. 18163/70.**
Navaprakash (Monthly), July, 2026 Registration No. PY/51/2024-26
Date of Posting : 7th, 8th of every month **Licenced to Post without prepayment**
TN/PMG(CCR)/WPP-63/2024-26

ବିଶେଷ ସୂଚନା :



''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''
— ଶ୍ରୀମା।

ପୂର୍ବପ୍ରକାଶିତ ଶ୍ରୀଅରବିନ୍ଦଙ୍କ ରଚିତ ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀର ପ୍ରଥମ ଭାଗର ପରବର୍ତ୍ତୀ କ୍ରମ ରୂପେ ଦ୍ୱିତୀୟ ଓ ତୃତୀୟ ଭାଗର ଓଡ଼ିଆ ଅନୁବାଦ ଅଧୁନା ପ୍ରକାଶ ପାଇଲା । ଏହାର ଅନୁବାଦକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗ୍ରନ୍ଥର ବିଶେଷତ୍ୱ ଏହି ଯେ ଶ୍ରୀଅରବିନ୍ଦଙ୍କ କୃତ ସାବିତ୍ରୀର ପ୍ରତିଟି ପଂକ୍ତିର ମାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଅନୁବାଦ ସହ ମୂଳ ଇଂରାଜୀ ଲେଖାକୁ ପୂର୍ବପରି ସଂଯୋଜିତ କରାଯାଇଛି ।

ସାବିତ୍ରୀ

ଏକ କିଂବଦନ୍ତି ଏବଂ ଏକ ପ୍ରତୀକ
(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : ୬୪୦/- ଟଙ୍କା ରଖାଯାଇଛି ।

ପ୍ରାପ୍ତିସ୍ଥାନ :

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨
ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00